# ସଂଚାର
THE SANCHAR
Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17




ଯୁଦ୍ଧ ବନ୍ଦ ପାଇଁ ପ୍ରସ୍ତାବ ଦେଲେ
ପୃଷ୍ଠା ୪

Vol. 34 | ISSUE 75 ଭାଗ ୩୪ | ସଂଖ୍ୟା ୭୫ | Saturday 6 June 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର, ୬ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

# ଅମାନିଆ ଇସ୍କନକୁ ଲାଗିବ ଅଙ୍କୁଶ



## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଫେରାଦ ହେବ ପ୍ରଶାସନ
## ନୀଳାଦ୍ରି ବିଜେ ପରେ ଦିଲ୍ଲୀ ଯିବ ସ୍ୱତନ୍ତ୍ର ଟିମ୍
## ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି
## ଆଧ୍ୟାତ୍ମିକ ଭାବଧାରାକୁ କ୍ଷୁଣ୍ଣ କରୁଛି ଇସ୍କନ

ପୁରୀ, ୫।୬ (ସଂଚାର ବ୍ୟୁରୋ)ଃବିଦେଶରେ ହେଉଥିବା ଅଦିନିଆ ରଥଯାତ୍ରା ଉପରେ ରୋକ୍ ଲଗାଇବାକୁ ଅଣ୍ଟା ଭିଡ଼ିଛି ଶ୍ରୀମନ୍ଦିର ପ୍ରଶାସନ। ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଯିବ। ଜୁଲାଇ ୨୭ ତାରିଖ ନୀଳାଦ୍ରି ବିଜେ ପରେ ଏକ ଟିମ୍ ଯାଇ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଅବଗତ କରିବ। ଆଜି ପୁରୀରେ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଶ୍ରୀମନ୍ଦିର ପରିଚାଳନା ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବାରମ୍ବାର ତାଗିଦ୍ ଓ ଚେତାବନୀ ସତ୍ତ୍ୱେ ଇସ୍କନ ପକ୍ଷରୁ ବର୍ଷର ବିଭିନ୍ନ ସମୟରେ ବିଦେଶରେ ହେଉଛି ଅଦିନିଆ ରଥଯାତ୍ରା। ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ସହ ଖେଳି ବାରମ୍ବାର ରଥଯାତ୍ରା ଆୟୋଜନ କରୁଛି। ଏବେ ଅମାନିଆ ଇସ୍କନକୁ ସାବାଡ କରିବାକୁ ଅଣ୍ଟା ଭିଡ଼ିଛି ଶ୍ରୀମନ୍ଦିର ପ୍ରଶାସନ। ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଯିବ। ଗତ ଏପ୍ରିଲ ୨୦ରେ ରାଷ୍ଟ୍ରପତିଙ୍କୁ ଇସ୍କନର ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ସମ୍ପର୍କରେ ଚିଠି ଲେଖିଥିଲେ ନିଜେ ଗଜପତି ମହାରାଜା। ସେହିପରି ୨୦୨୫ ଅକ୍ଟୋବର ୨୪ତାରିଖରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି, ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅକ୍ଷୁଣ୍ଣ ରଖିବା ପାଇଁ ପଦକ୍ଷେପ ନେବାକୁ ନିବେଦନ କରିଥିଲେ ଗଜପତି ମହାରାଜା।

ପରମ୍ପରା ଅନୁସାରେ, ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ପୁରୀରେ ପୃଷ୍ଠା-୬



# ଦୁଇ ଗୁଣା ହେଲା ଚାଉଳ ମିଲିଂ ଖର୍ଚ୍ଚ

### ସୁରୁଖୁରୁରେ ଚାଲିବ ଧାନ ସଂଗ୍ରହ କାର୍ଯ୍ୟ
### ଉଷୁନା ଚାଉଳ ମିଲିଂ ୨୦ରୁ ୪୦ ଟଙ୍କାକୁ ବୃଦ୍ଧି
### ଅରୁଆ ଚାଉଳ ମିଲିଂ ୨୦ ଟଙ୍କାକୁ ବଢ଼ିଲା

ଭୁବନେଶ୍ୱର ୫।୬(ସଂଚାର ବ୍ୟୁରୋ)ଃଧାନ ସଂଗ୍ରହରେ ମିଲିଂ ପାଇଁ ଧାର୍ଯ୍ୟ ଦରକୁ ନେଇ ଥିବା ସମସ୍ୟା ଯୋଗୁଁ ମିଲରମାନେ ଧାନ ଉଠାଇବାକୁ ଅମଙ୍ଗ ହେଉଥିଲେ। ଯାହାକୁ ନେଇ କିଛି ଜିଲ୍ଲାରେ ଧାନ ସଂଗ୍ରହ ପ୍ରଭାବିତ ହେଉଥିଲା। ଏହାର ସମାଧାନ ପାଇଁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଚାଉଳର ମିଲିଂ ଖର୍ଚ୍ଚ ବୃଦ୍ଧି କରିଛନ୍ତି। ଚାଷୀମାନଙ୍କ ଠାରୁ ଧାନ ଯେପରି ସୁରୁଖୁରୁରେ ସଂଗ୍ରହ ହେବ ତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଉଷୁନା ଚାଉଳର ମିଲିଂ ଦର ବର୍ତ୍ତମାନ କ୍ୱିଣ୍ଟାଲ ପିଛା ୨୦ ଟଙ୍କା ଥିବା ବେଳେ ଏହାକୁ ୪୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଅରୁଆ ଚାଉଳର ମିଲିଂ ଦର କ୍ୱିଣ୍ଟାଲ ପିଛା ୧୦ ଟଙ୍କା ଥିବା ବେଳେ ଏହାକୁ ୨୦ ଟଙ୍କାକୁ ବୃଦ୍ଧି କରାଯାଇଛି।

ଏହାଦ୍ୱାରା ମିଲରମାନଙ୍କ ସମସ୍ୟା ଦୂର ହେବା ସହ ଚାଷୀଙ୍କ ଠାରୁ ସୁରୁଖୁରୁରେ ଧାନ ସଂଗ୍ରହ ହୋଇପାରିବ ଏବଂ ରାଜ୍ୟର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ କିଛି ବର୍ଷ ମଧ୍ୟରେ ଶ୍ରମିକ ମଜୁରୀ, ପେଟ୍ରୋଲ ଓ ଅନ୍ୟାନ୍ୟ ମିଲିଂ ସାମଗ୍ରୀର ଦର ବୃଦ୍ଧି ହୋଇଥିବା ବେଳେ ଅନ୍ୟାନ୍ୟ ରାଜ୍ୟରେ ମିଲିଂ ଦର ଆମ ରାଜ୍ୟ ଠାରୁ ଯଥେଷ୍ଟ ଅଧିକ ପୃଷ୍ଠା-୬

### ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲ ନୂଆ କ୍ୟାମ୍ପସର ଲୋକାର୍ପଣ

# ପୂରଣ ହେବ ମୟୂରଭଞ୍ଜବାସୀଙ୍କ ସ୍ୱପ୍ନ



## ବଦଳିବ ସ୍ୱାସ୍ଥ୍ୟସେବାର ଚିତ୍ର

ବାରିପଦା,୫।୬(ସଂଚାର ବ୍ୟୁରୋ)ଃମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଦୀର୍ଘଦିନର ପ୍ରତୀକ୍ଷାର ହେବ ଅନ୍ତ। ଜୁନ ୮ରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବାରିପଦା ଗସ୍ତରେ ପଣ୍ଡିତ ରଘୁନାଥ ମୁର୍ମୁ (ପିଆରଏମ) ମେଡିକାଲ କଲେଜ ଓ ହସ୍ପିଟାଲର ଉଦଘାଟନ କରି ଆନୁଷ୍ଠାନିକ ଭାବରେ ଲୋକାର୍ପଣ କରିବେ। ଲୋକାର୍ପଣ ପରେ ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଚାଲୁଥିବା କ୍ଲିନିକାଲ ବିଭାଗ ଗୁଡ଼ିକ ରଙ୍ଗାମାଟିଆ ସ୍ଥିତ ନୂତନ ମେଡିକାଲ କ୍ୟାମ୍ପସକୁ ସ୍ଥାନାନ୍ତରିତ ହେବ। ଏହା ଦ୍ୱାରା କେବଳ ମୟୂରଭଞ୍ଜ ନୁହେଁ, ପଡ଼ୋଶୀ ବାଲେଶ୍ୱର, କେନ୍ଦୁଝର ଏବଂ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଭଳି ପଡ଼ୋଶୀ ରାଜ୍ୟର ରୋଗୀମାନେ ମଧ୍ୟ ଉଚ୍ଚକୋଟୀର ସ୍ୱାସ୍ଥ୍ୟ ସେବା ପାଇପାରିବେ।

ପିଆରଏମ ହସ୍ପିଟାଲ ସୁପରିଟେଣ୍ଡେଟ୍ ଡକ୍ଟର ରିତାଞ୍ଜଳୀ ବେହେରାଙ୍କ ସୂଚନା ଅନୁଯାୟୀ, ନୂଆ କ୍ୟାମ୍ପସ ୬୫୦ ଶଯ୍ୟା ବିଶିଷ୍ଟ ହେବ। ଏଠାରେ ସାଧାରଣ ଚିକିତ୍ସାଠାରୁ ଆରମ୍ଭ କରି ଜଟିଳ ଅସ୍ତ୍ରୋପଚାର ପାଇଁ ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ। ଡାକ୍ତରଖାନାରେ ମୋଟ ୩୪ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ଓ ୱାର୍ଡ କାର୍ଯ୍ୟ କରିବ। ନୂତନ କ୍ୟାମ୍ପସରେ ମାଇକ୍ରୋ, ପାଥୋ, ବାୟୋକେମିଷ୍ଟ୍ରି ଭଳି ସମସ୍ତ ଲାବୋରେଟୋରୀ ଟେଷ୍ଟିଂ ସୁବିଧା ରହିବ। କେବଳ ସିଟି ସ୍କାନ ଏବଂ ଏମଆରଆଇ ପିପିପି ମୋଡରେ ପୁରୁଣା ପୃଷ୍ଠା-୬

# ଭୁବନେଶ୍ୱରରେ ୫୦ ଡିଗ୍ରୀ ଝଟ୍‌କା



## 'ଘାତକ ଗରମ'ର ରୂପ ନେଇଛି ତାତି
## ପାହାନ୍ତିଆରୁ ହିଁ ମଧ୍ୟାହ୍ନ ଭଳି ଗୁଳୁଗୁଳି

ଭୁବନେଶ୍ୱର ୫।୬(ସଂଚାର ବ୍ୟୁରୋ)ଃ ରାଜଧାନୀ ଭୁବନେଶ୍ୱର ସମେତ ସମଗ୍ର ଉପକୂଳ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଏବଂ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିଦେଇଛି। ବାୟୁମଣ୍ଡଳରେ ପ୍ରକୃତ ତାପମାତ୍ରା ୩୯ସ୍ୱଡ ରୁ ୪୧ସ୍ୱଡ ମଧ୍ୟରେ ସୀମିତ ଥିଲେ ମଧ୍ୟ ପ୍ରବଳ ଆର୍ଦ୍ରତା ବା ହ୍ୟୁମିଡିଟି ଯୋଗୁଁ ଅନୁଭୂତ ହେଉଥିବା ତାପମାତ୍ରା ବା 'ହିଟ୍ ଇଣ୍ଡେକ୍ସ' ୪୫ସ୍ୱଡ ରୁ ୫୦ସ୍ୱଡ ଛୁଇଁଛି। ଭୁବନେଶ୍ୱରରେ ଦିନ ୨ଟା ୩୦ ସୁଦ୍ଧା ତାପମାତ୍ରା ୪୧ ଡିଗ୍ରି ରେକର୍ଡ କରାଯାଇଥିବା ବେଳେ ହିଟ୍ ଇଣ୍ଡେକ୍ସ ୫୦ ଡିଗ୍ରି ରହିଛି। ଅର୍ଥାତ ରାଜଧାନୀରେ ୫୦ ଡିଗ୍ରି ଭଳି ଅନୁଭବ ହେଉଛି।

ପାଣିପାଗ ବିଭାଗ ଅନୁସାରେ, ଏଭଳି ସ୍ଥିତି ଏକ 'ଘାତକ ଗରମ'ର ରୂପ ନେଇଛି, ଯାହା ସାଧାରଣ ଲୋକଙ୍କ ପାଇଁ ଅତ୍ୟନ୍ତ କଷ୍ଟଦାୟକ ହୋଇପଡ଼ିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ଯେ, ଏବେ ସକାଳ ୬ଟା ବେଳଠାରୁ ହିଁ ଟାଇଁଟାଇଁ ଖରା ଆରମ୍ଭ ହୋଇଯାଉଛି। ପାହାନ୍ତିଆ ସମୟରୁ ହିଁ ଦିନ ୧୨ଟା ଭଳି ପ୍ରଖର ଉତ୍ତାପ ଏବଂ ଗୁଳୁଗୁଳି ଅନୁଭବ ହେଉଛି। ବାୟୁମଣ୍ଡଳରେ ପ୍ରଚୁର ପରିମାଣରେ ଜଳୀୟବାଷ୍ପ ରହୁଥିବାରୁ ଶରୀରରୁ ବାହାରୁଥିବା ଝାଳ ଶୁଖୁନାହିଁ। ଫଳରେ ମନୁଷ୍ୟ ଶରୀର ନିଜକୁ ପ୍ରାକୃତିକ ଭାବେ ଥଣ୍ଡା କରିବାରେ ବିଫଳ ହେଉଛି ଏବଂ ଗରମର ପ୍ରକୋପ ଦୁଇଗୁଣା ଅଧିକ ଅନୁଭୂତ ହେଉଛି। ଏହି କାରଣରୁ ସକାଳ ୧୦ଟା ପରେ ରାସ୍ତାଘାଟ ଶୂନଶାନ ହୋଇଯାଉଛି।

ପାଣିପାଗ ବିଭାଗ ଅନୁସାରେ, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ଅଗ୍ରସର ହେଉଛି। ଆଜି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କର୍ଣ୍ଣାଟକ, ତାମିଲନାଡୁ ସମେତ ଆରବ ସାଗର କିଛି ଅଞ୍ଚଳକୁ ଅଗ୍ରସର ହୋଇଛି। ଆଗକୁ କେନ୍ଦ୍ରୀୟ ଆରବ ସାଗର, ଗୋଆ, ମହାରାଷ୍ଟ୍ରର କିଛି ଅଞ୍ଚଳ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁର ଅନ୍ୟ ଅଞ୍ଚଳ ସହ ବଙ୍ଗୋପସାଗରର ଅନ୍ୟ ପାଶ୍ୱକୁ ମୌସୁମୀ ଅଗ୍ରସର ହେବା ଲାଗି ପାଗ ଅନୁକୂଳ ରହିଛି। ଆଗାମୀ ୨ରୁ ୩ ଦିନ ମଧ୍ୟରେ ଉତ୍ତରପୂର୍ବ ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ଅଛି।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱରର ଅନୁସାରେ, ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ସହ ପୃଷ୍ଠା-୬

## ରାଜ୍ୟକୁ ଅତିରିକ୍ତ ୬ଟି ସ୍ନାତକୋତ୍ତର ଡାକ୍ତରୀ ସିଟ୍

ଭୁବନେଶ୍ୱର ୫।୬(ସଂଚାର ବ୍ୟୁରୋ) ନୂଆଦିଲ୍ଲୀର ନ୍ୟାସନାଲ ବୋର୍ଡ ଅଫ୍ ଏକଜାମିନେସନ୍ସ ଇନ୍ ମେଡିକାଲ ସାଇନ୍ସ ଓଡ଼ିଶାରେ ଅତିରିକ୍ତ ସ୍ନାତକୋତ୍ତର ଡାକ୍ତରୀ ସିଟ୍ ପାଇଁ ମାନ୍ୟତା ପ୍ରଦାନ କରିଛି। କୋରାପୁଟର ସହିଦ ଲକ୍ଷଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ଡିପ୍ଲୋମେଟ୍ ଅଫ୍ ନ୍ୟାସନାଲ ବୋର୍ଡ ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଭାଗ ୪ଟି ସିଟକୁ ସ୍ୱୀକୃତି ମିଳିଛି। ପୁରୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶିଶୁରୋଗରେ ୨ଟି ଏମବିବିଏସ ଡିପ୍ଲୋମା ସିଟ୍ ସ୍ୱୀକୃତି ମିଳିଛି। ଏହା ଫଳରେ ରାଜ୍ୟରେ ଡାକ୍ତରୀ ଶିକ୍ଷା ଏବଂ ବିଶେଷଜ୍ଞ ସ୍ୱାସ୍ଥ୍ୟସେବାକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ମିଳିବ।

## ୩ ଜଣଙ୍କୁ ମାରିଲେ, ୭ ଘରେ ନିଆଁ ଲଗେଇଲେ

ଇମ୍ଫାଲ, ୫।୬ଃ ମଣିପୁରର କଙ୍ଗପୋକପି ଜିଲ୍ଲା ଅଧୀନସ୍ଥ ଲୋଇବୋଲ ଖୁଲେନ୍ ଗ୍ରାମରେ ଶୁକ୍ରବାର ସନ୍ଦିଗ୍ଧ ଉଗ୍ରପନ୍ଥୀମାନେ ୩ ଜଣଙ୍କୁ ହତ୍ୟା କରିବା ସହିତ ୭ଟି ଘରେ ନିଆଁ ଲଗାଇଦେଇଛନ୍ତି। ଶୁକ୍ରବାର ଭୋରୁ ପ୍ରାୟ ୪ଟାବେଳେ କିଛି ସଶସ୍ତ୍ର ଉଗ୍ରପନ୍ଥୀ ଗ୍ରାମ ଭିତରକୁ ପଶି ଆସି ଏଭଳି କାଣ୍ଡ ଘଟାଇଛନ୍ତି ବୋଲି ରାଜ୍ୟର କୁକି-ଜୁ ଜନଜାତିକୁ ପ୍ରତିନିଧିତ୍ୱ କରୁଥିବା କୁକି ଇନ୍‌ପି ମଣିପୁର (କେଆଇଏମ୍) ଏକ ବିବୃତିରେ କହିଛି। ସେମାନେ ଏନଏସସିଏନ୍-ଆଇଏମ୍ ଓ ତା'ର ପ୍ରକ୍ସି ସଂଗଠନ ଜେଡ୍‌ୟୁଏଫ୍(କେ) କ୍ୟାଡରର ସଦସ୍ୟ ବୋଲି କେଆଇପି ଚିହ୍ନଟ କରିଛି। ନିହତ ହୋଇଥିବା ବ୍ୟକ୍ତିମାନେ ହେଉଛନ୍ତି ଲେଟଖୋନଗାମ ହାଓକିପ, ତାଙ୍କ ପତ୍ନୀ ତିନମାରୀ ଓ ଜଙ୍ଗମିନାଲ ହାଓକିପ। କେଆଇଏମ୍ ଏହାକୁ ହିଂସାର ପାଶବିକ କାର୍ଯ୍ୟ କହି ତୀବ୍ର ନିନ୍ଦା କରିଛି।

### ଶୁଭେନ୍ଦୁ ଅଧିକାରୀ ପିଏ ହତ୍ୟା ମାମଲା

## ଆଉ ୨ ଅଭିଯୁକ୍ତଙ୍କୁ ଗିରଫ୍ କଲା ସିବିଆଇ

ଲକ୍ଷ୍ନୌ, ୫।୬ଃ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରନାଥ ରଥଙ୍କ ହତ୍ୟା ଘଟଣାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ଉତ୍ତରପ୍ରଦେଶରୁ ଆଉ ଦୁଇଜଣଙ୍କୁ ଗିରଫ୍ କରିଛି। ସେମାନେ ହେଉଛନ୍ତି ବିକାଶ ମିଶ୍ର ଓ ଗୋଲୁ ସିଂହ। ସିବିଆଇ ଦ୍ୱାରା ଆରମ୍ଭ କରାଯାଇଥିବା ବ୍ୟାପକ ତଲାସୀ ଅଭିଯାନ ଅବସରରେ ଗୋଟିଏ ହୋଟେଲରେ ଲୁଚିଥିବା ବେଳେ ବିକାଶ ମିଶ୍ରଙ୍କୁ ଗିରଫ କରାଯାଇଥିଲା। ସେହିପରି ଅନ୍ୟତମ ଅଭିଯୁକ୍ତ ଗ୍ୟାନେନ୍ଦ୍ର ପ୍ରତାପ ସିଂ ଓରଫ୍ ମୋନୁ ଗୁରୁବାର ବାଲିଆର ଗ୍ୟାଙ୍ଗଷ୍ଟର ଆକ୍ଟ ଅଫ୍ କୋର୍ଟ ନିକଟରେ ଆତ୍ମ ସମର୍ପଣ କରିଛି। ସୂଚନାଯୋଗ୍ୟ ଯେ, ପଶ୍ଚିମବଙ୍ଗ ବିଧାନ ସଭା ନିର୍ବାଚନ ଅବସରରେ ଚନ୍ଦ୍ରନାଥ ରଥଙ୍କୁ ଗୋଟିଏ ଗାଡ଼ି ଭିତରେ ଗୁଳିକରି ହତ୍ୟା କରାଯାଇଥିଲା।

# ଅର୍ଥନୈତିକ ମାନ୍ଦାବସ୍ଥାକୁ ମାତ୍‌ଦେଲା ଜିଡିପି

### ଘରୋଇ ଉତ୍ପାଦରେ ୭.୮% ଅଭିବୃଦ୍ଧି
### ମୋଟ୍ ଅଭିବୃଦ୍ଧି ହାର ୭.୭%
### ଭାରତୀୟଙ୍କ ପରିଶ୍ରମର ଫଳଃପିଏମ୍



ନୂଆଦିଲ୍ଲୀ, ୫।୬ଃ ଭାରତୀୟ ଅର୍ଥବ୍ୟବସ୍ଥା ନିଜର ଦ୍ରୁତ ଗତି ବଜାୟ ରଖିବା ସହ ଆର୍ଥିକ ମୋର୍ଚ୍ଚାରେ ଚମତ୍କାର ପ୍ରଦର୍ଶନ କରିଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ଜାରି ଡାଟା ଅନୁସାରେ, ୨୦୨୫-୨୬ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ ଭାରତର ଜିଡିପି ଗ୍ରୋଥ୍ ୭.୮ ପ୍ରତିଶତ ରହିଛି। ଏହି ଦମଦାର ତ୍ରୈମାସିକ ପ୍ରଦର୍ଶନ ବଳରେ ଆର୍ଥିକ ବର୍ଷ ୨୦୨୫-୨୬ରେ ଦେଶର ମୋଟ ଆର୍ଥିକ ବିକାଶ ହାର ୭.୭ ପ୍ରତିଶତ ରହିଛି।

ପରିସଂଖ୍ୟାନ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୫-୨୬ରେ ଭାରତର ଅର୍ଥବ୍ୟବସ୍ଥା ୭.୭ ପ୍ରତିଶତ ହାରରେ ବୃଦ୍ଧି ପାଇଛି। ପୂର୍ବ ଆର୍ଥିକ ବର୍ଷ ୨୦୨୪-୨୫ର ୭.୧ ପ୍ରତିଶତ ବିକାଶ ହାର ତୁଳନାରେ ୦.୬ ଅଧିକ। ଏହି ଗତି ସ୍ପଷ୍ଟ କରୁଛି ଯେ ଦେଶର ଆର୍ଥିକ ଗତିବିଧି ଗତିଶୀଳ ରହିଛି, ଯାହା ବିକାଶକୁ କ୍ରମାଗତ ଭାବେ ସମର୍ଥନ ଯୋଗାଉଛି।

ଦେଶର ନୋମିନାଲ୍ ଜିଡିପି ୮.୯% ବୃଦ୍ଧି ପାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ରିଅଲ୍ ଏବଂ ନୋମିନାଲ୍ ଗ୍ରସ୍ ଭାଲ୍ୟୁ ଆଡେଡ୍ (ଜିଭିଏ) ଯଥାକ୍ରମେ ୭.୯% ଏବଂ ୯.୧% ବୃଦ୍ଧି ପାଇଛି। କୃଷି ଏବଂ ମତ୍ସ୍ୟଚାଷ ଭଳି ପ୍ରାଥମିକ କ୍ଷେତ୍ରଗୁଡ଼ିକର ଅଭିବୃଦ୍ଧି ୩.୨% ହୋଇଛି। ସେକେଣ୍ଡାରି (ଦ୍ୱିତୀୟ) ଏବଂ ଟର୍ସିୟରୀ (ତୃତୀୟ) କ୍ଷେତ୍ରଗୁଡ଼ିକ ମଧ୍ୟ ଅର୍ଥନୀତିକୁ ସପୋର୍ଟ କରି ଯଥାକ୍ରମେ ୮.୮% ଏବଂ ୯.୩% ଅଭିବୃଦ୍ଧି ହାସଲ କରିଛନ୍ତି।

ସରକାରୀ ଆକଳନରେ ରିଅଲ ଜିଡିପି ଅର୍ଥାତ୍ 'ସ୍ଥିର ମୂଲ୍ୟରେ ଜିଡିପି' ଆର୍ଥିକ ବର୍ଷ ୨୦୨୫-୨୬ରେ ୩୨୩.୧୨ ଲକ୍ଷ କୋଟି ଟଙ୍କାର ସ୍ତରରେ ପହଞ୍ଚିବା ନେଇ ଅନୁମାନ କରାଯାଇଛି। ଏହି ସଂଖ୍ୟା ଆର୍ଥିକ ବର୍ଷ ୨୦୨୪-୨୫ର ୨୯୯.୮୯ ଲକ୍ଷ କୋଟି ଟଙ୍କାର ପ୍ରଥମ ସଂଶୋଧିତ ଆକଳନ ତୁଳନାରେ ଏକ ବଡ଼ ବୃଦ୍ଧିକୁ ଦର୍ଶାଉଛି।

ମନ୍ତ୍ରାଳୟର ତଥ୍ୟ ଅନୁଯାୟୀ, ନୋମିନାଲ ଜିଡିପି (ପ୍ରଚଳିତ ବଜାର ମୂଲ୍ୟ ଆଧାରରେ) କ୍ଷେତ୍ରରେ ମଧ୍ୟ ଅର୍ଥବ୍ୟବସ୍ଥା ନିଜର ପୃଷ୍ଠା-୬

### 'ଏକ ପେଡ୍ ମା' କେ ନାମ୍' ପରିବେଶ ସୁରକ୍ଷା ପାଇଁ ଜନଆନ୍ଦୋଳନ

# ଅଭିଯାନରେ ସାମିଲ ହେବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ



## ମା' ଓ ପରିବାର ସହ କଲେ ବୃକ୍ଷ ରୋପଣ

ନୂଆଦିଲ୍ଲୀ, ୫।୬(ସଂଚାର ବ୍ୟୁରୋ)ଃ 'ବିଶ୍ୱ ପରିବେଶ ଦିବସ' ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଏକ ପେଡ୍ ମା' କେ ନାମ୍ ୩.୦' ଅଭିଯାନରେ ସାମିଲ ହୋଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ପରିପ୍ରେକ୍ଷୀରେ ସେ ନୂଆଦିଲ୍ଲୀ ଠାରେ ନିଜର ମା' ଓ ପରିବାର ସଦସ୍ୟଙ୍କ ସହ ଗଛ ଲଗାଇଛନ୍ତି। ଏହାସହ ଦିଲ୍ଲୀ କାଣ୍ଟନମେଣ୍ଟ ସ୍ଥିତ 'ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧' ପରିସରରେ ମଧ୍ୟ ଛାତ୍ରଛାତ୍ରୀଙ୍କ ସହ ବୃକ୍ଷରୋପଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆରମ୍ଭ ହୋଇଥିବା ଏହି ଅଭିଯାନ ଆଜି କେବଳ ଏକ କାର୍ଯ୍ୟକ୍ରମ ହୋଇ ରହିନାହିଁ, ବରଂ ଏହା ପରିବେଶ ସୁରକ୍ଷା ଓ ଭାବନାତ୍ମକ ସମ୍ପର୍କର ଏକ ପ୍ରେରଣାଦାୟୀ 'ଜନ-ଆନ୍ଦୋଳନ'ର ରୂପ ନେଇଛି। ମା'ଙ୍କ ସମ୍ମାନରେ ବୃକ୍ଷରୋପଣ କରିବା କେବଳ ଏକ ସାଧାରଣ ପୃଷ୍ଠା-୬

### ଆର୍‌ବିଆଇର ବଡ଼ ଘୋଷଣା

# କାଗଜ ନୁହେଁ, ଭାରତରେ ଚାଲିବ ପ୍ଲାଷ୍ଟିକ ନୋଟ୍



ନୂଆଦିଲ୍ଲୀ,୫।୬ଃ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା ଘୋଷଣା କରିଛନ୍ତି ଯେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦେଶରେ 'ପଲିମର' କରେନ୍ସି ନୋଟ ପ୍ରଚଳନ କରିବା ପ୍ରସ୍ତାବ ଉପରେ ବିଚାର କରୁଛି। ମଲହୋତ୍ରା କହିଛନ୍ତି ଯେ ଏହି ପ୍ରସ୍ତାବ ବର୍ତ୍ତମାନ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ପ୍ଲାଷ୍ଟିକ ନୋଟ ଆଣିବା ପାଇଁ ଚେଷ୍ଟା କରାଯାଇଥିଲା, କିନ୍ତୁ ସେତେବେଳେ ଏହି ପ୍ରୟାସ ସଫଳ ହୋଇପାରି ନଥିଲା। ଭାରତ ଫେବୃଆରୀ ୨୦୧୨ରେ ଦେଶର ୫ଟି ସହର (କୋଚି, ମୈସୂର, ଜୟପୁର, ଭୁବନେଶ୍ୱର ଏବଂ ଶିମଲା) ରେ ପ୍ଲାଷ୍ଟିକର ୧୦ ଟଙ୍କିଆ ନୋଟର ଟ୍ରାଏଲ (ପରୀକ୍ଷଣ) କରିଥିଲା। କିନ୍ତୁ ଏଟିଏମ ଏବଂ କ୍ୟାଶ ମେସିନଗୁଡ଼ିକ ଯୋଗୁଁ ଅନେକ ସମସ୍ୟା ଦେଖାଦେବାରୁ ଏହାକୁ ବନ୍ଦ କରିବାକୁ ପଡ଼ିଥିଲା। ପଲିମର କରେନ୍ସି ବା ପଲିମର ବ୍ୟାଙ୍କନୋଟ କପା (ତୁଳା) ବଦଳରେ ଏକ ପତଳା, ନମନୀୟ ପ୍ଲାଷ୍ଟିକ ସବଷ୍ଟ୍ରେଟ ପ୍ରସ୍ତୁତ ପୃଷ୍ଠା-୬

### ସରକାରକୁ ଦୁଇବର୍ଷ ପୂର୍ତ୍ତି

## ପ୍ରଦର୍ଶନୀ ପଡ଼ିଆରେ ମେଗା ଉତ୍ସବ



ଭୁବନେଶ୍ୱର ୫।୬ (ସଂଚାର ବ୍ୟୁରୋ)ଃ ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାରଙ୍କ ଦୁଇବର୍ଷ କାର୍ଯ୍ୟକାଳ ପୂର୍ତ୍ତି ଉପଲକ୍ଷେ ସରକାରୀସ୍ତରରେ ବ୍ୟାପକ କାର୍ଯ୍ୟକ୍ରମ ହେବ। ଜୁନ୍ ୧୨ତାରିଖରୁ ସାରା ରାଜ୍ୟରେ ବ୍ୟାପକ ଜନସମ୍ପୃକ୍ତି କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଥିବାବେଳେ ରାଜଧାନୀ ଭୁବନେଶ୍ୱରର ଇଡକୋ ପ୍ରଦର୍ଶନୀ ପଡ଼ିଆରେ ୫ଦିନିଆ ମେଗା ଉତ୍ସବର ଆୟୋଜନ କରାଯାଇଛି। ଯଦିଓ ୨୦ତାରିଖରେ ମୟୂରଭଞ୍ଜରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ଦୁଇବର୍ଷ ପୂର୍ତ୍ତି ପାଳନ ହେବ ତଥାପି ଏହା ପୂର୍ବରୁ ରାଜ୍ୟବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ସରକାରୀସ୍ତରରେ ପ୍ରସ୍ତୁତି ଚାଲିଛି। ସୂଚନା ଅନୁସାରେ, ଦୁଇବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାର ପ୍ରଦର୍ଶନୀ ପଡ଼ିଆରେ ୧୨ରୁ ୧୬ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପୃଷ୍ଠା-୬

### ବିଜେଡି ଭାଡ଼ିକୁ ବିପଦ

# ଛାଡୁଛନ୍ତି ନା ନେତା ତଡୁଛନ୍ତି



## ଦଳୀୟ ଟଙ୍କା ଗିଳିଦେବାକୁ ପ୍ରାୟୋଜିତ ସଙ୍କଟ

ଭୁବନଶ୍ୱେର, ୫।୬(ସଂଚାର ବ୍ୟୁରୋ)ଃ ବିଜେଡିରୁ ଏବେ ନେତାଙ୍କ ଦଳ ଡିଆଁ ପର୍ବ ଚାଲିଛି। ସାଂସଦଙ୍କ ଭଳି ଦଳର ଆଗଧାଡିର ନେତାମାନେ ରାତାରାତି ଦଳ ବଦଳ କରିଦେଉଛନ୍ତି। ଏହି ତାଲିକାରେ ଶେଷରେ ଯୋଡିହୋଇ ଯାଇଛନ୍ତି ଦେବାଶିଷ ସାମନ୍ତରାୟ। ପୂର୍ବରୁ ସୁଜିତ କୁମାର, ମମତା ମହାନ୍ତଙ୍କ ସମେତ ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ରହିଥିଲେ। ତେବେ ବିଜେପି ସରକାରଙ୍କୁ ସମାଲୋଚନା କରୁଥିବା ଏହି ବରିଷ୍ଠ ନେତାମାନେ ହଠାତ୍ ଯେଭଳି ଦଳ ଛାଡୁଛନ୍ତି ତାହାକୁ ନେଇ ଏବେ ଦଳ ଭିତରେ ଜୋରଦାର ଆଲୋଚନା। ବାସ୍ତବରେ ଏମାନେ ଛାଡୁଛନ୍ତି ନା ଏମାନଙ୍କୁ ଦଳରେ ଥିବା କିଛି ନେତା ତଡୁଛନ୍ତି ତାହାର ତର୍ଜମା ଚାଲିଛି।

ଦଳରେ ହେଉଥିବା ଆଲୋଚନା ଅନୁଯାୟୀ ଏହି ବରିଷ୍ଠ ନେତାମାନେ କିଭଳି ଛାଡିବେ ସେଥିପାଇଁ ସମସ୍ତ ପ୍ରକାର ପରିବେଶ ତିଆରି ହେଉଛି। ଏହା ପଛରେ ଦଳର ପୂର୍ବତନ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ତାଙ୍କ ଟିମ୍ ରହିଥିବା ଆଲୋଚନା ହେଉଛି। ଯଦିଓ ନିର୍ବାଚନ ହାରିବା ପରଠାରୁ ପ୍ରଣବ ଶଙ୍ଖ ଭବନ କିମ୍ବା ନବୀନ ନିବାସ ଆଡେ ପୂର୍ବଭଳି ଘନଘନ ଯାଉନାହାନ୍ତି କିନ୍ତୁ ଭିତରେ ଭିତରେ ଖେଳ କରୁଛନ୍ତି। ନିଜର ଅନୁଗତଙ୍କ ଜରିଆରେ ଦଳରେ ଏବେ ବି ତାଙ୍କର ଉପସ୍ଥିତି ଜାହିର କରିବାରେ ଲାଗିଛନ୍ତି। ଦଳକୁ କିଏ ବିଦା ହେବ କିଏ ରହିବ ସେଥିପାଇଁ ପ୍ଲଟ ତିଆରି କରୁଛନ୍ତି।

ତେବେ ଏସବୁ ମୂଳରେ ଦଳୀୟ ପାଣ୍ଠି ବୋଲି ଚର୍ଚ୍ଚା ଜୋର ଧରିଛି। ଏହି ଚର୍ଚ୍ଚା ଅନୁଯାୟୀ ବବିଙ୍କ ନିକଟରେ ଦଳର ୧୪୦୦ କୋଟି ଟଙ୍କାର ପାଣ୍ଠି ରହିଛି। ସେହି ଅର୍ଥ ଦେବାପାଇଁ ନବୀନ ନିବାସରୁ ବାରମ୍ବାର ଖବର ଦିଆଯିବା ସହିତ ତାଙ୍କୁ ଡାକି କି କୁହାଯାଇଛି। ହେଲେ ବିଭିନ୍ନ ବାହାନା କରି ଟଙ୍କା ଦେବା ପ୍ରସଙ୍ଗକୁ ସିଏ ଟାଳି ଦେଉଛନ୍ତି। ଏହି ଟଙ୍କା ମାଗିବା ପଛରେ କେଉଁ କେଉଁମାନେ ରହିଛନ୍ତି ତାହାର ଖବର ରଖି ଜଣଙ୍କ ପରେ ଜଣେ ନେତା କିଭଳି ବିଜେଡି ଛାଡିବେ ତାଙ୍କ ରାସ୍ତାରୁ ହଟିବେ ସେଥିପାଇଁ ବବି ଯୋଜନା ପ୍ରସ୍ତୁତ କରୁଥିବା କର୍ମୀମାନେ ଆଲୋଚନା କରୁଛନ୍ତି। ପୃଷ୍ଠା-୬

## ଦୀନବନ୍ଧୁ ସାହୁ ଆଇନ୍ ମହାବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର



କେନ୍ଦ୍ରାପଡ଼ା,୫।୬ (ସଂଚାର ବ୍ୟୁରୋ): ଜିଲ୍ଲା ସ୍ତରୀୟ ବିଶ୍ୱ ପରିବେଶ ଦିବସ ଅବସରରେ ଲୁଣା ଜଙ୍ଗଲ ବନଖଣ୍ଡ(ବନ୍ୟପ୍ରାଣୀ) ରାଜନଗର ଅଧୀନ ରାଜନଗର ବନ୍ୟଜୀବ ବନାଞ୍ଚଳ ନିକଟସ୍ଥ ପେଣ୍ଠ ଗ୍ରାମ ପଞ୍ଚାୟତର ଦୋବନ୍ଧି ଠାରେ ପାଳନ ହୋଇଅଛି। ଉକ୍ତ ପାଳନ ଅବସରରେ ଅତିଥିଭାବେ ବନଖଣ୍ଡ ଅଧିକାରୀ(ବନ୍ୟପ୍ରାଣୀ) ଭରଦ୍ୱାଜ ଖାଓଁକାର, ଏ.ସି.ଏଫ୍ ଗଗନ ବିହାରୀ ମଲ୍ଲିକ, ଇକ୍କୋ କ୍ଲବ୍ ସଂଯୋଜକ ଗୋପୀନାଥ ଦାସ, ବି.ଏସ.ଏସ.ଓ ମନୋଜ କୁମାର ବେହେରା ଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କର ଜଙ୍ଗଲ ଓ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ କୁହାଯାଇଛି ବିଶ୍ୱ ପରିବେଶ ଦିବସର ତାତ୍ପର୍ଯ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପ୍ରଦାନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଦୀନବନ୍ଧୁ ସାହୁ ଆଇନ୍ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା କୁ ୨୦୨୬ ବର୍ଷପାଇଁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକୃତିଦତ୍ତ ସମ୍ପଦ ଜଳ, ଜମି, ବନଜନ୍ତୁ, ଜଙ୍ଗଲ, ପରିବେଶ ସୁରକ୍ଷା କ୍ଷେତ୍ରରେ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ବୃକ୍ଷରୋପଣ, ବିଭିନ୍ନ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ପାଇଁ ଦୀନବନ୍ଧୁ ସାହୁ ଆଇନ୍ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ାକୁ ପ୍ରକୃତି ମିତ୍ର ପୁରସ୍କାର ସମ୍ମାନ ପ୍ରଦାନ କରାଯାଇଛି ।

## ଲକ୍ଷ୍ମୀପ୍ରିୟା ବେହେରା ନୂଆ ରାଜସ୍ୱ ସୁପରଭାଇଜର



ମାର୍ଶାଘାଇ,୫।୬ (ସଂଚାର ବ୍ୟୁରୋ): ମାର୍ଶାଘାଇ ତହସିଲ କାର୍ଯ୍ୟାଳୟରେ ଦ୍ୱିତୀୟ ରାଜସ୍ୱ ସୁପରଭାଇଜର ଭାବରେ ଲକ୍ଷ୍ମୀପ୍ରିୟା ବେହେରା ଶୁକ୍ରବାର ଯୋଗଦାନ କରିଛନ୍ତି। ସୁପରଭାଇଜର ଅଭିମନ୍ୟୁ ସେଠୀଙ୍କ ଅବସର ପରେ ଏହି ତହସିଲରେ ଜଣେ ମାତ୍ର ସୁପରଭାଇଜର ଥିଲେ। ଲକ୍ଷ୍ମୀପ୍ରିୟା ବେହେରା ଡେରାବିଶ ତହସିଲରେ ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟ କରୁଥିଲେ, ଏବେ ପଦୋନ୍ନତି ପାଇ ମାର୍ଶାଘାଇ ତହସିଲରେ ସୁପରଭାଇଜର ଭାବରେ ଯୋଗଦାନ କରିଛନ୍ତି।

## ଆଇଆଇଟି ପ୍ରବେଶିକା ପରୀକ୍ଷାରେ ସଫଳତା ପାଇଁ ଶୁଭେଚ୍ଛା



ମାର୍ଶାଘାଇ, ୫।୬ (ସଂଚାର ବ୍ୟୁରୋ):ମାର୍ଶାଘାଇ ବ୍ଲକ ପରକୁଳା ପଞ୍ଚାୟତ ପିକରାଳି ଗ୍ରାମର ସାରଦା ପ୍ରସାଦ କାହ୍ନା ବମ୍ପେ ଆଇଆଇଟି ର ସିଇଇଡି ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟସ୍ତରରେ ୩୨ ତମ ସ୍ଥାନ ହାସଲ କରି ମୋବିଲିଟି ଏବଂ ଭେଇକିଲ ଡିଜାଇନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସଫଳତା ପାଇଥିବାରୁ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି । ସେ କୋରୁଆ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଜେନା, ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ପୁତ୍ର ଅଟନ୍ତି । ତାଙ୍କର ଏହି ସଫଳତାରେ ପିକରାଳି ଗ୍ରାମବାସୀଙ୍କ ସମେତ ମାର୍ଶାଘାଇ ପଞ୍ଚାୟତ ସମିତିର ପୂର୍ବତନ ଚେୟାରମ୍ୟାନ ଚିତ୍ରସେନ ସେଠୀ ଶୁଭେଚ୍ଛା ଜଣାଇଛନ୍ତି ।

## ୬୦୦ ଲିଟର ଦେଶୀ ମଦ ଜବତ, ଜଣେ ଗିରଫ



ଯାଜପୁର ରୋଡ୍, ୫।୬(ସଂଚାର ବ୍ୟୁରୋ): ଡୋଳିପୁର ଅବକାରୀ ବିଭାଗ ପକ୍ଷରୁ କୋରେଇ ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଗୋଲେଇ ଛକ ନିକଟରେ ଚଢ଼ଉ କରାଯାଇ ଏକ "ଟାଟା ଇଣ୍ଡିକୋ ଇସିଏସ" ଗାଡ଼ି ସହ ୬୦୦ ଲିଟର ଦେଶୀ ମଦ ଜବତ ହୋଇଥିବା ବେଳେ ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣକ ହେଲେ ଭଦ୍ରକ ଜିଲ୍ଲା, ପୁରୁଣା ବଜାର ଅଂଚଳର ଏସ.କେ ମମତାଜ। ତେବେ ଅଭିଯୁକ୍ତଙ୍କୁ ଆଜି ଅବକାରୀ ଥାନା କେସ ନଂ-୫୫/୨୬-୨୭ରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଅବକାରୀ ବିଭାଗ ଡୋଳିପୁର ଥାନା ଅଧିକାରୀ ଶ୍ରୀ ରାମେଶ୍ୱର ମହାନ୍ତି, ଓଆଇସି ଦେବକାନ୍ତ ଆଚାର୍ଯ୍ୟ, ଏସଆଇ ଶିଶିର ପ୍ରଧାନ ଓ ରମେଶ ପାତ୍ର ଏହି ଚଢ଼ଉରେ ସାମିଲ ରହିଥିବା ନେଇ ସୂଚନା ଅବଗତ ହୋଇଛି।

## ବିଶ୍ୱ ପରିବେଶ ଦିବସ ପାଳିତ



ପଟ୍ଟାମୁଣ୍ଡାଇ, ୫।୬ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଅଂଚଳର ସାରସ୍ୱତ ଅନୁଷ୍ଠାନ ସୋହମ୍ ପକ୍ଷରୁ "ବିଶ୍ୱ ପରିବେଶ ଦିବସ" ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପରିବେଶବିତ୍ କବି ଡାଃ ମନୋରଞ୍ଜନ ଦାଶଙ୍କ ପୌରହିତ୍ୟରେ ପରିବେଶ ସୁରକ୍ଷା ଆଲୋଚନାଚକ୍ର ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ହୋଇଯାଇଛି। ଏଥିରେ ବିଶିଷ୍ଟ ପ୍ରାବନ୍ଧିକ ତଥା ଗାଳ୍ପିକ ପ୍ରାଧ୍ୟାପକ ଡଃ ନୀଳମଣି ଲେଙ୍କା ମୁଖ୍ୟଅତିଥି ଓ ବିଶିଷ୍ଟ ସଂଗୀତ ଗୁରୁ ଓ ସଂଗୀତଜ୍ଞ ରବୀନ୍ଦ୍ରନାଥ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପରିବେଶ ସୁସ୍ଥ ରହିଲେ ଆମେ ସୁସ୍ଥ ରହିବା ଏବଂ ପରିଷ୍କାର ପରିଚ୍ଛନ୍ନତା ଓ ବୃକ୍ଷରୋପଣ ପ୍ରତିଟି ଜୀବନର ବ୍ରତ ହେଲେ ପରିବେଶ ସନ୍ତୁଳନ ରକ୍ଷା କରାଯାଇପାରିବ ଓ୍ୱେଲି ମତବ୍ୟକ୍ତ କରିଥିଲେ। ପରିବେଶବିତ୍ ତଥା କବି ଡାଃ ମନୋରଞ୍ଜନ ଦାଶଙ୍କ ଉପସ୍ଥାପନାରେ" ଆମ ପରିବେଶ ଓ ବୃକ୍ଷ ଆମର ମାଆ" ଉପରେ ଆଧାରିତ କଓ୍ୱିତା ପାଠୋତ୍ସବରେ ସୁଶ୍ରୀ ସୁଭାଷିନୀ ସିଂ ସ୍ୱାଗତିକା ସାହୁ,ଆକାଶ ମହାପାତ୍ର,ବିପ୍ଳବ ସ୍ୱାଇଁ ଓ ଦିଗମ୍ବର ଦାଶ ପ୍ରମୁଖ ବହୁ କଓ୍ୱି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଏଇ ଅବସରରେ ସୋହମ ପକ୍ଷରୁ କଟକ - ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ବୃକ୍ଷ ରୋପଣ କରାଯିବା ସହିତ ଦେଶୀ ଆମ୍ବ ବଣ୍ଟନ କରାଯାଇଥିଲା।

# ନଅ ଦିନ ପରେ ମିଳିଲା ଗୌରାଙ୍ଗଙ୍କ ଗଳିତ ଶବ

### ଘରଠାରୁ ୩୦ କି.ମି ଦୂରରେ ଫୋପାଡ଼ି ଥିଲେ

### ଖପୁରୀ, ହାଡ଼, ଚୁଟି ଓ ପିନ୍ଧା ପୋଷାକରୁ ଚିହ୍ନଟ

### ସାଇଣ୍ଟିଫିକ ଟିମ୍ ସହ ଜିଲ୍ଲା ପୁଲିସର ତଦନ୍ତ



ଆଳି,୫।୬(ସଂଚାର ବ୍ୟୁରୋ): ଯୁବକକୁ ଆକ୍ରମଣ କଲେ ଏହାସହ ଅପହରଣ କଲେ । ବହୁ ଖୋଜାଖୋଜି କଲେ ପରିବାର ଲୋକେ ହେଲେ ନିରାଶ ହୋଇ ଥାନାର ଦ୍ୱାରସ୍ଥ ହେଲେ କିନ୍ତୁ ପୋଲିସ ଏହାର କୌଣସି ସୁରାକ ବି ପାଇ ପାରିଲା ନାହିଁ। କିନ୍ତୁ ଘଟଣାରର ନଅଦିନ ପରେ ଅପହରଣ ଯୁବକ ଜଣକ ଖଣ୍ଡ ବିଖଣ୍ଡିତ ଗଳିତ ମୃତ ଶରୀରର ଦେଖିବାକୁ ମିଳିଲା।

ଏଭଳି ଘଟଣା ସାମ୍ନାକୁ ଆସିବା ପରେ ପୋଲିସ ପ୍ରଶାସନର ଅପାରଗତାକୁ ପଦାରେ ପକାଇବା ସହ ଅପରାଧୀଙ୍କ ଆତଙ୍କରାଜ ପୁରା ଜିଲ୍ଲାବାସୀଙ୍କୁ ଭୟର ବାତାବରଣ ସୃଷ୍ଟି କରିଛି କାରଣ ବହୁ ଚର୍ଚ୍ଚିତ ଆଳି ମହାଦେଇପାଟଣା ଗ୍ରାମର ନିଖୋଜ ଗୌରାଙ୍ଗ ସେଠୀଙ୍କ ଗଳିତ ଶବ ୯ ଦିନ ପରେ ଉଦ୍ଧାର ହୋଇଛି । ଆଳି ଥାନା ଅନ୍ତର୍ଗତ ପେତପଡା ନ ମାଣିଆ ଭେଡାରେ ଗୌରାଙ୍ଗଙ୍କ ମୃତ ଦେହ ପଡ଼ିଥିବା ନେଇ ଜଣାପଡିବା ପରେ ପୋଲିସ ସେଠାରେ ପହଂଚି ଖପୁରୀ, ହାଡ଼, ଚୁଟି ଓ ପିନ୍ଧା ପୋଷାକ ପଡ଼ିଥିବା ଦେଖିବାକୁ ମିଳିଥିଲା। ସେହି ସ୍ଥାନରେ ସାଇଣ୍ଟିଫିକ ଟିମ ପହଞ୍ଚି ନମୁନା ସଂଗ୍ରହ କରିବା ପରେ ଘଟଣା ସ୍ଥଳରେ କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆ ମୃତ ଦେହ ପଡ଼ିଥିବା ସ୍ଥାନରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ । ନିଖୋଜ ଗୌରାଙ୍ଗଙ୍କ ବାପା ଭାଇ ସେଠାରେ ପହଞ୍ଚି ତାହା ଗୌରାଙ୍ଗଙ୍କ ମୃତ ଦେହ ବୋଲି ଚିହ୍ନଟ କରିଥିଲେ।

ଗତ ୨୯ ତାରିଖ ଦିନ ଆଳି ଥାନା ଅନ୍ତର୍ଗତ ମହାଦେଇପାଟଣା ଗ୍ରାମର ଅରୁଣ ସେଠୀଙ୍କ ପୁଅ ଗୌରାଙ୍ଗ ସେଠୀଙ୍କୁ ଏକ ଗାଡି କାଚଭଙ୍ଗା ଘଟଣାକୁ ନେଇ ୬ ରୁ ଉର୍ଦ୍ଧ ଯୁବକ ତାଙ୍କୁ ନିସ୍ତୁକ ମାଡ଼ ମାରି ଅପହରଣ କରି ନେଇଥିଲେ । ଏ ନେଇ ଅରୁଣ ଆଳି ଥାନାରେ ୬ ଜଣକ ନାମରେ ମାମଲା ରୁଜୁ କରିଥିଲେ । ଗୌରାଙ୍ଗଙ୍କୁ ମାଡ଼ ମରାଯିବାର ଭିଡିଓ ଭାଇରାଲ ହେବା ପରେ ଗ୍ରାମବାସୀ ତୁରନ୍ତ ଗୌରାଙ୍ଗଙ୍କୁ ଖୋଜିବା ସହିତ ଅପହରଣ କାରୀଙ୍କ ଗିରଫ ଦାବି କରି ଥାନା ଘେରାଉ କରିଥିଲେ । ଅପହରଣ ହେବାର ୯ ଦିନ ପରେ ଗୌରାଙ୍ଗଙ୍କ ଗଳିତ ଶବ ମିଳିବା ପରେ ପରିବାର ଲୋକ ଏହି ହତ୍ୟାକାଣ୍ଡରେ ସାମିଲ ଥିବା ଅପରାଧୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

## ସ୍ୱାଧୀନତାର ୭୯ବର୍ଷ ପରେ ବି ଗାଁକୁ ନାହିଁ ରାସ୍ତା, ଲୋକେ ହିନସ୍ତା



ମାହାଙ୍ଗା,୫।୬ (ସଂଚାର ବ୍ୟୁରୋ): ପ୍ରଶାସନ ଠାରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ ଯେତେ ଗୁହାରି କରିଲେ ମଧ୍ୟ ମିଳୁନାହିଁ କିଛି ବି ସୁଫଳ। ପୂର୍ବ ସରକାରଙ୍କ ଠାରୁ ଆରମ୍ଭ କରି ବର୍ତ୍ତମାନରେ ଥିବା ଲୋକଙ୍କ ସରକାରଙ୍କ ନିକଟରେ ଗ୍ରାମବାସୀଙ୍କ ତରଫରୁ ଯେତେ ଅଭିଯୋଗ କରିଲେ ମଧ୍ୟ କେହି ବି କରୁନାହାନ୍ତି କର୍ଣପାତ। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଟକ ଜିଲ୍ଲାମାହାଙ୍ଗା ନିର୍ବାଚନ ମଣ୍ଡଳୀର ଗୋତରା ପଞ୍ଚାୟତର କାନପୁର ଗାଁର ମଲସାହିରେ। ଏହି ରାସ୍ତାଟି ଉପରେ ପ୍ରାୟ ସବୁ ପରିବାର ନିର୍ଭର କରନ୍ତି। ଏହି ରାସ୍ତାଟି ସମ୍ପୂର୍ଣ ମାଟି ରାସ୍ତା ତେଣୁ ନାହିଁ ନଥିବାର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ଲୋକମାନେ। ଏହାକୁ ଏକ କଂକ୍ରିଟ ରାସ୍ତା କରିବା ପାଇଁ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକର ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କୁ ଯେତେ ଅଭିଯୋଗ କରିଲେ ମଧ୍ୟ ବି ଆଜି ପର୍ଯ୍ୟନ୍ତ ମିଳିନି କିଛି ସୁଫଳ। ପ୍ରାୟ ୧୫ରୁ ଅଧିକ ପରିବାର ଏହି ରାସ୍ତା ଉପରେ ନିର୍ଭର କରନ୍ତି ଏହା ହେଉଛି ଏମାନଙ୍କ ପାଇଁ ଏକ ମାତ୍ର ରାସ୍ତା ଯେଉଁଠି ସେମାନେ ଚଳ ପ୍ରଚଳ ହୋଇଥାନନ୍ତି। କିନ୍ତୁ ଏଭଳି ରାସ୍ତାକୁ କଣ ପାଇଁ ପ୍ରଶାସନିକ ଅଧିକାରୀ ଙ୍କ ଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ଅଣଦେଖା କରୁଛନ୍ତି ତାହା ସମସ୍ତଙ୍କ ମନରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁବକଙ୍କ ଆତ୍ମହତ୍ୟା

### ଜମି ବିକ୍ରି ଅନୁମତି ପାଇଁ ବାରମ୍ବାର ଦୌଡୁଥିଲେ



କେନ୍ଦ୍ରାପଡ଼ା,୫।୬ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜଣେ ଯୁବକ ଆଜି ଅପରାହ୍ନରେ ଆତ୍ମହତ୍ୟା କରିଛନ୍ତି । ଆତ୍ମହତ୍ୟା କରିଥିବା ଯୁବକଙ୍କ ନାମ ହେଉଛି ଶ୍ରୀଚନ୍ଦନ ଦାସ । ସେ ତାଙ୍କ ବାପା ଭରତ ଦାସଙ୍କ ସହ କେନ୍ଦ୍ରାପଡ଼ା ସହରର ବାସୁଳେଇ ଗ୍ରାମରେ ରହୁଥିବା ବେଳେ ତାଙ୍କ ଘର ଡେରାବିଶ ବ୍ଲକ ଅନ୍ତର୍ଗତ ରାଇତୁଣ୍ଡି ଗ୍ରାମରେ । ତାଙ୍କ ବାପା ଜଣେ ଦିନ ମଜୁରିଆ। ଶ୍ରୀଚନ୍ଦନଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସେ ତାଙ୍କ ଜମି ବିକ୍ରି କରିବାକୁ ଚାହୁଁଥିଲେ । ସେ ଜଣେ ଅନୁସୂଚିତ ଜାତିର ଯୁବକ ହୋଇଥିବାରୁ ତାଙ୍କ ଜମି ବିକ୍ରୀ ପାଇଁ ଉପଜିଲ୍ଲାପାଳଙ୍କ ଅନୁମତି ଆବଶ୍ୟକ। ତେଣୁ ସେ ଏଥିନିମନ୍ତେ ଆବେଦନ କରିବା ସହିତ ଗତ ଦୁଇ ବର୍ଷ ହେବ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡୁଥିଲେ।

ବିଭିନ୍ନ ସମୟରେ ଅନୁସୂଚିତ ଜାତିର ଲୋକମାନଙ୍କ ଜମି ବିକ୍ରୀ ନିମନ୍ତେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅନୁମତି ପ୍ରଦାନ କରୁଥିବା ବେଳେ ତାଙ୍କ ଜମି ବିକ୍ରୀ ନିମନ୍ତେ ଆବଶ୍ୟକ ଅନୁମତି ପ୍ରଦାନ ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କିରାଣୀମାନେ ତାଙ୍କୁ ଅର୍ଥ ମାଗୁଥିଲେ । ହେଲେ ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଅର୍ଥ ଦେବା ପାଇଁ ସକ୍ଷମ ହେଉନଥିଲେ। ଫଳରେ ସେ ଏନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ମଧ୍ୟ ଏନେଇ ଉପଜିଲ୍ଲାପାଳଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ଏହାଦ୍ୱାରା ସେ ମାନସିକ ଭାବେ ଭାଙ୍ଗି ପଡିଥିଲେ । ବାରମ୍ବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହେବାରୁ ସେ ଶେଷରେ ଜୀବନ ହାରିବା ପାଇଁ ନିଷ୍ପତି ନେଇଥିଲେ। ସେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଉପର ମହଲାକୁ ଯିବାକୁ ଥିବା ଷ୍ଟିଲ ରେଲିଂରେ ଏକ ଗାମୁଛାରେ ଭିଡି ଆତ୍ମହତ୍ୟା କରିଥିଲେ।

## ଲୋକନାଥପୁର ସ୍କୁଲ ପାଇଲା ପ୍ରକୃତିବନ୍ଧୁ ପୁରସ୍କାର



ପଟ୍ଟାମୁଣ୍ଡାଇ,୫।୬ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଲୋକନାଥପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୨୦୧୭ ମସିହାରୁ କ୍ରମାଗତ ଭାବରେ ବ୍ୟାପକ ବୃକ୍ଷ ରୋପଣ, କିଲୋମିଟର, କିଲୋମିଟର ବ୍ୟାପୀ ତାଳମଂଜି ରୋପଣ, ବିଦ୍ୟାଳୟରେ ଇକୋକ୍ଲବ ଗଠନ, ପରିବେଶ ସମ୍ପର୍କିତ ବିଜ୍ଞାନ ପ୍ରକଳ୍ପ ମାଧ୍ୟମରେ ବ୍ଲକ,ଜିଲ୍ଲା ଓ ରାଜ୍ୟସ୍ତରରେ ପ୍ରଦର୍ଶନ କରି ସଚେତନତା, ବିଦ୍ୟାଳୟ ଓ ବ୍ଲକସ୍ତରୀୟ ବନମହୋତ୍ସବ ଏହି ବିଦ୍ୟାଳୟରେ ସଂଗଠିତ କରିବା, ପ୍ଲାଷ୍ଟିକ ପରି ଅଜୈବିକ ବସ୍ତୁର ପୁନଃ ପରିଚାଳନା, ନିୟମିତ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଇତ୍ୟାଦି ସମ୍ପର୍କରେ ସଭା, ସମିତି, ଶୋଭାଯାତ୍ରା, ଆୟୋଜନ କରିବା, ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଡଷ୍ଟବିନ ଓ କମ୍ପୋଷ୍ଟପିଟ ବିଦ୍ୟାଳୟ ପରିସରରେ ଓ ଦର୍ଶନୀୟ ସ୍ଥାନରେ ସ୍ଥାପନ ଓ ରକ୍ଷଣାବେକ୍ଷଣ ଇତ୍ୟାଦି ଧାରାବାହିକ ଭାବରେ କାର୍ଯ୍ୟକରି ଆସିଛି। ଏଥିସହ ଏହି ବିଦ୍ୟାଳୟ ନେତୃତ୍ୱରେ ଗ୍ରାମବାସୀ, ପଞ୍ଚାୟତ ଓ ବ୍ଲକ ପ୍ରଶାସନିକ ଅଧିକାରୀ, ନିର୍ବାଚିତ ପ୍ରତିନିଧି, ଓ ପରିବେଶବିତ ମାନଙ୍କୁ ସାମିଲ କରି ଏକ ଜନଆନ୍ଦୋଳନ କରାଯାଇ ପାରିଛି। ଦୀର୍ଘ ୧୦ବର୍ଷର କାର୍ଯ୍ୟଧାରାକୁ ଅନୁଶୀଳନ କରି ଜିଲ୍ଲା ପରିବେଶ ସମିତି ଓ ରାଜ୍ୟ ସରକାର ଚଳିତବର୍ଷ ଲୋକନାଥପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରିଛନ୍ତି ।

ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ରାଜନଗର ବ୍ଲକ ଅନ୍ତର୍ଗତ ପେଣ୍ଠ ଦୋଓ୍ୱନ୍ଧଠାରେ ଜିଲ୍ଲାସ୍ତରୀୟ ଉତ୍ସବରେ ରାଜନଗର ଡି.ଏଫ. ଓ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମର୍ଯ୍ୟାଦାଜନକ ପ୍ରକୃତି ମିତ୍ର ପୁରସ୍କାର ଲୋକନାଥପୁର ବିଦ୍ୟାଳୟ ପ୍ରଧାନଶିକ୍ଷକ ଶୁଭାଂଶୁ କୁମାର ଦାସଙ୍କୁ ପ୍ରଦାନ କରିଛନ୍ତି।

## ବିଶ୍ୱ ପରିବେଶ ଦିବସ ପାଳିତ




କେନ୍ଦ୍ରାପଡ଼ା,୫।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଉପକଣ୍ଠସ୍ଥ ଗୁଲନଗରରେ ଥିବା ସଞ୍ଜିବନୀ ବିଦ୍ୟାଳୟ ପରିସରରେ କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ମାଇଁ ଭାରତ ଯୁବା ଭାରତ କେନ୍ଦ୍ରାପଡ଼ାର ମିଳିତ ଆନୁକୁଲ୍ୟରେ ବିଶ୍ୱ ପରିବେଶ ଦିବସ ଅଧ୍ୟକ୍ଷ ଚିରଞ୍ଜନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଳପୁଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ ଯୋଗଦେଇ ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ସମାସେବୀ ଶ୍ରୀଧର କୁମାର ମହାନ୍ତି ଯୋଗଦେଇ ସମସ୍ତଙ୍କୁ ବୃକ୍ଷ ରୋପଣ ପାଇଁ ସଂକଳ୍ପ ବଦ୍ଧ କରାଇଥିଲେ । ପରେ ପିଲାମାନଙ୍କ ମଧ୍ୟରେ ତର୍କ ଓ କୁଇଜ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ଏଥିସହିତ ବିଦ୍ୟାଳୟ ପରିସରରେ ବିଭିନ୍ନ ବୃକ୍ଷର ଚାରା ରୋପଣ କରାଯାଇଥିଲା । କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ଓ ମାଇଁ ଭାରତ ଯୁବା ଭାରତ ର କର୍ମକର୍ତ୍ତା ଲକ୍ଷ୍ମୀକାନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ୱେଚ୍ଛାସେବୀ ଜଗନ କୁମାର ଦାସ, ଜସ୍ମିନ୍ ଭୂୟାଁ, ଗଙ୍ଗାରାଣୀ ପରିଡ଼ା, କୈବଲ୍ୟ ବେହେରା, ରାଜା ମଳିକ, ଅଙ୍କିତା ମିଶ୍ର, ଜ୍ୟୋତିରେଖା ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

## ଗ୍ରୀଷ୍ମକାଳୀନ ଯୋଗ ଶିବିର ଉଦ୍‌ଘାଟିତ



କେନ୍ଦ୍ରାପଡ଼ା, ୫।୬(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରୟାସ ଏବଂ ଜିଲ୍ଲା ପ୍ରଶାସନ (କ୍ରୀଡ଼ା ବିଭାଗ), କେନ୍ଦ୍ରାପଡ଼ାଙ୍କ ସହଯୋଗରେ ସାମଗୁଡ଼ିଆସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଏକ ସପ୍ତାହବ୍ୟାପୀ ଗ୍ରୀଷ୍ମକାଳୀନ ଯୋଗ ଶିବିର ଆଜି ଉଦଘାଟିତ ହୋଇଛି। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଯୋଗ ଅନୁଷ୍ଠାନରୁ ଶତାଧିକ ଛାତ୍ରଛାତ୍ରୀ ଓ ଯୋଗପ୍ରେମୀ ଅଂଶଗ୍ରହଣ କରିଛନ୍ତି। ଶିବିରଟି ପ୍ରତିଦିନ ସକାଳ ୭ଟାରୁ ୮ଟା ଏବଂ ସନ୍ଧ୍ୟା ୫ଟାରୁ ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଉଦଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ର କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ସେ ଯୋଗ ଅଭ୍ୟାସର ଶାରୀରିକ ଓ ମାନସିକ ଉପକାରିତା ଉପରେ ଆଲୋକପାତ କରି ଯୁବପିଢ଼ୀଙ୍କୁ ନିୟମିତ ଯୋଗାଭ୍ୟାସ ପାଇଁ ପ୍ରେରିତ କରିଥିଲେ। ଶିବିରରେ ଯୋଗାସନ, ପ୍ରାଣାୟାମ, ବନ୍ଧ, ମୁଦ୍ରା ଏବଂ ବିଭିନ୍ନ ଯୋଗ କ୍ରିୟା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଜିଲ୍ଲା କ୍ରୀଡ଼ା ଅଧିକାରୀ ତଥା ଆନ୍ତର୍ଜାତୀୟ ଯୋଗ ବିଚାରକ 'ଯୋଗ ରତ୍ନ' ଶ୍ରୀ ଲୋକନାଥ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହେଉଛି। ତାଙ୍କ ସହ ଖେଲୋ ଇଣ୍ଡିଆ ସେଣ୍ଟରର ଯୋଗ ପ୍ରଶିକ୍ଷକ ଶ୍ରୀ ଟୁଲୁ ମଳିକ ଏବଂ ଶ୍ରୀ ସଞ୍ଜୟ ମଥାନ ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପାଣିଗ୍ରାହୀ ଅଧିକରୁ ଅଧିକ ଯୁବକ ଓ ଯୁବତୀଙ୍କୁ ଏହି ଶିବିରରେ ଅଂଶଗ୍ରହଣ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି।

### ମୃତ କରାଣ୍ଡିଆକୁ ପୁନଃ ଚିରସ୍ରୋତା ପାଇଁ ଆହ୍ୱାନ

## କରାଣ୍ଡିଆର ଉତ୍ପତ୍ତି ସ୍ଥଳରେ ବ୍ୟାରେଜ ନିର୍ମାଣ ଦାବି



ଡେରାବିଶ,୫।୬ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକର ଲାଇଫ୍ ଲାଇନ୍ ଭାବେ ପରିଚିତ ଲୁଣାନଦୀ ଚିର ସ୍ରୋତା। ଲୁଣା ନଦୀରୁ ବ୍ଲକ ଅନ୍ତର୍ଗତ ହରିଅଙ୍କ ପଞ୍ଚାୟତ କୁଳସାହି ଠାରେ ଏହାର ଶାଖାନଦୀ କରାଣ୍ଡିଆ ବାହାରି ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କରାଣ୍ଡିଆ ପାଟଣା ନିକଟରେ ପୁନଃ ଲୁଣାନଦୀରେ ମିଶିଯାଇଛି। ଡେରାବିଶ, ଗରଦପୁର ଓ ମାର୍ଶାଘାଇ ତିନୋଟି ବ୍ଲକ ଦେଇ ଯାଇଥିବା ଏହି ଶାଖାନଦୀଟି ପୂର୍ବରୁ ଚିରସ୍ରୋତା ରହିଥିବା ବେଳେ ଏହି ନଦୀର ଜଳକୁ ସ୍ଥାନୀୟ ଅଞ୍ଚଳବାସୀ ପିଇବା ଠାରୁ ଚାଷବାସରେ ବ୍ୟବହାର କରି ଆସୁଥିଲେ।

ତେବେ ଏହି କରାଣ୍ଡିଆ ନଦୀ ଅଧିକ ଗଭୀର ହେବା ସହିତ ଏହାର ପ୍ରଖର ସ୍ରୋତ ଏହାର ଉଭୟ ପଟ ନଦୀପଠାକୁ ତିବ୍ର ବେଗରେ କ୍ଷୟକ୍ଷତି କରିବା ସହିତ ପ୍ରତ୍ୟେକ ବର୍ଷ ଅଞ୍ଚଳବାସୀଙ୍କ ଜନଜୀବନକୁ ଦୁର୍ବିସହ କରୁଥିଲା। ଫଳରେ ଏହାର ତିବ୍ର ସ୍ରୋତକୁ ଅଟକାଇବା ପାଇଁ ଏହାର ଉତ୍ପତ୍ତି ସ୍ଥଳରେ ଜଳସମ୍ପଦ ବିଭାଗ ପକ୍ଷରୁ ପଥର ବନ୍ଧ ନିର୍ମାଣ କରାଯାଇଥିଲା। ଯାହା ଫଳରେ ଏହି ନଦୀରେ ଧିରେ ଧିରେ ଜଳସ୍ରୋତ କମିବାରେ ଲାଗିବା ସହ ନଦୀ ଉତ୍ପତ୍ତି ସ୍ଥଳ ଠାରୁ ପାଖାପାଖି ଦୁଇକିଲୋମିଟର ବ୍ୟାପି ଶଯ୍ୟା ପୋତି ହୋଇଯିବା ସହିତ ଏବେ ଏଥିରେ ଜଳପ୍ରବାହ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ଭୂତଳ ଜଳସ୍ତର ତିବ୍ର ବେଗରେ ହ୍ରାସ ପାଇବା ସହିତ ନଳକୂପ ଓ ଅନ୍ୟାନ୍ୟ ଜଳାଶୟ ଆଦି ସମ୍ପୂର୍ଣ୍ଣ ଶୁଖିଯାଉଛି।

ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି ଏହି ଅଞ୍ଚଳର ଚାଷୀମାନେ। ପୂର୍ବରୁ ଚାଷୀମାନେ କରାଣ୍ଡିଆ ନଦୀ ଜଳରେ ବର୍ଷସାରା ବିଭିନ୍ନ ପନିପରିବା, ଧାନ, ରବି ଫସଲ ଚାଷ କରୁଥିଲେ। ଏବେ ଶୁଖିଲା ନଦୀ ପାଇଁ ପ୍ରାୟତ ଏହି ଚାଷ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲାଣି। ଏଥିସହିତ ଚିରସ୍ରୋତା କରାଣ୍ଡିଆରୁ ମିଳୁଥିବା ପ୍ରଚୁର ପରିମାଣରେ ମାଛ ବିକ୍ରିକରି ବହୁ ମତ୍ସ୍ୟଜୀବୀ ସେମାନଙ୍କ ପରିବାର ପ୍ରତିପୋଷଣ କରୁଥିଲେ, ଏବେ ଅଞ୍ଚଳବାସୀଙ୍କ ପାଇଁ କରାଣ୍ଡିଆର ମାଛ ସ୍ୱପ୍ନ ପାଲଟିଛି।

କରାଣ୍ଡିଆ ନଦୀକୁ ପୁନଃ ଚିରସ୍ରୋତା କରିବା ପାଇଁ ଆଜି ପାଟକୁରା ନିର୍ବାଚନ ମଣ୍ଡଳୀର ଯୁବନେତା ତଥା ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ାଙ୍କ ଆହ୍ୱାନରେ ଆଜି ଦ୍ୱିପାଞ୍ଚଳର ଶହଶହ ଅଧିବାସୀ କରାଣ୍ଡିଆର ପୋତି ହୋଇଥିବା ଉତ୍ପତ୍ତି ସ୍ଥଳକୁ ଖନନ କରି ଏହାକୁ ଚିରସ୍ରୋତା କରିବା ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏଥିସହିତ କରାଣ୍ଡିଆର ଉତ୍ପତ୍ତି ସ୍ଥଳରେ ଉଭୟ ଲୁଣା ଓ କରାଣ୍ଡିଆରେ ଏକ ବ୍ୟାରେଜ ନିର୍ମାଣ କରି ନଦୀର ଜଳ ସଞ୍ଚିତ କରି ରଖି ପାନୀୟ ଓ ଚାଷ ନିମନ୍ତେ ବ୍ୟବହାର କରିବା ପାଇଁ ଦାବି କରାଯାଇଥିଲା।

## ଇଫ୍‌କୋ ପକ୍ଷରୁ ବ୍ୟାପକ ଚାରାରୋପଣ ଓ ପରିବେଶ ଦିବସ ପାଳିତ



ପାରାଦ୍ୱୀପ,୫।୬ (ସଂଚାର ବ୍ୟୁରୋ): ଚଳିତ ବର୍ଷର ବିଷୟବସ୍ତୁ "ପ୍ରକୃତି ଦ୍ୱାରା ଅନୁପ୍ରାଣିତ, ଜଳବାୟୁ ପାଇଁ, ଆମ ଭବିଷ୍ୟତ ପାଇଁ"କୁ ଆଧାର କରି ଇଫକୋ ପାରାଦ୍ୱୀପ ଆନୁଷ୍ଠାନିକ ଭାବେ ବିଶ୍ୱ ପରିବେଶ ଦିବସ ୨୦୨୬ ପାଳନ କରିଛି। ଏହି ଅବସରରେ ସ୍ଥାୟୀ ବିକାଶ ଏବଂ ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଅନେକ ସଚେତନତା କାର୍ଯ୍ୟକ୍ରମ ଓ ସାମାଜିକ ଗଣମାଧ୍ୟମ ଅଭିଯାନ ଆୟୋଜନ କରାଯାଇଥିଲା।

ଏହି ଉତ୍ସବ କ୍ୟାମ୍ପସ ମଧ୍ୟରେ ଏକ ବ୍ୟାପକ ସବୁଜ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ଆରମ୍ଭ ହୋଇଥିଲା। ସ୍ଥାନୀୟ ସବୁଜିମା ବୃଦ୍ଧି ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦ୍ୱୀପର ଆଞ୍ଚଳିକ ଅଧିକାରୀ, ବରିଷ୍ଠ ପରିଚାଳନା କର୍ତ୍ତୃପକ୍ଷ ଏବଂ ଶିଳ୍ପର କର୍ମଚାରୀମାନେ ସକ୍ରିୟ ଭାବେ ସ୍ଥାନୀୟ ପ୍ରଜାତିର ଚାରା ରୋପଣ କରିଥିଲେ। ଏହି ପ୍ରତ୍ୟକ୍ଷ ପଦକ୍ଷେପ ପରିବେଶ ପରିଚାଳନା ଏବଂ କାର୍ବନ-ମୁକ୍ତ ଭବିଷ୍ୟତ ପ୍ରତି ସଂଗଠନର ପ୍ରତିବଦ୍ଧତାକୁ ଦୋହରାଇଛି।

ସ୍ଥାୟୀ ପରିବେଶର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ସଂଗଠନ ପକ୍ଷରୁ ସପ୍ତାହବ୍ୟାପୀ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କର୍ମଚାରୀମାନେ ଏକ ସ୍ଲୋଗାନ ଲିଖନ ପ୍ରତିଯୋଗିତାରେ ପୃଥିବୀ ପ୍ରତି ନିଜର ସୃଜନଶୀଳତା ଓ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ପିଲାମାନଙ୍କ ପାଇଁ ଆୟୋଜିତ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ମାଧ୍ୟମରେ ଏହି ସଚେତନତା ଯୁବ ପିଢ଼ି ପର୍ଯ୍ୟନ୍ତ ପହଞ୍ଚିପାରିଥିଲା, ଯେଉଁଠାରେ ସେମାନେ କଳା ମାଧ୍ୟମରେ ଏକ ସ୍ୱଚ୍ଛ ଓ ସବୁଜ ପୃଥିବୀର ପରିକଳ୍ପନା କରିଥିଲେ।

ଏହି ସପ୍ତାହବ୍ୟାପୀ ଅଭିଯାନ ଏକ ଭବ୍ୟ ପୁରସ୍କାର ବିତରଣ ତଥା ଉଦ୍‌ଯାପନୀ ସମାରୋହ ସହ ସମାପ୍ତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପରିବେଶ ଅନୁକୂଳ ପୁରସ୍କାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

## କୋରାପୁଟକୁ ଶିଶୁ ଶ୍ରମମୁକ୍ତ ଜିଲ୍ଲା ଗଠନ ପାଇଁ ରାଜ୍ୟସ୍ତରୀୟ କର୍ମଶାଳା

କୋରାପୁଟ,୫।୬ (ସଂଚାର ବ୍ୟୁରୋ): ଶିଶୁ ଶ୍ରମର ସମ୍ପୂର୍ଣ୍ଣ ନିରାକରଣ ଏବଂ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷାର ମୂଳ ସ୍ରୋତ ସହ ଯୋଡ଼ିବା ଲକ୍ଷ୍ୟରେ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ରାଜ୍ୟସ୍ତରୀୟ ଶିଶୁ ଶ୍ରମ ବିରୋଧୀ କର୍ମଶାଳା ଆୟୋଜିତ ହୋଇଯାଇଛି। ସ୍ଥାନୀୟ ସଦ୍ଭାବନା ସଭାଗୃହରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି କର୍ମଶାଳାରେ କୋରାପୁଟକୁ ଶିଶୁ ଶ୍ରମମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତ ବିଭାଗ ମିଳିତ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିଥିଲେ। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ବବିତା ପାତ୍ରଙ୍କ ମାର୍ଗଦର୍ଶନରେ ସମସ୍ତ ବିଭାଗୀୟ ଅଧିକାରୀ ଶିଶୁ ଶ୍ରମ ନିରାକରଣ ଦିଗରେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଶପଥ ଗ୍ରହଣ କରିଥିଲେ। କର୍ମଶାଳାରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶାର ଅଧ୍ୟାପକ ବିରଜ ସ୍ୱାଇଁ ଶିଶୁ ଶ୍ରମ ନିଷେଧ ସମ୍ବନ୍ଧୀୟ ଆଇନ ଓ ଏହାର ସାମାଜିକ ପ୍ରଭାବ ଉପରେ ବିସ୍ତୃତ ଆଲୋକପାତ କରିଥିଲେ।

## ନୂତନ ଆରଆଇ କୋଠା ନିର୍ମାଣ ନେଇ ଆଦିବାସୀ ନେତାଙ୍କ ସହ ପ୍ରଶାସନର ଆଲୋଚନା



ମାଲକାନଗିରି, ୫।୬(ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ମାରିଓ୍ୱାଡା ଆର.ଆଇ ସର୍କଲ ଅଧୀନରେ ପ୍ରସ୍ତାବିତ ନୂତନ ରାଜସ୍ୱ ନିରୀକ୍ଷକ (ଆରଆଇ) କୋଠା ନିର୍ମାଣ ସମ୍ପର୍କରେ ଆଦିବାସୀ ନେତାମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହୋଇଥିଲା। ବିଗତ ମେ ୩୦, ୨୦୨୬ ତାରିଖରେ ଜାରି ହୋଇଥିବା ପତ୍ର ସଂଖ୍ୟା ୫୦୫୦/ XXVI-26/2026 ଅନୁଯାୟୀ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ମାଲକାନଗିରି ତହସିଲଦାରଙ୍କୁ ଗୋରାଖୁଣ୍ଟା, ମାରିଓ୍ୱାଡା ଏବଂ ତୁମସାପାଲ୍ଲୀ ଗ୍ରାମର ଆଦିବାସୀ ନେତାମାନଙ୍କୁ ଏହି ଆଲୋଚନାରେ ଯୋଗଦେବାକୁ ସୂଚନା ଦେଇଥିଲେ। ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଗ୍ରାମର ଆଦିବାସୀ ନେତା ଏବଂ ଅନ୍ୟ ହିତାଧିକାରୀଙ୍କ ଉପସ୍ଥିତିରେ ଫଳପ୍ରଦ ଆଲୋଚନା ହେବା ସହ କୋଠା ନିର୍ମାଣ ପାଇଁ ସ୍ଥାନ ନିରୂପଣ ପାଇଁ ନିଷ୍ପତ୍ତି ନିଆଯାଇଛି ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ଶନିବାର ୬ ଜୁନ୍ ୨୦୨୬, ଭୁବନେଶ୍ୱର
Saturday 6 June 2026, Bhubaneswar


# ଯୁଦ୍ଧ ଓ ବିଶ୍ୱବ୍ୟାପୀ କ୍ଷୁଧା ସଙ୍କଟ



ବିଶ୍ୱର ଏକ ବିସ୍ଫୋରକ ଅଞ୍ଚଳ ପୁଣି ଥରେ ଜ୍ୱଳନ୍ତ ହୋଇଉଠିଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ କେବଳ ସ୍ଥାନୀୟ ଧ୍ୱଂସ ନୁହେଁ, ବରଂ ବିଶ୍ୱର ଅନେକ ଦେଶରେ କ୍ଷୁଧା ଏବଂ ଅଭାବର ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଛି। ଗାଜା, ଲେବାନନ, ଇରାନ-ଇସ୍ରାଏଲ ସଂଘର୍ଷ ଏବଂ ଲାଲ ସାଗରରେ ହୁଥି ବିଦ୍ରୋହୀଙ୍କ ଆକ୍ରମଣ ଫଳରେ ବିଶ୍ୱ ଖାଦ୍ୟ ବଣ୍ଟନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ସଙ୍କଟ କେବଳ ଯୁଦ୍ଧଗ୍ରସ୍ତ ଅଞ୍ଚଳର ଲୋକଙ୍କ ପାଇଁ ନୁହେଁ, ବରଂ ଆଫ୍ରିକା, ଏସିଆ ଏବଂ ଲାଟିନ ଆମେରିକାର କୋଟି କୋଟି ମଧ୍ୟବିତ୍ତ ଓ ଗରିବ ଲୋକଙ୍କ ପାଇଁ ମଧ୍ୟ ଜୀବନ-ମୃତ୍ୟୁ ପ୍ରଶ୍ନ ପାଲଟିଛି।

ଯୁଦ୍ଧର ସବୁଠାରୁ ଭୟଙ୍କର ପ୍ରଭାବ ପଡ଼ିଛି ଖାଦ୍ୟ ଯୋଗାଣ ଶୃଙ୍ଖଳା ଉପରେ। ଲାଲ ସାଗର ଏବଂ ସୁଏଜ ଖାଲ ବିଶ୍ୱ ବାଣିଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା। ହୁଥିଙ୍କ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ ଯୋଗୁଁ ଅନେକ ଜାହାଜ କେପ ଅଫ ଗୁଡ ହୋପ ବୁଲି ଯାଉଛନ୍ତି, ଯାହା ଯାତ୍ରା ସମୟ ଏବଂ ଖର୍ଚ୍ଚ ଦୁଇଗୁଣ କରିଦେଇଛି। ଫଳରେ ଗହମ, ଚାଉଳ, ତୈଳ ଏବଂ ସାର ପରିବହନ ବ୍ୟାହତ ହୋଇଛି। ଇଉକ୍ରେନ ଏବଂ ରୁଷିଆ ଯୁଦ୍ଧ ପରେ ପୁଣି ଥରେ ବିଶ୍ୱ ଖାଦ୍ୟ ମୂଲ୍ୟ ବୃଦ୍ଧି ପାଇଛି। ଜାତିସଂଘ ରିପୋର୍ଟ ଅନୁଯାୟୀ, ୨୦୨୪-୨୫ ମସିହାରେ ବିଶ୍ୱର ପ୍ରାୟ ୭୦ କୋଟି ଲୋକ ତୀବ୍ର ଖାଦ୍ୟ ଅନିଶ୍ଚୟତାର ସମ୍ମୁଖୀନ ହୋଇପାରନ୍ତି। ୟେମେନ, ସିରିଆ ଏବଂ ଗାଜା ପରି ଦେଶରେ ପରିସ୍ଥିତି ସବୁଠାରୁ ଭୟାବହ। ଗାଜାରେ ଯୁଦ୍ଧ ଆରମ୍ଭ ହେବା ପରେ ମାନବୀୟ ସହାୟତା ପ୍ରାୟ ବନ୍ଦ ହୋଇଯାଇଛି। ଶିଶୁ ଏବଂ ମହିଳାଙ୍କ ମଧ୍ୟରେ ତୀବ୍ର କ୍ଷୁଧା ଏବଂ ପୋଷଣହୀନତା ବୃଦ୍ଧି ପାଇଛି। ସୀମାନ୍ତରେ ସହାୟତା ଟ୍ରକ ଅଟକି ରହିଥିବା ବେଳେ ଲୋକେ ଘାସ ଏବଂ ପଶୁଖାଦ୍ୟ ଖାଇ ଜୀବନ ଧାରଣ କରୁଛନ୍ତି। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଉତ୍ତେଜନା ତୈଳ ମୂଲ୍ୟ ବୃଦ୍ଧି କରିଛି, ଯାହା ପରିବହନ ଖର୍ଚ୍ଚ ବଢ଼ାଇ ଖାଦ୍ୟ ମୂଲ୍ୟକୁ ଆହୁରି ଅଧିକ କରିଦେଇଛି।

ଭାରତ ଏବଂ ଅନ୍ୟାନ୍ୟ ବିକାଶଶୀଳ ଦେଶଗୁଡ଼ିକ ମଧ୍ୟ ଏହି ପ୍ରଭାବରୁ ମୁକ୍ତ ନୁହନ୍ତି। ଭାରତର ରପ୍ତାନି ନିର୍ଭରଶୀଳ ତୈଳ ଏବଂ ସାରର ମୂଲ୍ୟ ବୃଦ୍ଧି କୃଷକଙ୍କ ଉତ୍ପାଦନ ଖର୍ଚ୍ଚ ବଢ଼ାଉଛି। ଫଳରେ ଅନ୍ତର୍ଜାତୀୟ ବଜାରରେ ଖାଦ୍ୟ ମୂଲ୍ୟ ବଢ଼ିବା ସହିତ ଘରୋଇ ମୂଲ୍ୟ ମଧ୍ୟ ପ୍ରଭାବିତ ହେଉଛି। ଆଫ୍ରିକାର ଅନେକ ଦେଶ ଯେପରି ସୋମାଲିଆ, ସୁଦାନ ଏବଂ ଇଥିଓପିଆ ପୂର୍ବରୁ ଶୁଷ୍କତା ଏବଂ ଅନ୍ତର୍ଦ୍ୱନ୍ଦ୍ୱ ସହ ଲଢ଼ୁଥିବା ବେଳେ ଏହି ଯୁଦ୍ଧ ସେମାନଙ୍କୁ ଦୁର୍ଭିକ୍ଷ ମୁହଁକୁ ଠେଲି ଦେଇଛି। ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଅନୁଯାୟୀ, ଯୁଦ୍ଧ ଏବଂ ଜଳବାୟୁ ପରିବର୍ତ୍ତନ ମିଳିତ ଭାବରେ ବିଶ୍ୱର କ୍ଷୁଧା ସଙ୍କଟକୁ ଗଭୀର କରୁଛି।

ଏହି ଯୁଦ୍ଧ କେବଳ ଅର୍ଥନୈତିକ ନୁହେଁ, ମାନବୀୟ ସଙ୍କଟ ମଧ୍ୟ। ଲକ୍ଷ ଲକ୍ଷ ଶରଣାର୍ଥୀ ଘରଛଡ଼ା ହୋଇଛନ୍ତି। ସେମାନଙ୍କ ପାଇଁ ଖାଦ୍ୟ, ପାଣି ଏବଂ ଔଷଧର ଅଭାବ ମହାମାରୀ ସୃଷ୍ଟି କରୁଛି। ଶିଶୁମୃତ୍ୟୁ ହାର ବୃଦ୍ଧି ପାଉଛି। ଆନ୍ତର୍ଜାତୀୟ ସମ୍ପ୍ରଦାୟ ଏହି ସଙ୍କଟର ସମାଧାନ ପାଇଁ ଯଥେଷ୍ଟ ପ୍ରୟାସ କରୁନାହାଁ। ଯୁଦ୍ଧ ବିରତି ଏବଂ ମାନବୀୟ ସହାୟତା କରିଡ଼ୋର ଖୋଲିବା ଆବଶ୍ୟକ।

ଏହି ପରିସ୍ଥିତିରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାରତ ପୂର୍ବରୁ ଯୁଦ୍ଧ ପ୍ରଭାବିତ ଦେଶଗୁଡ଼ିକୁ ଗହମ ଏବଂ ଚାଉଳ ସହାୟତା ପ୍ରଦାନ କରିଛି। ଏବେ ଆହୁରି ଅଧିକ ସହାୟତା ଏବଂ କୂଟନୀତିକ ପ୍ରୟାସ ଜରୁରୀ। ଆମେରିକା, ରୁଷିଆ, ଚୀନ ଏବଂ ଇଉରୋପୀୟ ଦେଶଗୁଡ଼ିକୁ ମଧ୍ୟ ଦାୟିତ୍ୱ ନେବାକୁ ପଡ଼ିବ।

ଶେଷକଥା, ମଧ୍ୟପ୍ରାଚ୍ୟ ଯୁଦ୍ଧ କେବଳ ଏକ ଆଞ୍ଚଳିକ ସଙ୍କଟ ନୁହେଁ। ଏହା ବିଶ୍ୱର ସ୍ଥିରତା ଏବଂ ମାନବୀୟ ମୂଲ୍ୟବୋଧକୁ ପ୍ରଶ୍ନ କରୁଛି। ଯଦି ଶୀଘ୍ର ଶାନ୍ତି ସ୍ଥାପନ ନ ହୁଏ, ତେବେ କ୍ଷୁଧା ଏକ ବିଶ୍ୱବ୍ୟାପୀ ମହାମାରୀ ପାଲଟିବ। ଆମେ ସମସ୍ତେ ଏହି ସତ୍ୟକୁ ବୁଝି ଶାନ୍ତିର ପଥ ଖୋଜିବା ଉଚିତ। ନହେଁ ଏହି ଯୁଦ୍ଧର କ୍ଷୁଧା ଆମ ସମସ୍ତଙ୍କ ଘର ପର୍ଯ୍ୟନ୍ତ ପହଞ୍ଚିଯିବ।

# ଖର୍ବ ସ୍ଥୂଳତନୁ ଗଜେନ୍ଦ୍ରବଦନମ୍...



ସୁବାସ ଷଡଙ୍ଗୀ

ଆମର ପ୍ରଥମ ଆରାଧ ଦେବତା ହେଲେ ଶ୍ରୀ ଗଣେଶ। ଯାହାଙ୍କୁ ଯେ କୌଣସି ପୂଜାରେ ପ୍ରଥମେ ଆବାହନ କରାଯାଏ। ତାଙ୍କର ବନ୍ଦନା ହେଲା ଖର୍ବ ସ୍ଥୂଳତନୁ ଗଜେନ୍ଦ୍ର ବଦନମ...। ଅର୍ଥାତ ସ୍ଥୂଳକାୟ, ହାତୀ ମୁହଁ ଧାରୀ, ସୁନ୍ଦର ଥୋଡପାଧାରୀ ସବୁ ବିଘ୍ନ ନାଶ କରନ୍ତି। ଆମର ଆରାଧ ଦେବତା ହେଲେ ସ୍ଥୂଳକାୟ ଏବଂ ଖର୍ବକାୟ। ତା ସହିତ ଥୋଡପା ବିଶିଷ୍ଟ ହାତୀ ମୁହଁ, ସବୁ କଷ୍ଟ ଲାଘବ କରୁଥିଲେ, ବିଘ୍ନବିନାଶ କରୁଥେଲେ। ସମୟ ଥିଲା, ଯେତେବେଳେ ସ୍ଥୂଳକାୟ ଶରୀରକୁ ସୁନ୍ଦରତା ଭିତରେ ଗଣା ଯାଉଥିଲା। ମାତ୍ର ଏବେ ନୁହେଁ। ବରଂ ସ୍ଥୂଳକାୟ ଏବେ ଏକ ରୋଗ ଭାବେ ଗଣାଯାଉଛି। ସୁସ୍ଥ ରହିବା ପାଇଁ ଆଜିର ଦୁନିଆରେ କିଏ ବା ନ ଚାହେଁ? କିନ୍ତୁ ସମସ୍ତଙ୍କ ପାଇଁ ଏହା ସମ୍ଭବ ହୋଇପାରେ ନାହିଁ। ଏଥିପାଇଁ ବିଭିନ୍ନ କାରଣ ଦାୟୀ। ଆମ ଦେଶରେ ପ୍ରାପ୍ତ ବୟସ୍କମାନଙ୍କ ମଧ୍ୟରେ ମେଦବହୁଳତା ଏକ ସାଧାରଣ ରୋଗରେ ପରିଣତ ହେଲାଣି। ସହର ବା ଗାଁ



କେହି ଏହି ସମସ୍ୟାରରୁ ରକ୍ଷା ପାଇ ପାରି ନାହାନ୍ତି। କେନ୍ଦ୍ରିୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ କରାଯାଇଥିବା ଏକ ସମୀକ୍ଷାରୁ ଏଭଳି ତଥ୍ୟ ମିଳିଛି। ୨୦୨୩-୨୪ ମସିହାରେ କେବଳ ମଣିପୁରକୁ ବାଦ ଦେଇ ସାରା ଦେଶର ୭୨୫ ଟି ଜିଲ୍ଲାର ୬.୭୯ ଲକ୍ଷ ପରିବାର ମଧ୍ୟରେ ସ୍ୱାସ୍ଥ୍ୟ, ପୁଷ୍ଟି ଏବଂ ପରିବାର କଲ୍ୟାଣ ସଂକ୍ରାନ୍ତୀୟ ଏକ ସମୀକ୍ଷା କରିଥିଲେ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଓ ମୁମ୍ବାଇର ଇଂଟରନେସନାଲ ଇନଷ୍ଟିଚ୍ୟୁଟ ଅଫ ପପୁଲେସନ ସାଇନ୍ସ। ଏଥିରେ ୧୫ରୁ ୪୯ ବର୍ଷୀୟ ମହିଳାମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚରାଯାଇଥିଲା। ଯାହା ଜଣାଯାଇଛି, ତାହା ହେଲା, ୨୦୧୯ ରୁ ୨୧ ମସିହା ମଧ୍ୟରେ ପୁରୁଷମାନଙ୍କ ମଧ୍ୟରେ ୨୨.୯ ଶତାଂଶ ପୁରୁଷମାନଙ୍କର ଓଜନ ଥିଲା ସ୍ୱାଭାବିକଠାରୁ ଅଧିକ। ପାଞ୍ଚ ବର୍ଷ ମଧ୍ୟରେ ଏଇ ହାର ୪.୪ ଶତାଂଶ ବଢ଼ି ହୋଇଛି ୨୩.୩ ଶତାଂଶ। ମହିଳାମାନଙ୍କ କ୍ଷେତ୍ରରେ ତାହା ୨୪ ଶତାଂଶରୁ ବଢ଼ି ହୋଇଛି, ୩୦.୭ ଶତାଂଶ। ସମୀକ୍ଷାରୁ ଯେଉଁ ତଥ୍ୟ ମିଳିଛି, ସେଥିରୁ ଜଣା ପଡ଼ିଛି, ସହରର ଲୋକମାନଙ୍କ ମଧ୍ୟରେ ମେଦବହୁଳତାର ହାର ଗ୍ରାମାଞ୍ଚଳ ତୁଳନାରେ ଅଧିକ। ସହରରେ ୩୬.୩ ଶତାଂଶ ପୁରୁଷମାନଙ୍କ ଠାରେ ମେଦବହୁଳତା ଥିବାର ଜଣା ପଡ଼ିଥିଲା। ଗ୍ରାମାଂଳରେ ଏଇ ହାର ୨୩ ଶତାଂଶ। ମହିଳାମାନଙ୍କ କ୍ଷେତ୍ରରେ ଏହା ଯଥାକ୍ରମେ ୪୨.୮ ଶତାଂଶ ଏବଂ ୨୫.୫ ଶତାଂଶ। ସରକାରୀ ଭାବରେ ଏଇ ତଥ୍ୟ ପ୍ରଦାନ କରାଯାଇଛି। ଗତ ଜାନୁୟାରି ମାସରେ କେନ୍ଦ୍ରର ଆର୍ଥିକ ସମୀକ୍ଷାରେ ମେଦବହୁଳତା ସମ୍ପର୍କରେ ଜଣା ପଡ଼ିବା ପରେ, ଏଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। କାରଣ, ଏଇ ସମୀକ୍ଷାରୁ ଜଣା ପଡ଼ିଥିଲା ପିଲାମାନଙ୍କାଂରେ ମେଦବହୁଳତା ଅଧିକ ପରିମାଣରେ ଦେଖାଯାଉଛି। କାରଣ ସ୍ୱରୂପ କୁହାଯାଇଥିଲା ଅତି ପ୍ରକ୍ରିୟାଜନିତ ଖାଦ୍ୟ ସହ ଯାବତୀୟ ଅସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥ, ଜୀବନଯାପନର ଶୈଳୀରେ ପରିବର୍ତ୍ତନ, କମ ଶାରୀରିକ ପରିଶ୍ରମ କରିବା ଫଳରେ ପିଲାମାନଙ୍କ ଠାରେ ଏଭଳି ମେଦବହୁଳତା ବଢ଼ୁଛି। ଯାହାଫଳରେ ପିଲାମାନଙ୍କୁ ମଧ୍ୟ ଡାଇବେଟିଜ, ଉଚରକ୍ତଚାପ ଭଳି ରୋଗ ହେଉଛି। ଏଇ ସମୀକ୍ଷାରେ କୁହାଯାଇଛି, ୨୦୨୦ ମସିହାରେ ଭାରତରେ ମେଦବହୁଳତାରେ ଶିକାର ଶିଶୁମାନଙ୍କ ସଂଖ୍ୟାଥିଲା ୩.୩ କୋଟି। କୁହାଯାଉଛି ୨୦୩୫ ମସିହା ବେଳକୁ ଏଇ ସଂଖ୍ୟାବୃଦ୍ଧି ପାଇ ୮.୩ କୋଟିରେ ପହଞ୍ଚିଯିବ। ମେଦବହୁଳତା ବଢ଼ିବାର ମୁଖ୍ୟ କାରଣ କଣ? ପ୍ରଥମ ଏବଂ ପ୍ରମୁଖ କାରଣ ହେଲା, ଖାଦ୍ୟାଭ୍ୟାସରେ ଅବନତି। ଏଇ ସମୀକ୍ଷାରୁ ଆହୁରି ଜଣା ପଡ଼ିଛି ଯେ ପନ୍ଦର ବର୍ଷରୁ ଅଧିକ କିଶୋରୀମାନେ ଚିନି ଜାତୀୟ ଖାଦ୍ୟ ଓ ପାନୀୟ ସବୁଠୁ ଅଧିକ ବ୍ୟବହାର କରନ୍ତି। ଏମାନଙ୍କ ସଂଖ୍ୟା ୧୫.୬ ଶତାଂଶ ଥିଲା, ଏବେ ବଢ଼ି ୨୦.୯ ଶତାଂଶରେ ପହଞ୍ଚିଛି। ଅବଶ୍ୟ ମହିଳାମାନଙ୍କ ସଂଖ୍ୟା ଟିକିଏ କମ। ପାଞ୍ଚ ବର୍ଷ ଭିତରେ ୧୩.୫ ଶତାଠାରୁ ବଢ଼ି ୧୭.୮ ଶତାଂଶରେ ପହଞ୍ଚିଛି। ସହରରେ ଏଇ ହାର ୨୧.୯ ଶତାଂଶ ହୋଇଥିଲା ବେଳେ ଗ୍ରାମାଞ୍ଚଳରେ ୧୬.୨ ଶତାଂଶ। ଆଉ ଗୋଟାଏ ତଥ୍ୟ ପଦାକୁ ଆସିଛି।

ଆମ ଦେଶରେ ଏବେ ସିଜରିଆନ ଡେଲିଭରି ସଂଖ୍ୟା ବଢ଼ିଚାଲିଛି। ବିଶେଷ କରି ବେସରକାରୀ ହସପିଟାଲଗୁଡିକରେ ଅଧିକ ସିଜରିଆନ ହେଉଛି। ଯାହା ଜଣାଯାଇଛି, ୨୦୧୯-୨୧ ମସିହା ମଧ୍ୟରେ ସିଜରିଆନ ହାର୪୭.୪ ଶତାଂଶରୁ ବଢ଼ି ୨୦୨୩-୨୪ ମସିହାବେଳକୁ ୫୪.୧ ଶତାଂଶରେ ପହଞ୍ଚି ଯାଇଥିଲା। ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ କ୍ଷେତ୍ରରେ ୧୪.୩ ଶତାଂଶରୁ ବଢ଼ି ୧୯.୬ ଶତାଂଶରେ ପହଞ୍ଚିଛି। ତେବେ ଗୋଟାଏ କ୍ଷେତ୍ରରେ ଆମେ କିଛିଟା ଉଲ୍ଲେଖନୀୟ ସଫଳତା ପାଇଛୁ। ତାହା ହେଲା ପାଞ୍ଚ ବର୍ଷ ଧରି ଗେଡ଼ା ପିଲାଙ୍କ ସଂଖ୍ୟା କମୁଛି। ଆଗରୁ ୩୫ ଶତାଂଶ ଗେଡ଼ା ଶିଶୁ ଥିଲାବେଳେ, ଏବେ ସେମାନଙ୍କ ସଂଖ୍ୟା ୨୯.୩ ଶତାଂଶକୁ ହ୍ରାସ ପାଇଛି।

ମେଦବହୁଳତାର ହାର ଭାରତ ପାଇଁ ଚିନ୍ତାର କାରଣ ପାଲଟିଛି। ତେବେ ଏହି ସମସ୍ୟା କେବଳ ଭାରତ ନୁହେଁ, ବିଶ୍ୱର ବହୁ ଉନ୍ନତଶୀଳ ଦେଶରେ ଦେଖାଦେଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଏକ ରିପୋର୍ଟରୁ ଜଣାପଡ଼ିଛି ଜାପାନରେ ମେଦ ବହୁଳତା ହାର ସବୁଠାରୁ କମ। ମାତ୍ର ତିନି ଶତାଂଶ। ଆମ ଦେଶରେ କିନ୍ତୁ ପଚିଶ ଶତାଂଶ। ପ୍ରତି ଚାରି ଜଣରେ ଜଣେ ସ୍ଥୂଳକାୟ। ସମଗ୍ର ବିଶ୍ୱରେ କେବଳ ଜାପାନ ହିଁ ଏଇ ସମସ୍ୟାକୁ ନିୟନ୍ତ୍ରଣ କରିବାକୁ ସକ୍ଷମ ହୋଇପାରିଛି।

ଅନେକଙ୍କ ମନରେ ପ୍ରଶ୍ନ ଦେଖାଦେଇପାରେ, କଣ ପାଇଁ ଜାପାନୀମାନଙ୍କର ଓଜନ ବଢ଼ୁନାହିଁ ? ଜାପାନୀମାନେ ଖାଦ୍ୟପେୟ ଓ ଶରୀର ଚର୍ଚ୍ଚାରେ ବେଶ ନିୟନ୍ତ୍ରିତ। ଘରେ ଯେଉଁ ଖାଦ୍ୟ ପ୍ରସ୍ତୁତ ହୁଏ, ସେମାନେ ତାହାକୁ ଖାଇ ସନ୍ତୁଷ୍ଟ ହୁଅନ୍ତି। ପେଟ ଭରି ଖାଆନ୍ତି ନାହିଁ। ଅଶୀଭାଗରୁ କେବେବି ଅଧିକ ଖାହାନ୍ତି ନାହିଁ, ଯେତେ ଲୋଭନୀୟ ଖାଦ୍ୟ ହୋଇଥିଲେ ମଧ୍ୟ। କେବଳ ମାପଚୁପ ଖାଦ୍ୟ ନୁହେଁ, କ୍ୟାଲୋରି ଉପରେ ଗୁରୁତ୍ୱ ଦିଅନ୍ତି ପ୍ରତିଦିନର ଖାଦ୍ୟରେ। କାର୍ବୋହାଇଡ୍ରେଟ, ପ୍ରୋଟିନ ଓ ଚର୍ବିଜାତୀୟ ଖାଦ୍ୟ ଖାଆନ୍ତି। ଠିକ ସମୟରେ ଓ ଧୀରେ ଧୀରେ ଖାଇବା ଫଳରେ ଦେହରେ ଚର୍ବି ହୁଏ ନାହିଁ। ଯଥାସାଧ ପ୍ରକ୍ରିୟାକରଣ ଖାଦ୍ୟକୁ ସେମାନେ ଆଭଏଡ କରିବାକୁ ଚେଷ୍ଟା କରନ୍ତି। ଖାଇ ସାରିବା ପରେ ସଙ୍ଗେ ସଙ୍ଗେ ଶୋଇପଡନ୍ତି ନାହିଁଁ। କିଛି ସମୟ ଚାଲବୁଲ କରନ୍ତି। ଏହାକୁ ଜାପାନୀ ଭାଷାରେ କୁହାଯାଏ 'ହାଇ ଇଂଟେନସିଟି ଇଂଟରଭାଲ ୱାକ'। ପ୍ରଥମ ପାଞ୍ଚ ମିନିଟ ଧୀରେ ଚାଲିବ, ତାପରେ ଚାଲିବାର ଗତି ବଢ଼ାଇବ। ଏଇପରି ପନ୍ଦର କୋଡିଏ ମିନିଟ ଅତି କମରେ ଚାଲିବ।

କିନ୍ତୁ, ଆମେ ଯେ ଖାଦ୍ୟ ଲୋଭି। ଭଲ ଖାଦ୍ୟ ଦେଖିଲେ, ଲୋଭ ସହଜରେ ଛାଡି ପାରୁନା। ଏଣୁ ଏତେ କଥା ମାନୁଛି କିଏ?


ଡୁମୁଡୁମା ହାଉସିଙ୍ଗ ବୋର୍ଡ କଲୋନୀ
ଭୁବନେଶ୍ୱର, ମୋ- ୯୪୩୯୬୫୨୩୨୨


# ରଥକାମ ଆଗେଇ ଯାଏ, 'ହରିବୋଲ' ନାମରେ..



ପୁଷ୍ପମିତ୍ର ମହାପାତ୍ର

"ମ୍ଳେଛ ନିବହଃ ନିଧନେ କଳୟସୀ କର ବାଦଂ, ଧୂମକେତୁ ମୀନ କିମପି କରାଳଂ କେଶବ ଧୃତ କଳକୀ ଶରୀର, ଜୟ ଜଗଦୀଶ ହରେ...'। (ତୁମେ କଳକୀ ଅବତାରଥରରେ ମ୍ଳେଚ୍ଛ ସଂହାର କରିବା ପାଇଁ ଅତି ଭୟଙ୍କର ଧୂମକେତୁ ସଦୃଶ ଅସ୍ତ୍ରଧାରଣ କରି ଆବିର୍ଭୁତ ହୋଇଛ। ହେ ଜଗଦୀଶ ତୁମର ଜୟ ହେଉ।)

"ହରିବୋଲ' ପବିତ୍ର ନାମଟି ତୁଣ୍ଡରେ ଧରିବା ବେଳେ ପିଲାଦିନରୁ ଶୁଣି ଆସିଥିବା ସେହି ସ୍ମରଣୀୟ ଧାଡ଼ିଟି ମନେପଡ଼ି ଯାଉଛି - "ହରିବୋଲ ହରିବୋଲ ହରିବୋଲ ଭାଇ, ହରି ବୋଲି ତରି ଗଲେ ଜଗାଇ ମାଧାଇ'। ଭକ୍ତ ଶ୍ରୀଚୈତନ୍ୟଙ୍କ ନାମ ସଂକୀର୍ତ୍ତନର ଏହି ଆଦ୍ୟ ଉଦଘୋଷଣ ପ୍ରାୟ ପ୍ରତିଟି ଓଡ଼ିଆଙ୍କ କାନରେ ଝଙ୍କୃତ ହେଉଥିବ। ତେବେ ଯିଏ ଜଗତର ନାଥ ଏବଂ ଯାହାଙ୍କ କ୍ଷେତ୍ର ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଅନନ୍ୟ ଯାହାଙ୍କ ସଂସ୍କୃତି ନୀଳ ସାଗରର ସୁଦୂର ପ୍ରସାରି ଉର୍ମି ମାଳା ପରି କାହିଁ କେତେ ଦୂର ଯୋଜନ ପର୍ଯ୍ୟନ୍ତ। ମହାପ୍ରଭୁଙ୍କ ଲୀଳା ବାସ୍ତବରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଆମର ଜନଜୀବନ ଓ ସଂସ୍କାରରେ ଜଗନ୍ନାଥ ସଂସ୍କୃତି ପ୍ରତିଫଳିତ ହୁଏ। ମହାପ୍ରଭୁଙ୍କ ରଥ ନିର୍ମାଣରେ ମଧ୍ୟ "ହରିବୋଲ ପଡ଼ିଥାଏ, ସେହି ପବିତ୍ର ଅମୃତ ବାଣୀ ରଥ ତିଆରି ପାଇଁ ଅନ୍ତର ଭିତରୁ କେବଳ ଶକ୍ତି ଦେଇନଥାଏ ବରଂ ଅନନ୍ତ, ଅସୀମ, ଆନନ୍ଦ ଓ ମହାର୍ଘ ସେବାର ସୁଯୋଗ ମଧ୍ୟ ସୃଷ୍ଟି କରିଥାଏ। ବାସ୍ତବିକ ମହାପ୍ରଭୁଙ୍କ ରଥ ନିର୍ମାଣ କ୍ଷେତ୍ରରେ ଯେତିକି ବୈଚିତ୍ର୍ୟତା ରହିଛି ସେତିକି ରହସ୍ୟ ମଧ୍ୟ। ମାଦଳା ପାଞ୍ଜିରେ ଉଲ୍ଲେଖ ରହିଛି ପ୍ରତ୍ୟେକ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ମହାଦୀପ ଉଠିବା ପରେ ହରିବୋଲ ପଡ଼ିଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ପୂର୍ଣ୍ଣବ୍ରହ୍ମ ସେ ଦାରୁରୂପୀ ଏ ସଂସାରର କର୍ତ୍ତା ଭାବରେ ଜଗତର ଦୁଃଖ ହରଣ କରିଥାନ୍ତି। ଆମେ ଆମ ନିତିଦିନିଆ ପୂଜା ପାର୍ବଣ ଓ ଆଧାତ୍ମିକ କାର୍ଯ୍ୟକ୍ରମରେ ପୁରୁଷ ମାନଙ୍କ ଦ୍ୱାରା "ହରିବୋଲ' ଓ ମହିଳା ମାନଙ୍କ ଦ୍ୱାରା "ହୁଳହୁଳି' ପବିତ୍ର ଧ୍ୱନି କାର୍ଯ୍ୟ ପାଇଁ ଶକ୍ତି ଯୋଗାଇଥାଏ ମହାପ୍ରଭୁଙ୍କ।

ମହାପ୍ରଭୁଙ୍କ ତିନି ରଥର ନିମାଣ ପାଇଁ ଭୋଇ ସେବକ ବ୍ୟବସ୍ଥା ସମ୍ପର୍କରେ ଶ୍ରୀମନ୍ଦିର ସତ୍ୱଲିପିରେ ଉଲ୍ଲେଖ ରହିଛି। ତିନି ରଥର ମୁଖ୍ୟ ମହାରଣାଙ୍କ ସହିତ ଭୋଇ ସେବକମାନେ ସମନ୍ୱୟ ରକ୍ଷା କରି ତିନି ରଥ ନିର୍ମାଣରେ ସାମଗ୍ରିକ ସହଯୋଗ ପ୍ରଦାନ କରିଥାନ୍ତି। ପ୍ରାଥମିକ ଭାବେ ରଥ ଅନୁକୂଳ ଅର୍ଥାତ୍ ଅକ୍ଷୟ ତୃତୀୟା ଠାରୁ ରଥର ସିଂହାସନ ପଛରେ ପ୍ରଭା ଲାଗିବା ପର୍ଯ୍ୟନ୍ତ ଯାହାକୁ ରଥର ଶେଷ କାର୍ଯ୍ୟ କୁହାଯାଏ। ଏହି ଭୋଇ ସେବକମାନେ ହିଁ ସମ୍ପନ୍ନ କରିଥାନ୍ତି ବୋଲି ଗବେଷକ ଶ୍ୟାମ ପ୍ରସାଦ ସେନାପତି ତଥ୍ୟ ଉଲ୍ଲେଖ କରିଛନ୍ତି। ନିର୍ମାଣ ଶୈଳୀ ମନ୍ଦିର ସଦୃଶ। ରଥ ତିଆରିରେ ଗୋଟି ଗୋଟି କରି କାଠ ସଂଯୋଗ କରାଯାଏ ନାହିଁ ବରଂ ପରସ୍ତ ପରସ୍ତ କରି ଏହାକୁ ରଥ ଉପରେ ସଂଯୋଗ କରାଯାଏ। ଭୋଇ ସେବକମାନେ ପ୍ରତ୍ୟେକ ପ୍ରମୁଖ କାର୍ଯ୍ୟ ସମ୍ପାଦନ ପରେ ହରିବୋଲ ପକାଇଥାନ୍ତି। ମୋଟ ନଅ ଥର ହରିବୋଲ ପକାଇ ରଥ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ଭୋଇ ସର୍ଦ୍ଦାର କହିବା ଅନୁଯାୟୀ ମହାପ୍ରଭୁଙ୍କର ଯେଉଁ ଦିନ ଭଉଁରୀ ଯାତ୍ରା ଅନୁଷ୍ଠିତ ହୁଏ ସେଇଦିନ ଅଖ ଚକ ସଂଯୋଗ ହୁଏ। ଚକ ଅଖ ସଂଯୋଗ ପରେ ପ୍ରଥମ ହରିବୋଲ ପକାଇଥାନ୍ତି। ପାଞ୍ଚ ଦଣ୍ଡା ରଥ ଉପରକୁ ଉଠିବା ଦିନ ଦ୍ୱିତୀୟ ହରିବୋଲ ପଡ଼ିଥାଏ। ଚାରି ନାହାକା ସଂଯୋଗ ଭଳି ଏକ ପ୍ରମୁଖ କାର୍ଯ୍ୟ ସମ୍ପାଦନ ପରେ ପଡ଼ିଥାଏ ତୃତୀୟ ହରିବୋଲ।

ପ୍ରଥମ ଭୂଇଁ ତଥା ଛ'କାଠ ଉଠିବା ପରେ ଚତୁର୍ଥ ହରିବୋଲ ପକାଇଥାନ୍ତି। ଅଗ ଭୂଇଁ ଟୁଙ୍ଗୁରା ସଂଯୋଗ ହେବାପରେ ଯେଉଁଦିନ ବଡ଼ ପୋଟାଳ ଉଠାଯାଏ ଉକ୍ତ ଦିନ ପଞ୍ଚମ ଥର ପାଇଁ ହରିବୋଲ ପଡ଼ିଥାଏ। ପାରାଭାଡ଼ି ଓ ଖପୁରୀ ଉଠାଇବାପରେ ରଥର ସମ୍ମୁଖ ଭାଗ ବନ୍ଦ କରାଯାଇ ଷଷ୍ଠ ଦିନ ହରିବୋଲ ପକାଯାଏ। ଶୁଆ, ଅଁଳା ଓ କଳସ ଉପରକୁ ଉଠିବା ପରେ ସପ୍ତମ ହରିବୋଲ ପଡ଼ିଥାଏ। ତିନି ରଥର ଚାରିଟି ଲେଖାଏଁ ବାରଟି ଦୁଆର ଉଠାଇବା ପରେ ଅଷ୍ଟମ ହରିବୋଲ ପକାଯାଏ। ଯେଉଁଦିନ ରଥର ପ୍ରଭା ଓ ସିଂହାସନ କାମ ଲାଗେ, ସେ ଦିନ ରଥର ସମ୍ପୂର୍ଣ୍ଣ କାମ ଶେଷ ହୋଇଯିବା ପରେ ଆଜ୍ଞାମାଳକୁ ଅପେକ୍ଷା କରି ରହିଥାଉ। ଆଜ୍ଞାମାଳ ବିଜେ ପରେ ରଥ ଟଣା କାର୍ଯ୍ୟ ହେବା ବେଳକୁ ନବମ ହରିବୋଲ ପକାଯାଏ। ଏହି ହରିବୋଲ ପକାଇବା ପରମ୍ପରା ଭୋଇ ସେବକମାନେ ଆବାହମାନ କାଳରୁ ଅନୁକରଣ କରି ଆସୁଛନ୍ତି। ଏହି ହରିବୋଲ ପରମ୍ପରା ବିଶ୍ୱାସ ଓ ସଫଳତାର ପ୍ରତୀକ ଭାବେ ବିବେଚନା କରାଯାଏ। ତିନି ରଥ ପାଇଁ ଭୋଇ ସେବକମାନେ ତିନି ଭାଗ ହୋଇ ରହିଥାନ୍ତି। ଯଦିଓ ରଥ କାମ ସେବା ଭାବେ ଅଭିହିତ, କିନ୍ତୁ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଦେଖିବାକୁ ମିଳିଥାଏ। ଏହି ପ୍ରତିଯୋଗିତା ମନୋଭାବ କେବଳ ଉତ୍ସାହ ଉଦ୍ଦେଶ୍ୟରେ ଦେଖିବାକୁ ମିଳିଥାଏ।

ମହାପ୍ରଭୁଙ୍କ ସଂସ୍କୃତି ସନାତନ ସଂସ୍କୃତି। ସଚରାଚର ବିଶ୍ୱର ସର୍ବମୟ କର୍ତ୍ତା ଭାବେ ବିଦିତ, କୋଟି କୋଟି ଭକ୍ତଜନଙ୍କର ସେ କେବଳ ପ୍ରାଣର ପବନ ନୁହଁନ୍ତି ବରଂ ହୃଦୟର ସ୍ପନ୍ଦନ, ସେ ବିଶ୍ୱ ଦେବତା ଭାବରେ ବିଶ୍ୱର ପ୍ରତିଟି କୋଣରେ ଆରାଧିତ, ପୂଜିତ। କୋଟି କୈବଲ୍ୟନାଥ ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ରହସ୍ୟମୟ ଦେବତା। ମହାପ୍ରଭୁଙ୍କ ରଥ ନିର୍ମାଣ ସମୟରେ ହରିବୋଲ ସଂସ୍କୃତି ଆମକୁ ଚେତାଇ ଦେଇଥାଏ ହରିମନସ୍କ ଦ୍ୱାରା ହିଁ ଜୀବନ ମୁକ୍ତି ହୋଇଥାଏ। ପବିତ୍ର ହରିନାମ ଉଚ୍ଚାରଣ କରିବାମାତ୍ରେ ଆମ ମାନଙ୍କର ସର୍ବପାପ ଧୋଇ ହୋଇଯାଏ ଏବଂ ଆମ ଭିତରେ ସକରାତ୍ମକ ଭାବନା ସୃଷ୍ଟି କରିଥାଏ।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୬୮୯,
E-MAIL : NIITYOU001@GMAIL.COM


# ଓଡ଼ିଶାରେ ବିଜେପି ସରକାରଙ୍କ ସଫଳ ଶାସନ ଓ ବିକାଶର ନୂତନ ଅଧ୍ୟାୟ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ଓଡ଼ିଶା ରାଜନୀତି ଇତିହାସରେ ଏକ ନୂତନ ଯୁଗର ଆରମ୍ଭ କରି ଭାରତୀୟ ଜନତା ପାର୍ଟି ସରକାର ଓଡ଼ିଶା ମାଟିରେ ଜନମତ ହାସଲ କରିବା ପରେ ବିକାଶର ଏକ ଭିନ୍ନ ସଂକଳ୍ପ ନେଇ କାର୍ଯ୍ୟ ଜାରି ରଖିଛି ଏବଂ ଏହି ସଫଳ ଶାସନକାଳ ମଧ୍ୟରେ ରାଜ୍ୟର ଅର୍ଥନୀତି, ସଂସ୍କୃତି, କୃଷି ଓ ଜନସାଧାରଣଙ୍କ ସାମାଜିକ ସୁରକ୍ଷା କ୍ଷେତ୍ରରେ ଅନେକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସରକାର ଗଠନ ହେବା ଦିନଠାରୁ ହିଁ 'ଓଡିଆ ଅସ୍ମିତା' ଏବଂ ରାଜ୍ୟର ସାଂସ୍କୃତିକ ଗୌରବକୁ ପୁନରୁଦ୍ଧାର କରିବା ପାଇଁ ଅଭିଯାନ ଆରମ୍ଭ ହୋଇଥିବା ଯେଉଁଥିରେ ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ଏବଂ ମହାପ୍ରଭୁଙ୍କ ଶ୍ରୀମନ୍ଦିରର ଚାରି ଦ୍ୱାର ସର୍ବସାଧାରଣଙ୍କ ପାଇଁ ଖୋଲିବା ସହ ଶ୍ରୀମନ୍ଦିରର ରତ୍ନଭଣ୍ଡାରର ସଫଳ ଗଣତି ଓ ସୁରକ୍ଷା ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ଥିଲା ସବୁଠାରୁ ବଡ ଐତିହାସିକ ସଫଳତା। ଏହି ସାଂସ୍କୃତିକ ଜାଗରଣ ସହିତ ସମାନ୍ତରାଳ ଭାବେ ଗରିବ, କୃଷକ ଏବଂ ମହିଳାମାନଙ୍କ ସଶକ୍ତିକରଣ ପାଇଁ ସରକାରଙ୍କ ପ୍ରତିବଦ୍ଧତା ପ୍ରତିଫଳିତ ହୋଇଛି, ଯାହାର ସର୍ବଶ୍ରେଷ୍ଠ ଉଦାହରଣ ହେଉଛି ଓଡ଼ିଶାର ଲକ୍ଷ ଲକ୍ଷ ମହିଳାଙ୍କ ଆର୍ଥିକ ସ୍ୱାଧୀନତା ପାଇଁ ଆରମ୍ଭ କରାଯାଇଥିବା ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନା ଯାହା ମାଧ୍ୟମରେ ମହିଳାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇ ସେମାନଙ୍କୁ ସ୍ୱାବଲମ୍ବୀ ହେବାର ସୁଯୋଗ ସୃଷ୍ଟି କରାଯାଇଛି। କୃଷି ଓ କୃଷକଙ୍କ ବିକାଶକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଇ ଧାନର ସରକାର ସର୍ବନିମ୍ନ ସହାୟକ ମୂଲ୍ୟ (ଗଙ୍ଚ) କୁ କୁଇଟାଂଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରି କୃଷକମାନଙ୍କ ଆୟ ବଢ଼ାଇବା ଦିଗରେ ଏକ ଯୁଗାନ୍ତକାରୀ ନିଷ୍ପତି ନେଇଛନ୍ତି, ଯାହା ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ କରିବା ସହ ଚାଷୀମାନଙ୍କ ମଧ୍ୟରେ ନୂତନ ଉତ୍ସାହ ଭରିଦେଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶାର ଜନସାଧାରଣଙ୍କୁ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାର ସୁଫଳ ପ୍ରଦାନ କରିବା ସହ ରାଜ୍ୟର ଗରିବ ଶ୍ରେଣୀର ଲୋକଙ୍କୁ ମାଗଣାରେ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଭଳି ବ୍ୟବସ୍ଥାକୁ ଅଧିକ ବ୍ୟାପକ କରାଯାଇଛି ଯେଉଁଥିରେ ବରିଷ୍ଠ ନାଗରିକ ଏବଂ ଦୁର୍ଗମ ଅଞ୍ଚଳର ବାସିନ୍ଦାମାନେ ସହଜରେ ବଡ ବଡ ଚିକିତ୍ସାଳୟରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇପାରୁଛନ୍ତି। ଶିଳ୍ପାୟନ ଏବଂ ପୁଞ୍ଜିନିବେଶ କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ଶିଳ୍ପପତିମାନଙ୍କ ସହ ସଫଳ ବୈଠକ ଅନୁଷ୍ଠିତ ହୋଇଛି ଏବଂ ଆଇଟି, ଟେକ୍ସଟାଇଲ, ଗ୍ରୀନ୍ ଏନର୍ଜି ଏବଂ ମାନୁଫାକଚରିଂ କ୍ଷେତ୍ରରେ ହଜାର ହଜାର କୋଟି ଟଙ୍କାର ପୁଞ୍ଜି ଆକର୍ଷିତ କରାଯାଇ ରାଜ୍ୟର ବେକାର ଯୁବକଯୁବତୀମାନଙ୍କ ପାଇଁ ବ୍ୟାପକ ରୋଜଗାର ସୁଯୋଗ ସୃଷ୍ଟି କରାଯାଉଛି। ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଉଦ୍ଦେଶ୍ୟରେ ରାଜ୍ୟର ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ଭିତିଭୂମି ବିକାଶ ସହ ଜାତୀୟ ଶିକ୍ଷା ନୀତି (ଘରଚ) କୁ ସଫଳତାର ସହ କାର୍ଯ୍ୟକାରୀ କରାଯାଇଛି, ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ପାରମ୍ପରିକ ଶିକ୍ଷା ସହିତ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଏବଂ କୌଶଳ ବିକାଶର ତାଲିମ ପାଇବାରେ ସକ୍ଷମ ହୋଇପାରିଛନ୍ତି। ଯୋଗାଯୋଗ ଏବଂ ଭିତିଭୂମି କ୍ଷେତ୍ରରେ ସରକାରଙ୍କ ଅବଦାନ ମଧ୍ୟ ଅତ୍ୟନ୍ତ ପ୍ରଶଂସନୀୟ, କାରଣ କେନ୍ଦ୍ର ସରକାରଙ୍କ ସହଯୋଗରେ ରେଳପଥର ସମ୍ପ୍ରସାରଣ, ଜାତୀୟ ରାଜପଥଗୁଡ଼ିକର ଆଧୁନିକୀକରଣ ଏବଂ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ସମେତ ରାଜ୍ୟର ଅନ୍ୟାନ୍ୟ ଆଞ୍ଚଳିକ ବିମାନବନ୍ଦରଗୁଡ଼ିକରୁ ବିମାନ ଚଳାଚଳ ବୃଦ୍ଧି କରାଯାଇ ପର୍ଯ୍ୟଟନ ଓ ବାଣିଜ୍ୟର ପ୍ରସାର କରାଯାଇଛି। ସାମାଜିକ ସୁରକ୍ଷା କ୍ଷେତ୍ରରେ ମଧ୍ୟ ସରକାର ବୃଦ୍ଧ, ବିଧବା ଏବଂ ଭିନ୍ନକ୍ଷମମାନଙ୍କ ପାଇଁ ମଧୁବାବୁ ପେନସନ ଯୋଜନା ଅଧୀନରେ ଭତା ରାଶି ବୃଦ୍ଧି କରି ସେମାନଙ୍କ ଜୀବନଧାରଣର ମାନକୁ ଉନ୍ନତ କରିଛନ୍ତି, ଯାହା ପ୍ରମାଣିତ କରେ ଯେ ଏହି ସରକାର କେବଳ ସହରୀ ବିକାଶ ନୁହେଁ, ବରଂ ଗାଁର ଶେଷ ଧାଡିରେ ଠିଆ ହୋଇଥିବା ଗରିବ ଲୋକଟି ପାଖରେ ସରକାରୀ ସୁବିଧା ପହଞ୍ଚାଇବାକୁ ସଂକଳ୍ପବଦ୍ଧ। ପ୍ରଶାସନିକ ସ୍ତରରେ ସ୍ୱଚ୍ଛତା, ଦୁର୍ନୀତିମୁକ୍ତ ଶାସନ ଏବଂ ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଅଧିକ ସକ୍ରିୟ କରାଯାଇଛି ଏବଂ ଜିଲ୍ଲାସ୍ତରରେ ଜନଶୁଣାଣୀ ମାଧ୍ୟମରେ ଲୋକଙ୍କ ସମସ୍ୟା ସିଧାସଳଖ ସରକାରଙ୍କ ନଜରକୁ ଅଣାଯାଇ ତାର ତତ୍କାଳ ନିରାକରଣ କରାଯାଉଛି। ଓଡ଼ିଶାର ଜନଜାତି ଓ ଆଦିବାସୀ ବହୁଳ ଅଞ୍ଚଳଗୁଡ଼ିକର ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଏବଂ ଜଙ୍ଗଲ ଅଧିକାର ଆଇନର ସୁଫଳ ରୂପାୟନ ମାଧ୍ୟମରେ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରାଯାଇଛି, ଯାହା ଓଡ଼ିଶାର ସାମଗ୍ରିକ ଏବଂ ସମନ୍ୱିତ ବିକାଶର ଚିତ୍ର ପ୍ରଦାନ କରେ। ଶକ୍ତି କ୍ଷେତ୍ରରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରିବା ସହ ଗ୍ରାମୀଣ ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଏବଂ ସୌର ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରି ପରିବେଶ ଅନୁକୂଳ ବିକାଶ ପ୍ରକ୍ରିୟାକୁ ଆଗକୁ ବଢ଼ାଯାଇଛି ଯେଉଁଥିରେ ଗ୍ରୀନ୍ ଏନର୍ଜି କରିଡର ପ୍ରତିଷ୍ଠା ଏକ ପ୍ରମୁଖ ପଦକ୍ଷେପ। ପାନୀୟ ଜଳ ଯୋଗାଣ କ୍ଷେତ୍ରରେ 'ସଜଳ' ଏବଂ 'ଘର ଘର ଜଳ' ମିଶନକୁ ଅଧିକ ତୀବ୍ର କରାଯାଇ ରାଜ୍ୟର ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାର ଲକ୍ଷ୍ୟ ପୂରଣ ଆଡକୁ ସରକାର ଅଗ୍ରସର ହେଉଛନ୍ତି ଯାହାଦ୍ୱାରା ଜଳବାହିତ ରୋଗରୁ ଗ୍ରାମାଂଚଳର ଲୋକମାନେ ରକ୍ଷା ପାଇପାରୁଛନ୍ତି। ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ନୀଳ ବିପ୍ଳବ କିମ୍ବା ମତ୍ସ୍ୟ ଚାଷକୁ ପ୍ରୋତ୍ସାହନ ଦେବା ସହ ମତ୍ସ୍ୟଜୀବୀମାନଙ୍କୁ ଆଧୁନିକ ଡଙ୍ଗା ଓ ଜାଲ କିଣିବା ପାଇଁ ସବସିଡି ପ୍ରଦାନ କରାଯାଇ ସେମାନଙ୍କ ଜୀବିକାକୁ ସୁରକ୍ଷିତ କରାଯାଇଛି। ବିପର୍ଯ୍ୟାୟ ପରିଚାଳନା କ୍ଷେତ୍ରରେ ମଧ୍ୟ ଓଡ଼ିଶା ସରକାର ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି ଯେଉଁଥିରେ ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପତି ସମୟରେ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଏବଂ ଶୂନ୍ୟ ଜୀବନହାନି (ତରଙ୍କ୍ତ ଉବସ୍ଥଙ୍କବକ୍ଷଗ୍ୱଛ) ନୀତିକୁ କଡାକଡି ଭାବେ ପାଳନ କରାଯାଇ ଜନଧନର ସୁରକ୍ଷା କରାଯାଇଛି। ରାଜ୍ୟର କ୍ରୀଡା ଭିତିଭୂମିକୁ ଆହୁରି ମଜବୁତ କରିବା ସହ ଗ୍ରାମୀଣ ସ୍ତରରୁ ପ୍ରତିଭାବାନ ଖେଳାଳିମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଆର୍ନ୍ତଜାତୀୟ ସ୍ତରର ତାଲିମ ପ୍ରଦାନ କରିବା ପାଇଁ ବିଭିନ୍ନ ଜିଲ୍ଲାରେ କ୍ରୀଡା ଏକାଡେମୀ ପ୍ରତିଷ୍ଠା କରାଯାଇଛି, ଯାହା ଓଡ଼ିଶାକୁ କ୍ରୀଡା ରାଜଧାନୀ ଭାବେ ନିଜର ସ୍ଥିତିକୁ ଅଧିକ ସୁଦୃଢ କରିବାରେ ସାହାଯ୍ୟ କରୁଛି। ସହରୀ ବିକାଶ କ୍ଷେତ୍ରରେ ସ୍ମାର୍ଟ ସିଟି ମିଶନ ଏବଂ ଅମୃତ ଯୋଜନା ମାଧ୍ୟମରେ ଭୁବନେଶ୍ୱର, କଟକ, ରାଉରକେଲା ଏବଂ ସମ୍ବଲପୁର ଭଳି ପ୍ରମୁଖ ସହରଗୁଡ଼ିକର ସୌନ୍ଦର୍ଯ୍ୟକରଣ, ଆଧୁନିକ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଟ୍ରାଫିକ ବ୍ୟବସ୍ଥାର ଉନ୍ନତିକରଣ କରାଯାଇଛି, ଯାହା ନାଗରିକମାନଙ୍କ ଜୀବନଧାରଣକୁ ଅଧିକ ସହଜ ଏବଂ ସ୍ୱଚ୍ଛ କରିଛି। ଆଇନ ଶୃଙ୍ଖଳା କ୍ଷେତ୍ରରେ ପୋଲିସ ପ୍ରଶାସନକୁ ଅଧିକ ଲୋକାଭିମୁଖୀ ଓ ସଶକ୍ତ କରାଯାଇ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସେଲ୍ଫ ଏବଂ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରାଯାଇ ଅପରାଧୀମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ଯାହା ଦ୍ୱାରା ରାଜ୍ୟରେ ଏକ ଶାନ୍ତିପୂର୍ଣ୍ଣ ଏବଂ ସୁରକ୍ଷିତ ପରିବେଶ ସୃଷ୍ଟି ହୋଇପାରିଛି। ହସ୍ତତନ୍ତ ଏବଂ ହସ୍ତଶିଳ୍ପ ଶିଳ୍ପର ବିକାଶ ପାଇଁ ଓଡ଼ିଶାର ପାରମ୍ପରିକ ବୁଣାକାର ଓ କାରିଗରମାନଙ୍କୁ ଆର୍ଥିକ ସହାୟତା, ପ୍ରଦର୍ଶନୀ ମାଧ୍ୟମରେ ବଜାର ସଂଯୋଗ ଏବଂ ସେମାନଙ୍କ ଉତ୍ପାଦର ଅନଲାଇନ୍ ବିକ୍ରୟ ପାଇଁ ଡିଜିଟାଲ ପ୍ଲାଟଫର୍ମ ଯୋଗାଇ ଦିଆଯାଇଛି, ଯାହା ଓଡ଼ିଶାର କଳା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ସରକାରଙ୍କ ଏହି ସମସ୍ତ ସଫଳ କାର୍ଯ୍ୟକ୍ରମ ଏବଂ ନୀତି ପ୍ରମାଣିତ କରେ ଯେ ଗତ ଏକ ବର୍ଷର ଶାସନକାଳ ମଧ୍ୟରେ ଓଡ଼ିଶାରେ ବିଜେପି ସରକାର କେବଳ ପ୍ରତିଶ୍ରୁତି ଦେଇନାହାନ୍ତି ବରଂ ତାକୁ ବାସ୍ତବ ଭୂମିରେ ରୂପାନ୍ତରିତ କରି ଦେଖାଇଛନ୍ତି ଏବଂ ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଏବଂ ସବକା ପ୍ରୟାସ ମନ୍ତ୍ରକୁ ସାର୍ଥକ କରି ଓଡ଼ିଶାକୁ ଭାରତର ଏକ ନମ୍ବର ଏବଂ ବିକଶିତ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ନିଜର ଯାତ୍ରା ସଫଳତାର ସହ ଜାରି ରଖିଛନ୍ତି ଯାହା ଆଗାମୀ ଦିନରେ ଓଡ଼ିଶାବାସୀଙ୍କ ପାଇଁ ଏକ ସ୍ୱର୍ଣ୍ଣିମ ଓ ସମୃଦ୍ଧ ଭବିଷ୍ୟତର ମୂଳଦୁଆ ସ୍ଥାପନ କରିଛି।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯




**ଫୋକସ୍ ଡିଲିମିଟେସନ୍**

# ୨୦୨୯ ନିର୍ବାଚନ ପୂର୍ବରୁ ସୀମା ନିର୍ଦ୍ଧାରଣ ବିଲ୍

**ଚାଲିଛି ଆଞ୍ଚଳିକ ଦଳ ସହ ବିଚାରବିମର୍ଶ**

**ପ୍ରାଥମିକ ଟାର୍ଗେଟ୍‌ରେ ଡିଏମ୍‌କେ ଓ ତୃଣମୂଳ**

**ନିରପେକ୍ଷ ପ୍ରତିନିଧିତ୍ୱ ନୀତି ସଂରକ୍ଷିତ ଉପରେ ଗୁରୁତ୍ୱ**





ନୂଆଦିଲ୍ଲୀ,୫।୬: ୨୦୨୯ରେ ଦେଶରେ ହେବାକୁ ଥିବା ସାଧାରଣ ନିର୍ବାଚନ ପୂର୍ବରୁ ଦେଶରେ ସୀମାନିର୍ଦ୍ଧାରଣ ବା ଡିଲିମିଟେସନ୍ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପୁନଃ ଉଦ୍ୟମ ଆରମ୍ଭ କରାଯାଇଛି। ଏଥିପାଇଁ ମୋଦି ସରକାର ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ସହ ଆଲୋଚନା କରିବା ସହିତ ସେମାନଙ୍କର ସହମତି ହାସଲ କରିବାକୁ ପ୍ରୟାସ କରୁଛନ୍ତି। ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ଯେମିତି ବି ହେଉ ସଂସଦରେ ସୀମାନିର୍ଦ୍ଧାରଣ ବିଧେୟକ ଆଣିବାକୁ ସରକାରଙ୍କ ଚାହୁଁଛନ୍ତି ବୋଲି ସରକାରଙ୍କ ସୂତ୍ରକୁ ଉଦ୍ଧାର କରି ଦେଶର ପ୍ରମୁଖ ଖବର ସରବରାହ ସଂସ୍ଥା ଏନଡିଟିଭି ସୂଚନା ଦେଇଛି। ଯଦି ସରକାର ଏହି ପ୍ରୟାସରେ ସଫଳ ହୁଅନ୍ତି ତା'ହେଲେ ଗୋଟିଏ ଦଶନ୍ଧି ପରେ ପ୍ରଥମଥର ପାଇଁ ସଂସଦୀୟ ନିର୍ବାଚନମଣ୍ଡଳୀଗୁଡ଼ିକର ପ୍ରମୁଖ ପୁନର୍ନିର୍ମାଣ ପାଇଁ ଏହା ପଥ ପ୍ରସ୍ତୁତ କରିବ। ଏଥିସହିତ ଏହା ଦୀର୍ଘକାଳ ଧରି ଭାରତର ରାଜନୈତିକ ଦୃଶ୍ୟପଟକୁ ଦୀର୍ଘ ସମୟ ଧରି ବିଭାଜିତ କରି ରଖିଥିବା ବିତର୍କକୁ ପୁନର୍ଜୀବିତ କରିବ ବୋଲି କୁହାଯାଉଛି। ସରକାର ଏଥିନେଇ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ବିଭିନ୍ନ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ସହିତ ପରାମର୍ଶ କରୁଛନ୍ତି। କୌଣସି ଆଇନଗତ ପଦକ୍ଷେପ ନେବା ପୂର୍ବରୁ ସାରା ଦେଶର ରାଜନୈତିକ କ୍ଷେତ୍ରର ଅଂଶୀଦାର (ଷ୍ଟେକହୋଲ୍ଡର)ଙ୍କ ସହିତ ସରକାର ଯୋଗାଯୋଗ କରୁଛନ୍ତି। ପ୍ରାଥମିକ ସୀମାନିର୍ଦ୍ଧାରଣ ପ୍ରକ୍ରିୟାରେ ସରକାର ମୁଖ୍ୟତଃ ବିଭିନ୍ନ ରାଜ୍ୟର ଆଞ୍ଚଳିକ ଦଳଗୁଡ଼ିକୁ ଗୁରୁତ୍ୱ ଦେଉଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ସରକାର ତାମିଲନାଡୁର ଡିଏମକେ ଏବଂ ପୂର୍ବାଞ୍ଚଳ ରାଜ୍ୟ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସକୁ ଟାର୍ଗେଟ କରିଥିବାବେଳେ ଏହି ଦୁଇଦଳ ସହ କେନ୍ଦ୍ର ସରକାର ପ୍ରାରମ୍ଭିକ ପରାମର୍ଶ କରିଛନ୍ତି। ଏତଦ୍ବ୍ୟତୀତ, ଅନ୍ୟାନ୍ୟ ଆଞ୍ଚଳିକ ଦଳଗୁଡ଼ିକ ସହ ମଧ୍ୟ ଆଲୋଚନା ଚାଲିଛି। ସୀମାନିର୍ଦ୍ଧାରଣ ପ୍ରସଙ୍ଗ ଆଲୋଚନାଟି ଏବେ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣରେ ମୁହଁ ହୋଇଛି। ବର୍ତ୍ତମାନର ଲୋକସଭାରେ ଯେତିକି ନିର୍ବାଚିତ ଆସନ ସଂଖ୍ୟା ରହିଛି ତାହା ୧୯୭୧ ମସିହାର ଜନଗଣନା ପରେ ଦେଶ ଥିବା ଜନସଂଖ୍ୟାକୁ ଆଧାର କରି ସ୍ଥିର କରାଯାଇଥିଲା। ବର୍ତ୍ତମାନରେ ଲୋକସଭାରେ ୫୪୩ ଜଣ ନିର୍ବାଚିତ ସଦସ୍ୟ ରହିଛନ୍ତି। ମାତ୍ର ସାମ୍ବିଧାନିକ ପ୍ରତିବନ୍ଧକ ଶେଷହେବା ପରେ ଲୋକସଭାର ଆସନଗୁଡ଼ିକର ବଣ୍ଟନ ପ୍ରକ୍ରିୟା (ସୀମାନିର୍ଦ୍ଧାରଣ) କରାଯିବ ସେତେବେଳେ ରାଜ୍ୟଗୁଡ଼ିକ ମଧ୍ୟରେ ପ୍ରତିନିଧିତ୍ୱର ସନ୍ତୁଳନକୁ ପରିବର୍ତ୍ତନ କରିବାର ସମ୍ଭାବନା ରହିଛି।

ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ ନେଇ ରାଜ୍ୟଗୁଡ଼ିକ ଯେଉଁ ଚିନ୍ତା ପ୍ରକାଶ କରିଛନ୍ତି ସେଥିନେଇ କେନ୍ଦ୍ର ସରକାର ସଚେତନ ଅଛନ୍ତି। ମୁଖ୍ୟତଃ ଯେଉଁ ରାଜ୍ୟଗୁଡ଼ିକ ସେମାନଙ୍କର ଜନସଂଖ୍ୟାବୃଦ୍ଧିକୁ ନିୟନ୍ତ୍ରଣ କରିଛନ୍ତି କି ଏକ ବ୍ୟାପକ ରାଜନୈତିକ ଗ୍ରହଣଶୀଳତା ହାସଲ କରିବା ପାଇଁ ଉଦ୍ଦିଷ୍ଟ ସୂତ୍ର ଦିଗରେ କାର୍ଯ୍ୟ କରୁଛନ୍ତି ମୁଖ୍ୟତଃ ସେହି ରାଜ୍ୟଗୁଡ଼ିକ ସୀମାନିର୍ଦ୍ଧାରଣ ପ୍ରକ୍ରିୟାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସୂତ୍ର କହୁଛି ଯେ, ସରକାର ଏ ନେଇ ଏକ ମୂଲ୍ୟାଙ୍କନ ପ୍ରକ୍ରିୟା ଉପରେ କାର୍ଯ୍ୟ କରୁଛନ୍ତି। ସରକାରଙ୍କ ପ୍ରଥମ ପଦକ୍ଷେପ ହେଉଛି ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ ଏକ ରାଜନୈତିକ ପ୍ରସଙ୍ଗ ହେବାରୁ ନିବୃତ୍ତ କରିବା ଯଦି ସୀମା ନିର୍ଦ୍ଧାରଣ ପ୍ରସଙ୍ଗଟିକୁ ରାଜନୈତିକ ପ୍ରସଙ୍ଗ କରିଦିଆଯାଏ ତା'ହେଲେ ଏହା ଉପରେ ସହମତି ହେବା ମୁସ୍କିଲ୍ ହୋଇଯିବ। ସେଥିଲାଗି ଏହାକୁ ରାଜନୈତିକ ପ୍ରସଙ୍ଗ ନକରି ସହମତି-ଭିତ୍ତିକ ଆଭିମୁଖ୍ୟ କରିବାକୁ ପଡ଼ିବ। ସରକାରଙ୍କ ଦ୍ୱିତୀୟ ପଦକ୍ଷେପ ହେଉଛି, ପ୍ରତ୍ୟେକ ରାଜ୍ୟ ଯେପରି ନିରପେକ୍ଷ ପ୍ରତିନିଧିତ୍ୱ କରିପାରିବେ ସେହିପରି ଏକ ନୀତିକୁ ସଂରକ୍ଷିତ ରଖିବା। ସେଥିଲାଗି ସରକାର ପ୍ରାଥମିକତାଭିତ୍ତିରେ ନିରପେକ୍ଷ ପ୍ରତିନିଧିତ୍ୱ ନୀତି ସଂରକ୍ଷଣକୁ ଗୁରୁତ୍ୱ ଦେଇ ଆଲୋଚନାକୁ ଆଗକୁ ନେଉଛନ୍ତି।

ଏ ପର୍ଯ୍ୟନ୍ତ ସରକାରଙ୍କର ଆଞ୍ଚଳିକ ଦଳଗୁଡ଼ିକ ସହିତ ହୋଇଥିବା ଆଲୋଚନା ସକାରାତ୍ମକ ରହିଛି। ସରକାର ଆଇନକୁ ଆଗକୁ ନେବା ଆଗରୁ ଏକ ବ୍ୟାପକ ଢାଞ୍ଚାକୁ ଚୂଡ଼ାନ୍ତ ରୂପଦେବା ଲାଗି ସରକାର ଆଗ୍ରହୀ ଥିବା ସୂତ୍ର ସୂଚନା ଦେଇଛି। ଆଲୋଚନା ଶେଷ ହେବା ସହିତ ଏକ ବ୍ୟାପକ ସହମତି ହାସଲ କରିବା ପରେ କେନ୍ଦ୍ର ସରକାର ଏହାକୁ ବିଧେୟକର ରୂପଦେବାକୁ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ଆଶା କରାଯାଉଛି।

## ଆନ୍ନାମଲାଇଙ୍କ ଇସ୍ତଫା ଗ୍ରହଣ କଲେ ନୀତିନ ନବୀନ



ନୂଆଦିଲ୍ଲୀ, ୫।୬: ଭାରତୀୟ ଜନତା ପାର୍ଟି (ବିଜେପି) ତାମିଲନାଡୁ ୟୁନିଟର ପୂର୍ବତନ ରାଜ୍ୟ ସଭାପତି କେ. ଆନ୍ନାମଲାଇଙ୍କ ଇସ୍ତଫାପତ୍ର ଗ୍ରହଣ କରିଛି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଆନୁଷ୍ଠାନିକ ଭାବରେ ଆନ୍ନାମଲାଇଙ୍କ ଇସ୍ତଫାପତ୍ରକୁ ଅନୁମୋଦନ କରିଛନ୍ତି। ଏନେଇ ବିଜେପି ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ,ଆନ୍ନାମଲାଇ ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଏହି ଇସ୍ତଫାପତ୍ରକୁ ତୁରନ୍ତ ଗ୍ରହଣ କରିଛନ୍ତି। କେ. ଆନ୍ନାମଲାଇ ଆଉ ଭାରତୀୟ ଜନତା ପାର୍ଟିର ପ୍ରାଥମିକ ସଦସ୍ୟ ନାହାନ୍ତି ବୋଲି ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଏବଂ ମୁଖ୍ୟାଳୟ ପ୍ରଭାରୀ ଅରୁଣ ସିଂହଙ୍କ ସ୍ୱାକ୍ଷରରେ ଜାରି ହୋଇଥିବା ପ୍ରେସ୍ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

## ଏପିକ୍ ଫ୍ୟୁରି ସରିଛି, ଆତ୍ମରକ୍ଷା ଆକ୍ରମଣ ଜାରି ରହିବ



ୱାଶିଂଟନ,୫।୬: ଇରାନ ବିରୋଧରେ ଆମେରିକା ଆରମ୍ଭ କରିଥିବା ଅପରେସନ୍ 'ଏପିକ୍ ଫ୍ୟୁରି' ଶେଷ ହୋଇଛି; ତେବେ ଆମେରିକାର ଆତ୍ମରକ୍ଷଣା ଆକ୍ରମଣ ଜାରି ରହିବ ବୋଲି ଆମେରିକାର ବିଦେଶ ସଚିବ ମାର୍କୋ ରୁବିଓ କହିଛନ୍ତି। ସେ କହିଛନ୍ତି ଯେ, ଆମେ ଆଉ ଇରାନ ଭିତରେ ନିରନ୍ତର ଆକ୍ରମଣ କରୁନାହୁଁ। କାରଣ ଏପିକ ଫ୍ୟୁରି' ବର୍ତ୍ତମାନ ଶେଷ ହୋଇଛି।' ଫେବୃଆରୀ ୨୮ରେ ଇରାନ ଉପରେ ପ୍ରାରମ୍ଭିକ ଆକ୍ରମଣ ପରଠାରୁ, ଏହା ସମଗ୍ର ମଧ୍ୟପ୍ରାଚ୍ୟ ଅଞ୍ଚଳକୁ ଗ୍ରାସ କରିଛି। ଇରାନ ଏହି ଅଞ୍ଚଳରେ ଆମେରିକାର ସହଯୋଗୀମାନଙ୍କୁ ଟାର୍ଗେଟ୍ କରି ଏବଂ ହର୍ମୁଜ ପ୍ରଣାଳୀକୁ ପ୍ରଭାବଶାଳୀ ଭାବରେ ଅବରୋଧ କରି ପ୍ରତିକ୍ରିୟା ଦେଇଛି। ରୁବିଓ କହିଛନ୍ତି, ଆମେ ସବୁକିଛି ହାସଲ କରିଛୁ। ଆମେ ସେମାନଙ୍କର ଅବଶିଷ୍ଟ ବାୟୁସେନାକୁ ନଷ୍ଟ କରିଦେଇଛୁ। ସେମାନଙ୍କର ସମ୍ପୂର୍ଣ୍ଣ ପାରମ୍ପରିକ ନୌସେନାକୁ ପୋଛି ଦେଇଛୁ।

## ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅଧ୍ୟାପିକାଙ୍କୁ ହତ୍ୟା



ନୂଆଦିଲ୍ଲୀ, ୫।୬: ଦିଲ୍ଲୀରେ ହାଇ ପ୍ରୋଫାଇଲ୍ ମର୍ଡର୍। ଘରୁ ମିଳିଲା ସହାୟକ ଅଧ୍ୟାପିକାଙ୍କ ମୃତଦେହ। ପୂର୍ବ ଦିଲ୍ଲୀସ୍ଥିତ ଅଶୋକ ନଗର ଥାନା ଅଞ୍ଚଳରେ ଏହି ଅଘଟଣ ଘଟିଛି। ଏଠାରେ ଥିବା ସତ୍ୟମ ଏନକ୍ଲେଭରେ ଦିଲ୍ଲୀ ବିଶ୍ୱ ବିଦ୍ୟାଳୟର ଜଣେ ୪୨ ବର୍ଷୀୟା ଅଧ୍ୟାପିକାଙ୍କୁ କେହି ହତ୍ୟା କରିଛନ୍ତି। ମୃତ ଅଧ୍ୟାପିକା ହେଲେ ଡକ୍ଟର ଦେବସ୍ମିତା ପାଲ୍। ପ୍ରାରମ୍ଭିକ ତଦନ୍ତରୁ ଜଣା ପଡିଛି ଯେ, ତାଙ୍କ ମୁଣ୍ଡକୁ କୌଣସି ଓଜନିଆ ଜିନିଷରେ ଆକ୍ରମଣ କରାଯାଇଛି। ଯେଉଁଥିରେ ତାଙ୍କର ମୃତ୍ୟୁ ହୋଇଛି। ସେ ନିଜ ସ୍ୱାମୀଙ୍କଠାରୁ ଅଲଗା ରହୁଥିଲେ। ସ୍ୱାମୀ ବେଙ୍ଗାଲୁରୁରେ ରହୁଥିବା ବେଳେ ଦେବସ୍ମିତା ଦିଲ୍ଲୀରେ ରହୁଥିଲେ। ଏଠାରେ ସେ ଶିବାଜୀ କଲେଜରେ ପାଠ ପଢ଼ାଉଥିଲେ। ସେ ଇଂରାଜୀ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଥିଲେ। ପୋଲିସର କହିବାନୁସାରେ, ମୁଣ୍ଡରେ ଶକ୍ତ ଆଘାତର ଚିହ୍ନ ରହିଛି। ଘରେ ଟଙ୍କା ଏବଂ ସୁନା ଗହଣାରେ କେହି ହାତ ମାରି ନାହାଁନ୍ତି। ତେଣୁ ଲୁଟ୍ ପାଇଁ ଏହି ହତ୍ୟାକାଣ୍ଡ ହୋଇ ନାହିଁ। ଆଖପାଖରେ ଲାଗିଥିବା ସିସିଟିଭିର ଯାଞ୍ଚ୍ କରାଯାଉଛି। ଏବେସୁଦ୍ଧା କାହାରିକୁ ଅଟକ ରଖାଯାଇ ନାହିଁ।

## 'ଆମ ସହ ବ୍ୟବସାୟ କରି ଭାରତ ବହୁତ ରୋଜଗାର କରୁଛି'



ନ୍ୟୁୟର୍କ, ୦୫/୦୬ : ଗୁରୁବାର ହ୍ୱାଇଟ୍ ହାଉସରେ ସାମ୍ବାଦିକଙ୍କୁ ସମ୍ବୋଧିତ କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତଓ ଆମେରିକାର ବ୍ୟବସାୟିକ ଏବଂ ବ୍ୟକ୍ତିଗତ ସମ୍ପର୍କ ବାବଦରେ କହିଛନ୍ତି। ପୁରୁଣା ବ୍ୟବସାୟିକ ସମ୍ପର୍କକୁ ନେଇ ୟୁଏସ ରାଷ୍ଟ୍ରପତି କହିଛନ୍ତି ଯେ, ପୂର୍ବ ତୁଳନାରେ ଏବେ ସ୍ଥିତି ବଦଳିଯାଇଛି। ବର୍ଷବର୍ଷ ଧରି ଭାରତ ଆମେରିକାର ଫାଇଦା ନେଇଛି। ସେମାନେ ଆମେରିକା ବସ୍ତୁ ଉପରେ ଉଚ୍ଚ ଟିକସ୍ ବସାଉଥିଲେ। ନିଜେ କିଛି ଖର୍ଚ୍ଚ କରୁନଥିଲେ। କିନ୍ତୁ ଏବେ ସ୍ଥିତି ସମ୍ପୂର୍ଣ୍ଣ ଓଲଟା ରହିଛି। ଏବେ ଆମେରିକା ଭାରତ ସହ ବ୍ୟବସାୟ କରି ବହୁତ ଟଙ୍କା ଆୟ କରୁଛି। ପୂର୍ବରୁ ହେଉଥିବା ବ୍ୟବସାୟିକ କ୍ଷତି ଏବଂ ଟିକସକୁ ନେଇ ଅନେକ କଥା କହିବା ସହ ଆଗାମୀ ଦିନରେ ଦୁଇ ଦେଶ ମିଳିତ ଭାବେ କାମ କରିବେ ବୋଲି ଟ୍ରମ୍ପ୍ ଆଶା ରଖିଛନ୍ତି। ଏସବୁର ଶ୍ରେୟ ସେ ମୋଦୀଙ୍କୁ ଦେଇଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ମଜବୁତ ବ୍ୟକ୍ତିଗତ ସମ୍ପର୍କ ଥିବା ଟ୍ରମ୍ପ୍ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଆମେରିକା ଭାରତ ସହ ଏକ ବାଣିଜ୍ୟ ଚୁକ୍ତି କରିବ। କାରଣ ସେ ମୋଦୀଙ୍କୁ ଖୁବ୍ ପସନ୍ଦ କରନ୍ତି। ମୋଦୀ ତାଙ୍କର ଭଲ ବନ୍ଧୁ। ଉଭୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଛି।

## କମ୍ ଯୋଗ୍ୟତାର ପଦବୀ ପାଇଁ ଉଚ୍ଚ ଯୋଗ୍ୟତା ଗ୍ରହଣୀୟ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୫।୬: ଯେଉଁ ଚାକିରି ବା ପଦବି ନିର୍ଦ୍ଦିଷ୍ଟ ଭାବେ କମ୍ ଶିକ୍ଷାଗତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ସେଥିପାଇଁ ଜଣେ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଥିବା ବ୍ୟକ୍ତିଙ୍କୁ ଚୟନ କରାଯାଇପାରିବ ନାହିଁ। ଯଦି ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଥିବା ବ୍ୟକ୍ତି ତାଙ୍କ ଶିକ୍ଷା ବାବଦ ତଥ୍ୟ ଲୁଚାଇ ସେହି ଚାକିରି କରିଥାନ୍ତି ତେବେ ତାହାକୁ ଅବୈଧ ବିବେଚନା କରାଯିବ ବୋଲି ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଷ୍ଟିସ୍ ଅହସାନୁଦ୍ଦିନ ଅମାନୁଲ୍ଲା ଏବଂ ଜଷ୍ଟିସ୍ ଆର୍. ମହାଦେବନଙ୍କ ଖଣ୍ଡପୀଠ ମାଡ୍ରାସ ହାଇକୋର୍ଟ ୨୦୨୫ରେ ଦେଇଥିବା ଏକ ରାୟକୁ ରଦ୍ଦ କରିଛନ୍ତି। ଏଥିରେ ହାଇକୋର୍ଟ ସିଣ୍ଡିକେଟ୍ ବ୍ୟାଙ୍କ ଆଟେଣ୍ଡାଣ୍ଟ ଚାକିରି ପାଇବା ଲାଗି ଗ୍ରାଜୁଏସନ ଡିଗ୍ରୀ ଲୁଚାଇଥିବା ଜଣେ ବ୍ୟକ୍ତିଙ୍କ ପକ୍ଷରେ ଫଇସଲା ଶୁଣାଇଥିଲେ। ଏଥିସହ ସେହି କର୍ମଚାରୀଙ୍କ ପୁନଃ ନିଯୁକ୍ତି ଦେବାକୁ ହାଇକୋର୍ଟ ଆଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଥିଲେ, କିଛି ପଦ ପାଇଁ କମ୍ ଲେଖା-ପଢ଼ା କରିଥିବା ଲୋକଙ୍କ ପାଇଁ ସମ୍ପୂର୍ଣ୍ଣ ଭାବେ ସଂରକ୍ଷିତ ରଖାଯିବା ରଖାଯିବା ଆବଶ୍ୟକ। ଏହାଦ୍ୱାରା ସେମାନଙ୍କୁ ଅଧିକ ଯୋଗ୍ୟ ପ୍ରାର୍ଥୀଙ୍କ ସହ ପ୍ରତିଦ୍ୱନ୍ଦିତା କରିବାକୁ ପଡ଼ିବନି। ସୂଚନା ଅନୁସାରେ ଉକ୍ତ ବ୍ୟାଙ୍କର ଆଟେଣ୍ଡାଣ୍ଟ ପଦଟି କେବଳ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବା ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା ଯେ, ଚାକିରି ପାଇଥିବା ବ୍ୟକ୍ତିଜଣକ ଗ୍ରାଜୁଏଟ ଏବଂ ସେ ତାଙ୍କ ଶିକ୍ଷାଗତ ଯୋଗ୍ୟତା ଲୁଚାଇ ଥିଲେ। ସେହି ବ୍ୟକ୍ତିଙ୍କୁ ଚୟନ କରାଯିବା ଭୁଲ୍ ଥିଲା ଏବଂ ଏହା ଦ୍ୱାରା ଚୟନ ପ୍ରକ୍ରିୟାର ସ୍ୱଚ୍ଛତା ପ୍ରଭାବିତ ହୋଇଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ୪ ହାଇକୋର୍ଟର ମୁଖ୍ୟ ବିଚାରପତି ମହିଳା



ନୂଆଦିଲ୍ଲୀ, ୫।୬: ଭାରତୀୟ ସମ୍ବିଧାନ ଏବଂ ନ୍ୟାୟପାଳିକା ଇତିହାସରେ ଶୁକ୍ରବାର (୫ ଜୁନ୍, ୨୦୨୬) ଏକ ସ୍ମରଣୀୟ ତଥା ଗୌରବମୟ ଦିନ ଭାବେ ଲିପିବଦ୍ଧ ହୋଇଯାଇଛି। ଦେଶର ନ୍ୟାୟିକ ଇତିହାସରେ ପ୍ରଥମ ଥର ପାଇଁ ଏକାସଙ୍ଗେ ଚାରୋଟି ଭିନ୍ନ ଭିନ୍ନ ରାଜ୍ୟର ଉଚ୍ଚ ନ୍ୟାୟାଳୟ (ହାଇକୋର୍ଟ)ର ମୁଖ୍ୟ ବିଚାରପତି ପଦବୀରେ ମହିଳାମାନେ ଅଧିଷ୍ଠିତ ହୋଇଛନ୍ତି। ସିକିମ୍ ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ମୀନାକ୍ଷୀ ମଦନ ରାୟଙ୍କୁ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ନିଯୁକ୍ତି ମିଳିବା ପରେ ଏହି ଅଭୂତପୂର୍ବ ରେକର୍ଡ ସୃଷ୍ଟି ହୋଇଛି। ଏହି ୪ ଜଣ ମହିଳା ମୁଖ୍ୟ ବିଚାରପତି ହେଉଛନ୍ତି ପାଟନା ହାଇକୋର୍ଟର ଜଷ୍ଟିସ୍ ମୀନାକ୍ଷୀ ମଦନ ରାୟ (ପୂର୍ବରୁ ସିକିମ୍ ହାଇକୋର୍ଟରେ ଥିଲେ), ଗୁଜରାଟ ହାଇକୋର୍ଟର ଜଷ୍ଟିସ୍ ସୁନୀତା ଅଗ୍ରୱାଲ(ସେ ଜୁଲାଇ ୨୦୨୩ ରୁ ଏହି ପଦବୀରେ କାର୍ଯ୍ୟରତ, ପୂର୍ବରୁ ଆହ୍ଲାବାଦ ହାଇକୋର୍ଟରେ ଥିଲେ), ମେଘାଳୟ ଉଚ୍ଚ ନ୍ୟାୟାଳୟର ଜଷ୍ଟିସ୍ ରେବତୀ ମୋହିତେ ଡେରେ (୨୦୨୬ ଜାନୁଆରୀରେ ନିଯୁକ୍ତି ପାଇଛନ୍ତି, ପୂର୍ବରୁ ବମ୍ବେ ହାଇକୋର୍ଟରେ ଥିଲେ) ଏବଂ ଆନ୍ଧ୍ରପ୍ରଦେଶ ହାଇକୋର୍ଟର ଜଷ୍ଟିସ୍ ଲିସା ଗିଲ୍ (ଚଳିତବର୍ଷ ଏପ୍ରିଲ୍ ମାସରେ ଦାୟିତ୍ୱ ଗ୍ରହଣ କରିଛନ୍ତି, ପୂର୍ବରୁ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟରେ ଥିଲେ)। ଏହା ପୂର୍ବରୁ ୨୦୧୮ ମସିହାରେ ଦେଶର ୪ଟି ହାଇକୋର୍ଟର ମୁଖ୍ୟ ବିଚାରପତି ମହିଳା ଥିଲେ । କିନ୍ତୁ ସେମାନଙ୍କ ମଧ୍ୟରୁ ଜଣେ 'କାର୍ଯ୍ୟକାରୀ ମୁଖ୍ୟ ବିଚାରପତି' ଭାବରେ ଦାୟିତ୍ୱ ତୁଲାଉଥିଲେ। କିନ୍ତୁ ଏଥର ଜଷ୍ଟିସ୍ ମୀନାକ୍ଷୀ ମଦନ ରାୟଙ୍କ ନିଯୁକ୍ତି ପରେ ଏକାସଙ୍ଗେ ୪ ଜଣ ମହିଳା ଉଚ୍ଚ ନ୍ୟାୟାଳୟର ସର୍ବୋଚ୍ଚ ଆସନ ଅଳଙ୍କୃତ କରିଛନ୍ତି।

## ଭାରତ ଆସିଲେ ସିଜେପି ପ୍ରତିଷ୍ଠାତା




ନୂଆଦିଲ୍ଲୀ, ୫।୬: ଦେଶରେ ରାଜନୀତିରେ ହଲଚଲ ସୃଷ୍ଟି କରିଥିବା କକ୍ରୋଚ୍ ଜନତା ପାର୍ଟିର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଭାରତ ଅଭିମୁଖେ ବାହାରିଛନ୍ତି। 'ଜୟଭୀମ' କହି ଆମେରିକାରୁ ଆସୁଛନ୍ତି ଅଭିଜିତ୍। ସେ ଶନିବାର ଦିଲ୍ଲୀରେ ପହଞ୍ଚିବେ। ସେ ତାଙ୍କ ସମର୍ଥକଙ୍କ ସହ ବିଶାଳ ପ୍ରଦର୍ଶନ କରିବାର ଯୋଜନା କରିଛନ୍ତି। ତେବେ ତାଙ୍କୁ ପ୍ରଦର୍ଶନ ପାଇଁ ଦିଲ୍ଲୀ ପୁଲିସଠାରୁ ଏପର୍ଯ୍ୟନ୍ତ ଅନୁମତି ମିଳିନାହିଁ। ଅଭିଜିତ୍ ଦୀପକେ ସୋସିଆଲ ମିଡିଆ ପୋଷ୍ଟରେ ଭାରତ ଯିବାର ଘୋଷଣା କରିଛନ୍ତି। ସେ କହିଛନ୍ତି, ମୁଁ ଭାରତ ଆସୁଛି। ମୁଁ ମୋର ଭାଗ୍ୟ ସମ୍ବିଧାନ ହାତରେ ଛାଡି ଦେଇଛି। ଜୟ ଭୀମ। ଆଇଜିଆଇ ବିମାନବନ୍ଦରରେ ଅବତରଣ କରିବା ପରେ ସେ ପ୍ରଥମ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଷ୍ଟେସନକୁ ଯିବେ। ସେଠାରୁ ଯନ୍ତରମନ୍ତରରେ ପ୍ରତିବାଦ କରିବାକୁ ଅନୁମତି ମାଗିବେ। ଦୀପ୍‌କେ ତାଙ୍କ ସମର୍ଥକ ଏବଂ ଦଳର ସଦସ୍ୟଙ୍କୁ ପ୍ରତିବାଦରେ ସାମିଲ ହେବାକୁ ଅପିଲ୍ କରିଛନ୍ତି।

## ରବନିତ୍ ଓ କୁରିଆନ ବଳି ପଡ଼ିବା ସମ୍ଭାବନା



ନୂଆଦିଲ୍ଲୀ, ୫।୬: ନରେନ୍ଦ୍ର ମୋଦୀଙ୍କ ୩.୦ କାର୍ଯ୍ୟକାଳରେ ଏବେ ମନ୍ତ୍ରୀ ମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ଜୋର୍ ଧରିଛି। ମନ୍ତ୍ରୀ ମଣ୍ଡଳରେ ବିଭାଗ ପରିବର୍ତ୍ତନ ହେବା ସହ କିଛି ମନ୍ତ୍ରୀଙ୍କୁ ବାଦ୍ ଦିଆଯାଇପାରେ। ଜୁନ ୧୮ରେ ବିଭିନ୍ନ ରାଜ୍ୟର ରାଜ୍ୟସଭା ସିଟ୍ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ୧୧ଟି ସିଟ୍ ପାଇଁ ମତଦାନ ହେବ। ସବୁଠୁ ବଡ କଥା ହେଉଛି ଯେ, ଏହି ସବୁ ଆସନ ପାଇଁ ବିଜେପି ପକ୍ଷରୁ ଦୁଇ କେନ୍ଦ୍ରମନ୍ତ୍ରୀ ରବନିତ୍ ସିଂ ବିଟ୍ଟୁ ଏବଂ ଜର୍ଜ କୁରିଆନଙ୍କ ନାଁ ଘୋଷଣା କରାଯାଇ ନାହିଁ। ଉଭୟ ରାଜ୍ୟସଭାରୁ ନିର୍ବାଚିତ ହୋଇ କେନ୍ଦ୍ରରେ ମନ୍ତ୍ରୀ ହୋଇଛନ୍ତି। ସେମାନଙ୍କ କାର୍ଯ୍ୟକାଳ ଖୁବ୍ ଶୀଘ୍ର ସରିବାକୁ ଯାଉଛି। ଆଶା କରାଯାଉଥିଲା ଯେ ସେମାନେ ପୁନଃ ନିର୍ବାଚିତ ହେବେ।

ମୋଦୀଙ୍କ ମନ୍ତ୍ରୀମଣ୍ଡଳରେ ଏକମାତ୍ର ଖ୍ରୀଷ୍ଟିଆନ ଭାବେ ମନ୍ତ୍ରୀ ଥିଲେ କୁରିଆନ୍। ସେ ମଧ୍ୟପ୍ରଦେଶରୁ ନିର୍ବାଚିତ ହୋଇଥିଲେ। ସେହିପରି ବିଟ୍ଟୁ ରାଜସ୍ଥାନରୁ ପ୍ରାର୍ଥୀ ହୋଇଥିଲେ। ଏଥର ସେମାନଙ୍କ ନାଁ ନଥିବାରୁ ସେମାନଙ୍କ ମନ୍ତ୍ରୀ ପଦ ଯିବା ନେଇ ସମ୍ଭାବନା ଦେଖାଗଲାଣି।

ମୋଦୀ ୩.୦କୁ ଦୁଇ ବର୍ଷ ପୁରିଲାଣି। ଅନେକ ପ୍ରସଙ୍ଗ ସାମ୍ନାକୁ ଆସିଛି। ସରକାର ଗୁଡାଏ ଉନ୍ନତିମୂଳକ କାର୍ଯ୍ୟ ହାତକୁ ନେଇଛନ୍ତି। କିଛି ବିବାଦ ବି ଆସିଛି। ଅନ୍ତର୍ଜାତୀୟ ସ୍ତରରେ ଇରାନ ଆମେରିକା ଯୁଦ୍ଧ ଭାରତୀୟ ଅର୍ଥନୀତି ଉପରେ ପ୍ରଭାବ ପକାଉଛି। ଏସବୁକୁ ଦେଖି ବିଜେପି ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ତ୍ରୀମଣ୍ଡଳର ବିସ୍ତାର ତଥା ବଦଳ ନେଇ ଗେମ୍ ପ୍ଲାନ୍ ପ୍ରସ୍ତୁତ କରିବା ସମ୍ଭାବନା ଅଧିକ। ଏହାଦ୍ୱାରା ଦଳକୁ ଅଧିକ ମଜବୁତ କରାଯାଇପାରିବ।

## ଇସ୍ତଫା ଦେଲେ କୋଲକାତାର ଟିଏମ୍‌ସି ମେୟର



କୋଲକାତା,୫।୬: କୋଲକାତାର ଟିଏମସି ମେୟର ଫିରହାଦ ହାକିମ ନିଜର ପଦରୁ ଇସ୍ତଫା ଦେଇଛନ୍ତି। ଟିଏମସିରେ ଲାଗି ରହିଥିବା ରାଜନୈତିକ ଅସ୍ଥିରତା ମଧ୍ୟରେ ଏହି ଇସ୍ତଫା ଦିଦିଙ୍କ ଚିନ୍ତା ବଢ଼ାଇ ଦେଇଛି। ଇସ୍ତଫା ଦେବା ପରେ ସେ କହିଛନ୍ତି କି, ମୁଁ ଆଉ ପୂର୍ବପରି କାମ କରି ପାରିବି ନାହିଁ। ଏହି କାରଣରୁ ମୁଁ ଇସ୍ତଫା ଦେଉଛି। ଏହି ପଦବୀରେ ରହି କାମ ନକଲେ ପଦବୀ ପ୍ରତି ଅପମାନ ହେବ ବୋଲି କହିଛନ୍ତି। ଏହାସହ କହିଛନ୍ତି କି, ମୋ ପରେ ଯିଏ ବି ଆସିବେ ମୁଁ ତାଙ୍କୁ ଶୁଭକାମନା ଜଣାଇବି। କିଛିଦିନ ପୂର୍ବରୁ ମଧ୍ୟ ମୁଁ ଏହି ପଦବୀରୁ ଇସ୍ତଫା ଦେବା ପାଇଁ ମମତାଙ୍କ ସହ ଆଲୋଚନା କରିଥିଲି। ସେ ମଧ୍ୟ ହଁ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛି ସେ ଜନସାଧାରଣଙ୍କ ଆଶା ପୂରଣ କରିବେ।

ଅପରପକ୍ଷରେ ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଗୋଟିଏ ପଟେ ନିଜର ୫୮ ଜଣ ବିଦ୍ରୋହୀ ବିଧାୟକଙ୍କୁ ପୁଣି ଏକାଠି କରିବା ପାଇଁ ପ୍ରୟାସ କରୁଛନ୍ତି, ଅନ୍ୟପଟେ ଖୁବ ଶୀଘ୍ର ତାଙ୍କ ସାଂସଦମାନଙ୍କ ମଧ୍ୟରେ ବିଭାଜନ (ଦଳ ବଦଳ) ହେବା ନେଇ ଚର୍ଚ୍ଚା ସାମ୍ନାକୁ ଆସୁଛି। ମମତା ବାନାର୍ଜୀଙ୍କ ପୁରୁଣା ସହଯୋଗୀ ତଥା ତୃଣମୂଳ କଂଗ୍ରେସର ବରିଷ୍ଠ ରାଜ୍ୟ ସଭା ଏମ୍‌ପି ସୁଖେନ୍ଦୁ ଶେଖର ରାୟ ଏହି ଦାବି କରିଛନ୍ତି। ସେ ଦାବି କରିଛନ୍ତି ଯେ ଟିଏମସିର ବିଧାୟକମାନେ ଯେଭଳି ଭାବେ ଅଲଗା ହୋଇଛନ୍ତି, ସେହିଭଳି ଅତି ଶୀଘ୍ର ବଡ଼ ସଂଖ୍ୟାରେ ଏମ୍‌ପିମାନେ ମଧ୍ୟ ଦଳ ଛାଡ଼ିବାକୁ ଯାଉଛନ୍ତି।

୭୭ ବର୍ଷୀୟ ସୁଖେନ୍ଦୁ ଶେଖର ରାୟ ଗୁରୁବାର ନୂଆଦିଲ୍ଲୀରେ ଏକ ଇଂରାଜୀ ଖବରକାଗଜ ସହ ଆଲୋଚନା ବେଳେ କହିଛନ୍ତି- 'ମୋତେ ଦୁଇ-ତିନୋଟି ସବୁଠାରୁ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ ସଂସଦୀୟ ଦଳର ମଧ୍ୟ ଅନୁରୂପ ପତନ ଖୁବଶୀଘ୍ର ହୋଇପାରେ। କେହି ଭାବିବା ପୂର୍ବରୁ ହିଁ ଏହା ଅତି ଶୀଘ୍ର ଘଟିବ।' ସେ ଆହୁରି ମଧ୍ୟ କହିଛନ୍ତି- 'ହଁ, ଆଲୋଚନା ଚାଲିଛି। ଏହା ପ୍ରକୃତରେ ଘଟୁଛି, ସମ୍ପୂର୍ଣ୍ଣ ସତ। ସମ୍ପୃକ୍ତ ସ୍ଥାନଗୁଡ଼ିକରୁ ଅନେକ (ତୃଣମୂଳ) ଏମ୍‌ପିଙ୍କୁ ଇଶାରା ବା ସଂକେତ ପଠାଯାଉଛି।

## ଇଣ୍ଡିମେଣ୍ଟ ବୈଠକରେ ଯୋଗ ଦେବନି ଡିଏମକେ

ଚେନ୍ନାଇ, ୫।୬: ତାମିଲନାଡୁର ମୁଖ୍ୟ ବିରୋଧୀ ଦଳ ଦ୍ରାବିଡ଼ ମୁନେତ୍ର କଜଗମ (ଡିଏମକେ) ଜୁନ୍୮ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା 'ଇଣ୍ଡିଆ ଫ୍ରଣ୍ଟ' ବୈଠକରେ ଭାଗ ନେବ ନାହିଁ। ଡିଏମକେ କହିଛି ଯେ ବୈଠକ ନିମନ୍ତେ ଆମନ୍ତ୍ରଣ ମିଳିଛି, ହେଲେ ଗତ ବିଧାନସଭା ନିର୍ବାଚନ ପରେ ଡିଏମକେ ପ୍ରତି କଂଗ୍ରେସ କରିଥିବା ବିଶ୍ୱାସଘାତରେ ଆହତ ପାର୍ଟି ସାଥୀଙ୍କ ଭାବନାକୁ ସମ୍ମାନ ଜଣାଇ ବୈଠକରେ ଯୋଗ ଦେବ ନାହିଁ।

ଡିଏମକେ ନିଜ ଆଭିମୁଖ୍ୟକୁ ସ୍ପଷ୍ଟ କରିବାକୁ ଯାଇ କହିଛି ଯେ ତାହା ପ୍ରଥମ ରାଜନୈତିକ ଆନ୍ଦୋଳନ ଥିଲା ଯେଉଁଥିରେ ଗଣତନ୍ତ୍ର, ଧର୍ମନିରପେକ୍ଷତା ଓ ରାଜ୍ୟଙ୍କ ଅଧିକାର ବିରୋଧରେ ସବୁ ଜିନିଷକୁ ବିରୋଧ କରାଯାଉଥିଲା। ଏଥିରେ ନିଟ୍ ପରୀକ୍ଷା, ନିର୍ବାଚନ ମଣ୍ଡଳି ପୁନର୍ଗଠନ (ପରିସୀମନ), ନିର୍ବାଚନ ସମୟରେ ତରବରିଆ ଭାବେ କାର୍ଯ୍ୟକାରୀ କରାଯାଇଥିବା ଏସଆଇଆର, ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାନୁଷ୍ଠାନ, ଗୋଟିଏ ଦେଶ ଗୋଟିଏ ନିର୍ବାଚନ, ୱକଫ ଅଧିନିୟମ, ଏଫସିଆର ସଂଶୋଧନ ଆଦି ସାମିଲ ଥିଲା।

ଯେତେବେଳେ ଇଣ୍ଡିମେଣ୍ଟ ଗଠନ ହେଲା ଡିଏମକେ ଏହି ମେଣ୍ଟର କେନ୍ଦ୍ରିୟ ଶକ୍ତି ଥିଲା। ଡିଏମକେ ନେତା ଏମ.କେ. ଷ୍ଟାଲିନ ଦେଶବାସୀଙ୍କ ସାମ୍ନାରେ ଆଗାମୀ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟ ସ୍ୱର ହୋଇଥିଲେ। ଏ କଥା ଇଣ୍ଡିମେଣ୍ଟରେ ସାମିଲ ସବୁ ଦଳ ଓ ସେମାନଙ୍କ ନେତାଙ୍କୁ ଭଲଭାବେ ଜଣାଥିଲା। ଏହା ପରେ ମଧ୍ୟ କଂଗ୍ରେସ ଦ୍ୱାରା ଡିଏମକେ ପ୍ରତି କରାଯାଇଥିବା ବିଶ୍ୱାସଘାତ କାରଣରୁ ଏହି ବୈଠକରେ ଭାଗ ନିଆଯାଇ ପାରିବନି। ତେବେ ଡିଏମକେ କହିଛି ଯେ ଏହି ବୈଠକରେ ଭାଗ ନେଉଥିବା ଅନ୍ୟ ପାର୍ଟିଙ୍କ ଦ୍ୱାରା ଉଠାଯିବାକୁ ଥିବା ଜାତୀୟ ପ୍ରସଙ୍ଗରେ ନିଜର ରାୟ ରଖିବ।

## ଯୁଦ୍ଧ ବନ୍ଦ ପାଇଁ ପ୍ରସ୍ତାବ ଦେଲେ ଜେଲେନସ୍କି



ମସ୍କୋ, ୫।୬: ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଯୁଦ୍ଧ ବନ୍ଦ କରିବାକୁ ରୁଷ୍‌କୁ ପ୍ରସ୍ତାବ ଦେଇଛନ୍ତି। ସେ ଋଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କ ସହ ସିଧାସଳଖ ବୈଠକ କରିବାକୁ ରାଜି ଥିବା ପ୍ରକାଶ କରିଛନ୍ତି। ଗୁରୁବାର ୟୁକ୍ରେନ ରାଷ୍ଟ୍ରପତି ଭବନ ପକ୍ଷରୁ ଏକ ପତ୍ର ୱେବସାଇଟରେ ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ ଅଛି ଯେ, ଜେଲେନସ୍କି ଋଷୀୟ ନେତାଙ୍କ ସହ ସାମ୍ନାସାମ୍ନି ବୈଠକ ପାଇଁ ଆଗଭର ଅଛନ୍ତି। ଏହା ଶାନ୍ତି ପାଇଁ ବାଟ ଫିଟାଇବ ବୋଲି ଆଶା କରାଯାଉଛି। ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ଚାହୁଁଛି। କିଭ୍ ଯୁଦ୍ଧ ବିରତି ପାଇଁ ପ୍ରସ୍ତୁତ ଅଛି। ଜେଲେନସ୍କି କହିଛନ୍ତି ଯେ, ଉଭୟ ଦେଶ ଗିରଫ କରିଥିବା ପରସ୍ପରର ସୈନ୍ୟଙ୍କୁ ଛାଡିବା ଦରକାର। ଏହା ଶାନ୍ତି ଆଲୋଚନାର ପ୍ରଥମ ସୋପାନ ହେବ। ଏହା ଯୁଦ୍ଧକୁ ରୋକିବାରେ ବଡ ପଦକ୍ଷେପ ହେବ। ତେବେ ୟୁକ୍ରେନ ରାଷ୍ଟ୍ରପତିଙ୍କ ଏହି ପ୍ରସ୍ତାବ ସେହି ସମୟରେ ସାମ୍ନାକୁ ଆସିଛି ଯେତେବେଳେ ଯୁଦ୍ଧ ରୋକିବାକୁ ଅନେକ ସ୍ତରରେ ଆଲୋଚନା ଚାଲିଛି। ଆମେରିକା ଉଭୟ ଦେଶର ଯୁଦ୍ଧ ରୋକିବାକୁ ଖୁବ୍ ମଧ୍ୟସ୍ଥତା କରୁଛି। କ୍ରେମଲିନର ମୁଖପାତ୍ର ଡିମିତ୍ରି ପେସକୋଭ୍ କହିଛନ୍ତି ଯେ, ଜେଲେନସ୍କି କେତେବେଳେ ବି ମସ୍କୋ ଆସିପାରିବେ।

## ପରିବା ଚୋପାରେ ୧୦୦% ପ୍ରାକୃତିକ କମ୍ପୋଷ୍ଟ

ନୂଆଦିଲ୍ଲୀ, ୫।୬: ପ୍ରାୟ ସମସ୍ତଙ୍କ ଘରେ ପ୍ରତିଦିନ ପନିପରିବା ଓ ଫଳମୂଳ ଖିଆଯାଇଥାଏ। ଆଉ ସେଥିରୁ ବାହାରୁଥିବା ଚୋପା ଏବଂ ଖରାପ ଅଂଶଗୁଡ଼ିକୁ କିନ୍ତୁ ସମସ୍ତେ ଅଳିଆ ଗଦାରେ ଫିଙ୍ଗିଦିଅନ୍ତି। ହେଲେ ଆପଣ ଜାଣଛନ୍ତି କି ସେଗୁଡିକ ପରିବେଶ ସୃଷ୍ଟିରେ କେତେ ସହାୟକ ହୋଇଥାଏ ? ଆମେ ଭାବୁଥିବା ସାଧାରଣ ପରିବା ଓ ଫଳ ଚୋପାରେ ରହିଛି ୧୦୦ ପ୍ରତିଶତ ପ୍ରାକୃତିକ କମ୍ପୋଷ୍ଟ ଯାହା ପରିବେଶକୁ ରକ୍ଷା କରିବାରେ ବଡ଼ ଅଂଶ ପାଲଟିଥାଏ। ଏହା ଏକ ସୁସ୍ଥ ଓ ସ୍ୱଚ୍ଛ ପରିବେଶ ଗଠନରେ ବିଶେଷ ସହାୟକ ହୋଇଥାଏ।



ଏଥିରୁ ଯାହା ବର୍ଜ୍ୟବସ୍ତୁ ବାହାରେ ତାହା ଧୀରେ ଧୀରେ କମ୍ପୋଷ୍ଟରେ ପରିଣତ ହୋଇ ଉତ୍ତମ ସାରରେ ପରିଣତ ହୋଇଥାଏ। ଖାଲି ପରିବା ଚୋପା ନୁହେଁ ଆମେ ବ୍ୟବହାର କରି ଫିଙ୍ଗିଦେଉଥିବା ଚାହା ପତି ମଧ୍ୟ ପ୍ରକୃତି ପାଇଁ ବରଦାନ ସଦୃଶ। ଯାହାକୁ ଅଳିଆ ଭାବି ଲୋକେ ଫିଙ୍ଗି ଦିଅନ୍ତି ତାହା ପ୍ରକୃତରେ ଗଛ ପାଇଁ ଏକ ସମ୍ପତ୍ତି। ଅପ୍ରାକୃତିକ ଭାବେ ତିଆରି ହେଉଥିବା ସାର ଠାରୁ ଲକ୍ଷେ ଗୁଣା ଭଲ ଚୋପାରୁ ପ୍ରସ୍ତୁତ ସାର।

ଆମେ ପ୍ରତିବର୍ଷ ଜୁନ୍ ୫ ତାରିଖକୁ 'ବିଶ୍ୱ ପରିବେଶ ଦିବସ' ପାଳନ କରିଥାଉ ଆଉ ତାପରେ ପରିବେଶକୁ ପ୍ରତିଦିନ ନଷ୍ଟ ମଧ୍ୟ କରିଥାଉ। କେମିକାଲରେ ପ୍ରସ୍ତୁତ ସାରର ଅତ୍ୟଧିକ ପରିମାଣର ବ୍ୟବହାର ଫଳରେ ଗଛ ଠିକରେ ବଢ଼ି ନଥାଏ ଓ ଉପଯୁକ୍ତ ପୋଷଣ ନ ମିଳିବାରୁ ଗଛ ମରିଯାଏ। ଏହାଦ୍ୱାରା ପରିବେଶ ଉପରେ ବଡ ପ୍ରଭାବ ପଡିଥାଏ। ଗଛ ଲୋପ ପାଇବାରୁ ପରିବେଶ ଦିନକୁ ଦିନ ବିଗୁଡୁଛି। ଫଳରେ ଧୀରେ ଧୀରେ ନଷ୍ଟ ହେବାକୁ ବସିଲାଣି ସବୁଜ ସୁନ୍ଦର ଜଙ୍ଗଲ।

କିନ୍ତୁ ଆପଣ ଚାହିଁଲେ ଘରେ ବସି ଏହି ଅଳିଆକୁ ମୂଲ୍ୟବାନ 'କଳା ସୁନା'ରେ ପରିଣତ କରିପାରିବେ। କଳା ସୁନା ଅର୍ଥାତ ପ୍ରାକୃତିକ କମ୍ପୋଷ୍ଟ। ଯାହାକି ରୋଷେଇ ଘରର ଅଳିଆ ଆବର୍ଜନାର ପ୍ରାକୃତିକ ପଚନରୁ ସୃଷ୍ଟି ହୁଏ। ନାଇଟ୍ରୋଜେନ୍, ଫସଫରସ୍ ଏବଂ ପୋଟାସିୟମ୍ ଭଳି ପୁଷ୍ଟିକର ତତ୍ତ୍ୱରେ ଭରପୂର, ଏହି କମ୍ପୋଷ୍ଟ ଗଛର ବୃଦ୍ଧି ପାଇଁ ଆଶ୍ଚର୍ଯ୍ୟଜନକ ଭାବେ କାର୍ଯ୍ୟ କରେ। ଏହାକୁ ବ୍ୟବହାର କରିବା ଦ୍ୱାରା ବଜାରରୁ ଆଉ ମହଙ୍ଗା ରାସାୟନିକ ସାର କିଣିବାର ଆବଶ୍ୟକତା ମଧ୍ୟ ପଡ଼ିବନି। ଘରେ

**ମିଳିବ ପ୍ରଚୁର ନାଇଟ୍ରୋଜେନ୍, ଫସଫରସ୍ ଓ ପୋଟାସିୟମ୍**

କମ୍ପୋଷ୍ଟ ତିଆରି କରିବାକୁ ଚାହୁଁଥିଲେ ଏକ ପୁରୁଣା ମାଟି ପାତ୍ର କିମ୍ବା ପ୍ଲାଷ୍ଟିକ୍ ବାଲ୍ଟିରେ ଛୋଟ ଛିଦ୍ର କରି ପାତ୍ରରେ ଶୁଖିଲା ପତ୍ର, କାଗଜ ଖଣ୍ଡ , ଶୁଖିଲା ମାଟିର ଏକ ସ୍ତର ତିଆରି କରନ୍ତୁ । ତାପରେ ସେଥିରେ ପନିପରିବା ଏବଂ ଫଳ ଚୋପା, ବଳକା ଚା ପତି ଏବଂ ଅଣ୍ଡା ଖୋଳ ମିଶାନ୍ତୁ। ଅଳିଆ ମିଶାଇବା ପରେ, ଉପରେ ଶୁଖିଲା ମାଟି ମିଶାନ୍ତୁ। ଏହି ସ୍ତର କମ୍ପୋଷ୍ଟକୁ ଦୁର୍ଗନ୍ଧ ହେବାରୁ ରୋକିଥାଏ ଏବଂ କୀଟପତଙ୍ଗ ବୃଦ୍ଧିକୁ ମଧ୍ୟ ରୋକିଥାଏ।ଏହାପରେ ଏକ ଛାଇ ସ୍ଥାନରେ ପାତ୍ରଟିକୁ ରଖନ୍ତୁ। ଆର୍ଦ୍ରତା ବଜାୟ ରଖିବା ପାଇଁ ଏଥିରେ ହାଲୁକା ପାଣି ଛିଞ୍ଚନ୍ତୁ।

## ନିଟ୍ (ୟୁଜି) ୨୦୨୬ ପୁନଃପରୀକ୍ଷା ପରିଚାଳନା ନେଇ ପ୍ରସ୍ତୁତି

# ପ୍ରଶ୍ନପତ୍ରର ସୁରକ୍ଷିତ ପରିବହନକୁ ଗୁରୁତ୍ୱ



- ଗୁଜବ ଓ ସୋସିଆଲ ମିଡିଆ ଉପରେ ନଜର ରଖିବାକୁ ନିର୍ଦ୍ଦେଶ
- ପରୀକ୍ଷା ପରିଚାଳନାର ନୋଡାଲ ଅଫିସର ରହିବେ ଶିକ୍ଷା ସଚିବ

ଭୁବନେଶ୍ୱର,୫।୬(ସଂଚାର ବ୍ୟୁରୋ): ଆସନ୍ତା ଜୁନ୍ ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନିଟ୍ (ୟୁଜି) ୨୦୨୬ ପୁନଃ ପରୀକ୍ଷାକୁ ସ୍ୱଚ୍ଛ, ସୁରକ୍ଷିତ ବ୍ୟବସ୍ଥା ଏବଂ ସୁପରିଚାଳନା ନିମନ୍ତେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଜି ସବୁ ଜିଲ୍ଲାପାଳଙ୍କ ସହ ସମୀକ୍ଷା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ନିଟ୍ ଏକ ଜାତୀୟସ୍ତରର ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ହୋଇଥିବାରୁ ଏହାର ସଫଳ ଆୟୋଜନ ପାଇଁ ବୈଠକରେ ମୁଖ୍ୟ ଶାସନ ସଚିବ ସମସ୍ତ ଜିଲ୍ଲା ପ୍ରଶାସନକୁ ସର୍ବୋଚ୍ଚ ପ୍ରାଥମିକତା ଭିତ୍ତିରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷା ବ୍ୟବସ୍ଥା, ପରୀକ୍ଷା ସାମଗ୍ରୀର ନିରାପଦ ପରିବହନ, ପରୀକ୍ଷା କେନ୍ଦ୍ରଗୁଡ଼ିକର ପ୍ରସ୍ତୁତି ଏବଂ ଆବଶ୍ୟକ ସମନ୍ୱୟ ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ନିଟ୍ ପରୀକ୍ଷା ଜୁନ୍ ୨୧ ତାରିଖ ଅପରାହ୍ଣ ୨ଟାରୁ ୫.୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶାର ୨୭ଟି ସହରର ୧୩୨ଟି ପରୀକ୍ଷା କେନ୍ଦ୍ରରେ ମୋଟ ୫୬,୯୮୩ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷାରେ ଅଂଶଗ୍ରହଣ କରିବେ। ପ୍ରତ୍ୟେକ କେନ୍ଦ୍ରରେ ମାଜିଷ୍ଟ୍ରେଟ୍, ଆବଶ୍ୟକ ଯଥେଷ୍ଟ ସଂଖ୍ୟକ ପୋଲିସ କର୍ମଚାରୀ ଓ ସହାୟକ କର୍ମଚାରୀ ନିୟୋଜନ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ପରୀକ୍ଷା ସମ୍ବନ୍ଧୀୟ କୌଣସି ଗୁଜବ, ଭ୍ରାନ୍ତ ସୂଚନା କିମ୍ବା ଅସତ୍ ଉପାୟ ରୋକିବା ପାଇଁ ସୋସିଆଲ ମିଡିଆ ଉପରେ କଡ଼ା ନଜର ରଖିବା ସହ ସନ୍ଦେହଜନକ କାର୍ଯ୍ୟକଳାପ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ବିଶ୍ୱ ପରିବେଶ ଦିବସରେ ସିଏମ୍‌ସିର ପଦଯାତ୍ରା

କଟକ, ୫।୬ (ସଂଚାର ବ୍ୟୁରୋ): ବିଶ୍ୱ ପରିବେଶ ଦିବସ ଅବସରରେ ଶୁକ୍ରବାର କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ପରିବେଶ ସୁରକ୍ଷା ଓ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପଦଯାତ୍ରା ଓ ସାଧାରଣ ସଭା ଆୟୋଜିତ ହୋଇଯାଇଛି। ଶୁକ୍ରବାର ସକାଳେ କଟକ ମହାନଗର ନିଗମର ୪ ନମ୍ବର ୱାର୍ଡ ସ୍ଥିତ ନିବେଦିତା ପ୍ରଧାନ ପାର୍କଠାରେ ଏହି ପରିବେଶ ସଚେତନତା ପଦଯାତ୍ରାର ଶୁଭାରମ୍ଭ ହୋଇଥିଲା। ଏହି ପଦଯାତ୍ରାରେ ସିଏମସି ମେୟର, କମିଶନର ବରିଷ୍ଠ ଅଧିକାରୀ, କର୍ମଚାରୀ, ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ପରିବେଶ ପ୍ରେମୀ ଏବଂ ବହୁ ସଂଖ୍ୟାରେ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ।

## ନନ୍ଦିଗ୍ରାମର ପ୍ରଭାବଶାଳୀ ତୃଣମୂଳ ନେତା ଗିରଫ

କୋଲକାତା,୫।୬(ସଂଚାର ବ୍ୟୁରୋ): ନନ୍ଦିଗ୍ରାମର ଜଣେ ପ୍ରଭାବଶାଳୀ ତୃଣମୂଳ ନେତା ଶେଖ ସ୍ୟାମସୁଲ ଇସଲାମଙ୍କୁ ଗିରଫ କରାଯାଇଛି। ସେ ଜିଲ୍ଲା ପରିଷଦର ଜନସ୍ୱାସ୍ଥ୍ୟ ଏବଂ ପରିବେଶ ସମ୍ପର୍କିତ ସ୍ଥାୟୀ କମିଟିର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରନ୍ତି। ନିର୍ବାଚନ ଫଳାଫଳ ଘୋଷଣା ହେବା ପରଠାରୁ ସେ ନନ୍ଦିଗ୍ରାମ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରଥମ ତୃଣମୂଳ ନେତା ଯାହାଙ୍କୁ ପୁଲିସ ଗିରଫ କରିଛି। ତେବେ, ପୂର୍ବ ମେଦିନୀପୁର ଜିଲ୍ଲାରେ ବିଭିନ୍ନ ମାମଲାରେ ଅଭିଯୁକ୍ତ ପୂର୍ବତନ ଶାସକ ଦଳର ନେତା ଏବଂ କର୍ମୀମାନଙ୍କୁ ଗିରଫ କରିବା ଜାରି ରହିଛି। ଗତ ତିନି ସପ୍ତାହ ମଧ୍ୟରେ ମୋଟ ୧୫ ଜଣ ତୃଣମୂଳ ନେତାଙ୍କୁ ଗିରଫ କରାଯାଇଛି। ବିଜେପି ନେତା ଆବାସ ବେଗଙ୍କ ବାସଭବନରେ ବୋମା ବିସ୍ଫୋରଣ ଘଟଣାରେ ୧୭ ଏପ୍ରିଲରେ ସ୍ୟାମସୁଲଙ୍କ ବିରୋଧରେ ଏକ ଏଫ୍‌ଆଇଆର୍ ରୁଜୁ ହୋଇଥିଲା। ସେହି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନନ୍ଦିଗ୍ରାମ ପୁଲିସ ଗୁରୁବାର ରାତି ପ୍ରାୟ ୨ଟା ସମୟରେ ତାଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ଶୁକ୍ରବାର, ଜିଲ୍ଲା ହସ୍ପିଟାଲରେ ଡାକ୍ତରୀ ପରୀକ୍ଷା ପରେ, ଏହି ପ୍ରଭାବଶାଳୀ ତୃଣମୂଳ ନେତାଙ୍କୁ କୋର୍ଟକୁ ନିଆଯିବା ସମୟରେ ତାଙ୍କ ଉପରକୁ ଅଣ୍ଡା ମାଡ଼ କରାଯାଇଥିଲା। ୨୦୨୪ ମସିହାରେ, ତମଲୁକ୍ ସମବାୟ କୃଷି ବ୍ୟାଙ୍କର ପରିଚାଳନା କମିଟି ପାଇଁ ନିର୍ବାଚନ ଦିନ ନନ୍ଦିଗ୍ରାମର ସମସାବାଦର କାଞ୍ଚନନଗର ଦିଦାରୁଦ୍ଦିନ ବିଦ୍ୟାଭବନରେ ଏକ ବୋମା ବିସ୍ଫୋରଣ ଘଟିଥିଲା। ଏହି ଆକ୍ରମଣରେ ମାମୋନି ଜାନା ନାମକ ଜଣେ ବିଜେପି କର୍ମୀ ଆହତ ହୋଇଥିଲେ। ମାର୍ଚ୍ଚ ୧୨ ତାରିଖରେ ଏନ୍‌ଆଇଏ ସେହି ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲା ଏବଂ ସ୍ୟାମସୁଲ ମଧ୍ୟ ସେହି ମାମଲାରେ ଜଣେ ଅଭିଯୁକ୍ତ। ନନ୍ଦିଗ୍ରାମ ପୁଲିସ ଜଣାଇଛି ଯେ ସ୍ୟାମସୁଲଙ୍କୁ ପଚରାଉଚରା ପାଇଁ ହେପାଜତକୁ ନିଆଯିବ।

### ଆନ୍ଦୋଳନର ଧମକ ଦେଲେ ରୀତବ୍ରତ, ପୁଲିସର ଦ୍ୱାରସ୍ଥ ସନ୍ଦୀପନ, ଟାର୍ଗେଟରେ କିଏ?



କୋଲକାତା,୫।୬(ସଂଚାର ବ୍ୟୁରୋ): ବିଧାନସଭାର ବିରୋଧୀ ଦଳ ନେତା ରୀତବ୍ରତ ବନ୍ଦୋପାଧ୍ୟାୟ ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି। ଗୁରୁବାର, ବିଜେପି କର୍ମୀ ଏବଂ ସମର୍ଥକମାନେ ପ୍ରିୟଙ୍କା ତିବ୍ରେୱାଲଙ୍କ ନେତୃତ୍ୱରେ ଏଣ୍ଟାଲି ବିଧାୟକ ସନ୍ଦିପନ ସାହାଙ୍କ ବାସଭବନ ବାହାରେ ଏକ ପ୍ରଦର୍ଶନ କରିଥିଲେ। ଏହି ଘଟଣାକୁ ନେଇ ବିରୋଧୀ ଦଳ ନେତା ତୀବ୍ର କ୍ଷୋଭ ପ୍ରକାଶ କରିଛନ୍ତି। ରୀତବ୍ରତ ବିଜେପି ରାଜ୍ୟ ସଭାପତି ଶମିକ ଭଟ୍ଟାଚାର୍ଯ୍ୟଙ୍କୁ ପଚାରିଛନ୍ତି ଯେ ଗୁରୁବାର ଏଣ୍ଟାଲିରେ ଘଟିଥିବା ଘଟଣାକୁ ତାଙ୍କ ଦଳ ସମର୍ଥନ କରେ କି ନାହିଁ। ଅନ୍ୟପକ୍ଷରେ, ସନ୍ଦିପନ ସାହା ଏହି ଘଟଣା ସମ୍ପର୍କରେ ନ୍ୟୁ ମାର୍କେଟ ଥାନାରେ ଏକ ଆନୁଷ୍ଠାନିକ ଅଭିଯୋଗ ଦାଖଲ କରିଛନ୍ତି। ରାଜ୍ୟର ବିରୋଧୀ ଦଳ ନେତା ଏଣ୍ଟାଲି ବିଧାୟକଙ୍କ ବାସଭବନ ବାହାରେ ହାତରେ ବିଜେପି ପତାକା ଧରି ପ୍ରତିବାଦ ପ୍ରଦର୍ଶନ କରାଯିବା ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୁକ୍ରବାର ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ସେ କହିଛନ୍ତି, ଜଣେ ବିଜେପି ନେତା ଜଣେ ନିର୍ବାଚିତ ବିଧାୟକଙ୍କ ଘର ସାମ୍ନାରେ ପ୍ରତିବାଦ କରିବା ପାଇଁ ବାହାର ଲୋକଙ୍କୁ ଆଣୁଛନ୍ତି। ଏହା ସମ୍ପୂର୍ଣ୍ଣ ଗ୍ରହଣୀୟ ନୁହେଁ। ଆମେ ଜାଣିବାକୁ ଚାହୁଁଛୁ, ଏହା ପ୍ରିୟଙ୍କା-ଦେବୀଙ୍କ ବ୍ୟକ୍ତିଗତ ପଦକ୍ଷେପ, ନା ଏହା ବିଜେପି ଦ୍ୱାରା ସଂଗଠିତ? ଏହା ପରେ, ସେ ଆହୁରି ମଧ୍ୟ କହିଛନ୍ତି।

### ଆଲିପୁର କୋର୍ଟରେ ହାଜର କରାହେଲା ଗିରଫ ସ୍ୱରୂପ ବିଶ୍ୱାସଙ୍କୁ

କୋଲକାତା,୫।୬(ସଂଚାର ବ୍ୟୁରୋ): ଶୁକ୍ରବାର ସକାଳେ ସ୍ୱରୂପ ବିଶ୍ୱାସଙ୍କୁ ଆଲିପୁର କୋର୍ଟରେ ହାଜର କରାଯାଇଥିଲା। ଜନସାଧାରଣଙ୍କ ଆକ୍ରୋଶରୁ ରକ୍ଷା ପାଇବା ପାଇଁ ତାଙ୍କୁ ନିର୍ଦ୍ଧାରିତ ସମୟ ପୂର୍ବରୁ କୋର୍ଟକୁ ହାଜର କରାଯାଇଥିଲା। ଗଣଦୁଷ୍କର୍ମ ଏବଂ ଦାଦାବଟି ଆଦାୟ ମାମଲାରେ ଗୁରୁବାର ରାତିରେ ନ୍ୟୁ ଆଲିପୁର ପୁଲିସ ତାଙ୍କୁ ଗିରଫ କରିଥିଲା। ଗିରଫ ହେବା ପରେ, ଥାନା ବାହାରେ ବ୍ୟାପକ ବିରୋଧ ପ୍ରଦର୍ଶନ ହୋଇଥିଲା। ତାଙ୍କ ସୁରକ୍ଷା ପାଇଁ ଚିନ୍ତିତ ହୋଇ କର୍ତ୍ତୃପକ୍ଷ ତାଙ୍କୁ ରାତାରାତି ଲାଲବଜାରକୁ ସ୍ଥାନାନ୍ତର କରିଥିଲେ।

## ଦିଲ୍ଲୀରେ ପୁଣି ଅଗ୍ନିକାଣ୍ଡ

# ଆପାର୍ଟମେଣ୍ଟରେ ନିଆଁ, ଜଳୁଛି ଅନେକ ଫ୍ଲାଟ୍



ନୂଆଦିଲ୍ଲୀ,୫।୬: ଦିଲ୍ଲୀର ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ ଘଟଣା ମନରୁ ଲିଭି ନଥିବା ବେଳେ ବିହାର ପାଟନାରେ ଥିବା ଏକ ହସ୍ପିଟାଲରେ ନିଆଁ ଲାଗିଯାଇଥିଲା। ଉଭୟ ଘଟଣାରେ ୨୫ରୁ ଅଧିକ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଏବେ ପୁଣି ଦିଲ୍ଲୀରେ ଅଗ୍ନିକାଣ୍ଡ ଘଟିଛି। ନୋଏଡା ସ୍ଥିତ ସେକ୍ଟର ୭୫ରେ ଥିବା ଏକ ଆପାର୍ଟମେଣ୍ଟରେ ଭୟଙ୍କର ନିଆଁ ଲାଗିଛି। ରିପୋର୍ଟ ଅନୁସାରେ, ସେକ୍ଟର ୭୫ର ଆଇଭିଓ୍ୱାଇ ସୋସାଇଟିରେ ଥିବା ଏକ ଆପାର୍ଟମେଣ୍ଟରେ ନିଆଁ ଲାଗିଯାଇଛି। ବହୁତଳ ଆପାର୍ଟମେଣ୍ଟର ୧୨ତମ ମହଲାରେ ନିଆଁ ଲାଗିଥିବା ଖବର ଆସିଛି। ଏକ ଫ୍ଲାଟରୁ ପ୍ରଥମେ ଧୂଆଁ ବାହାରିଥିଲା। ପରେ ଏହା ଅନ୍ୟ ଫ୍ଲାଟକୁ ବ୍ୟାପିଥିବା କୁହାଯାଉଛି। ନିଆଁର ପ୍ରକୋପ ଏତେ ଭୟଙ୍କର ଯେ ଫ୍ଲାଟର ଝରକାରୁ କଳା ଧୂଆଁ ବାହାରୁଛି। ପାଖ ଆଖରେ ଥିବା ଅନେକ ଫ୍ଲାଟକୁ ନିଆଁ ବ୍ୟାପିଯାଇଛି। ଯାହାକୁ ନେଇ ଆପାର୍ଟମେଣ୍ଟରେ ଭୟର ବାତାବରଣ ଖେଳିଯାଇଛି। ଖବର ପାଇ ପୋଲିସ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଁଚିଛନ୍ତି। ସେମାନେ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଆଧୁନିକ ସରଞ୍ଜାମ ଦ୍ୱାରା ନିଆଁଲିଭା କାର୍ଯ୍ୟ ଜାରି ରହିଛି। ଏସହ ସୁରକ୍ଷା ଦୃଷ୍ଟିକୋଣରୁ ଆଖପାଖ ଲୋକଙ୍କୁ ତୁରନ୍ତ ସ୍ଥାନ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇ। ଅନ୍ୟ ଫ୍ଲାଟର ବାସିନ୍ଦାଙ୍କୁ ଉଦ୍ଧାର କରାଯାଉଛି। ତେବେ କେଉଁ କାରଣରୁ ନିଆଁ ଲାଗିଛି ତାହା ସ୍ପଷ୍ଟ ହୋଇନାହିଁ।

## ଯଶୋଦା ହସ୍ପିଟାଲ୍, ସୋମାଜିଗୁଡା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

# ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଓ ଫୁସଫୁସ ସେବା ପାଇଁ ପ୍ରତିବଦ୍ଧ



ଭୁବନେଶ୍ୱର,୫।୬(ସଂଚାର ବ୍ୟୁରୋ): ଯଶୋଦା ହସ୍ପିଟାଲ୍ସର ଏକ ପ୍ରମୁଖ ଶାଖା ଯଶୋଦା ହସ୍ପିଟାଲ୍ ସୋମାଜିଗୁଡା, ହାଇଦ୍ରାବାଦ ପକ୍ଷରୁ ଓଡ଼ିଶାର ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଉନ୍ନତ ଫୁସଫୁସ ସେବା, ଫୁସଫୁସ ଜନିତ ରୋଗ, ଏକମୋ ସହାୟତା ଏବଂ ଶ୍ୱାସକ୍ରିୟା ଚିକିତ୍ସା କ୍ଷେତ୍ରରେ ବିଶେଷଜ୍ଞଙ୍କ ହସ୍ତକ୍ଷେପ ବିଷୟରେ ସଚେତନତା ସୃଷ୍ଟି କରିବା। ଏହି ପଦକ୍ଷେପ ଓଡ଼ିଶା ଏବଂ ପୂର୍ବ ଭାରତର ରୋଗୀମାନଙ୍କ ନିକଟକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଏବଂ ଉନ୍ନତ ଫୁସଫୁସ ଚିକିତ୍ସା ଆଣିଦେବା ପାଇଁ ଯଶୋଦା ହସ୍ପିଟାଲ୍ସର ଅନ୍ୟତମ ସବୁଠାରୁ ବିଶ୍ୱାସଯୋଗ୍ୟ ଏବଂ ପ୍ରସିଦ୍ଧ ମଲ୍ଟି-ସ୍ପେସିଆଲିଟି ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଭାବରେ ପରିଚିତ କରାଇଥିଲେ। ସେମାନେ ହସ୍ପିଟାଲ୍ ଗ୍ରୁପ୍‌ର ଚିକିତ୍ସାଗତ ଉତ୍କର୍ଷତା, ରୋଗୀ-କେନ୍ଦ୍ରିତ ସେବା, ଉନ୍ନତ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ଏବଂ ଆନ୍ତର୍ଜାତୀୟ ସ୍ତରର ମାନଦଣ୍ଡ ଅନୁଯାୟୀ ପ୍ରସ୍ତୁତ ଚିକିତ୍ସା ପ୍ରଣାଳୀର ପରମ୍ପରା ଉପରେ ଗୁରୁତ୍ୱାରୋପ କରିଥିଲେ।

ଡାକ୍ତର ତପସ୍ୱୀ କୃଷ୍ଣ କାତ୍ରାଗଡା ଆହୁରି ମଧ୍ୟ କହିଛନ୍ତି ଯେ, ଗୁରୁତର ଶ୍ୱାସକ୍ରିୟା କିମ୍ବା ହୃଦଘାତ ଜନିତ ସମସ୍ୟାରେ ପୀଡ଼ିତ ସଙ୍କଟାପନ୍ନ ରୋଗୀଙ୍କ ପରିଚାଳନାରେ ଏକମୋର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଗଣମାଧ୍ୟମକୁ ସମ୍ବୋଧିତ କରି ଡେପୁଟି ଜେନେରାଲ୍ ମ୍ୟାନେଜର ଉଦୟ ଭାସ୍କର ଏବଂ ଡେପୁଟି ମ୍ୟାନେଜର ମାନସ ରଞ୍ଜନ ସାହୁ ଯଶୋଦା ହସ୍ପିଟାଲ୍ସକୁ ହାଇଦ୍ରାବାଦର

## ବଜ୍ରାଘାତରେ ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ

କେନ୍ଦୁଝର,୫।୬ (ସଂଚାର ବ୍ୟୁରୋ): ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ରୁଟିଂଶିଳା ଗ୍ରାମରେ ବଜ୍ରାଘାତରେ ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ଦମ୍ପତି ହେଲେ ବାଣେଶ୍ୱର ନାଏକ ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ନାଏକ। ଉଭୟ ପରିବା ବଗିଚାକୁ କାମ ପାଇଁ ଯାଇଥିଲେ। ଏହି ସମୟରେ ହଠାତ୍ ପାଗ ବଦଳିବା ସହ ବଜ୍ରପାତ ଆରମ୍ଭ ହୋଇଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ଉଭୟ ଏକ କୁଟା ଭାଡ଼ି ତଳେ ଆଶ୍ରୟ ନେଇଥିଲେ। କିନ୍ତୁ ସେହି ସମୟରେ ବଜ୍ରପାତ ହେବାରୁ ଉଭୟ ଗୁରୁତର ଭାବେ ଆହତ ହୋଇ ଟଳି ପଡ଼ିଥିଲେ। ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଗ୍ରାମୀଣ କଳା ଓ ସଂସ୍କୃତି ମହୋତ୍ସବ




ବାଲେଶ୍ୱର,୫।୬(ସଂଚାର ବ୍ୟୁରୋ): ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ବାଲେଶ୍ୱରର ବ୍ରହ୍ମ କନ୍ୟା ଫାଉଣ୍ଡେସନ ପକ୍ଷରୁ କମର୍ଦା ଠାରେ "ଗ୍ରାମୀଣ କଳା ଓ ସଂସ୍କୃତି ମହୋତ୍ସବ-୨୦୨୬" ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ନିର୍ଦ୍ଦେଶକ ଡକ୍ଟର ବିଶ୍ୱଜିତ ପାତ୍ର ଏଥିରେ ଯୋଗଦେଇ ଗ୍ରାମୀଣ କଳା, ଲୋକ-ପରମ୍ପରା ଓ ସଂସ୍କୃତିର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଗ୍ରାମୀଣ କଳା ହେଉଛି ସାମାଜିକ ପରିଚୟର ମୂଳ ଆଧାର ଏବଂ ଏହାର ପ୍ରଚାର-ପ୍ରସାର ମାଧ୍ୟମରେ ଗ୍ରାମାଞ୍ଚଳର ଲୁକାୟିତ ପ୍ରତିଭାକୁ ଆଗକୁ ଆଣିବା ସମ୍ଭବ। ବିଶେଷକରି ଆଜିକାଲିର ଯୁବପିଢ଼ିଙ୍କ ମଧ୍ୟରେ ଲୋକ-ସଂସ୍କୃତି ପ୍ରତି ଆଗ୍ରହ ବଢ଼ାଇବା ପାଇଁ ଏଭଳି ମହୋତ୍ସବ ଆୟୋଜନର ଆବଶ୍ୟକତା ରହିଛି ବୋଲି ଡକ୍ଟର ପାତ୍ର କହିଥିଲେ। ସଂସ୍ଥାର ଅନ୍ୟତମ ନିର୍ଦ୍ଦେଶିକା ଜୟନ୍ତୀ ରାଣୀ ଭୂୟାଁ ଯୋଗ ଦେଇ ଗ୍ରାମୀଣ ମହିଳା ଓ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ ଓ ସାଂସ୍କୃତିକ ଭାବେ ସଚେତନ କରିବା ଉପରେ ମତବ୍ୟକ୍ତ କରିଥିଲେ। ଗ୍ରାମୀଣ ସମାଜର ଏକତା, ସହଯୋଗ ଓ ଭାଇଚାରାକୁ ସୁଦୃଢ଼ କରିବାରେ ଏଭଳି ସାଂସ୍କୃତିକ ମହୋତ୍ସବ ଅପରିହାର୍ଯ୍ୟ ବୋଲି ସମ୍ପାଦକ ସଂଗ୍ରାମ କେଶରୀ ଭୂୟାଁ ନିଜ ଭାଷଣରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ସଂସ୍ଥାର ସଦସ୍ୟ ଏବଂ ବହୁ ସଂଖ୍ୟାରେ ସମାଜସେବୀ ଯୋଗ ଦେଇଥିଲେ।

## ବାଇକ୍ ଶୋ' ରୁମ୍‌ରେ ନିଆଁ

# ମାତ୍ର କିଛି ମିନିଟ୍‌ରେ ସବୁ କିଛି ପାଉଁଶ

ଇନ୍ଦୋର,୫।୬: ବାଇକ୍ ଶୋ'ରୁମରେ ଭୟଙ୍କର ଅଗ୍ନିକାଣ୍ଡ। ହୁତୁହୁତୁ ହୋଇ ଜଳିଗଲା ସବୁ। କିଛି ମିନିଟରେ ପୋଡି ପାଉଁଶ ହୋଇଗଲା୨୦ରୁ ଅଧିକ ବାଇକ୍ ଏବଂ ଇ-ସ୍କୁଟର। ଏପରି କିଛି ଅଘଟଣ ଘଟିଛି ମଧ୍ୟପ୍ରଦେଶର ଇନ୍ଦୋରରେ। ରିପୋର୍ଟ ଅନୁସାରେ, ଶୁକ୍ରବାର ସକାଳେ ଶୋ-ରୁମର ତଳ ମହଲାରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଏହାର ଉପର ମହଲାରେ ଲୋକେ ରହୁଥିଲେ। ଏହାସହ କିଛି ବାଇକ୍ ମଧ୍ୟ ଥିଲା। ନିଆଁ ଲାଗିବା ଖବର ପରେ ଉପରେ ରହୁଥିବା ଲୋକେ ଫସି ଯାଇଥିଲେ। ସେମାନଙ୍କୁ ଆଖାପଖର ଲୋକେ ସିଡି ସାହାଯ୍ୟରେ ଉଦ୍ଧାର କରିଥିଲେ। ଝରକା ବାଟେ ଅନ୍ୟ ଘରକୁ ସିଡି ଯୋଗେ ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ଅଗ୍ନିକାଣ୍ଡର ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଁଚିଥିଲା। ଏହାସହ ନିଆଁ ଲିଭା କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ କେଉଁ କାରଣରୁ ଅଗ୍ନିକାଣ୍ଡ ହୋଇଛି ସେନେଇ କୌଣସି ତଥ୍ୟ ମିଳିପାରି ନାହିଁ। ସର୍ଟ ସର୍କିଟରୁ ଏହା ଘଟିଥିବା ଅନୁମାନ କରାଯାଉଛି। ଅପରପକ୍ଷେ ନିଆଁ ପାଇଁଶୋରୁମରେ ଅଧିକାଂଶ ଇଭି ସ୍କୁଟି ବା ଇ-ବାଇକ୍ ଜଳି ଯାଇଛି। ସୂଚନାଯୋଗ୍ୟ, ଗତ କିଛି ଦିନ ଧରି ଅନେକ ସ୍ଥାନରେ ଅଗ୍ନିକାଣ୍ଡର ଖବର ସାମ୍ନାକୁ ଆସୁଛି। ଦୁଇ ଦିନ ତଳେ ଦିଲ୍ଲୀର ଏକ ରେଷ୍ଟୁରାଣ୍ଟରେ ନିଆଁ ଲାଗିଯାଇଥିଲା। ଏହାପରେ ବିହାର ପାଟନାସ୍ଥିତହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିଥିଲା। ଶୁକ୍ରବାର ନୋଏଡା ସ୍ଥିତ ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ ଘଟଣା ସାମ୍ନାକୁ ଆସିଛି।

## ହାତୀ ଦେଖିବା ପଡିଲା ମହଙ୍ଗା, ଆକ୍ରମଣରେ ଯୁବକ ଗୁରୁତର

ଯୋଡା,୫।୬(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାରେ ବଡ଼ ଅଘଟଣ । ହାତୀ ଦେଖିବାକୁ ଯାଇ ହଟହଟା ଯୁବକ। ହାତୀ ଆକ୍ରମଣରେ ଯୁବକ ଗୁରୁତର ହୋଇଛି । କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଝାଲିଆବେଡ଼ା ଜଙ୍ଗଲରେ ଅଘଟଣ ଦେଖାଦେଇଛି । ଆହାତ ଯୁବକ ହେଲେ ଜ୍ୟୋତିପୁର ଗ୍ରାମର ଶୁଭମ୍ କର। ଝାଲିଆବେଡ଼ା ଜଙ୍ଗଲ ଅଞ୍ଚଳରେ ଦୁଇଟି ହାତୀ ଥିବା ଖବରପାଇ ସ୍ଥାନୀୟ କିଛି ଯୁବକଙ୍କ ସହ ଶୁଭମ୍ ହାତୀଙ୍କୁ ଦେଖିବା ପାଇଁ ଜଙ୍ଗଲ ଭିତରକୁ ଯାଇଥିଲେ। ହଠାତ ଏକ ହାତୀ ତାଙ୍କ ଉପରେ ଆକ୍ରମଣ କରିଥିଲା ।

## ରୋଗୀଙ୍କୁ ଫେରାଇ ଦିଆଯିବ ନାହିଁ

# ଦଲାଲ ଚକ୍ର ରୋକିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



କୋଲକାତା,୫।୬(ସଂଚାର ବ୍ୟୁରୋ): ଗୁରୁବାର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏସ୍‌ଏସ୍‌କେଏମ୍ ରୋଗୀ କଲ୍ୟାଣ କମିଟିର ବୈଠକରେ ରାଜ୍ୟର ପ୍ରଶାସନିକ ମୁଖ୍ୟ ଭାବରେ ନୁହେଁ, ବରଂ ଭବାନୀପୁରର ବିଧାୟକ ଭାବରେ ଯୋଗ ଦେଇଥିଲେ। ସେ ରୋଗୀ ସେବା ସୁଗମ କରିବା ପାଇଁ ଏକ କଠୋର ବାର୍ତ୍ତା ଦେଇଛନ୍ତି। ଠିକ୍ ସେହିପରି ମେ ୧୫ ତାରିଖରେ ସେହି ହସ୍ପିଟାଲରେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଏକ ବୈଠକରେ ସେ ଯେଉଁ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିଥିଲେ। ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଏହା ଏସ୍‌ଏସ୍‌କେଏମ୍ (ପିଜି) ହସ୍ପିଟାଲର ରୋଗୀ କଲ୍ୟାଣ କମିଟିର ପ୍ରଥମ ବୈଠକ ଥିଲା। ସ୍ୱାସ୍ଥ୍ୟ ସଚିବ ନାରାୟଣ ସ୍ୱରୂପ ନିଗମ ଏବଂ ଡାକ୍ତରୀ ଶିକ୍ଷା ନିର୍ଦ୍ଦେଶକ ଇନ୍ଦ୍ରଜିତ ସାହାଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଘଣ୍ଟା ବ୍ୟାପୀ ବୈଠକରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ବୈଧ କାରଣ ବିନା କୌଣସି ରୋଗୀଙ୍କୁ ଫେରାଇ ଦିଆଯିବା ଉଚିତ୍ ନୁହେଁ କିମ୍ବା ଅନ୍ୟତ୍ର ରେଫର କରାଯିବ ନାହିଁ। ସୂତ୍ରରୁ ଖବର, ବୈଠକରେ ରୋଗୀ ସେବା ଏବଂ ହସ୍ପିଟାଲ ଶଯ୍ୟା ଅଭାବ ସମସ୍ୟା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏସ୍‌ଏସ୍‌କେଏମ୍ ହସ୍ପିଟାଲରେ ୧୦୦ ଅତିରିକ୍ତ ଶଯ୍ୟା ଯୋଡା ଯାଇଛି। ତେବେ, ଶଯ୍ୟା ଅଭାବ ଯୋଗୁଁ ରୋଗୀମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ତାହା ନିଶ୍ଚିତ କରିବା ପାଇଁ ବୈଠକ ସମୟରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପୁଣି ଥରେ ସତର୍କ କରାଯାଇଥିଲା।

## ଆଦିବାସୀ ପିଲାଙ୍କ ଆକ୍ରମଣକାରୀଙ୍କୁ ଗିରଫ ଲାଗି ଦାବିପତ୍ର




କଟକ,୫।୬(ସଂଚାର ବ୍ୟୁରୋ): ଅନୁଗୁଳଠାରେ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଆୟୋଜିତ ଗ୍ରୀଷ୍ମ ଶିବିର ଅବସରରେ ଉଦଳାର ଆଦିବାସୀ ପିଲାମାନଙ୍କୁ କେତେକ ଅସାମାଜିକ ଯୁବକ ରେଳବାଇ ପୁଲିସ ଓ ଆରପିଏଫ୍ ବାହିନୀ ଉପସ୍ଥିତିରେ ଅତ୍ୟାଚାର କରିଥିଲେ। ଯୁବତୀଙ୍କ ପ୍ରତି ଅଶାଳୀନ ବ୍ୟବହାର କରିବା ସହ ସେମାନଙ୍କ ଅଭିଭାବକଙ୍କୁ ମାଡ଼ପିଟ୍ କରିଥିଲେ। ସେହିଘଟଣାକୁ ୨୨ ଦିନ ବିତିଯାଇଥିଲେ ମଧ୍ୟ ଅପରାଧୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅପରାଧୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ଓ ଅପରାଧୀଙ୍କୁ ପରୋକ୍ଷରେ ସହାୟତା କରିଥିବା ପୁଲିସ ଅଧିକାରୀମାନଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବା ଦାବିରେ ଶୁକ୍ରବାର ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ପୁଲିସ ମହାନିର୍ଦ୍ଦେଶକଙ୍କୁ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏସୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଦସ୍ୟ ବିଶ୍ୱାବସୁ ଦାସ, ବବି ବଳବନ୍ତରାୟ ଓ ସୁକାନ୍ତ ନାୟକ ଏକ ପ୍ରତିନିଧି ଦଳରେ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ମାଳବିକା ସାମଲ, ବସନ୍ତ ନାୟକ, ଦୀପକ୍ ଦାସ, ଅକ୍ଷୟ ରାଉଳ, ପ୍ରତାପ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅମାନିଆ ଇସ୍କନକୁ...

ଅନୁଷ୍ଠିତ ହୋଇଥାଏ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। କିନ୍ତୁ ଦେଶ ବାହାରେ ଭିନ୍ନ ଭିନ୍ନ ସମୟରେ, ଅ-ତିଥିରେ ପାଳନ ହେଉଛି ରଥଯାତ୍ରା ଓ ସ୍ନାନଯାତ୍ରା। ଯାହା ଜଗନ୍ନାଥ ପରମ୍ପରା ଓ ଶାସ୍ତ୍ର ବିରୋଧୀ କହି, ପୂର୍ବରୁ କ୍ଷୋଭ ପ୍ରକାଶ କରିବା ସହିତ ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଗତ ମାସେ ଭିତରେ ଆମେରିକା, ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ କାନାଡ଼ାର ଭିନ୍ନ ଭିନ୍ନ ସ୍ଥାନରେ ରଥଯାତ୍ରା ପାଳନ କରିଛି। ଇସ୍କନର ମନମାନି ସବୁ ସୀମା ଟପିଯାଇଥିବାରୁ ଏବେ କେନ୍ଦ୍ର ସରକାରଙ୍କୁ ଜଣାଯିବ ବୋଲି ନିଷ୍ପତ୍ତି ହୋଇଛି। ଇସ୍କନ ଏକ ଆଧ୍ୟାତ୍ମିକ ସଂସ୍ଥା ହେବା ସତ୍ତ୍ୱେ ଆଧ୍ୟାତ୍ମିକ ଭାବଧାରା ବଦଳରେ ନିଜ ହିସାବରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥଯାତ୍ରା ଆୟୋଜନ କରିଚାଲିଛି। ଏହାକୁ ନେଇ ଖାଲି ଓଡ଼ିଶାର ଜଗନ୍ନାଥପ୍ରେମୀ ନୁହନ୍ତି ବରଂ ବିଦେଶରେ ରହୁଥିବା ଓଡ଼ିଆଙ୍କ ଭାବାବେଗକୁ ମଧ୍ୟ କୁଠାରାଘାତ କରୁଛି ବୋଲି ଗଜପତି ମହାରାଜ କହିଛନ୍ତି। ଏଥିସହିତ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଚାଲିଥିବା ପରିଚାଳନା କମିଟି ବୈଠକରେ ରାଜ୍ୟାଭିଷେକ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଛତିଶା ନିଯୋଗ ଏବଂ ନୀତି ସବ୍ କମିଟି ବୈଠକରେ ଚୂଡ଼ାନ୍ତ ହୋଇଥିବା ନୀତି ନିର୍ଘଣ୍ଟକୁ ମୋହର ବାଜିଛି। ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି ନେଇ ପରିଚାଳନା କମିଟିକୁ ଅବଗତ କରାଯାଇଛି। ଆଗକୁ ସ୍ନାନଯାତ୍ରା ଓ ଘୋଷଯାତ୍ରା ଥିବାରୁ ଗଣତି ପ୍ରକ୍ରିୟା ସ୍ଥଗିତ ରଖାଯିବ। ନୀଳାଦ୍ରି ବିଜେ ପରେ ଗଣତି ମଣତି କାର୍ଯ୍ୟ ପୁଣି ଆରମ୍ଭ ହେବ। ଭିତର ରତ୍ନଭଣ୍ଡାରରେ ଥିବା ପୁରୁଣା ଆଲମିରା ଗୁଡ଼ିକ ବାହାରକୁ ଆସିବ। ମୂଲ୍ୟବାନ ସାମଗ୍ରୀ ଓ ରତ୍ନ ଅଳଙ୍କାର ବହୁତ ବଡ଼ ଥିବାରୁ ଭିତର ରତ୍ନଭଣ୍ଡାର ଭିତରେ ଗଣତି କରିବା ସମ୍ଭବ ନୁହେଁ। ଖଟ ଶେଯ ଘରେ ଏହାର ଗଣତି କାର୍ଯ୍ୟ କରାଯିବ। ନରେନ୍ଦ୍ର ପୁଷ୍କରିଣୀରେ ଏକ ନୂତନ ଭାବେ ସୂଚନା କେନ୍ଦ୍ର ଓ ଅଭ୍ୟର୍ଥନା ପ୍ରକୋଷ୍ଠ ନିର୍ମାଣ ହେବ। ଶ୍ରୀମନ୍ଦିର ସେବକମାନଙ୍କ ପାଇଁ ଗୁରୁକୁଳ ପ୍ରକଳ୍ପକୁ ଓବିସିସି ଠିକ୍ ସମୟରେ ଶେଷ ନକଲେ ଅନ୍ୟ ସଂସ୍ଥାକୁ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

### ଦୁଇ ଗୁଣା...

ରହିଛି। ରାଜ୍ୟରେ ଚାଷୀଙ୍କ ସମସ୍ୟାର ସମାଧାନକୁ ସରକାର ସବୁବେଳେ ଗୁରୁତ୍ୱ ଦେଇଆସୁଛନ୍ତି। ଯେଉଁଥିପାଇଁ ବିଜେପି ସରକାର ଆସିବା ପରେ ଚାଷୀମାନେ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୮୦୦ ଟଙ୍କା ଇନପୁଟ ସବସିଡି ଦେଲେ। ଫଳରେ ଗତ ଦୁଇ ବର୍ଷ ଧରି ରାଜ୍ୟରେ ରେକର୍ଡ ପରିମାଣର ଧାନ ଉତ୍ପାଦନ ହୋଇଥିଲା। ତେବେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ପରିମାଣର ଧାନ ଉତ୍ପାଦନ ହେଉଥିବାରୁ ମିଲର ମାନେ ବର୍ତ୍ତମାନର ଦରରେ ଧାନ ଉଠାଇବାକୁ ଅମଙ୍ଗ ହେଉଥିଲେ। ଏନେଇ ସେମାନେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଜି ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ପରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଆଉ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ଆଶା କରାଯାଉଛି।

### ପୂରଣ ହେବ...

ସ୍ଥାନରେ ଚାଲିବ, ଯାହାର ରିପୋର୍ଟ ରୋଗୀମାନେ ସହଜରେ ପାଇପାରିବେ। ଏହାସହ ମେଡ଼ିକାଲ କଲେଜ ଓ ହସପିଟାଲ ପାଖାପାଖି ହେବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଯାତାୟାତ ସମୟ ବଞ୍ଚିବ ଏବଂ ସ୍ୱାସ୍ଥ୍ୟ ସେବା ଶୀଘ୍ର ମିଳିବ। ତେବେ ପିଆରଏମ ମେଡିକାଲ କଲେଜ ଆଣ୍ଡ ହସପିଟାଲରେ ୨୦୧ଟି ପ୍ରଫେସର, ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ସିନିୟର ରେସିଡେଣ୍ଟ ଓ ଜୁନିୟର ରେସିଡେଣ୍ଟ ଆଦି ମଞ୍ଜୁରିପ୍ରାପ୍ତ ପଦବୀ ରହିଥିବା ବେଳେ ଏବେ ୪୮ଟି ପଦବୀ ଖାଲି ପଡ଼ିଛି ଯାହା ଖୁବଶୀଘ୍ର ପୂରଣ ହେବ। ସେହିପରି ଚିକିତ୍ସା ସେବା ଯୋଗାଇବା ପାଇଁ ଏଠାରେ ନର୍ସିଂ ବିଭାଗରେ ୨୫୨ ଜଣ, ଡିଏମଏଲଟି ବିଭାଗରେ ୯୦ ଜଣ ଓ ଡିଏମଆରଟି ବିଭାଗରେ ୬୦ ଜଣ କର୍ମଚାରୀ ସେବା ଯୋଗାଇବା ପାଇଁ ପ୍ରସ୍ତୁତ ରହିଛନ୍ତି। ଏହାସହ ମେଡ଼ିକାଲ କଲେଜରୁ ପ୍ରତି ବ୍ୟାଚରେ ଉତ୍ତୀର୍ଣ୍ଣ ହେଉଥିବା ୧୨୫ ଜଣ ଛାତ୍ରଛାତ୍ରୀଙ୍କର ରୋଗୀ ସେବା ମଧ୍ୟ ବେଶ୍ ଗୁରୁତ୍ୱ ବହନ କରିବ।

### ଅଭିଯାନରେ ସାମିଲ...

କାର୍ଯ୍ୟ ନୁହେଁ, ବରଂ ଏହା ଜନ୍ମଦାତ୍ରୀ ମା'ଙ୍କ ପ୍ରତି କୃତଜ୍ଞତା ଏବଂ ଧରିତ୍ରୀ ମା'ଙ୍କ ପ୍ରତି ଆମର ମିଳିତ ଦାୟିତ୍ୱବୋଧର ଏକ ସୁନ୍ଦର ପ୍ରୟାସ। ଏହି ପବିତ୍ର ଅଭିଯାନରେ ସାମିଲ ହେବାକୁ ସେ ଆହ୍ୱାନ କରିଛନ୍ତି। ଆସନ୍ତା ପିଢ଼ିର କଲ୍ୟାଣ ତଥା ସମୃଦ୍ଧ ଭାରତ ଗଠନ ପାଇଁ ପରିବେଶର ସୁରକ୍ଷା କରିବା ଏବଂ ଆମେ ଲଗାଉଥିବା ପ୍ରତ୍ୟେକ ଗଛର ଯତ୍ନ ନେବାକୁ ସେ ଦେଶବାସୀଙ୍କୁ ସଂକଳ୍ପବଦ୍ଧ ହେବା ପାଇଁ ପରାମର୍ଶ ଦେଇଛନ୍ତି। ସେହିପରି କେନ୍ଦ୍ରୀୟ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିବା ଅବସରରେ ଶ୍ରୀ ପ୍ରଧାନ ସେମାନଙ୍କୁ ବୃକ୍ଷରୋପଣର ସଚେତନତା ଉପରେ ବୁଝାଇଥିଲେ। ପରିବେଶ ସଂରକ୍ଷଣ ପ୍ରତି ପିଲାମାନଙ୍କର ସଚେତନତା, ଉତ୍ସାହ ଏବଂ ଦାୟିତ୍ୱବୋଧକୁ ପ୍ରଶଂସା କରିଥିଲେ। ଏହି ଆଲୋଚନା ଭାରତର ଏକ ସବୁଜ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପ୍ରତି ଆତ୍ମବିଶ୍ୱାସ ବଢ଼ାଉଛି ବୋଲି ସେ କହିଛନ୍ତି।

### କାଗଜ ନୁହେଁ...

କରାଯାଇଥାଏ। ଏହି ନୋଟ ଗୁଡ଼ିକ 'ବାଇ-ଆକ୍ସିଆଲି ଓରିଏଣ୍ଟେଡ ପଲିପ୍ରୋପିଲିନ' ମାଧ୍ୟମରେ ତିଆରି ହୁଏ। ପଲିମର ନୋଟ ଗୁଡ଼ିକ ଏଟିଏମ କାର୍ଡ ଭଳି ଟାଣ ହୋଇନଥାଏ, ତେଣୁ ଏହାକୁ କାଗଜ ନୋଟ ଭଳି ସହଜରେ ମୋଡ଼ା ଯାଇପାରିବ।

### ଭୁବନେଶ୍ୱରରେ ୫୦ ଡିଗ୍ରୀ...

ଗରମ ଓ ଗୁଳୁଗୁଳି ସ୍ଥିତି ଲାଗି ରହିବ। କାଳବୈଶାଖୀ ବର୍ଷା ଭିତରେ ରାଜ୍ୟରେ ଗରମ ଓ ଗୁଳୁଗୁଳି ଲାଗି ରହିଛି। ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗିର ଜିଲ୍ଲାର କିଛି ଅଞ୍ଚଳରେ ଆଜି ରାତି ଉଷ୍ମ ରହିବ। ସେହଭଳି ଗରମ ଓ ଗୁଳୁଗୁଳି ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ବରଗଡ଼, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ବଲାଙ୍ଗିର, କଳାହାଣ୍ଡି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼କୁ ୟେଲୋ ଆଲର୍ଟ ରହିଛି। ପାଣିପାଗ ବିଭାଗର ଆକଳନ ଅନୁସାରେ, ଆଗାମୀ ୬ରୁ ୭ ଦିନ ପର୍ଯ୍ୟନ୍ତ ସର୍ବାଧିକ ଦିନ ତାପମାତ୍ରାରେ ବଡ଼ ପରିବର୍ତ୍ତନ ହେବା ସମ୍ଭାବନା ନାହିଁ।

### ଅର୍ଥନୈତିକ ମାନ୍ଦାବସ୍ଥାକୁ...

ଗତି ବଜାୟ ରଖିଛି। ଆର୍ଥିକ ବର୍ଷ ୨୦୨୫-୨୬ରେ ନୋମିନାଲ ଜିଡିପି ୩୪୬.୩୬ ଲକ୍ଷ କୋଟି ଟଙ୍କାର ସ୍ତରରେ ପହଞ୍ଚିବା ନେଇ ଆକଳନ କରାଯାଇଛି। ଆର୍ଥିକ ବର୍ଷ ୨୦୨୪-୨୫ରେ ଏହି ସଂଖ୍ୟା ୩୧୮.୦୭ ଲକ୍ଷ କୋଟି ଟଙ୍କା ରେକର୍ଡ କରାଯାଇଥିଲା। ଏହା ୮.୯ ପ୍ରତିଶତର ଏକ ଦୃଢ଼ ବୃଦ୍ଧି ହାରକୁ ଦର୍ଶାଉଛି। ବିଶେଷଜ୍ଞଙ୍କ ମତରେ, ୨୦୨୬ ଆର୍ଥିକ ବର୍ଷ ଭାରତୀୟ ଅର୍ଥନୀତି ପାଇଁ ଏକ ଦୃଢ଼ ବର୍ଷ ପ୍ରମାଣିତ ହୋଇଛି। ୭.୭ ପ୍ରତିଶତ ଅଭିବୃଦ୍ଧି ହାର ସହିତ, ଭାରତ ବିଶ୍ୱର ପ୍ରମୁଖ ଅର୍ଥନୀତି ମଧ୍ୟରେ ନିଜର ଦୃଢ଼ ସ୍ଥିତି ବଜାୟ ରଖିଛି। ଉତ୍ପାଦନ, ସେବା କ୍ଷେତ୍ର, ଘରୋଇ ବ୍ୟବହାର ଏବଂ ନିବେଶ ଅଭିବୃଦ୍ଧିକୁ ଇନ୍ଧନ ଯୋଗାଇଛି। ତଥାପି, ଆଗକୁ ଅଶୋଧିତ ତୈଳ ମୂଲ୍ୟ, ପଶ୍ଚିମ ଏସିଆ ସଙ୍କଟ, ମୁଦ୍ରାସ୍ଫୀତି ଏବଂ ପାଣିପାଗ ସମ୍ବନ୍ଧୀୟ ଅନିଶ୍ଚିତତା ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରିପାରେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ସୋସିଆଲ ମିଡ଼ିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ଭାରତର ଏହି ସଫଳତାକୁ ନେଇ ଖୁସୀ ବ୍ୟକ୍ତ କରିବା ସହିତ କହିଛନ୍ତି ଯେ, ୧୪୦ କୋଟି ଭାରତୀୟଙ୍କ କଠିନ ପରିଶ୍ରମକୁ ପ୍ରତିଫଳିତ କରୁଛି। ଆମେ 'ସହଜ ଜୀବନଯାପନ', 'ସହଜ ବ୍ୟବସାୟ'କୁ ଆହୁରି ଆଗକୁ ବଢ଼ାଇବା ଏବଂ ଆମର ଯୁବପିଢ଼ିଙ୍କ ପାଇଁ ସୁଯୋଗ ବୃଦ୍ଧି କରିବା ପାଇଁ କୌଣସି କସରତ ଛାଡ଼ିବା ନାହିଁ ବୋଲି ପ୍ରଧାନମନ୍ତ୍ରୀ ମୋଦି ତାଙ୍କ 'ଏକ୍ସ' ପୋଷ୍ଟରେ କହିଛନ୍ତି।

### ପ୍ରଦର୍ଶନୀ ପଡ଼ିଆରେ...

ସାଂସ୍କୃତିକ କାର୍ଯ୍ୟକ୍ରମ, ଫୁଡ୍ ଫେଷ୍ଟିଭାଲ ସମେତ ନିଜର ଦୁଇବର୍ଷର ପ୍ରମୁଖ ସଫଳତାର ଭିଡ଼ିଓ ଓ ପ୍ରମାଣିକ ଫିଲ୍ମକୁ ପ୍ରଦର୍ଶନ କରାଇବେ। ରାଜ୍ୟ ସଂସ୍କୃତି ଓ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଏହି ଆୟୋଜନ କରାଯାଇଥିବାବେଳେ ସମସ୍ତ ବିଭାଗକୁ ନିଜ ନିଜର ପ୍ରମୁଖ ସଫଳତା ଭିଡିଓ, ଚିତ୍ର ଓ ଡକ୍ୟୁମେଣ୍ଟାରୀ ପ୍ରଦାନ କରିବାକୁ କୁହାଯାଇଛି।

### ଛାଡୁଛନ୍ତି ନା ନେତା...

ସବୁଠାରୁ ବଡ କଥା ହେଲା ଯେଉଁମାନେ ଦଳ ଛାଡୁଛନ୍ତି ସେମାନେ କନ୍ଦାକଟା କରି କେବଳ ରାଜନୀତି ଛାଡିଥିବା ଭି କେ ପାଣ୍ଡିଆନଙ୍କୁ ଦୋଷ ଦେଉଛନ୍ତି। ଏଥି ସହିତ ଦଳର ମୁଖିଆ ନବୀନ ପଟ୍ଟନାୟକଙ୍କୁ ବି ଛାଡୁ ନାହାନ୍ତି। ପୂର୍ବରୁ ଯେଉଁ ନେତାମାନେ ପାଣ୍ଡିଆନଙ୍କ ଦୟାରେ ରାଜ୍ୟସଭା ଯାଇଥିଲେ କିମ୍ବା ପଦ ପଦବୀ ପାଇଥିଲେ ସେମାନେ ହଠାତ୍ କାହିଁକି ତାଙ୍କର ବିରୋଧି ହୋଇଗଲେ? କେବଳ ବିଜେଡିରୁ ବିଦା ହୋଇଥିବା ପ୍ରଭାତ ବିଶ୍ୱାଳ ଦଳ ଛାଡିବା ସମୟରେ ବବିଙ୍କ ଉପରେ ଦୋଷ ଲଦିଥିଲେ। ବବି କିନ୍ତୁ ଏଭଳି ଅଭିଯୋଗକୁ ସିଧାସଳଖ ଖଣ୍ଡନ କରିନଥିଲେ। ସେହିଭଳି ହେଉଥିବା ଆଲୋଚନା ଅନୁଯାୟୀ ବିଜେଡିର ଯେଉଁ ଗୋଷ୍ଠିଟି ବିଜେପି ନେତାମାନଙ୍କ ସହିତ ଗୁପ୍ତ ମନ୍ତ୍ରଣା ଚଳାଇ ବିଜେଡିକୁ ଦୁର୍ବଳ କରୁଛନ୍ତି ସେମାନଙ୍କ ପଛରେ ବି ବବି ରହିଛନ୍ତି। କାରଣ ବିଧାୟକ ଅରବିନ୍ଦ ମହାପାତ୍ର, ରମାକାନ୍ତ ଭୋଇ, ଚନ୍ଦ୍ରମଣି କହଁର ଓ ନବ କିଶୋର ମଲ୍ଲିକ ରାଜ୍ୟସଭା ନିର୍ବାଚନରେ ବିଜେଡି ନିଷ୍ପତ୍ତି ବିରୁଦ୍ଧରେ କ୍ରସ ଭୋଟିଂ କରିବା ପରେ ଏହା ଧିରେ ଧିରେ ସ୍ପଷ୍ଟ ହେବାରେ ଲାଗିଛି। ଏହି ନେତାମାନଙ୍କୁ ବବି ହିଁ ଆଣି ବିଜେଡିରେ ମିଶାଇଥିଲେ ଓ ସେମାନେ ସମସ୍ତେ ବବିଙ୍କର ଅନୁଗତ ଥିଲେ। ଏବେ ବିଜେଡିରୁ ଯେଭଳି ଆଗଧାଡିର ନେତାମାନେ ଦଳ ଛାଡି ବିଜେପି ଶିବିର ମୁହାଁ ହୋଇଛନ୍ତି ତାହାର ଅସଲ କାରଣ ଖୋଜି ବିଜେଡି ମୁଖିଆ ପ୍ରତିକାର ନକଲେ ଆଗାମୀ ଦିନରେ କମଳ ଧୋଇବା ଭଳି ଅବସ୍ଥା ହୋଇଯିବ ବୋଲି ଦଳୀୟ କର୍ମୀମାନେ ଆଲୋଚନା କରୁଥିବାବେଳେ ନବୀନ ପଟ୍ଟନାୟକ କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର।

## ନିଆଁ ଲାଗି ଜଳିଗଲା ସ୍କୁଟି



**ହିଞ୍ଜିଳିକାଟୁ,୫।୬ (ସଂଚାର ବ୍ୟୁରୋ):** ହିଞ୍ଜିଳି ବ୍ଲକ ବେଲଗାଁ ଥାନା ଅନ୍ତର୍ଗତ ଭାବନ୍ଧ ପଞ୍ଚାୟତର ସୂର୍ଯ୍ୟନାରାୟଣପୁର ଗ୍ରାମରେ ଏକ ସ୍କୁଟିରେ ରହସ୍ୟଜନକ ଭାବେ ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ସୂଚନା ଅନୁସାରେ, ସୂର୍ଯ୍ୟନାରାୟଣପୁର ଗ୍ରାମର ନାଇଡୁ ରାମୟା (୬୭) ଗତ ଗୁରୁବାର ରାତ୍ର ନିଜ ସ୍କୁଟିକୁ ଘର ପାର୍କିଂ ସ୍ଥାନରେ ରଖିଥିଲେ। ହଠାତ୍ ଏକ ପ୍ରଚଣ୍ଡ ଶବ୍ଦ ଶୁଣି ସେ ଘରୁ ବାହାରକୁ ଆସି ଦେଖିଥିଲେ ଯେ ସ୍କୁଟିରେ ନିଆଁ ଲାଗିଯାଇଛି। ତୁରନ୍ତ ସେ ଆଖପାଖ ଲୋକଙ୍କୁ ଜଣାଇ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସେତେବେଳକୁ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ପୋଡ଼ି ନଷ୍ଟ ହୋଇଯାଇଥିଲା। ତେବେ କେଉଁ କାରଣରୁ ସ୍କୁଟିରେ ନିଆଁ ଲାଗିଲା ତାହା ସଠିକ ଭାବେ ଜଣା ପଡିନାହିଁ । ଏନେଇ ନାଇଡୁ ରାମୟା ବେଲଗାଁ ଥାନାରେ ଲିଖିତ ଅଭିଯୋଗ କରି ଘଟଣାର ସଠିକ ତଦନ୍ତ ସହ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ପୋଲିସ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।ସ୍କୁଟିରେ ନିଆଁ ଲାଗିବାର ପ୍ରକୃତ କାରଣ ପୋଲିସର ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ସ୍ଥାନୀୟ ମହଲରେ ଆଲୋଚନା ହେଉଛି।

## ଏସ୍. ସୁଶ୍ରୀ ଜୟପୁର ଭିଜିଲାନ୍ସ ଏସ୍‌ପି



**ବୋରିଗୁମ୍ମା/ଜୟପୁର,୫।୬ (ସଂଚାର ବ୍ୟୁରୋ):** କୋରାପୁଟ ଡିଭିଜନ୍ ଅଧୀନ ଜୟପୁରସ୍ଥିତ ଭିଜିଲାନ୍ସ ବିଭାଗ କାର୍ଯ୍ୟାଳୟରେ ଯୁବ ମହିଳା ଆଇପିଏସ୍ ଅଧିକାରୀ ଏସ୍. ସୁଶ୍ରୀ ଗତ ସୋମବାର ଠାରୁ ଭିଜିଲାନ୍ସ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଭିଜିଲାନ୍ସ ବିଭାଗକୁ ବଦଳି କରାଯାଇ ଜୟପୁର କାର୍ଯ୍ୟାଳୟର ଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି। ଏହା ପୂର୍ବରୁ ସେ ନୟାଗଡ଼ ଜିଲ୍ଲାର ପୁଲିସ ଅଧୀକ୍ଷକ (ଏସପି) ଭାବେ କାର୍ଯ୍ୟରତ ଥିଲେ। ଜୟପୁର ଭିଜିଲାନ୍ସ ବିଭାଗର ଇତିହାସରେ ପ୍ରଥମ ଥର ପାଇଁ ଜଣେ ମହିଳା ଆଇପିଏସ୍ ଅଧିକାରୀ ଏସ୍‌ପି ଭାବେ ଦାୟିତ୍ୱ ନେଇଥିବାରୁ ଏହା ବିଶେଷ ଗୁରୁତ୍ୱ ବହନ କରୁଛି। ଅବିଭକ୍ତ କୋରାପୁଟ ଜିଲ୍ଲାରେ ଦୁର୍ନୀତି ନିୟନ୍ତ୍ରଣ ଓ ସ୍ୱଚ୍ଛ ପ୍ରଶାସନ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଭିଜିଲାନ୍ସ ବିଭାଗକୁ ଅଧିକ ସୁଦୃଢ଼ କରାଯାଉଥିବା ବେଳେ ଯୁବ ଓ ଦକ୍ଷ ଆଇପିଏସ୍ ଅଧିକାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଉଛି। ଏସ୍. ସୁଶ୍ରୀଙ୍କ ନିଯୁକ୍ତି ମଧ୍ୟ ଏହି ପଦକ୍ଷେପର ଏକ ଅଂଶ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ଯେ ଜୟପୁର ଭିଜିଲାନ୍ସ ବିଭାଗର ପୂର୍ବତନ ଏସ୍‌ପି ରବୀନ୍ଦ୍ର କୁମାର ପଣ୍ଡାଙ୍କୁ କଟକସ୍ଥିତ ଭିଜିଲାନ୍ସ ବିଭାଗର ମୁଖ୍ୟାଳୟକୁ ବଦଳି କରାଯାଇଛି ।

## ରାଜ୍ୟସ୍ତରୀୟ ବରିଷ୍ଠ ଖେଳକୁଦ ଚାମ୍ପିଅନସିପ୍ ଭଗନେବେ ମୟୂରଭଞ୍ଜର ୩୬ ଜଣିଆ ଦଳ




**ବାରିପଦା,୫।୬ (ସଂଚାର ବ୍ୟୁରୋ):** ଓଡିଶା ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ କଟକଠାରେ ଅନୁଷ୍ଠିତ ହେବାକୁ ଥିବା ୭୨ତମ ରାଜ୍ୟସ୍ତରୀୟ ବରିଷ୍ଠ ଖେଳକୁଦ ଚମ୍ପିୟାନସିପରେ ଅଂଶଗ୍ରହଣ କରିବା ପାଇଁ ମୟୁରଭଞ୍ଜର ୩୬ ଜଣିଆ ଦଳ କଟକ ଗସ୍ତ କରିଛନ୍ତି । ଦଳରେ କାଜଲ ମାଣ୍ଡି, ଫୁଲସରୀ ମାଣ୍ଡି, ପୁଷ୍ପାବତୀ କିସ୍କୁ, ଅନିକା ବେଶ୍ରା, ରିତା ଦାସବାବୁ, ଭାରତୀ ହେମ୍ବ୍ରମ, ଶୋଭା କିସ୍କୁ, ବର୍ଷା ସୋରେନ, ସନ୍ଧ୍ୟା ହେମ୍ବ୍ରମ, ଶିବୁ ସିଂ, ସୁରାଇ ମାଣ୍ଡି, ସୁରେନ୍ଦ୍ର ହେମ୍ବ୍ରମ, ବିଶ୍ୱଜିତ ଦାସ, ସୁରେନ୍ଦ୍ର ବାଦ୍ରା, ଶ୍ଳୋକା ସାଇ, ଆଶୁତୋଷ ସିଂ, ରାଜେଶ କୁମାର ପାତ୍ର, ମାମୁନି ବିନ୍ଧାଣି, ରାଜେଶ୍ୱରୀ ସିଂ, ବସୁମତୀ ସାୟନ, ଶାନେ ଟୁଡୁ, ହାଡିବନ୍ଧୁ କିସ୍କୁ, ପଙ୍କଜ ସୋରେନ, ଦୀପୁ କିସ୍କୁ, ଦେବାଶିଷ ସମାଦ, ରାଲିଆ ମୁର୍ମୁ, ସନ୍ଧ୍ୟା ମୁର୍ମୁ, ମାନସ କୁମାର ସିଂ, ଗୋବିନ୍ଦ ଟୁଡୁ, ପ୍ରେମରାଜ ଟୁଡୁ, ଆସ୍ମାନ ପୂର୍ତ୍ତି, ଶଙ୍କ ବେଶ୍ରା, ଦଲନ ଚନ୍ଦ୍ର କୁଁଅରଦେଓ, ଚାନ୍ଦ୍ରୟ ମୁର୍ମୁ, ଅମିତ କୁମାର ଦଳବେହେରା ଓ ପ୍ରକାଶ କୁମାର ନାୟକ ସାମିଲ ଅଛନ୍ତି ବୋଲି ଏଥଲେଟିକ ସମ୍ପାଦକ ଅମ୍ବିକା ରାଉତ ଜଣାଇଛନ୍ତି । ଟିମ ମ୍ୟାନେଜର ଭାବେ ନରେଶ ଚନ୍ଦ୍ର ହେମ୍ବ୍ରମ ଓ କୋଚ ଭାବେ ଦଲନ ଚନ୍ଦ୍ର କୁଁଅରବାବୁ ଦଳ ସହିତ ଗସ୍ତ କରିଛନ୍ତି । ଚଳିତ ମାସ ୬ ଓ ୭ ତାରିଖ ଦୁଇଦିନ ଧରି ଏହି ଚମ୍ପିୟାନସିପ ଅନୁଷ୍ଠିତ ହେବବୋଲି ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି ।

## ମେରା ଯୁବା ଭାରତ ଓ ଫୋର୍ଡ ଦ୍ୱାରା ବିଶ୍ୱ ପରିବେଶ ଦିବସ ପାଳିତ

**ବେତନଟୀ,୫।୬ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ୍ ଅନ୍ତର୍ଗତ ନାଖରା ଗ୍ରାମରେ ମେରା ଯୁବା ଭାରତ ମୟୂରଭଞ୍ଜ ଓ ଫୋର୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଅଛି । ଫୋର୍ଡର ଲିୟନ୍ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ସୁବାସ ଚନ୍ଦ୍ର ମହାପାତ୍ର , ଅଧ୍ୟାପକ ବୈଶିଙ୍ଗା ଉଚ୍ଚମାଧ୍ୟମିକ ବିଦ୍ୟାଳୟ , ମୁଖ୍ୟବକ୍ତା ବିରଞ୍ଚି ନାରାୟଣ ଦାଶ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ସ୍ୱତନ୍ତ୍ର ଅତିଥି ଡକ୍ଟର ରମାକାନ୍ତ ମହାନ୍ତ, ପରିବେଶ ବିତ୍ , ସମ୍ମାନୀୟ ଅତିଥି ବିଜୟ ଭାସ୍କର ମହାଲିକ, ପ୍ରଧାନ ଶିକ୍ଷକ ବୁଢ଼ାବଲଙ୍ଗ ଉଚ୍ଚ ବିଦ୍ୟାଳୟ , ମୀନକେତନ ମହାନ୍ତି ସମାଜ ସେବୀ , ସନ୍ତୋଷ ଦୁର୍ଗା ଅବସର ପ୍ରାପ୍ତ ଜେଲ ଅଧୀକ୍ଷକ, ଯୋଗ ସହାୟିକା ସୁଜିତା ମହାନ୍ତି ଯୋଗ ଦେଇଥିଲେ । ସନ୍ତୋଷ କୁମାର ଖଣ୍ଡା ସଭାକୁ ପରିଚାଳନା କରିଥିଲେ । ଅତିଥି ବୃନ୍ଦଙ୍କୁ ଫୁଲ ଗଛ ଦେଇ ସ୍ୱାଗତ କରା ଯାଇଥିଲା । ରାସ୍ତା, ଶିଳ୍ପ ଓ ଗୃହ ନିର୍ମାଣ ଲାଗି ଯେଉଁ ଭଳି ଭାବରେ ଗଛ କଟା ଯାଉଅଛି ସେଥିରେ ପରିବେଶର ସନ୍ତୁଳନ ବିଗିଡ଼ି ଯିବା ସହିତ ସମଗ୍ର ଜୀବ ଜଗତ ପାଇଁ ବିପଦର କାରଣ ହେଉଅଛି । ଉକ୍ତ ଦିବସରେ ସମସ୍ତେ ପରିବାରର ଜନ୍ମଦିନ , ବିଭାଘର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ତଥା ବିଭିନ୍ନ ପର୍ବପର୍ବାଣୀକୁ ସ୍ମରଣୀୟ ରଖିବା ପାଇଁ ଗୋଟିଏ ଗୋଟିଏ ଗଛ ଲଗେଇବାପାଇଁ ପାଇଁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ।

## କମଳଲୋଚନ ପଣ୍ଡାଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର



**ନୀଳଗିରି,୫।୬ (ସଂଚାର ବ୍ୟୁରୋ):** ଆଜି ନୀଳଗିରି କୁଲଡିଆ ଅଭୟାରଣ୍ୟ ଅଞ୍ଚଳ ର ଔପଦା ବ୍ଲକ ଅଧୀନସ୍ଥ ଦକ୍ଷିଣ ନରସିଂ ପଞ୍ଚାୟତ ର ଗୋବରା ଗ୍ରାମର ବାସିନ୍ଦା କମଳଲୋଚନ ପଣ୍ଡା (୭୪)ପ୍ରକୃତିର ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କମଳଲୋଚନ ପଣ୍ଡାଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ମିଳିଛି। ଓଡ଼ିଶା ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏହି ସମ୍ମାନ ମିଳିଛି। ବିଶେଷକରି ବୃକ୍ଷରୋପଣ, ବୃକ୍ଷ ବଣ୍ଟନ, ପରିବେଶ ସୁରକ୍ଷା ସଚେତନତା, ବନାଗ୍ନି ନିରାକରଣ, ବନ୍ୟପ୍ରାଣୀ ସୁରକ୍ଷା, ମୃତ୍ତିକା ସଂରକ୍ଷଣ, ପକ୍ଷୀ ସୁରକ୍ଷା, ପ୍ଲାଷ୍ଟିକ ବ୍ୟବହାରକୁ ନା ଇତ୍ୟାଦି କାର୍ଯ୍ୟକ୍ରମ ନିମନ୍ତେ ସେ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆଙ୍କ ଉପସ୍ଥିତିରେ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି, ଦକ୍ଷିଣ ନରସିଂହପୁର ପଞ୍ଚାୟତ ଗୋବରା ଗ୍ରାମର ପର୍ଶୁରାମ ପଣ୍ଡା ଓ ମମତା ପଣ୍ଡାଙ୍କ ପୁଅ ହେଉଛନ୍ତି କମଳଲୋଚନପଣ୍ଡା , ଅଧୁନା ସେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଗ୍ରନ୍ଥାଗାର ସହାୟକ ଭାବରେ କାର୍ଯ୍ୟରତ ଅଛନ୍ତି।

**ଶବ ମାଗୁଛି ନ୍ୟାୟ**

# ଥାନା ସାମ୍ନାରେ ମୃତଦେହ ରଖି ଧାରଣା




**କାକଟପୁର/ଅସ୍ତରଙ୍ଗ,୫।୬ (ସଂଚାର ବ୍ୟୁରୋ):** ଜମିଜମା ସମସ୍ୟାକୁ ନେଇ ଗଣ୍ଡଗୋଳ ପରେ ପୁଲିସର ତଦନ୍ତକୁ ନେଇ ମାନସିକ ଗ୍ଳାନିରେ ଉଚ୍ଚରକ୍ତଚାପ ସହ ହୃଦଘାତରେ ମୃତ୍ୟୁ। ପରିବାର ଲୋକ ନ୍ୟାୟ ପାଇଁ କାକଟପୁର ଥାନା ସାମ୍ନାରେ ଶବ ରଖି ଧାରଣା।

ଖବର ମୁତାବକ, ପୁରୀ ଜିଲ୍ଲା କାକଟପୁର ଥାନା ଅଧୀନ ବରଜୀସାହି ଗ୍ରାମର ଦେବେନ୍ଦ୍ର ରାଉତ ଓ ଉପେନ୍ଦ୍ର ରାଉତଙ୍କ ପରିବାର ମଧ୍ୟରେ ପୂର୍ବରୁ ଜମିଜମା ସମସ୍ୟାକୁ ନେଇ ବିବାଦ ଥିବା ବେଳେ ଗତମାସ ମେ ୩୦ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପାଟିତୁଣ୍ଡ ପରେ ଦେବେନ୍ଦ୍ର ରାଉତ କାକଟପୁର ଥାନାରେ ୫ଜଣ ନାଁରେ ଅଭିଯୋଗ ଦେଇଥିଲେ। ଅନ୍ୟପଟେ ପାଟିତୁଣ୍ଡକୁ କେନ୍ଦ୍ର ଉପେନ୍ଦ୍ର ରାଉତଙ୍କ ପତ୍ନୀ କୁନି ରାଉତ ୬ଜଣ ନାଁରେ ଅଭିଯୋଗ ଦେଇଥିଲେ। କିନ୍ତୁ ପୁଲିସ ଉଭୟ ଅଭିଯୋଗ ପାଇବା ପରେ ଥାନା କେଶ ନମ୍ବର ୧୯୬/୨୬, ୧୯୭/୨୬ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ବିଳମ୍ବ ସହ ସଠିକ ନ୍ୟାୟ ଥାନାରୁ ନ ମିଳିବାରୁ ମାନସିକ ଗ୍ଳାନିରେ ଭାଙ୍ଗି ପଡ଼ିଥିଲେ ଉପେନ୍ଦ୍ର ରାଉତ। ଏହା ପରେ ମାନସିକ ଚିନ୍ତା ସହ ପୁଲିସ ଆଚରଣ ବ୍ୟଥିତ କରିଥିବା ସାମ୍ନାରେ ରଖି ନ୍ୟାୟ ଦାବି ସହ ପୁଲିସ ତଦନ୍ତକୁ ନେଇ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ।

### ପୁଲିସର ତଦନ୍ତକୁ ନେଇ ସନ୍ଦେହ

ବେଳେ ଉପେନ୍ଦ୍ରଙ୍କ ଉଚ୍ଚ ରକ୍ତଚାପ ଯୋଗୁଁ ହୃଦଘାତ ହୋଇଥିଲା। ବାଟରେ ନେଇ ଯାଉଥିବା ବେଳେ ସବୁଦିନ ପାଇଁ ଆଖି ବୁଜି ଦେଇଥିଲେ। ମୃତଦେହକୁ ଶୁକ୍ରବାର ପୂର୍ବାହ୍ନ ସମୟରେ କାକଟପୁର ଥାନା

ପରିବାର ଲୋକ ଅଭିଯୋଗ କରିଛନ୍ତି ଯଦି ପୁଲିସ ସଠିକ ଓ ଉପଯୁକ୍ତ ନ୍ୟାୟ ପ୍ରଦାନ କରିଥାନ୍ତେ ତାହା ହେଲେ ମାନସିକ ଗ୍ଳାନିରେ ଉପେନ୍ଦ୍ରଙ୍କର ମୃତ୍ୟୁ ହୋଇନଥାନ୍ତା। ଥାନାରେ ଅଭିଯୋଗ ପରେ କାର୍ଯ୍ୟରତ ପୁଲିସ ଏଏସଆଇ ମାମଲା ଚାପିବା ସହ ତଦନ୍ତରେ ଟାଳଟୁଳ ନୀତି ଅବଲମ୍ବନ କରି ଚାପ ପକାଇଥିଲେ ବୋଲି ଧାରଣାରେ ଥିବା ବ୍ୟକ୍ତିଙ୍କ ସହ ଜିତେନ୍ଦ୍ର ରାଉତ ଗଣମାଧ୍ୟମ ସାମ୍ନାରେ କହିଛନ୍ତି।

ଏ ନେଇ କାକଟପୁର ଥାନାଧିକାରୀ ବସନ୍ତ କୁମାର ସାହୁ କହିଛନ୍ତି ଉଭୟ ପକ୍ଷ ଅଭିଯୋଗ ପରେ ମାମଲା ରୁଜୁ ସହ ଭଦ୍ରଲୋକ ମାଧ୍ୟମରେ ଆଲୋଚନା ହେବାର ଥିଲା। କିନ୍ତୁ ଆଜି ଦୁଃଖଦ ଘଟଣା ଘଟିଛି। ଧାରଣା ବସିଥିବା ଲୋକଙ୍କ ସହ ଆଲୋଚନା କରି ଘଟଣାର ସମ୍ପୂର୍ଣ୍ଣ ନିରପେକ୍ଷ ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଏହା ପରେ ଥାନାରେ ଏକ ଅପମୃତ୍ୟୁ ମାମଲା ୧୪/୨୬ରେ ରୁଜୁ କରି ମୃତଦେହକୁ ଶବ ବ୍ୟବଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି।

## ବିଶ୍ୱ ସାଇକେଲ ଦିବସ ପାଳିତ




**ଧାମନଗର,୫।୬ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଅସୁରାଳି ଖପରପଦାରେ ମେରା ଯୁବ ଭାରତ,ଭଦ୍ରକ ଅନ୍ତର୍ଗତ ମା ଜାଗୁଲେଇ ଯୁବକ ସଂଘ ତରଫରୁ ବିଶ୍ୱ ସାଇକେଲ ଦିବସ ପାଳିତ ହୋଇଅଛି।

ଏହି ଅବସରରେ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ, ଯୁବକ ଓ ଯୁବତୀମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଏବଂ ସ୍ଲୋ-ସାଇକେଲ ପ୍ରତିଯୋଗିତା ହୋଇଥିଲା। ସମସ୍ତ ପ୍ରତିଯୋଗିତା ଶେଷରେ ଏକ ସଭା ଆୟୋଜନ ହେଇଥିଲା। ଏଥିରେ କ୍ଲବ ସମ୍ପାଦିକା ସୁକାନ୍ତି ସାହୁ ସଭା ପରିଚାଳନା କରିଥିବା ବେଳେ ସ୍ଥାନୀୟ ସାହୁ କୋଚିଂ ସେଣ୍ଟରର ମୁଖ୍ୟ ଲକ୍ଷ୍ମଣ କୁମାର ସାହୁ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ପ୍ରତିକ୍ଷା ସାହୁ ଏବଂ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ହିମାଂଶୁ ଚରଣ ବେହେରା ଅତିଥି ଭାବରେ ଯୋଗ ଦେଇ ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସଂପର୍କରେ ବକ୍ତବ୍ୟ ରଖିବା ସହ ପ୍ରତିଯୋଗୀତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ସ୍ଲୋ ସାଇକେଲରେ ସଞ୍ଜୟ କୁମାର ସାହୁ ପ୍ରଥମ, ଶୁଭମଜ୍ୟୋତି ରାଉତ ଦ୍ୱିତୀୟ ଏବଂ ପ୍ରକାଶ ମଳିକ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ସାଧାରଣ ଜ୍ଞାନରେ ପ୍ରିୟଙ୍କା ଶିଅଳ ପ୍ରଥମ , ଶୁଭସ୍ମିତା ସୂତାର ଦ୍ୱିତୀୟ ଏବଂ ସୋମ୍ୟାଶାଶ୍ୱତି ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ।

**ଉପକୂଳ ଭିଟାମାଟି ସୁରକ୍ଷା ପକ୍ଷରୁ ବିଶ୍ୱ ପରିବେଶ ଦିବସରେ ଜନସମାବେଶ**

## ମରିବୁ ପଛେ ଇଞ୍ଚେ ମାଟି ଛାଡ଼ିବୁ ନାହିଁ



**ବାଲିଆପାଳ,୫।୬ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଚଉମୁଖ ଠାରେ ପ୍ରସ୍ତାବିତ ସୁବର୍ଣ୍ଣ ରେଖା ବନ୍ଦରକୁ ବିରୋଧ କରି ବିଶ୍ୱ ପରିବେଶ ଦିବସରେ ଜମ୍ବିରାଇ ପଞ୍ଚାୟତର ମକରପଡିଆ ଠାରେ ଶୁକ୍ରବାର ଉପକୂଳ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ବିଶାଳ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଅରୁଣ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ବାଲିଆପାଳ କଂଗ୍ରେସର ବରିଷ୍ଠ ନେତା ବିଜନ ନାୟକ, ଜିଲ୍ଲା ପରିଷଦ ବାବାଜୀ ଦେହୁରୀ, ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୈଧୁରୀ, ସୁଚନା ବିଭାଗର ସଭାପତି ଅନୁଜ ମହାପାତ୍ର,ଆଇନ ଗତ ଉପଦେଷ୍ଟା ମନୋଜ ନାୟକ,ସିପିଆଇଏମ ର ନେତା ଦିଲ୍ଲୀପ ଗିରି, ପ୍ରକାଶ ଦେ, ବିଜେଡି ସଭାପତି ଭଗବାନ ଗିରି, ମନ୍ମଥ ଗିରି, ପରମେଶ୍ୱର ବାରିକ ପ୍ରମୁଖ ଯୋଗଦେଇଥିଲେ।

ବାଲିଆପାଳ ଅଞ୍ଚଳ ଏକ ବହୁ ଫସଲି କୃଷି ଅର୍ଥନୀତି ସମୃଦ୍ଧ ବିରଳ ଭୂଖଣ୍ଡ ଧାନ,ପାନ ମୀନ, କାଜୁ,ଗୁଆ,ଚିନା ନଡ଼ିଆର ରତ୍ନ ଗର୍ଭା ମାଟି। ଆମେ ମରିବୁ ପଛେ ଇଞ୍ଚେ ଜାଗା ଛାଡିବୁ ନାହିଁ। ସରକାର ଚକ୍ରାନ୍ତ କରି ବିନାଶ କାରୀ ବହୁମୁଖି ବନ୍ଦର, ବନ୍ଦର ଭିତ୍ତିକ ପ୍ରକଳ୍ପ, ମାରାତ୍ମକ ପେଟ୍ରୋଲକେମିକାଲ ଏବଂ ଅନ୍ୟ ଶିଳ୍ପ କୋରିଡର ନିର୍ମାଣ କରୁବାର ସ୍ୱପ୍ନକୁ ପୂରଣ କରିବା ପାଇଁ ଦେବୁ ନାହିଁ ବୋଲି ଅତିଥି ମାନେ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ବିଗତ ଦିନରେ ସରକାର ରାଜ୍ୟ ପ୍ରଦୂଷଣ ପରିବେଶ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ୨୦୨୪ ଡିସେମ୍ବର ୧୭ ତାରିଖରେ ସପକ୍ଷ ବାଦୀ ଏବଂ ବିପକ୍ଷ ବାଦୀଙ୍କୁ ନେଇ ହୋଇଥିବା ଜନଶୁଣାଣୀକୁ ଦେଢ ବର୍ଷ ପୁରିଲା ମାତ୍ର ସରକାର କାହିଁକି ଏହାର ସ୍ପଷ୍ଟ କରଣ କରୁନାହାନ୍ତି ବୋଲି ସଭାପତି ଶ୍ରୀ ଜେନା ସରକାରଙ୍କ ଉପରେ ବର୍ଷିଥିଲେ।

## ସରେଇଠାରୁ ହାତୀଶିଳା ରାସ୍ତା ନିର୍ମାଣରେ ଅନିୟମିତତା

### ବିନା ଛଡରେ ୱାଲ୍ ନିର୍ମାଣ

### ରାସ୍ତାର ଗୁଣବତ୍ତାକୁ ନେଇ ପ୍ରଶ୍ନ

**ଆନନ୍ଦପୁର,୫।୬ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ଅନ୍ତର୍ଗତ ସରେଇ ଠାରୁ ହାତୀଶିଳା ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ନିର୍ମାଣାଧୀନ ରାସ୍ତାର ଗୁଣବତ୍ତାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଥିବା ବେଳେ କାର୍ଯ୍ୟର ତଦାରଖ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି।

ଅଭିଯୋଗ ଅନୁସାରେ, ରାସ୍ତା ପାର୍ଶ୍ୱରେ ନିର୍ମାଣ ହେଉଥିବା ୱାଲ୍‌ରେ ରଡ୍ ବ୍ୟବହାର କରାଯାଉନାହିଁ। ଏହା ଏଷ୍ଟିମେଣ୍ଟରେ ନଥିବାରୁ ରଡ୍ ଦିଆଯାଇନି ନା ଜାଣିଶୁଣି ନିର୍ମାଣ ସଂସ୍ଥା



ଏଭଳି କାମ କରୁଛି, ତାହାକୁ ନେଇ ସ୍ଥାନୀୟ ଲୋକ ପ୍ରଶ୍ନ ଉଠାଇଛନ୍ତି। ରଡ୍ ବିନା ୱାଲ୍ ନିର୍ମାଣ ହେଲେ ଏହାର ସ୍ଥାୟୀତ୍ୱ ଓ ସୁରକ୍ଷା ଉପରେ ପ୍ରଭାବ ପଡ଼ିପାରେ ବୋଲି ମତ ପ୍ରକାଶ ପାଉଛି। ଅନ୍ୟପଟେ, ରାସ୍ତା ନିର୍ମାଣରେ ବ୍ୟବହୃତ ସାମଗ୍ରୀ ଓ କାର୍ଯ୍ୟର ମାନକୁ ନେଇ ମଧ୍ୟ ଅନେକ ପ୍ରଶ୍ନ ଉଠିଛି।

ସରକାରୀ ଅର୍ଥରେ ହେଉଥିବା ଏହି କାର୍ଯ୍ୟରେ ନିର୍ଦ୍ଧାରିତ ମାନଦଣ୍ଡ ପାଳନ ହେଉଛି କି ନାହିଁ, ତାହାର ଯାଞ୍ଚ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା। ସବୁଠାରୁ ବଡ଼ କଥା ହେଲା, କାର୍ଯ୍ୟସ୍ଥଳକୁ ବିଭାଗୀୟ ଯନ୍ତ୍ରୀ ନିୟମିତ ଭାବେ ଆସୁଛନ୍ତି କି ନାହିଁ ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ଯଥେଷ୍ଟ ତଦାରଖ ନ ଥିବାରୁ ଠିକାଦାର ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ତେବେ ଏହି ଅଭିଯୋଗ ନେଇ ସମ୍ପୃକ୍ତ ବିଭାଗ କିମ୍ବା ଠିକାଦାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସ୍ଥାନୀୟ ଲୋକେ ଘଟଣାର ନିରପେକ୍ଷ ତଦନ୍ତ ସହ ରାସ୍ତା ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ସାରଦା ପ୍ରସାଦ ଦାସଙ୍କୁ 'ପ୍ରକୃତି ମିତ୍ର' ପୁରସ୍କାର



**ଛତ୍ରପୁର,୫।୬ (ସଂଚାର ବ୍ୟୁରୋ):** ବିଶ୍ୱ ପରିବେଶ ଦିବସ ଅବସରରେ ଗଞ୍ଜାମ ଅଷ୍ଟମ ବାଟାଲିୟନର ଦୁର୍ଗପତି ସାରଦା ପ୍ରସାଦ ଦାସଙ୍କୁ ଜିଲ୍ଲା ସ୍ତରୀୟ 'ପ୍ରକୃତି ମିତ୍ର' ପୁରସ୍କାର ପ୍ରଦାନ କରାଯାଇଛି। ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ କ୍ଷେତ୍ରରେ ତାଙ୍କର ନିରନ୍ତର ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଛି।

ଗୋଟିଏ ପଟେ ସେ ନିଜର ପ୍ରଶାସନିକ ଦାୟିତ୍ୱକୁ ଦକ୍ଷତାର ସହ ତୁଲାଉଥିବା ବେଳେ, ଅନ୍ୟପଟେ ପରିବେଶ ସୁରକ୍ଷା ପ୍ରତି ତାଙ୍କର ନିଷ୍ଠା ଓ ସମର୍ପଣ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ତାଙ୍କ ନେତୃତ୍ୱ ଓ ପ୍ରେରଣାରେ ୩୦୦୦ରୁ ଅଧିକ ବୃକ୍ଷ ରୋପଣ କରାଯାଇଥିବା ବେଳେ ସେ ଯୁବପିଢ଼ିଙ୍କ ପାଇଁ ଏକ ଅନୁକରଣୀୟ ଉଦାହରଣ ସାଜିଛନ୍ତି। କେବଳ ବୃକ୍ଷରୋପଣ ନୁହେଁ, ବରଂ ସେଗୁଡ଼ିକର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଉପରେ ମଧ୍ୟ ସେ ବିଶେଷ ଗୁରୁତ୍ୱ ଦେଇଆସୁଛନ୍ତି।

ଏହି ସମ୍ମାନ ପାଇବା ପରେ ଅଷ୍ଟମ ବାଟାଲିୟନ ଓ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଉଥିବା ବେଳେ ସ୍ଥାନୀୟ ଲୋକେ ଏହାକୁ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଛନ୍ତି।

## ଏସ୍‌ଆଇଆର୍ ସଚେତନତା ରଥର ଶୁଭାରମ୍ଭ




**ଫୁଲବାଣୀ,୫।୬ (ସଂଚାର ବ୍ୟୁରୋ):** ଭାରତର ନିର୍ବାଚନ ଆୟୋଗଙ୍କ ସ୍ୱତନ୍ତ୍ର ମତଦାତା ତାଲିକା ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟକ୍ରମକୁ ନେଇ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ କନ୍ଧମାଳ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ବେଦଭୂଷଣ ପତାକା ଦେଖାଇ ଏହି ସଚେତନତା ରଥର ଶୁଭ ଉଦ୍‌ଘାଟନ କରିଥିଲେ।ମତଦାତା ତାଲିକାରେ ନାମ ଅନ୍ତର୍ଭୁକ୍ତି, ସଂଶୋଧନ ଓ ବିଲୋପ ସମ୍ପର୍କିତ ସୂଚନା ଲୋକଙ୍କ ନିକଟରେ ପହଞ୍ଚାଇବା ସହ ଏସ୍‌ଆଇଆର୍ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏହି ରଥର ମୂଳ ଲକ୍ଷ୍ୟ ବୋଲି ଜଣାପଡ଼ିଛି। ଉଦ୍‌ଘାଟନ ପରେ ରଥଟି ଫୁଲବାଣୀ ସହରର ବିଭିନ୍ନ ୱାର୍ଡ ଓ ଜନବହୁଳ ଅଞ୍ଚଳ ପରିଭ୍ରମଣ କରି ସଚେତନତା ବାର୍ତ୍ତା ପ୍ରଚାର କରିଥିଲା।

ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ଉପଜିଲ୍ଲାପାଳ ଭିକାରୀ ସାହୁ, ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆଙ୍କ ସମେତ ଜିଲ୍ଲା ପ୍ରଶାସନର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାରେ ଏସ୍‌ଆଇଆର୍ କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ଏହି ସଚେତନତା ଅଭିଯାନ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଛି।

## ସୁଦର୍ଶନ ଦାରୁପୀଠରେ ଶ୍ରଦ୍ଧାଳୁଙ୍କୁ ତୁଳସୀ ଚାରା ବଣ୍ଟନ

**ବାଲିଅନ୍ତା,୫।୬ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଗଡ଼ କଣ୍ଟୁଣିଆ ସୁଦର୍ଶନ ଦେବ ଦାରୁପୀଠ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଆଜି ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କାଞ୍ଚନ ଫାଉଣ୍ଡେସନ ଏବଂ ଜୟଦେବ ଗ୍ରିନ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଶତାଧିକ ଶ୍ରଦ୍ଧାଳୁମାନଙ୍କୁ ଶତାଧିକ ତୁଳସୀ ଚାରା ବଣ୍ଟନ କରାଯାଇଥିଲା । ଏନେଇ କାଞ୍ଚନ ଫାଉଣ୍ଡେସନ ରଞ୍ଜନ କୁମାର ମହାପାତ୍ର ଏବଂ ଗ୍ରିନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ଲୋକଙ୍କୁ ସଚେତନ କରାଇବା ସହ ପରିବେଶ ସଂକ୍ରାନ୍ତୀୟ ପ୍ଲାକାର୍ଡ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦାରୁବ୍ରହ୍ମ ଟ୍ରଷ୍ଟର କୋଷାଧ୍ୟକ୍ଷ ଚକ୍ରଧର ନାୟକ, ପ୍ରକୃତବନ୍ଧୁ ନିରଞ୍ଜନ ସେନାପତି, ହରେକୃଷ୍ଣ ମହାରଣା ପ୍ରମୁଖ ସାମିଲ ଥିଲେ ।



## ବିଶ୍ୱ ପରିବେଶ ଦିବସରେ ସମ୍ମାନିତ ହେଲେ 'ପ୍ରକୃତି ବନ୍ଧୁ' ଓ 'ପ୍ରକୃତି ମିତ୍ର'



**ସୁନ୍ଦରଗଡ,୫।୬ (ସଂଚାର ବ୍ୟୁରୋ):** ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ "ପ୍ରକୃତି ବନ୍ଧୁ" ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ସୁନ୍ଦରଗଡ଼ର ବିଭିନ୍ନ ବ୍ଲକର ପରିବେଶବିତ ତଥା ପ୍ରକୃତି ପ୍ରେମୀ। ବାଲିଶଙ୍କରା ବ୍ଲକର ମନୋଜ କୁମାର ଦାନୀ, ଟାଙ୍ଗରପାଲି ବ୍ଲକର ସୁଶାନ୍ତ କୁମାର ଷଡ଼ଙ୍ଗୀ, ବିଶ୍ରା ବ୍ଲକର ସିପ୍ରା ସାହୁ, ସଦରବ୍ଲକର ପ୍ରଦୀପ କୁମାର ସାହୁ, ରାଜଗାଙ୍ଗପୁର ବ୍ଲକର କବିତା କୁମାରୀ ଭୂୟାଁ, କୁତ୍ରା ବ୍ଲକର ଗୋବିନ୍ଦ ଚନ୍ଦ୍ର ମିଶ୍ର, ବଣାଇ ବ୍ଲକର ଜେନାମନି ସାହୁ, ଲାଠିକଟା ବ୍ଲକର ପଦ୍ମା ମୁଣ୍ଡା।

ସେପରି ଭାବେ ଚଳିତ ବର୍ଷ "ପ୍ରକୃତି ମିତ୍ର " -୨୦୨୬ ପୁରସ୍କାରରେ ଲେଫ୍ରିପଡାର ସରକାରୀ ପ୍ରାଇମେରୀ ସ୍କୁଲ ଢେଲସରା, ବଣାଇର ଜନତା ହାଇସ୍କୁଲ ରୁଗୁଡା, କୁତ୍ରାର ତରକେରା ହାଇସ୍କୁଲ ତରକେରା, ରାଜଗାଙ୍ଗପୁରର ସରକାରୀ ପାନପୋଷ କାଂଶବାହାଲ,ସଦରର ଲମ୍ବୋଦର ହାଇସ୍କୁଲ କୁଷ୍ଣକେଲା, ବାଲିଶଙ୍କରାର ସରକାରୀ ୟୁପି ସ୍କୁଲ ସଂକ୍ରାବାହାଲ, ବିଶ୍ରାର ୟୁଥ ମୁଭମେଣ୍ଟ ଫେଡେରେସନ ଅଫ ଇଣ୍ଡିଆ ରାଉରକେଲା, ଟାଙ୍ଗରପାଲି ବ୍ଲକର ଯୋଗୀମାଲ ର 'ଜନ ସେବା ସମିତି' ଅନୁଷ୍ଠାନକୁ ସମ୍ମାନିତ କରାଯାଇଛି।

## ଜଙ୍ଗଲି ମଇଁଷି ଆକ୍ରମଣରେ ମହିଳା ମୃତ

**ଢେଙ୍କାନାଳ,୫।୬ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଅନ୍ତର୍ଗତ ବର୍ମ୍ପା ଗ୍ରାମରେ ଜଙ୍ଗଲି ମଇଁଷି ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବର୍ମ୍ପା ଗ୍ରାମର ରବି ରାଉତଙ୍କ ସ୍ତ୍ରୀ ସୈଦା ରାଉତ (୬୬)। ସୂଚନା ଅନୁସାରେ, ଗତକାଲି ଅପରାହ୍ନ ପ୍ରାୟ ୩ଟା ସମୟରେ ସୈଦା ରାଉତ ଘର ନିକଟସ୍ଥ କାଜୁ ଜଙ୍ଗଲକୁ କୌଣସି କାମରେ ଯାଇଥିଲେ। ଏହି ସମୟରେ ହଠାତ୍ ଦୁଇଟି ଜଙ୍ଗଲି ମଇଁଷି ତାଙ୍କ ଉପରେ ଆକ୍ରମଣ କରିଥିଲେ। ମଇଁଷି ଦୁଇଟି ତାଙ୍କୁ ଶିଙ୍ଗରେ ଭୟଙ୍କର ଭାବେ ଆଘାତ କରି ତଳେ କଚାଡ଼ି ଦେଇଥିଲେ। ଫଳରେ ସେ ଗୁରୁତର ଭାବେ ଆହତ ହୋଇ ପଡ଼ିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ସୈଦାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ହିନ୍ଦୋଳ ଚିକିତ୍ସାଳୟ ଏବଂ ପରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ହେଲେ କଟକ ନେବା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା।

## ଶ୍ରୀ ଶ୍ରୀ ରାଧାବଲ୍ଲଭ ମନ୍ଦିରରେ ପଞ୍ଚରାତ୍ର ଜଗନ୍ନାଥ କଥାମୃତର ଦ୍ୱିତୀୟ ସନ୍ଧ୍ୟା



**ଖୋର୍ଦ୍ଧା,୫।୬ (ସଂଚାର ବ୍ୟୁରୋ):** ସ୍ଥାନୀୟ ରାଧାବଲ୍ଲଭ ମନ୍ଦିର ପରିସରରେ ଅନୁଷ୍ଠିତ ପଞ୍ଚରାତ୍ର ଜଗନ୍ନାଥ କଥାମୃତ ପ୍ରବଚନ କାର୍ଯ୍ୟକ୍ରମର ଅନ୍ତିମ ସନ୍ଧ୍ୟାରେ ପ୍ରବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡା. ଆଶୁତୋଷ ମିଶ୍ର ସ୍କନ୍ଦ ପୁରାଣର ଚତୁର୍ଥ ଓ ପଞ୍ଚମ ଅଧ୍ୟାୟଠୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ, ଶ୍ରୀକ୍ଷେତ୍ରର ସୀମା, ବିଶେଶ୍ୱର ଶିବଙ୍କ ମହିମା, ଜମେଶ୍ୱର ଓ ନୀଳକଣ୍ଠେଶ୍ୱର ମହିମା, ଶଙ୍ଖ କ୍ଷେତ୍ରର ନାମକରଣ, କପାଳମୋଚନ ଶିବ, ଶକ୍ତି ମା ବିମଳା, ଅକ୍ଷୟ ବଟ, ଅର୍ଦ୍ଧାଶିନୀ, ଅକ୍ଷୟ ବଟ, ପୁରୁଷୋତ୍ତମ କ୍ଷେତ୍ରର ଶ୍ରେଷ୍ଠତ୍ୱ, ମୁକ୍ତିର ମାର୍ଗ, ଅଷ୍ଟ ଶକ୍ତି, ଅଷ୍ଟ ଶମ୍ଭୁ, ଅମ୍ବରୀଶ ଓ ପୁଣ୍ଡାରୀକଙ୍କର ନୀଳାଦ୍ରି ଯାତ୍ରା ଓ ମହାପ୍ରଭୁଙ୍କର ଦର୍ଶନ, ଇନ୍ଦ୍ରଦ୍ୟୁମ୍ନଙ୍କ ଶ୍ରୀକ୍ଷେତ୍ର ଆଗମନ ଅଭିଳାଷ, ବିଦ୍ୟାପତିଙ୍କ ଶ୍ରୀକ୍ଷେତ୍ର ଆଗମନ, ଶବର ରାଜା ବିଶ୍ୱାବସୁ ଙ୍କ ସହିତ ସାକ୍ଷାତ, ଇନ୍ଦ୍ରଦ୍ୟୁମ୍ନଙ୍କ ମନ୍ଦିର ନିର୍ମାଣ ଓ ଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା ଓ ସ୍ତୁତି ବିଷୟରେ ସ୍କନ୍ଦପୁରାଣରେ ଥିବା ୮୧,୦୦୦ ଶ୍ଳୋକର ସାରାଂଶ ବର୍ଣ୍ଣନା କରିଥିଲେ। ୨ ଘଣ୍ଟା ୩୦ ମିନିଟରେ ପୂର୍ଣ୍ଣାହୁତି ଆରମ୍ଭ ହୋଇଥିଲା।

ଖୋର୍ଦ୍ଧା ତଥା ପାଖ ଆଖର ବିଭିନ୍ନ ମଠାଧୀଶ ସାଧୁ ସର୍ବଶ୍ରୀ ସାଗର ମହାରାଜ, ଦାସ ମହାରାଜ, ଅନନ୍ତ ବାବା ସାଧୁ ଚରଣ ଦାସ ପ୍ରଭୃତି ଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ଆଜିକାର ଏହି କାର୍ଯ୍ୟକ୍ରମ ରେ ଦୟାନିଧି ରାଉତରାୟ, ହରିପ୍ରସାଦ ଦୋରା, ଚିତ୍ତରଞ୍ଜନ ଦାସ, ରଶ୍ମିତା ଦାସ, ଗାୟତ୍ରୀ ପ୍ରସାଦ, ଇନ୍ଦିରା ଭଗତ, ପ୍ରଫୁଲ ମିଶ୍ର, ଉମାଶଙ୍କର ମିଶ୍ର,ନିର୍ମଳଦାସ ଓ ବହୁ ଭାଗବତ ପ୍ରେମୀଙ୍କ ସମାଗମ ହୋଇଥିଲା।

**AFFIDAVIT**

I, SUBHASISH MOHAPATRA, aged about 30 years son of Abhimanyu Mohapatra, At:Baniasahi, PO: Buxibazar, PS: Mangalabag, Dist.Cuttack-753001, Aadhar card No.9450 7216 3725, do hereby solemnly affirm and state as follows :-

1. That I am the deponent of this affidavit and permanent resident of above mentioned address.
2. That my actual correct name is SUBHASISH MOHA PATRA, which has been written in my I.C.S.E, vide Roll No.T/1732/042.
3. That my name which has been written in my Aadhar card bearing No.9450 7216 3725 issued by Government of India, as Subasish Mohapatra.
4. That SUBHASISH MOHAPATRA and SUBASISH MOHAPATRA is one and same person.
5. That I swear this affidavit to be produce before the concerned authority i.e. Aadhar office for the purpose of correction my name from SUBASISH MOHAPATRA to SUBHASISH MOHAPATRA hence this affidavit.



ମେଡିକାଲ ଓ ଇଞ୍ଜିନିୟରିଂ ପରି ବୈଷୟିକ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଶିକ୍ଷାର୍ଥୀଙ୍କ ପାଇଁ ସଂରକ୍ଷଣ ବୃଦ୍ଧି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଶିକ୍ଷାର୍ଥୀଙ୍କ ପାଇଁ ସଂରକ୍ଷଣ କରି ଥିବାରୁ ମନ୍ତ୍ରୀ ଓ ବିଧାୟକମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଧନ୍ୟବାଦ ଅର୍ପଣ କରୁଛନ୍ତି।

# ବିଏମ୍‌ସି ସୃଷ୍ଟି କରିବ ୧୦ ଜଙ୍ଗଲ

- ୬୦ ହଜାର ବୃକ୍ଷ ରୋପଣ କରିବା ପାଇଁ ଲକ୍ଷ୍ୟ
- ନିଜ ମାଆଙ୍କ ନାମରେ ଗଛ ଲଗାଇବାକୁ ଆହ୍ୱାନ
- ହାତିଆଶୁଣିରେ ପ୍ରଥମ ମିୟାୱାକି ଜଙ୍ଗଲ



ଭୁବନେଶ୍ୱର, ୫ା୬ (ସଂଚାର ବ୍ୟୁରୋ):୨୦୨୬-୨୭ ଆର୍ଥିକ ବର୍ଷରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୧୦ଟି ମିୟାୱାକି ଜଙ୍ଗଲ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଛି। ୧୦ଟି ଜଙ୍ଗଲରେ ୬୦ ହଜାର ବୃକ୍ଷ ରୋପଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ହାତିଆଶୁଣୀଠାରେ ଚଳିତ ବର୍ଷର ପ୍ରଥମ ମିୟାୱାକି ଜଙ୍ଗଲର ଶୁଭାରମ୍ଭ କରିବା ଅବସରରେ ସେ କହିଛନ୍ତି ଯେ, ବିଗତ ଦୁଇବର୍ଷ ମଧ୍ୟରେ ୧୫ଟି ସ୍ଥାନରେ ୭୫ ହଜାରରୁ ଅଧିକ ବୃକ୍ଷ ମିୟାୱାକି ପଦ୍ଧତିରେ ରୋପଣ କରାଯାଇଥିଲା। ସେସବୁ ଆଜି ସ୍ୱତନ୍ତ୍ର ଜଙ୍ଗଲରେ ପରିଣତ ହୋଇଛି। ଏହି ବୃକ୍ଷ ସବୁ ୧୦ ଫୁଟରୁ ଅଧିକ ବଡ଼ ହୋଇ ଘଞ୍ଚ ଜଙ୍ଗଲ ସୃଷ୍ଟି କରିଛନ୍ତି। ସେହିପରି ନଗରବନ, ଘାଟିକିଆର ଆପିଜେ ବିଦ୍ୟାଳୟ ନିକଟସ୍ଥ ପଡ଼ିଆ, ନୟାପଲ୍ଲୀ ହଜ୍, କଳିଙ୍ଗ ନଗର କେ-୬, କଳିଙ୍ଗ ଷ୍ଟୁଡିଓ ନିକଟ ଆଦି ସ୍ଥାନରେ ମିୟାୱାକି ପଦ୍ଧତିରେ ବୃକ୍ଷ ରୋପଣ କରାଯାଉଛି।

ମେୟର ସୁଲୋଚନା ଦାସ କହିଛନ୍ତି ଯେ, ବିଏମ୍‌ସି ଚାହିଁଲେ ଏକୁଟିଆ ସବୁକିଛି କରିପାରିବ ନାହିଁ। ପ୍ରତ୍ୟେକ ବ୍ୟକ୍ତି ନିଜ ପଡ଼ିଆ ଜମିରେ ବୃକ୍ଷ ରୋପଣ କରିବା ସହ ତା'ର ରକ୍ଷଣାବେକ୍ଷଣ କରନ୍ତୁ। ପ୍ରତ୍ୟେକ ବ୍ୟକ୍ତି ନିଜ ମାଆଙ୍କ ନାମରେ ଗୋଟିଏ ବୃକ୍ଷ ରୋପଣ କରିବା ସହ ଜୀବନରେ ଯଦି ୫ଟି ବୃକ୍ଷରୋପଣ କରିବେ ତା'ହେଲେ ଆମ ଭବିଷ୍ୟତ ପିଢି ପାଇଁ ସ୍ୱଚ୍ଛ ବାୟୁର ଅଭାବ ରହିବନି।

ବିଏମ୍‌ସି କମିଶନର ଚଞ୍ଚଳ ରାଣା କହିଛନ୍ତି ଯେ, ସାଧାରଣ ପଦ୍ଧତି ତୁଳନାରେ ମିୟାୱାକି ପଦ୍ଧତିରେ ଗଛ ଲଗାଇଲେ ଅନେକ ବୃକ୍ଷ ରୋପଣ କରାଯାଇ ପାରିବ। ଏଥିରେ ମୁଖ୍ୟତଃ ଲିମ୍ବ, ବରକୋଳି, ଆମ୍ବ, କଦମ୍ବ. ପଣସ, ପେସ୍ତା ବାଦାମ, କରଞ୍ଜ, କୃଷ୍ଣଚୂଡ଼ା, ହରିଡ଼ା, ବାହାଡ଼ା, ଅଁଳା, ବେଲ, ଜାମୁକୋଳି, ଶିଶୁ ଇତ୍ୟାଦି ୨୪ ପ୍ରକାରର ସ୍ଥାନୀୟ ବୃକ୍ଷ ରୋପଣ କରାଯାଉଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ଓ ପରିବେଶ ଉପବିଭାଗର ଉପାୟୁକ୍ତ ସୁଶ୍ରୀତା ଟୁଡୁ କାର୍ଯ୍ୟ ସଂଯୋଜନା କରିଥିଲେ।

# ରାଜଧାନୀରେ ଡେଲିଭରୀ ବୟଙ୍କୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର,୫ା୬ (ସଂଚାର ବ୍ୟୁରୋ): ଖଣ୍ଡଗିରି ଥାନା ଅଞ୍ଚଳ ଜାଗମରା ଗଣ୍ଡମୁଣ୍ଡା ରାସ୍ତାରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ଡେଲିଭରୀ ବଏକୁ ୩ଜଣ ଦୁର୍ବୃତ୍ତ କଟୁରିରେ ହାଣି ଲୁଟ୍‌ପାଟ କରିଛନ୍ତି। ଗୁରୁତର ଅବସ୍ଥାରେ ଡେଲିଭରି ବୟଙ୍କୁ ପୁଲିସ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରିଛି। ଯୁବକଙ୍କ ପରିଚୟ ଜଣାପଡ଼ିନାହିଁ । ସୂଚନା ମୁତାବକ, ରାତି ପ୍ରାୟ ୧୨ଟା ପାଖାପାଖି ଡେଲିଭରି ବୟ ଜଣକ ଏକ ଆକ୍ଟିଭାରେ ଖାଦ୍ୟ ନେଇ ଜାଗମରା ଛକରୁ ପୋଖରୀପୁଟକୁ ଯାଉଥିଲେ । ଏହି ସମୟରେ ତାଙ୍କୁ ଏକ ବାଇକ୍‌ରେ ୩ ଯୁବକ ପିଛା କରିଥିଲେ। ସେମାନେ ଗଣ୍ଡମୁଣ୍ଡା ଛକ ନିକଟ ରିଲାଏନ୍ସ ପ୍ରେସ୍ ଅତିକ୍ରମ କରିବା ପରେ ଡେଲିଭରି ବୟଙ୍କ ବାଟ ଓଗାଳିଥିଲେ। ତାଙ୍କୁ ୩ ଜଣ ଯାକ ଘେରି ଯାଇ ପାଖରେ କେତେ ଟଙ୍କା ଅଛି ଦେ'ବୋଲି ମାଗିଥିଲେ। ଡେଲିଭରୀ ବୟ ଜଣକ ପାଖରେ ଟଙ୍କା ନ ଥିବା ମନା କରିବାରୁ ତାଙ୍କ ମୋବାଇଲ୍ ଫୋନ୍‌କୁ ମାଗିଥିଲେ। ସେ ମନା କରିବା ସହିତ ତାଙ୍କ ଆକ୍ଟିଭା ଛାଡ଼ି ସେଠାରୁ ପଳାଇ ଯିବାକୁ ଚେଷ୍ଟା କରିବାରୁ ୨ ଜଣ ପିଛା କରିଥିଲେ। ଡେଲିଭରୀ ବୟଙ୍କ ପିଠିକୁ କଟୁରିରେ ଏକ ଚୋଟ ପକାଇଥିଲେ । ସେ ଚିତ୍କାର କରିବାରୁ ଆଖପାଖ ଲୋକ ଉଠି ଆସିଥିଲେ। ସେମାନଙ୍କୁ ମଧ୍ୟ ଉକ୍ତ ଲୁଟେରାମାନେ କଟୁରି ଧରି ଗୋଡ଼ାଇଥିଲେ । ଡେଲିଭରି ବୟ ହାତରୁ ମୋବାଇଲ ଛଡ଼ାଇ ସେମାନେ ସେଠାରୁ ପଳାଇଥିଲେ। ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଉକ୍ତ ଯୁବକଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା ।

# ବଢ଼ିପାରେ ଖରାଛୁଟି: ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୫ା୬ (ସଂଚାର ବ୍ୟୁରୋ): ବଢ଼ିପାରେ ଖରାଛୁଟି। ଖରା ନ କମିଲେ ବଢ଼ିପାରେ ଖରାଛୁଟି। ସୂଚନା ଦେଲେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ପିଲାଙ୍କ ସୁରକ୍ଷା ଶିକ୍ଷା ବିଭାଗର ପ୍ରାଥମିକତା ବୋଲି କହିଛନ୍ତି ମନ୍ତ୍ରୀ । ପରିସ୍ଥିତିକୁ ଦେଖି ନିଷ୍ପତ୍ତି ନିଆଯିବ କହିଛନ୍ତି ମନ୍ତ୍ରୀ। ପୂର୍ବରୁ ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଛୁଟି ଘୋଷଣା କରାଯାଇଥିଲା। ଗତଦୁଇ ମାସ ତଳେ ଏପ୍ରିଲ ୨୭ ରୁ ଖରାଛୁଟି ନେଇ ବଡ଼ ସୂଚନା ଦେଇଥିଲେ ମନ୍ତ୍ରୀ। ରାଜ୍ୟରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲ ଖରାଛୁଟି ଘୋଷଣା ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ। ଏ ସମ୍ପର୍କରେ ମନ୍ତ୍ରୀ ଗଣ୍ଡ ସୂଚନା ଦେଇ କହିଥିଲେ ଯେ, ଛୁଟିକୁ ନେଇ ଆଜି ଏସ୍‌ଆରସିଙ୍କ ସହ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା ।

# ଧରାପଡ଼ିଲେ ଜୁନିୟର ଆସିଷ୍ଟାଣ୍ଟ

- ଏନଓସି ପାଇଁ ୧୦ ହଜାର ଲାଞ୍ଚ ନେଉଥିଲେ



ଭଦ୍ରକ, ୫ା୬ (ସଂଚାର ବ୍ୟୁରୋ) : ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଜୁନିୟର ଆସିଷ୍ଟାଣ୍ଟ ଶ୍ରୀକାନ୍ତ ଦାସ। ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ତାଙ୍କୁ ଧରିଛନ୍ତି ଭିଜିଲାନ୍ସ ଅଧିକାରୀ। ବାସୁଦେବପୁର ଅଞ୍ଚଳର ଏକ ଘରୋଇ ସ୍କୁଲକୁ ନୋ ଅବଜେକ୍ସନ ସାର୍ଟିଫିକେଟ (ଏନଓସି) ଦେବା ପାଇଁ ଜୁନିୟର ଆସିଷ୍ଟାଣ୍ଟ ଶ୍ରୀକାନ୍ତ ଦାସ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସଂପର୍କରେ ସଂପୃକ୍ତ ସ୍କୁଲ କର୍ତ୍ତୃପକ୍ଷ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଏହା ପରେ ଯୋଜନା ଅନୁଯାୟୀ, ଆଜି ସ୍କୁଲ କର୍ତ୍ତୃପକ୍ଷଙ୍କ ତରଫରୁ ଅଭିଯୋଗକାରୀ ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଜୁନିୟର ଆସିଷ୍ଟାଣ୍ଟ ଶ୍ରୀକାନ୍ତ ଦାସଙ୍କୁ ଭେଟି ୧୦ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ସେ ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ତା' ସହିତ ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ଅଫିସରେ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ଲାଞ୍ଚ ନେଇ ଧରାପଡ଼ିବା ପରେ ଶ୍ରୀକାନ୍ତଙ୍କ ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ଏନେଇ ମାମଲା ରୁଜୁ କରାଯିବା ସହିତ ତଦନ୍ତ ଜାରି ରହିଛି।

- କାଠଯୋଡିରୁ ଛାତ୍ରୀଙ୍କ ଶବ ଉଦ୍ଧାର ମାମଲା

# ପ୍ରେମିକ ଓ ପ୍ରେମିକଙ୍କ ବାନ୍ଧବୀ ହତ୍ୟା କରିଥିବା ଅଭିଯୋଗ



କଟକ, ୫ା୬ (ସଂଚାର ବ୍ୟୁରୋ): କଟକ କାଠଯୋଡି ନଦୀରୁ ଡାକ୍ତରୀ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ଘଟଣାରେ ନୂଆ ମୋଡ଼। ଛାତ୍ରୀଙ୍କୁ ତାଙ୍କ ପ୍ରେମିକ ଏବଂ ଅନ୍ୟ ଜଣେ ଯୁବତୀ ହତ୍ୟା କରି ଫିଙ୍ଗି ଦେଇଥିବା ଅଭିଯୋଗ କରିଛନ୍ତି ପରିବାର। ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜର ଏମବିବିଏସ୍ ତୃତୀୟ ବର୍ଷ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତଦେହ କାଠଯୋଡି ନଦୀରୁ ଉଦ୍ଧାର ହୋଇଥିଲା। ମୃତଛାତ୍ରୀଙ୍କ ଘର ମୟୂରଭଞ୍ଜ ଉଦଳା ଥାନା ରାଇଦାଣ୍ଡିଆ ଗାଁରେ। ଭୀମସେନ ପ୍ରସାଦ ଟୁଡୁ ନାମକ ଯୁବକ ତାଙ୍କ ଝିଅକୁ ଭଲ ପାଉଥିବା ବେଳେ ବିବାହ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଦୁହିଁଙ୍କ ପ୍ରେମ ସମ୍ପର୍କରେ ଅନ୍ୟ ଜଣେ ଯୁବତୀ ଏଣ୍ଟ୍ରି ମାରିବାରୁ ଉଭୟଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ଫଳରେ ଚନ୍ଦ୍ରିକାଙ୍କ ବୟଫ୍ରେଣ୍ଡ ଭୀମସେନ ଏବଂ ଯୁବତୀ ମିଳିତ ଭାବେ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି ତାଙ୍କ ମାଆ ଏବଂ ଭାଇ। କଟକ ଡିସିପି କହିଛନ୍ତି ଯୁବତୀଙ୍କ ସ୍ୱାସ୍ଥ୍ୟ ଖରାପ ଯୋଗୁଁ ଟ୍ରିଟମେଣ୍ଟ ପାଇଁ ଭୁବନେଶ୍ୱର ଆସିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ସହ ତାଙ୍କର ମୋବାଇଲ ଓ ଅନ୍ୟ ସୋସିଆଲ ମିଡ଼ିଆ ଚାଟିଂଗୁଡ଼ିକ ପୁଲିସ ଯାଞ୍ଚ କରୁଛି।

- ଦୁଷ୍କର୍ମ ପରେ ହତ୍ୟା ଧମକ ମାମଲା

# ୮ ବର୍ଷ ପରେ ମୌଲାନା ଗିରଫ



କଟକ, ୫ା୬ (ସଂଚାର ବ୍ୟୁରୋ):ଜଣେ ମହିଳାଙ୍କୁ ଦୁଷ୍କର୍ମ କରି ହତ୍ୟା ଧମକ ଦେବା ଘଟଣାରେ ଦୀର୍ଘ ୮ବର୍ଷ ଧରି ଫେରାର ଥିବା ଜଗତପୁର ଥାନା ପଦ୍ମପୁର ମୁତାରିଫା ଗ୍ରାମର ସେକ୍ ନଜିମୁଲ ଅରଫିନ୍ ଓରଫ ମୁନା ଓରଫ ହାପିଜ୍ (୪୫) ଜଣେ ଅଭିଯୁକ୍ତଙ୍କୁ ଜଗତପୁର ଥାନା ପୁଲିସ ଝାଡଖଣ୍ଡରୁ ଗିରଫ କରିଛି। ପୁଲିସ ସୂଚନା ମତାବକ, ମୁତାରିଫା ଗ୍ରାମର ସମ୍ପୃକ୍ତ ପୀଡ଼ିତାଙ୍କ ସ୍ୱାମୀ ସବୁବେଳେ ନିଶାସକ୍ତ ଅବସ୍ଥାରେ ରହିନ୍ତି। ଏହାକୁ ନେଇ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୁଏ। ହାପିଜ୍ ମଦ ଛାଡ଼ିବା ପାଇଁ ଔଷଧ ଦେଉଥିବାରୁ ପୀଡ଼ିତା ସ୍ୱାମୀଙ୍କ ମଦ୍ୟପାନ ଅଭ୍ୟାସ ଛଡ଼ାଇବା ପାଇଁ ତାଙ୍କୁ ଭେଟିଥିଲେ। ୯ ମାସ ଔଷଧ ଖାଇଲେ ସ୍ୱାମୀ ମଦ ଛାଡିଦେବେ ବୋଲି ହାପିଜ ପ୍ରତିଶ୍ରୁତି ଦେଇଥିଲା। ପୀଡ଼ିତା ୨୦୧୮ ମସିହା ଜୁଲାଇ ୨୭ ତାରିଖରେ ଔଷଧ ପାଇଁ ତା' ଘରକୁ ଯାଇଥିଲେ। ସେଠାରେ ଏକୁଟିଆ ପାଇ ହାପିଜ୍ ତାଙ୍କୁ ଦୁଷ୍କର୍ମ କରିଥିଲା। ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ମାତ୍ର ପୀଡ଼ିତା ଧମକକୁ ନ ଡରି ଜଗତପୁର ଥାନାରେ ଅଭିଯୋଗ କରିଥିଲେ। ଫଳରେ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ଦୀର୍ଘ ୮ବର୍ଷ ପରେ ହାପିଜ୍ ଝାଡଖଣ୍ଡ ରହୁଥିବା ସମ୍ପର୍କରେ ଖବର ପାଇ ପୁଲିସ ସେଠାକୁ ଯାଇ ତାକୁ ଗିରଫ କରିଛି। ଶୁକ୍ରବାର ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ନେଇ ଥାନା ଆଇଆଇସି ପ୍ରଶାନ୍ତ କୁମାର ସାସମଲ ସୂଚନା ଦେଇଛନ୍ତି।

# ନାମାଙ୍କନ ଦାଖଲ କଲେ ଦେବାଶିଷ ସାମନ୍ତରାୟ

ଭୁବନେଶ୍ୱର,୫ା୬ (ସଂଚାର ବ୍ୟୁରୋ): ରାଜ୍ୟସଭା ଉପନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କଲେ ଦେବାଶିଷ ସାମନ୍ତରାୟ। ବିଧାନସଭା ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି। ନାମାଙ୍କନ ଦାଖଲ ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ। ଗୁରୁବାର ରାଜ୍ୟସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା ବିଜେପି। ନିକଟରେ ବିଜୁ ଜନତା ଦଳ ଛାଡ଼ି ବିଜେପିରେ ମିଶିଥିବା ବରିଷ୍ଠ ନେତା ଦେବାଶିଷ ସାମନ୍ତରାୟଙ୍କୁ ପ୍ରାର୍ଥୀ କରିଥିଲା ଦଳ। ଦେବାଶିଷ ବିଜେଡି ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେବା ପରେ ଆସନ ଖାଲି ପଡ଼ିଥିଲା।

ଉଲ୍ଲେଖନୀୟ ଦେବାଶିଷ ସାମନ୍ତରାୟ ବିଜେଡି ଛାଡ଼ିବା ସହ ରାଜ୍ୟସଭା ପଦରୁ ଇସ୍ତଫା ଦେଇଥିଲେ। ଏହା ପରେ ଏହି ଆସନ ପାଇଁ ଦେବାଶିଷଙ୍କ ସହ ବିଜେପିର ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା ଦୌଡ଼ରେ ଥିବା କୁହାଯାଉଥିଲା। ହେଲେ ପାର୍ଟି ତାର ପୁରୁଣା ଫର୍ମୁଲା ଅନୁସାରେ ଦେବାଶିଷଙ୍କୁ ସଂସଦର ଉଚ୍ଚସଦନ ପାଇଁ ପ୍ରାର୍ଥୀ କରିଥିଲା। ଏହା ପୂର୍ବରୁ ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇ ପୁଣି ଥରେ ରାଜ୍ୟସଭା ଯାଇଥିଲେ ମମତା ମହାନ୍ତ। ନିକଟରେ ସୁଜିତ କୁମାର ପୁନର୍ବାର ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ସେ ମଧ୍ୟ ବିଜେଡି ଛାଡ଼ି ବିଜେପିରେ ମିଶିଥିଲେ।



# ବାଲିଗୁଡ଼ା ବିଜେଡିରେ ବଡ଼ ବିଦ୍ରୋହ

## ସମର୍ଥକଙ୍କ ସହ ସାମୂହିକ ଇସ୍ତଫା ଦେଲେ ଏନ୍‌ଏସି ଅଧ୍ୟକ୍ଷ



ବାଲିଗୁଡା, ୫ା୬ (ସଂଚାର ବ୍ୟୁରୋ) : ବାଲିଗୁଡା ବିଜେଡ଼ିରେ ବଡ଼ ବିଦ୍ରୋହ। ଚୁରମାର ହୋଇଗଲା ଦଳର ସଙ୍ଗଠନ। ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକଙ୍କ କୁଶ ପୁତ୍ତଳିକା ଜାଳି ଦଳର ପ୍ରାଥମିକ ସଦସ୍ୟ ପଦରୁ ସାମୂହିକ ଇସ୍ତଫା ଦେଲେ ଏନଏସି ଚେୟାରମ୍ୟାନ ଓ ୧୧ କାଉନସିଲର, ୩ ବ୍ଲକର ଚେୟାରମ୍ୟାନ, ୪ ବ୍ଲକର ସଭାପତି ଓ ଶତାଧିକ ଦଳୀୟ କର୍ମୀ ଓ ନେତା। ବିଜେଡି ବିଧାୟକ ଚକ୍ରମଣି କହଁର ଦଳରୁ ନିଲମ୍ବିତ ହେବା ପରେ ଏହି ଅଂଚଳର ଦୁଇ ପ୍ରମୁଖ ବିଜେଡି ନେତା ଟୁନା ଦାସ ଓ ପ୍ରମୋଦ ସାହୁଙ୍କୁ ନିଲମ୍ବିତ କରଯାଇଛି। ଏହାକୁ ନେଇ ଏବେ ବାଲିଗୁଡା ବିଜେଡି ଗଡ଼ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ନିଜ ନିର୍ବାଚନ ମଣ୍ଡଳୀର ବିଧାୟକ ଓ ବରିଷ୍ଠ ନେତାଙ୍କୁ ନିଲମ୍ବିତ କରଯାଉଥିବା ଘଟଣାକୁ ତୀବ୍ର ବିରୋଧ କରି ଆଜି ବାଲିଗୁଡା ବିଜେଡିରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳିଛି। ଏ ନେଇ ସ୍ଥାନୀୟ ନେତା ଓ କର୍ମୀ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକଙ୍କ କୁଶପୁତ୍ତଳିକ ଦାହ କରିବା ସହ ବିଜେଡିର ପ୍ରାଥମିକ ସଭ୍ୟ ପଦରୁ ସାମୂହିକ ଇସ୍ତଫା ଦେଇଛନ୍ତି।

### ୧୧ କାଉନସିଲର, ୩ ବ୍ଲକ ଅଧ୍ୟକ୍ଷ ବିଜେଡିକୁ କଲେ ବାଏ ବାଏ

ବାଲିଗୁଡା ଏନଏସି ଅଧ୍ୟକ୍ଷ, ଉପାଧ୍ୟକ୍ଷ, ୧୧ କାଉନସିଲର ଏବଂ ବାଲିଗୁଡା, କ.ନୂଆଗାଁ ଓ ତୁମୁଡିବନ୍ଧ ବ୍ଲକ ଅଧ୍ୟକ୍ଷମାନେ ମଧ୍ୟ ଇସ୍ତଫା ଦେଇଛନ୍ତି। କେବଳ ସେତିକି ନୁହେଁ, ବାଲିଗୁଡା ନିର୍ବାଚନ ମଣ୍ଡଳୀର ୪ ବ୍ଲକ ବିଜେଡି ସଭାପତି ମଧ୍ୟ ଦଳ ଛାଡିଛନ୍ତି। ସେହିଭଳି ତୁମୁଡିବନ୍ଧ ବ୍ଲକର ୯ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ଓ ଜି.ଉଦୟଗିରି ଏନଏସି ଉପାଧ୍ୟକ୍ଷ ମଧ୍ୟ ଦଳକୁ ବାଏ ବାଏ କରିଛନ୍ତି।

# ପ୍ରିୟଦର୍ଶିନୀ ମାର୍କେଟ କମ୍ପ୍ଲେକ୍ସର ହେବ ପୁନର୍ବିନ୍ୟାସ

ଭୁବନେଶ୍ୱର,୫ା୬ (ସଂଚାର ବ୍ୟୁରୋ) : ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସହରର ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ମଧ୍ୟରୁ ଗୋଟିଏ ସିଆରପି ଛକସ୍ଥିତ ପ୍ରିୟଦର୍ଶିନୀ ମାର୍କେଟ କମ୍ପ୍ଲେକ୍ସର ଏକ ବ୍ୟାପକ ପୁନଃବିକାଶ କରିବାକୁ ନିଷ୍ପତ୍ତି ନେଇଛି। ଶୁକ୍ରବାର ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ସ୍ଥାନ ପରିଦର୍ଶନ ଏବଂ ଦୋକାନ ମାଲିକଙ୍କ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି।

ଏହି ଅବସରରେ ଡା. ମହାପାତ୍ର କହିଛନ୍ତି ଯେ ଦଶକ ପୁରୁଣା ଢାଞ୍ଚାର ଏହି ବାଣିଜ୍ୟିକ କେନ୍ଦ୍ର ବାରମ୍ବାର ମରାମତି ଏବଂ ରକ୍ଷଣାବେକ୍ଷଣ ଏକ ସ୍ଥାୟୀ ଦୀର୍ଘକାଳୀନ ସମାଧାନ ପ୍ରଦାନ କରିବ ନାହିଁ। କୋଠାର ଅବସ୍ଥା ଏବଂ ଭବିଷ୍ୟତର ବାଣିଜ୍ୟିକ ଆବଶ୍ୟକତାକୁ ବିଚାରକୁ ନେଇ ବିଡିଏ ଆଧୁନିକ ଭିତ୍ତିଭୂମି ଏବଂ ଉନ୍ନତ ସାଧାରଣ ସୁବିଧା ସହିତ ମାର୍କେଟ କମ୍ପ୍ଲେକ୍ସକୁ ପୁନଃବିକାଶ କରିବାକୁ ନିଷ୍ପତ୍ତି ନେଇଛି। ଦୋକାନ ଆବଣ୍ଟନକାରୀଙ୍କ ସହିତ ଅନେକ ପର୍ଯ୍ୟାୟରେ ଆଲୋଚନା ପରେ ପୁନଃବିକାଶ ପ୍ରସ୍ତାବକୁ ଚୂଡ଼ାନ୍ତ କରାଯାଇଛି। ନିର୍ମାଣ ପର୍ଯ୍ୟାୟରେ ବ୍ୟବସାୟୀମାନଙ୍କୁ ଆବଶ୍ୟକୀୟ ସହାୟତା ମିଳିବ, ଯେଉଁଥିରେ ପ୍ରଯୁଜ୍ୟ ମାନଦଣ୍ଡ ଅନୁଯାୟୀ ଅସ୍ଥାୟୀ ସ୍ଥାନାନ୍ତରଣ ଏବଂ କ୍ଷତିପୂରଣ ବ୍ୟବସ୍ଥା ଅନ୍ତର୍ଭୁକ୍ତ ରହିବ ବୋଲି ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି। ସୂଚନାଯୋଗ୍ୟ ଯେ, ୧୯୮୭ ମସିହାରେ ବିଡିଏ ଦ୍ୱାରା ନିର୍ମିତ ପ୍ରିୟଦର୍ଶିନୀ ମାର୍କେଟ କମ୍ପ୍ଲେକ୍ସ ୧.୪୪ ଏକର ଜମିରେ ବ୍ୟାପ୍ତ। ଏଥିରେ ମୋଟ ୧୫୨ଟି ଦୋକାନ ରହିଛି, ଯେଉଁଥିରେ ଭୂମି ମହଲାରେ ୭୨ଟି ଏବଂ ପ୍ରଥମ ମହଲାରେ ୮୦ଟି ୟୁନିଟ୍ ଅଛି। ଏହା ସହିତ ୧୦୦ଟି ଭେଣ୍ଡିଂ ପ୍ଲାଟଫର୍ମ (ପିଣ୍ଡି), ଦୁଇଟି ରେଷ୍ଟୁରାଣ୍ଟ ଏବଂ ପାଞ୍ଚଟି ଅଫିସ୍ ସ୍ଥାନ ମଧ୍ୟ ଅନ୍ତର୍ଭୁକ୍ତ। ଏହି ୟୁନିଟ୍‌ଗୁଡ଼ିକ ମୂଳରୁ ମାସିକ ଲାଇସେନ୍ସ ଏବଂ ଭଡ଼ା ଆଧାରରେ ସ୍ଥାନୀୟ ବ୍ୟବସାୟୀଙ୍କୁ ଆବଣ୍ଟନ କରାଯାଇଥିଲା। ପ୍ରସ୍ତାବିତ ପ୍ରକଳ୍ପର ଲକ୍ଷ୍ୟ ହେଉଛି ପର୍ଯ୍ୟାପ୍ତ ପାର୍କିଂ ସୁବିଧା, ଉନ୍ନତ ଅଗ୍ନି ନିରାପତ୍ତା ବ୍ୟବସ୍ଥା, ଉନ୍ନତ ଭିତ୍ତିଭୂମି ଏବଂ ଏକ ଆଧୁନିକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ମାଧ୍ୟମରେ ପ୍ରମୁଖ ବାଣିଜ୍ୟିକ ଜମିର ସର୍ବୋତ୍ତମ ବ୍ୟବହାର ସୁନିଶ୍ଚିତ କରିବା।

ଆଲୋଚନା ସମୟରେ ଏକାମ୍ର ବିଧାୟକ ବାବୁ ସିଂ, ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା ଏବଂ ବ୍ୟବସାୟୀ ଏବଂ ଅଂଶୀଦାରମାନେ ଉପସ୍ଥିତ ଥିଲେ।



- ଆବଣ୍ଟନକାରୀଙ୍କୁ ମିଳିବ ଉପଯୁକ୍ତ କ୍ଷତିପୂରଣ :ମନ୍ତ୍ରୀ

# ୪୪ କେଜି ଗଞ୍ଜେଇ ଜବତ, ୧ ଗିରଫ



ମୋହନା, ୫ା୬ (ସଂଚାର ବ୍ୟୁରୋ) : ଗଞ୍ଜେଇ ଚୋରା ଚାଲାଣ ବେଳେ ମୋହନା ପୋଲିସ ଚଢ଼ାଉ କରି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରିଛି। ସେ ହେଲେ ଝାଡଖଣ୍ଡର ରାଜ ଡେଭିସ (୨୮ )। ସକାଳେ ପୋଲିସ ଅଧିକାରୀ ଶ୍ରୀରାଜ ପାଢ଼ୀ ଟିମ ସହ ପାଟ୍ରୋଲିଂ କରୁଥିବା ବେଳେ ଆକିଲି ଗାଁ ନିକଟରେ ଏକ ମାରୁତି ସୁଜୁକି ସ୍ୱିଫ୍ଟ କାର (ଜେଏଚ୍ ୦୫ଡିସି୧୯୪୬)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ଜରି ଅଖାରେ ଥିବା ଗଞ୍ଜେଇ ମିଳିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଏହାକୁ ଓଜନ କରିବାରୁ ୪୪ କେଜି ହୋଇଥିଲା । ଏନେଇ ମୋହନା ଥାନାରେ ନଂ. ୧୧୧/ ୨୬ରେ ମାମଲା ରୁଜୁ ହୋଇଛି। ଏହି ଚୋରାଚାଲାଣରେ ଆଉ କିଏସବୁ ସଂଶ୍ଳିଷ୍ଟ ଅଛନ୍ତି ଚିହ୍ନଟ ସେମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଓମ ନାରାୟଣ ପାତ୍ର କହିଛନ୍ତି।

# ଆସନ୍ତା ୧୦ ବସ୍ ଧର୍ମଘଟ ସ୍ଥଗିତ

ଭୁବନେଶ୍ୱର,୫ା୬ (ସଂଚାର ବ୍ୟୁରୋ): ୧୦ରେ ହେବନି ବସ୍ ଧର୍ମଘଟ। ଶୁକ୍ରବାର ଏସ୍‌ଟିଏ କମିଶନଙ୍କ ସହ ଆଲୋଚନା ପରେ ବସ୍ ମାଲିକ ସଂଘ ଏହି ନିଷ୍ପତ୍ତି ନେଇଛି। ଏଥିସହିତ ରାଜ୍ୟ ସରକାରଙ୍କୁ ୩୦ ତାରିଖ ଯାଏ ସଂଘ ସମୟ ଦେଇଛି ସଂଘ। ଦାବି ନ ଶୁଣିଲେ ୧ ବୈଠକରେ ଧର୍ମଘଟକୁ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ୧୪ ଟି ପାରାମିଟରେ ନେଇ ସଂଘବସ୍ ଭଡ଼ା ବୃଦ୍ଧି ଦାବି କରୁଛି ।

# ବିଷ୍ଣୁ ସେଠୀଙ୍କ ୬୬ତମ ଜନ୍ମବାର୍ଷିକୀ | ଜଣେ ସ୍ପଷ୍ଟବାଦୀ, ନିର୍ଭୀକ ଓ ସଚ୍ଚୋଟ ରାଜନେତା

ଭୁବନେଶ୍ୱର,୫ା୬ (ସଂଚାର ବ୍ୟୁରୋ): ବିଧାନସଭାରେ ବିରୋଧି ଦଳର ସ୍ୱରକୁ ଯଥାଯଥ ଭାବରେ ଉପସ୍ଥାପନ କରିବା କ୍ଷେତ୍ରରେ ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀଙ୍କର ଭୂମିକା ପ୍ରଶଂସନୀୟ ଥିଲା। ରାଜ୍ୟର ରାଜନୀତି ତଥା ପ୍ରଶାସନିକ କ୍ଷେତ୍ରରେ ରହୁଥିବା ଦୋଷ ଦୁର୍ବଳତା ତଥା ତ୍ରୁଟି ବିଚ୍ୟୁତିକୁ ବିଧାନସଭାରେ ଉପସ୍ଥାପନ କରିବାରେ ତାଙ୍କ ସମକକ୍ଷ ନେତା ବିରଳ ବୋଲି ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି।

ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀଙ୍କ ୬୬ତମ ଜନ୍ମବାର୍ଷିକୀ ଅବସରରେ ଶୁକ୍ରବାର ଭୁବନେଶ୍ୱର ଜୟଦେବ ଭବନଠାରେ ଓଡ଼ିଶା ଷ୍ଟେଟ ପ୍ରେସ୍ କ୍ଲବ ଏବଂ ଯାଶ ରିଦିମ୍ ପ୍ରୋ ପକ୍ଷରୁ ମିଳିତ ଭାବେ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ପାଢ଼ୀ ସ୍ୱର୍ଗତ ସେଠୀଙ୍କୁ ବର୍ତ୍ତମାନ ସମାଜର ରାଜନୀତି କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଆଦର୍ଶ ବୋଲି କହିଥିଲେ। ସ୍ୱର୍ଗତ ସେଠୀ ଜଣେ ସ୍ପଷ୍ଟବାଦୀ, ନିର୍ଭୀକ ଓ ସଚ୍ଚୋଟ ରାଜନେତା ଥିଲେ ବୋଲି ବର୍ଣ୍ଣନା କରିଥିଲେ। ଏହି ଉତ୍ସବରେ ଅନ୍ୟତମ ଉଦ୍‌ଘାଟକ ଭାବେ ଯୋଗଦେଇ ରାଜସ୍ୱ, ବିପର୍ଯ୍ୟୟ ଓ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କର ଜଣେ ଦଳୀୟ କର୍ମକର୍ତ୍ତା ଭାବରେ କାର୍ଯ୍ୟର ଦକ୍ଷତା ବର୍ଣ୍ଣନା କରିଥିଲେ ମଧ୍ୟ ଦଳମତ ନିର୍ବିଶେଷରେ ଜନସାଧାରଣଙ୍କ ପାଇଁ ସମାଜସେବୀ ଭାବରେ ସେ ଜଣେ ପ୍ରଶଂସନୀୟ କର୍ମୀ ଥିଲେ ବୋଲି କହିଥିଲେ।

ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଜଣେ ରାଜନେତା ଭାବରେ ସ୍ୱର୍ଗତ ସେଠୀଙ୍କର ବିଭିନ୍ନ ସମୟରେ ହାସଲ କରିଥିବା ସଫଳତା ଆଲୋଚନା କରିବା ସହ ତାଙ୍କୁ ଜଣେ ଆଦର୍ଶ ଜନନେତା ଭାବରେ ଅଭିହିତ କରିଥିଲେ। ଦୈନିକ ସମ୍ବାଦ ଏବଂ କନକ ଟିଭିର ପ୍ରତିଷ୍ଠାତା ସୌମ୍ୟରଞ୍ଜନ ପଟ୍ଟନାୟକ ସ୍ୱର୍ଗତ ସେଠୀଙ୍କର ସାମ୍ବାଦିକମାନଙ୍କ ସହ ସମ୍ପର୍କ ବର୍ଣ୍ଣନା କରି କହିଥିଲେ ଯେ, ସେ ସାମ୍ବାଦିକ ନଥିଲେ ସତ, କିନ୍ତୁ ସାମ୍ବାଦିକମାନଙ୍କର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକୁ ସବୁବେଳେ ବିଧାନସଭାରେ ଉପସ୍ଥାପନ କରିଥିଲେ। ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱର୍ଗତ ସେଠୀଙ୍କର ବହୁମୁଖୀ ପ୍ରତିଭା ବର୍ଣ୍ଣନା କରିବା ସହ ଦଳୀୟ ରାଜନୀତିରେ ଥାଇ ମଧ୍ୟ ସେ ସବୁବେଳେ ଲୋକଙ୍କ ସ୍ୱାର୍ଥ ପାଇଁ ସ୍ୱର ଉତ୍ତୋଳନ କରୁଥିଲେ ବୋଲି କହିଥିଲେ।

ଏହି ଉତ୍ସବରେ ଓଡ଼ିଶା ଷ୍ଟେଟ ପ୍ରେସ୍ କ୍ଲବର ଉପ ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ଯୁଗ୍ମ ସମ୍ପାଦକ କିଶୋର ମଙ୍ଗରାଜ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଷ୍ଟେଟ ପ୍ରେସ୍ କ୍ଲବର ମୁଖ୍ୟ ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସଭାପତିତ୍ୱ କହିଥିଲେ ଯେ, ବର୍ତ୍ତମାନ ସମୟରେ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ଭଳି ଶାନ୍ତ, ସରଳ ଏବଂ ହାସ୍ୟ ରସାତ୍ମକ ଭଙ୍ଗୀରେ ସରକାରଙ୍କୁ ସମାଲୋଚନା କରିବା ଠାରୁ ଆରମ୍ଭ କରି ଲୋକଙ୍କ ସମସ୍ୟା ଉପସ୍ଥାପନ ପର୍ଯ୍ୟନ୍ତ କରିପାରୁଥିବା ନେତା ବିରଳ। ଓଡ଼ିଶା ଷ୍ଟେଟ ପ୍ରେସ୍ କ୍ଲବର ସାଧାରଣ ସମ୍ପାଦକ ସନତ ମିଶ୍ରଙ୍କ ଉପସ୍ଥାପନାରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଶା ଷ୍ଟେଟ ପ୍ରେସ୍ କ୍ଲବ ପକ୍ଷରୁ ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀଙ୍କ ପରିବାରବର୍ଗଙ୍କୁ 'ଉତ୍କଳ ସୂର୍ଯ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ଶନିବାର ୬ ଜୁନ୍ ୨୦୨୬
BUSINESS

## ଏଆଇ ପ୍ରସାର ପାଇଁ ୮୦ ବିଲିୟନ ଡଲାରର ଫଣ୍ଡିଂ ଘୋଷଣା ପରେ

# ଦିନକରେ ବୁଡ଼ିଲା ୧୦ ବିଲିୟନ ଡଲାର



ନୂଆଦିଲ୍ଲୀ, ୫।୬: ଗୁଗଲ୍ର ପ୍ୟାରେଣ୍ଟ କମ୍ପାନି 'ଅଲଫାବେଟ୍' ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ନିଜର ସାମ୍ରାଜ୍ୟ ବଢ଼ାଇବା ପାଇଁ ଏକ ବଡ଼ ଫଣ୍ଡିଂ ଯୋଜନା ଘୋଷଣା କରିଛି। ଏଆଇରେ ନିଜର ସ୍ଥିତି ମଜବୁତ କରିବାକୁ କମ୍ପାନୀ ସେୟାର ବିକ୍ରି ମାଧ୍ୟମରେ ପ୍ରାୟ ୮୦ ବିଲିୟନ ଡଲାର ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି, ଯାହା ଇତିହାସର ସବୁଠାରୁ ବଡ଼ ଇକ୍ୱିଟି କ୍ୟାପିଟାଲ ମାର୍କେଟ ଡିଲ୍ ହୋଇପାରେ। ମାତ୍ର କମ୍ପାନୀର ଏହି ମେଗା ପ୍ଲାନ ସାମ୍ନାକୁ ଆସିବା ପରେ ନିବେଶକଙ୍କ ପ୍ରତିକ୍ରିୟା ଯୋଗୁଁ ସେୟାର ବଜାରରେ ବଡ଼ ହ୍ରାସ ଘଟିଛି। ଏହାଫଳରେ ଗୁଗଲ୍ର ଦୁଇ ସହ-ପ୍ରତିଷ୍ଠାତା ଲ୍ୟାରୀ ପେଜ୍ ଏବଂ ସର୍ଗେଇ ବ୍ରିନଙ୍କ ବ୍ୟକ୍ତିଗତ ସମ୍ପତ୍ତି ଗୋଟିଏ ଦିନରେ ପ୍ରାୟ ୧୦ ବିଲିୟନ ଡଲାର ହ୍ରାସ ପାଇଛି। ସେୟାର ମୂଲ୍ୟରେ ହ୍ରାସ:'ଫର୍ଚ୍ୟୁନ'ର ରିପୋର୍ଟ ଅନୁଯାୟୀ, ଅଲଫାବେଟ୍ ପକ୍ଷରୁ $୮୦ ବିଲିୟନର ପାଣ୍ଠି ସଂଗ୍ରହ ଏବଂ ଏଆଇ ଉପରେ ବିପୁଳ ଖର୍ଚ୍ଚ ଯୋଜନା ଘୋଷଣା ହେବା ପରେ ନିବେଶକମାନେ ଚିନ୍ତା ପ୍ରକାଶ କରିଛନ୍ତି। ଏହାଯୋଗୁଁ ଜୁନ୍ ୨ ତାରିଖରେ ଅଲଫାବେଟ୍ ସେୟାର ମୂଲ୍ୟରେ ୩.୮% ହ୍ରାସ ଘଟିଛି ଏବଂ ବିଗତ ୫ ଦିନ ମଧ୍ୟରେ ଏହା ପ୍ରାୟ ୬% ତଳକୁ ଖସିଛି।

ସମ୍ପତ୍ତି ଉପରେ ସିଧାସଳଖ ପ୍ରଭାବ:ଗୁଗଲର ଉଭୟ ସହ-ପ୍ରତିଷ୍ଠାତା ଲ୍ୟାରୀ ପେଜ୍ କମ୍ପାନୀରେ ଏକ ବଡ଼ ଅଂଶଧନ ରହିଛି। ସେୟାର ବଜାରରେ କମ୍ପାନୀର ମୂଲ୍ୟ ହ୍ରାସ ପାଇବା ମାତ୍ରେ ତାହାର ସିଧାସଳଖ ପ୍ରଭାବ ସେମାନଙ୍କ ନେଟ୍ ୱର୍ଥ ଉପରେ ପଡ଼ିଥିଲା ଏବଂ ଗୋଟିଏ ଦିନରେ ଉଭୟଙ୍କ ସମ୍ପତ୍ତି ପ୍ରାୟ ୧୦ ବିଲିୟନ ଡଲାର କମିଯାଇଛି।

ଅଲଫାବେଟ୍ର ୮୦ ବିଲିୟନ ଡଲାର ଫଣ୍ଡିଂ; ଅଲଫାବେଟ୍ ନିଜର ଏଆଇ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ମାଧ୍ୟମରେ ଏହି 80 ବିଲିୟନ ଡଲାର ସଂଗ୍ରହ କରୁଛି। ୨୦୨୬ ପାଇଁ ବିଶାଳ ବଜେଟ୍: ପ୍ରତିଦ୍ୱନ୍ଦ୍ୱୀ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ସହ ଚାଲିଥିବା ଏଆଇ ଯୁଦ୍ଧରେ ଆଗରେ ରହିବା ପାଇଁ ଅଲଫାବେଟ୍ ୨୦୨୬ ମସିହାରେ ପ୍ରାୟ ୧୮୦ ବିଲିୟନ ଡଲାରରୁ ୧୯୦ ବିଲିୟନ ଡଲାର କ୍ୟାପିଟାଲ୍ ଏକ୍ସପେଣ୍ଡିଚର୍ କରିବାକୁ ଲକ୍ଷ୍ୟ ରଖିଛି। ଏହି ବଜେଟ୍ ୨୦୨୫ ତୁଳନାରେ ପ୍ରାୟ ଦୁଇଗୁଣ ଏବଂ ବଜାର ବିଶ୍ଳେଷକଙ୍କ ଆକଳନଠାରୁ ଢେର ଅଧିକ। ଆର୍ଥିକ ସ୍ଥିତି:କମ୍ପାନୀ ପାଖରେ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୧୨୬.୮ ବିଲିୟନ ଡଲାରର ନଗଦ ଅର୍ଥ ସଂରକ୍ଷିତ ଥିବା ବେଳେ, ବିଗତ ଏକ ବର୍ଷ ମଧ୍ୟରେ କମ୍ପାନୀ ବଜାରରୁ ୮୫ ବିଲିୟନ ଡଲାରରୁ ଅଧିକ ଋଣ ମଧ୍ୟ ଉଠାଇଛି। ସିଇଓ ସୁନ୍ଦର ପିଚାଇଙ୍କ ମତ:ଅଲଫାବେଟ୍ ସିଇଓ ସୁନ୍ଦର ପିଚାଇ ନିକଟରେ ଏକ ଆଲୋଚନା ବେଳେ କହିଛନ୍ତି ଯେ, ବଜାରରେ ଏଆଇ ସେବା ପାଇଁ ଚାହିଦା ଦ୍ରୁତ ଗତିରେ ବଢ଼ୁଛି। ଏହି ସମୟରେ କମ୍ପାନୀ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି କମ୍ପ୍ୟୁଟିଂ କ୍ଷମତା ଡାଟା ସେଣ୍ଟର ଭିତ୍ତିଭୂମିକୁ ବଢ଼ାଇବା, ଯେଉଁଥିପାଇଁ ଏହି ବଡ ନିବେଶର ଆବଶ୍ୟକତା ରହିଛି।

## ସୁଧ ଅପରିବର୍ତ୍ତିତ ରଖିଲା ରିଜର୍ଭ ବ୍ୟାଙ୍କ, ବଢ଼ିବନି ଇଏମ୍ଆଇ

ନୂଆଦିଲ୍ଲୀ, ୫।୬: ମଧ୍ୟପ୍ରାଚ୍ୟ ଯୁଦ୍ଧରୁ ସୃଷ୍ଟି ହୋଇଥିବା ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ଗୁରୁତ୍ୱପୂର୍ଣ୍ଣ ସୁଧ ହାର ରେପୋ ହାରକୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛି। ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଛଅ ଜଣିଆ ମୁଦ୍ରାନୀତି କମିଟି ବ୍ୟାପକ ମାନସମନ୍ଥନ କରିବା ପରେ ସୁଧକୁ ସ୍ଥିର ରଖିଛି। ଏହା ଘର, ଗାଡ଼ି ଓ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଋଣ ନେଇଥିବା ଗ୍ରାହକଙ୍କ ନିମନ୍ତେ ଏକ ବଡ଼ ଆଶ୍ୱସ୍ତି। ସେମାନଙ୍କ ଋଣର ମାସିକ କିସ୍ତି ବା ଇଏମ୍ଆଇରେ କୌଣସି ବୃଦ୍ଧି ହେବ ନାହିଁ।ଆଜି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶ୍ରୀ ମଲହୋତ୍ରାଙ୍କ କିଛି ତଥ୍ୟ କିନ୍ତୁ ଚିନ୍ତାଜନକ ମନେ ହେଉଛି। ସେ କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷରେ ଦେଶର ବିକାଶର ଗତି ଧିମା ହୋଇଯିବ। ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୬.୬ ପ୍ରତିଶତକୁ ହ୍ରାସ ପାଇବ। ପୂର୍ବରୁ ଏହା କହିଥିଲା ଯେ ଅଭିବୃଦ୍ଧି ୬.୯ ପ୍ରତିଶତ ହେବ। ଯୁଦ୍ଧ ପାଇଁ ଏହା ନିଜର ପୂର୍ବ ଆକଳନ ହ୍ରାସ କରିବାକୁ ବାଧ୍ୟ ହୋଇଛି। ଅର୍ଥନୀତିକୁ ଡବଲ୍ ଟଙ୍କା ମିଳିବ। କେବଳ ଅଭିବୃଦ୍ଧି କମିବ ନାହିଁ, ଅନ୍ୟ ପଟେ ଦରଦାମ୍ ମଧ୍ୟ ବେଲଗାମ ହୋଇପଡ଼ିବ। ଖୁଚୁରା ମୁଦ୍ରାସ୍ଫୀତି ହାର ରିଜର୍ଭ ବ୍ୟାଙ୍କ ଧାର୍ଯ୍ୟ କରିଥିବା ୪ ପ୍ରତିଶତର ସୀମାରେଖା ଡେଇଁ ୫ ପ୍ରତିଶତରୁ ଅଧିକ ହୋଇଯିବ ବୋଲି ମଧ୍ୟ ଆକଳନ କରାଯାଇଛି। ଶ୍ରୀ ମଲହୋତ୍ରା କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଯୁଦ୍ଧକୁ ନେଇ ଅନିଶ୍ଚିତତା ରହିଛି। ତାହାର ପ୍ରଭାବ ଓ ଯୋଗାଣ ଶୃଙ୍ଖଳା ସ୍ୱାଭାବିକ ହେବାର ସମ୍ଭାବନାକୁ ଆଧାର କରି ମୁଦ୍ରାନୀତି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଦେଶରୁ ଲାଗାତାର ଭାବେ ପାଣ୍ଠି ପ୍ରତ୍ୟାହାର କରୁଥିବା ବିଦେଶୀ ନିବେଶକମାନଙ୍କୁ ଶାନ୍ତ କରିବା ପାଇଁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସରକାରୀ ପ୍ରତିଭୂତି ଉପରେ ବିଦେଶୀ ନିବେଶକମାନଙ୍କ ଲାଗି ଲଗାଯାଇଥିବା ଦୀର୍ଘକାଳୀନ ପୁଞ୍ଜି ଲାଭ ଟିକସକୁ ହଟାଇ ଦିଆଯାଇଛି। କେବଳ ସେତିକି ନୁହେଁ, ଅଧିକ ବିଦେଶୀ ପାଣ୍ଠି ଆଣିବା ପଥକୁ ସୁଗମ କରିବା ପାଇଁ ଅଣ ପ୍ରବାସୀ ଭାରତୀୟ, ବିଦେଶରେ ରହୁଥିବା ଭାରତୀୟ ନାଗରିକମାନଙ୍କ ପାଇଁ ଇକ୍ୱିଟିରେ ନିବେଶ ସୀମାକୁ ବୃଦ୍ଧି କରାଯାଇଛି।




## ଅନ୍ତର୍ଜାତୀୟ ଚାପ ମଧ୍ୟରେ ସୁନା ଓ ରୁପା ଦରରେ ବଡ଼ ହ୍ରାସ

ଭୁବନେଶ୍ୱର,୫।୬:ଶୁକ୍ରବାର(ଜୁନ୍ ୫) ସୁନା ଏବଂ ରୂପା ମୂଲ୍ୟରେ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ଅନୁଯାୟୀ, ଗୁରୁବାର ରୂପା ଦର ୬,୧୩୮ ଟଙ୍କା ହ୍ରାସ ପାଇ ଏକ କେଜି ମୂଲ୍ୟ ୨.୫୫ ଲକ୍ଷ ଟଙ୍କାରେ ପହଞ୍ଚିଛି। ଗୁରୁବାର ରୁପା କେଜି ମୂଲ୍ୟ ୨.୬୧ ଲକ୍ଷ ଟଙ୍କା ଥିଲା। ସେହିପରି ଆଜି ୧୦ ଗ୍ରାମ୍ ୨୪ କ୍ୟାରେଟ୍ ସୁନା ଦର ୧,୮୯୬ ଟଙ୍କା ହ୍ରାସ ପାଇଛି। ଫଳରେ ୨୪ କ୍ୟାରେଟ ସୁନା ଭରି ଆଜି ୧.୫୪ ଲକ୍ଷ ଟଙ୍କା ହୋଇଛି। ଗତକାଲି ଏହା ୧.୬୬ ଲକ୍ଷ ଟଙ୍କା ଥିଲା।

ଜାନୁଆରୀ ୨୯ ତାରିଖରେ ୧୦ ଗ୍ରାମ ୨୪ କ୍ୟାରେଟ ସୁନା ଦର ୧.୭୬ ଲକ୍ଷ ଟଙ୍କା ଥିଲା ଏବଂ ରୁପା କେଜି ଥିଲା ୩.୮୬ ଲକ୍ଷ ଟଙ୍କା। ଗତ ୧୨୭ ଦିନ ମଧ୍ୟରେ ସେହି ସର୍ବୋଚ୍ଚ ମୂଲ୍ୟ ତୁଳନାରେ ସୁନା ୨୧,୯୩୧ ଟଙ୍କା ଏବଂ ରୁପା ୧,୩୦,୯୮୩ ଟଙ୍କା ଶସ୍ତା ହୋଇଛି। ଗତ ବର୍ଷ ୩୧ ଡିସେମ୍ବର ୨୦୨୫ରେ ସୁନା ୧.୩୩ ଲକ୍ଷ ଏବଂ ରୁପା ୨.୩୦ ଲକ୍ଷ ଟଙ୍କା ଥିଲା। ବର୍ତ୍ତମାନ ଦେଶରେ ଆର୍ଥିକ ଚାପ ରହିଛି। ଏଥିପାଇ କେନ୍ଦ୍ର ସରକାର ଦେଶବାସୀଙ୍କୁ ସୁନା ନ କିଣିବାକୁ ଅନୁରୋଧ କରିଥିଲେ। କାରଣ ଯେହେତୁ ସୁନା ବିଦେଶରୁ ଆମଦାନୀ କରାଯାଉଛି, ତେଣୁ ଆମଦାନୀ ବିଲ୍ ବଢ଼ି ଯାଉଛି। ତେଣୁ ସୁନା ନ କିଣିବାକୁ ଅନୁରୋଧ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଲୋକେ ଯେମିତି କମ କିଣିବେ ଏଥିପାଇଁ କେନ୍ଦ୍ର ସରକାର ସୁନା-ରୂପା ଆମଦାନୀ ଶୁଳ୍କ (**Import Duty**) ୬%ରୁ ବଢ଼ାଇ ୧୫% କରିଥିଲେ। ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଚାପ ଏବଂ ବିଦେଶୀ କ୍ରୟ ହ୍ରାସ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିଲା। ଏହି ବର୍ଦ୍ଧିତ ଶୁଳ୍କ ମଧ୍ୟରେ ୧୦% ବେସିକ କଷ୍ଟମ୍ ଡ୍ୟୁଟି ଏବଂ ୫% ଏଗ୍ରିକଲଚରାଲ ଇନଫ୍ରାଷ୍ଟ୍ରକ୍ଚର ଆଣ୍ଡ ଡେଭଲପମେଣ୍ଟ ସେସ୍ (**AIDC**) ଶୁଳ୍କ ସାମିଲ ରହିଛି। ଏହି ଶୁଳ୍କ ବୃଦ୍ଧି ପରେ ସୁନା ମୂଲ୍ୟରେ ୧୧ ହଜାରରୁ ଅଧିକ ବୃଦ୍ଧି ହୋଇଥିଲା। ସୂଚନା ଥାଉକି, ୨୦୨୪ ବଜେଟରେ ଏହି ଶୁଳ୍କ ୧୫%ରୁ ୬%କୁ ହ୍ରାସ କରାଯାଇଥିଲା।



## ୬ଟି ଅନ୍ତର୍ଜାତୀୟ ସ୍ଥଳକୁ ଇଣ୍ଡିଗୋ ବିମାନ ବାତିଲ

ନୂଆଦିଲ୍ଲୀ, ୫।୬: ପରିଚାଳନା ଖର୍ଚ୍ଚ ବୃଦ୍ଧିକୁ ଦୃଷ୍ଟିରେ ରଖି ଇଣ୍ଡିଗୋ ପକ୍ଷରୁ ୬ଟି ଅନ୍ତର୍ଜାତୀୟ ସ୍ଥଳକୁ ବିମାନଉଡ଼ାଣ ବାତିଲ କରାଯାଇଛି। ପୂର୍ବରୁ କମ୍ପାନି ଏହାର ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ଉଡ଼ାଣର କିଛି ଅଂଶ ବାତିଲ କରିସାରିଛି। କମ୍ପାନି ହଂକଂ, ସାଂଘାଇ, ହୋ ଚି ମିନ୍ ସିଟି, ଲଙ୍ଗକାୱି, କ୍ରାବି ଓ ସିଏମ୍ ରିପ୍କୁ ଉଡ଼ାଣ ବାତିଲ କରିଛି। ଆସନ୍ତା ଜୁଲାଇ ୧ ପରଠାରୁ ଏହି ସହରଗୁଡ଼ିକୁ କମ୍ପାନିର ଉଡ଼ାଣ ବନ୍ଦ ରହିବ। ଏହି ସବୁ ରୁଟ୍ ପାଇଁ ବୁକିଂ ଆସନ୍ତା ଅକ୍ଟୋବରରୁ ଆରମ୍ଭ ହେବ। ଯଦି ଚାହିଦାରେ ସୁଧାର ହେବ ତେବେ କମ୍ପାନି ଶୀଘ୍ର ଏହାର ଉଡ଼ାଣ ଆରମ୍ଭ କରିବା ବିଷୟରେ ବିଚାର କରିବ। ଏହି ନିଷ୍ପତ୍ତି ପଛର କାରଣ ସମ୍ପର୍କରେ କମ୍ପାନି କହିଛି ଚାହିଦା କମ୍ ରହିବା ଓ ପରିଚାଳନା ପରିବେଶ ଆହ୍ୱାନପୂର୍ଣ୍ଣ ଥିବାରୁ କମ୍ପାନି ଉଡ଼ାଣ ବାତିଲ କରିଛି। ଏହି ସମୟରେ ସାଧାରଣତଃ କେତେକ ଅନ୍ତର୍ଜାତୀୟ ରୁଟ୍ରେ ଚାହିଦା କମ୍ ରହିଥାଏ। ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଅଶୋଧିତ ତେଲ ଦର ମହଙ୍ଗା ହେବା ଏବଂ ବିଭିନ୍ନ ଦେଶରେ ଆକାଶ ମାର୍ଗ କଟକଣା ଭାରତୀୟ ଏୟାରଲାଇନ୍ଗୁଡ଼ିକର ପରିଚାଳନା ଖର୍ଚ୍ଚକୁ ବହୁତ ବଢ଼ାଇ ଦେଇଛି। ତାହାକୁ ନଜରରେ ରଖି କମ୍ପାନି ଏହାର ଉଡ଼ାଣରେ ପରିବର୍ତ୍ତନ କରୁଛି। ଉଡ଼ାଣ ବାତିଲ କରିବା ସତ୍ତ୍ୱେ କମ୍ପାନି ସପ୍ତାହକୁ ୧୮୦୦ ଅନ୍ତର୍ଜାତୀୟ ଉଡ଼ାଣ କରୁଛି।




## ମହଙ୍ଗା ହୋଇପାରେ ମୋବାଇଲ୍ ରିଚାର୍ଜ

ନୂଆଦିଲ୍ଲୀ,୫।୬: ତେଲ ଲୁଣ ଠାରୁ ଆରମ୍ଭ କରି ପେଟ୍ରୋଲ ଡିଜେଲ ଆଦି ସବୁ ମହଙ୍ଗାରେ ଚାଲିଛି। ଦେଶର ଜନତା ମହଙ୍ଗା ମାଡ଼ ପ୍ରହାର ସହି ଚାଲିଥିବା ବେଳେ ଏବେ ପୁଣି ମୋବାଇଲ ରିଚାର୍ଜ ମହଙ୍ଗା ହେବାକୁ ଯାଉଛି। ଏଭଳି ଆକଳନ କରିଛି ଆକ୍ସିସ କ୍ୟାପିଟାଲ। ସଂସ୍ଥାର ଆକଳନ ଅନୁସାରେ, ମୋବାଇଲ ରିଚାର୍ଜ ୧୦% ପର୍ଯ୍ୟନ୍ତ ମହଙ୍ଗା ହୋଇପାରେ। ଭାରତ ଭଳି ଗୋଟେ ନିମ୍ନଆୟକାରୀ ରାଷ୍ଟ୍ରରେ ଲୋକଙ୍କ ରୋଜଗାର ବଢୁ ନଥିବା ବେଳେ ଖର୍ଚ୍ଚ ଦିନକୁ ଦନ ବଢ଼ିବାରେ ଲାଗିଛି। ପୂର୍ବରୁ ମୋବାଇଲ ରିଚାର୍ଜ ଭାର ଲୋକଙ୍କ ପାଇଁ ଅସହ୍ୟ ହୋଇପଡୁଥିବା ବେଳେ ଏବେ ଯଦି ପୁଣି ଦର ବୃଦ୍ଧି ହୁଏ ତେବେ ଏହା ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ହେବ। ଆକ୍ସିସ୍ କ୍ୟାପିଟାଲର କାର୍ଯ୍ୟକାରୀ ନିର୍ଦ୍ଦେଶକ ଗୌରବ ମଲହୋତ୍ରାଙ୍କ ମତରେ, ଆଗାମୀ ୩ ରୁ ୬ ମାସ ମଧ୍ୟରେ ମୋବାଇଲ୍ ଟାରିଫ୍ ବା ରିଚାର୍ଜ ଦର ବଢ଼ିବାର ସମ୍ଭାବନା ରହିଛି। ଆକ୍ସିସ୍ କ୍ୟାପିଟାଲ୍ ଅନୁଯାୟୀ, ଆଗାମୀରିଚାର୍ଜ ଦର ପ୍ରାୟ ୧୦% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ତେବେ ଏହା ପୂର୍ବରୁ ଟାରିଫ ୧୫-୨୦% ବୃଦ୍ଧି ହୋଇପାରେ ବୋଲି ଆକଳନ କରାଯାଇଥିଲା। ହେଲେ ବର୍ତ୍ତମାନ ସ୍ଥିତି ଦେଖି କମ୍ପାନୀମାନେ ୧୦ ଟାରିଫ ବୃଦ୍ଧି କରିପାରନ୍ତି ବୋଲି ସଂସ୍ଥା ଆକଳନ କରିଛି। ଏହି ଦର ବୃଦ୍ଧି ୩ ରୁ ୬ ମାସ ମଧ୍ୟରେ ହେବାର ସମ୍ଭାବନା ରହିଛି। ସେପଟେ ମିଡିଆ ରିପୋର୍ଟ ଅନୁସାରେ ଟେଲିକମ୍ କମ୍ପାନୀଗୁଡ଼ିକ ଗତ କିଛି ବର୍ଷ ହେବ ଗ୍ରାହକଙ୍କ ପ୍ରତି ରିଚାର୍ଜରୁ ମିଳୁଥିବା ହାରାହାରି ଆୟ ସନ୍ତୋଷଜନକ ରହିଛି। ତେଣୁ ବର୍ତ୍ତମାନ କମ୍ପାନୀଗୁଡ଼ିକ ବଡ଼ ଧରଣର ଦର ବୃଦ୍ଧି କରିବାର ଆବଶ୍ୟକତା ଅନୁଭବ କରୁନାହାନ୍ତି। ହେଲେ ତଥାପି ଜନତାଙ୍କ ପକେଟ୍ ଗର ନିଶ୍ଚୟ ହୋଇପାରେ। ବିନା ଦର ବୃଦ୍ଧିରେ ମଧ୍ୟ ଟେଲିକମ୍ କମ୍ପାନୀମାନେ ଭଲ ଆୟ କରୁଛନ୍ତି। ଅଧିକାଂଶ ଗ୍ରାହକ ଅଧିକ ମୂଲ୍ୟର ପ୍ଲାନକୁ ଚୟନ କରୁଥିବା ଏବଂ ଦ୍ରୁତ ନେଟୱର୍କକୁ ଯାଉଥିବାରୁ ପ୍ରିମିୟମାଇଜେସନ୍ ମାଧ୍ୟମରେ ପ୍ରତିବର୍ଷ ପ୍ରାୟ ୪-୫% ବୃଦ୍ଧି ପାଉଛି। ତେଣୁ କମ୍ପାମାନେ ହଠାତ୍ ଏଥିରେ ବଡ଼ ବୃଦ୍ଧି କରିବାକୁ ଚାହୁଁ ନାହାନ୍ତି। ତଥାପି ସଂସ୍ଥାର ଆକଳନ ଅନୁଯାୟୀ ଟେଲିକମ୍ ଗ୍ରାହକମାନଙ୍କୁ ଆଗାମୀ ଦିନରେ ଅଧିକ ଖର୍ଚ୍ଚ କରିବା ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ।






## ଆଜିର ସୁନା ଦର

ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୯,୦୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୦୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୫,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୦୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୯,୨୧୦ ଟଙ୍କା ଓ ୨୨ କ୍ୟାରଟେ ୧,୪୫,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୦,୬୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୭,୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୯,୦୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୫,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରର ପେଟ୍ରୋଲ ଲିଟର ୧୦୮ ଟଙ୍କା ୯୭ ଟଙ୍କା ଓ ଡିଜେଲ ୧୦୦ ଟଙ୍କା ୬୮ଟଙ୍କା ଛୁଇଁଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୮ ଟଙ୍କା ୬୪ ପଇସା ଓ ଡିଜେଲ ଦର ୯୧ ଟଙ୍କା ୫୮ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୫୯ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୪.୦୮ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୯.୭୦ ଟଙ୍କା ଥିବାବେଳେ ଡିଜେଲ ଦର ୯୬ ଟଙ୍କା ୦୭ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୪ ଟଙ୍କା ୫୭ ପଇସା ଥିବା ବେଳେ ଡିଜେଲ ଦାମ ୯୬ ଟଙ୍କା୨୧ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ।

**ପରିବେଶ ଯୋଦ୍ଧା**

# ଗଛପ୍ରୀତିରେ ଦମ୍ପତି

**ବୃତ୍ତିରେ ଶିକ୍ଷକ, ନିଶା ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା**



**କାକଟପୁର/ଅସ୍ତରଙ୍ଗ, ୫।୬ (ସଂଚାର ବ୍ୟୁରୋ)ଃ** ବୃତ୍ତିରେ ସେ ଶିକ୍ଷକ, କିନ୍ତୁ ନିଶା ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା। ଦୀର୍ଘ ବର୍ଷ ହେବ ଦମ୍ପତି ନିରବଚ୍ଛିନ୍ନ ଭାବେ ପରିବେଶ ଅନୁକୂଳ ଓ ବନ୍ୟପ୍ରାଣୀଙ୍କୁ ଖାଦ୍ୟ ଯୋଗାଉଥିବା ବୃକ୍ଷରୋପଣ କରି ସେ ସମସ୍ତଙ୍କ ପ୍ରେରଣା ସାଜିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ଘଣ୍ଟିକଣ ଅଂଚଳର ବାସିନ୍ଦା ଶିକ୍ଷାବିତି ଧୀର ସ୍ୱାଇଁ (୫୬) ଓ ପତ୍ନୀ କବିୟତ୍ରୀ ଜୟନ୍ତୀ ସ୍ୱାଇଁ (୪୬)।

ଧୀରଗୁରୁଜୀଙ୍କ ପିଲାଦିନରୁ ପରିବେଶ ପ୍ରତି ରହିଛି ଆକର୍ଷଣ। ସବୁଜିମାଭରା ପ୍ରାକୃତିକ ପରିବେଶକୁ ସେ ବେଶ ଭଲ ପାଆନ୍ତି। ତେବେ ସେ ଅନୁଭବ କଲେ ଯେ ପ୍ରାକୃତିକ ବିପର୍ଯ୍ୟୟ ହେତୁ ଜଙ୍ଗଲ ଗୁଡିକ ନଷ୍ଟ ହେବାର ଲାଗିଛି। ସେଥିପାଇଁ ଧୀର ଗୁରୁଜୀ ବୃକ୍ଷରୋପଣ ପ୍ରତି ଆଗ୍ରହ ବଢ଼ିଥିଲା। ୨୦୦୦ମସିହା ପୂର୍ବରୁ ସେ ଏ ଦିଗରେ ପ୍ରଥମ ପଦକ୍ଷେପ ନେଇଥିଲେ। ଜଙ୍ଗଲରେ ମଞ୍ଜି ବୁଣିବା, ଗଛ ଲଗାଇବା, ଚଢ଼େଇମାନଙ୍କର ଖାଦ୍ୟପାନୀୟ ବ୍ୟବସ୍ଥା ଓ ଲୋକମାନଙ୍କୁ ପରିବେଶ ମନସ୍କ କରାଇବା ତାଙ୍କର ମୁଖ୍ୟ ଲକ୍ଷ୍ୟ। ସେ ସ୍କୁଲ, କଲେଜ ଓ ବିଭିନ୍ନ ଅନୁଷ୍ଠାନରେ ଆୟୋଜିତ ପରିବେଶଭିତ୍ତିକ କାର୍ଯ୍ୟକ୍ରମରେ ଯୋଗଦେଇ କେମିତି ଗଛ ଲଗାଇବେ ଓ ଏହାର ଯତ୍ନ ନେବେ ସେ ସମ୍ବନ୍ଧରେ ସମସ୍ତଙ୍କୁ ସଚେତନ କରାଇଥାଆନ୍ତି। ପରିବେଶ ସୁରକ୍ଷା ପ୍ରତି ଅବଦାନ ଲାଗି ତାଙ୍କୁ ଅନେକ ସମ୍ମାନ ଓ ସ୍ୱୀକୃତି ମଧ୍ୟ ମିଳିଛି। ସେ ଶିକ୍ଷକତା ଓ ପରିବେଶ ସେବା ମଧ୍ୟରେ ସନ୍ତୁଳନ ବଜାୟ ରଖିବାରେ ସଫଳ ହୋଇଛନ୍ତି।

ବିଦ୍ୟାଳୟରୁ ବଳକା ସମୟ ପାଇଲେ ସେ ତାଙ୍କ ପତ୍ନୀ ଜୟନ୍ତୀଙ୍କ ସହ ମିଶି ପରିବେଶ ପାଇଁ କାମ କରୁଛନ୍ତି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଗଛ ଲଗାଇବା ଓ ଏହାର ଯତ୍ନ ନେବା ପାଇଁ ସଚେତନ କରାଉଛନ୍ତି। ସେ ବିଭିନ୍ନ ବିଦ୍ୟାଳୟରେ ପ୍ରାୟ ୭ହଜାରରୁ ଅଧିକ ଗଛ ଲଗାଇଛନ୍ତି। ପିଲାମାନଙ୍କୁ ପରିବେଶ ସୁରକ୍ଷା ଶିକ୍ଷା ମଧ୍ୟ ଦିଅନ୍ତି ଧୀର ଗୁରୁଜୀ । ସେ ଭବିଷ୍ୟତରେ ପରିବେଶ ପାଇଁ ଆହୁରି ଅନେକ କାମ କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି। ଏହାସହ ପରିବେଶ ପ୍ରତି ଯତ୍ନବାନ ହେବା ଏବଂ ଓଡ଼ିଶାର ସବୁ ସ୍ଥାନରେ ପରିବେଶ ସୁରକ୍ଷା ଅଭିଯାନ ଆରମ୍ଭ କରିବା ତାଙ୍କର ଲକ୍ଷ୍ୟ ବୋଲି କହନ୍ତି ଶିକ୍ଷକ ଧୀର ସ୍ୱାଇଁ ।

ଏହା ସହ ଦମ୍ପତି ମଧ୍ୟ ନିଜ ବାଡ଼ିରେ ପଶୁପକ୍ଷୀଙ୍କୁ ଖାଇବାକୁ ଦେବା ସହ ସଚେତଧର୍ମୀ ପୋଷ୍ଟର ଲଗାଇଛନ୍ତି। ବିଲୁପ୍ତ ହୋଇଯାଉଥିବା ଅନେକ ଗଛର ମଞ୍ଜିର ସଂଗ୍ରହ ଓ ବଣ୍ଟନ ସହ ସେ ଚାରା ମଧ୍ୟ ପ୍ରସ୍ତୁତ କରୁଛନ୍ତି।ସ୍ଥାନୀୟ ଅଞ୍ଚଳରେ ଶିକ୍ଷାବିତି ଧୀର ସ୍ୱାଇଁ ଙ୍କୁ ପରିବେଶ ଯୋଦ୍ଧା ଭାବେ କାମ କରୁଛନ୍ତି ବୋଲି ମତ ଦେଇଛନ୍ତି ସ୍ଥାନୀୟ ଅଞ୍ଚଳବାସୀ।

# ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ



**ହିଞ୍ଜିଳିକାଟୁ,୫।୬ (ସଂଚାର ବ୍ୟୁରୋ)ଃ** ଆଜି ବିଶ୍ୱ ପରିବେଶ ଦିବସ । ପରିବେଶ ସୁରକ୍ଷାକୁ ଧ୍ୟାନରେ ରଖି ୧୯୭୩ ମସିହାରୁ ପ୍ରତିବର୍ଷ ଜୁନ୍ ୫ କୁ ବିଶ୍ୱ ପରିବେଶ ଦିବସ ଭାବେ ପାଳିତ ହୋଇ ଆସୁଛି । ଏହି ପରିପ୍ରେକ୍ଷୀରେ ହିଞ୍ଜିଳି ତାଲୁକା ଆଇନସେବା କମିଟି ଅଧ୍ୟକ୍ଷା ତଥା ସବଜଜ୍ ସୁଶ୍ରୀ ସଂଗୀତା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ବିଶ୍ୱପରିବେଶ ଦିବସ ସଭା ଅନୁଷ୍ଠିତ ହୋଇଥିଲା | ଅତିଥି ଭାବେ ବିଡ଼ିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ, ତହସିଲଦାର ତପନ କୁମାର ମହାପାତ୍ର, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ଶ୍ରୀକାନ୍ତ ସାହୁ, ବରିଷ୍ଠ ଆଇନଜୀବି ଦ୍ୱିତୀକୃଷ୍ଣ ସାବତ ମଂଚାସୀନ ରହିଥିଲେ| ପ୍ଲାଷ୍ଟିକ ବ୍ୟବହାର କମାଇବା , ଜଳ ସଂରକ୍ଷଣ କରିବା ଓ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ଲୋକଙ୍କୁ ଆହ୍ୱାନ ଦିଆଯାଇଥିଲା | ପରିବେଶ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ | ଆଜି ଯଦି ଆମେ ପରିବେଶ ପ୍ରତି ସଚେତନ ନ ହେବା , ତେବେ ଆଗାମୀ ପିଢ଼ି ଏହାର ଭୟଙ୍କର ପରିଣାମ ଭୋଗିବେ ନେଇ ଅତିଥି ମାନେ ଅଭିଭାଷଣ ରଖିଥିଲେ| ସଭା ଶେଷରେ ବରିଷ୍ଠ ଆଇନଜୀବି ଦ୍ୱିତୀକୃଷ୍ଣ ସାବତ ପରିବେଶ ସୁରକ୍ଷା ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ | ପରେ ମେଡିକାଲ ପରିସରରେ ଅତିଥି ମାନଙ୍କ ଦ୍ୱାରା ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା | ଏହି କାର୍ଯ୍ୟକ୍ରମରେ ଡାକ୍ତର ତପନ କୁମାର ମଲ୍ଲ, ହିସାବ ରକ୍ଷକ ସତ୍ୟ ପଟ୍ଟନାୟକ, ମେଡିକାଲ ମ୍ୟାନଜର ମହେଶ୍ୱତା ପାତ୍ର, ମେଡିକାଲର ରେକର୍ଡ ଆସିଷ୍ଟାଣ୍ଡ ମିଲି ପଣ୍ଡା, ନର୍ସ ରେଣୁବାଳା ବେହେରା, ରଶ୍ମିତା ଚୌଧୁରୀଙ୍କ ସମେତ ଚିକିତ୍ସାଳୟର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ |

# ବିଶ୍ୱ ପରିବେଶ ଦିବସରେ ସେବକ ପକ୍ଷରୁ ଦେଶୀ ବିହନ ସମ୍ମିଳନୀ




**ସୁନ୍ଦରଗଡ଼,୫।୬ (ସଂଚାର ବ୍ୟୁରୋ)ଃ** ପ୍ରକୃତି ଆମର ଜୀବନର ଆଧାର। ଜଳ, ଜଙ୍ଗଲ, ଜନ୍ତୁ, ମାଟି ଓ ବିହନକୁ ସୁରକ୍ଷା କଲେ ଆମର ଭବିଷ୍ୟତ ସୁରକ୍ଷିତ ରହିପାରିବ। ଯଦି ବିହନ ସୁରକ୍ଷିତ ରହେ, ତେବେ ଖାଦ୍ୟ ସୁରକ୍ଷା ନିଶ୍ଚିତ ହେବ, ଯଦି ଜଙ୍ଗଲ ଓ ପରିବେଶ ସୁସ୍ଥ ରହିବ, ତେବେ ଆଗାମୀ ପିଢ଼ୀ ସୁସ୍ଥ ଓ ସୁରକ୍ଷିତ ଜୀବନ ବ୍ୟତୀତ କରିପାରିବ। ଆଜିର ଦିନରେ ଜଳବାୟୁ ପରିବର୍ତ୍ତନ, ରାସାୟନିକ କୃଷିର ବୃଦ୍ଧି ଓ ବାଣିଜ୍ୟିକ ବିହନ ଉପରେ ନିର୍ଭରଶୀଳତା ଆମ ପାରମ୍ପରିକ କୃଷି ପ୍ରଣାଳୀକୁ ଚ୍ୟାଲେଞ୍ଜ ଦେଉଛି। ଏପରି ସମୟରେ ଦେଶୀ ବିହନର ସଂରକ୍ଷଣ କେବଳ କୃଷି ସହିତ ସୀମିତ ନୁହେଁ, ଏହା ଆମ ସଂସ୍କୃତି, ପରମ୍ପରା, ଆତ୍ମନିର୍ଭରତା ତଥା ଚିରସ୍ଥାୟୀ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ବୋଲି ବିଶ୍ୱ ପରିବେଶ ଦିବସ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ତରଫରୁ ଆୟୋଜିତ ଦେଶୀ ବିହନ ସଂରକ୍ଷଣ ଉପରେ ଜିଲ୍ଲା ସ୍ତରୀୟ ସମ୍ମିଳନୀରେ ଉପସ୍ଥିତ ଚାଷୀ ମାନେ ମତାମତ ରଖିଛନ୍ତି। ଆଜି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ତରଫରୁ ରୁରାଲ ରିସୋର୍ସ ସେଣ୍ଟର-ସେବକ ଠାରେ ଆୟୋଜିତ ବିଶ୍ୱ ପରିବେଶ ଦିବସ ଅବସରରେ ଦେଶୀ ବିହନ ସଂରକ୍ଷଣ ଉପରେ ଜିଲ୍ଲା ସ୍ତରୀୟ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ ଦେଶୀ ବିହନର ସଂପ୍ରସାରଣ ଉପରେ ଗୁରୁତ୍ୱ ଦେଇ ଏହି ବିହନ ସଂରକ୍ଷଣ ଓ ସଂପ୍ରସାରଣ ଅଭିଜାନକୁ ବ୍ୟବସାୟିକ ରୂପ ଦେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ପଟେଲ ଜୈବ ବିବିଧତା ସୁରକ୍ଷା ସଙ୍ଗେ ସଙ୍ଗେ ପରିବେଶ ସନ୍ତୁଳନ ରକ୍ଷା ନିମନ୍ତେ ଗୋଷ୍ଠୀ ସହଭାଗିତାର ଆବଶ୍ୟକ ଅଛି ବୋଲି ମତପ୍ରଦାନ କରିଥିଲେ।

**ଇଟାମାଫିଆଙ୍କ କବ୍‌ଜାରେ ପ୍ରଶାସନ**

# ରାସ୍ତା ପାର୍ଶ୍ୱରେ ହୁତୁ ହୁତୁ ହୋଇ ଜଳୁଛି ଇଟାଭାଟି



**ମାହାଙ୍ଗା,୫।୬ (ସଂଚାର ବ୍ୟୁରୋ)ଃ** ପ୍ରବଳ ଗ୍ରୀଷ୍ମ ପ୍ରବାହ ହେତୁ ୪୦ ଡିଗ୍ରୀରୁ ଉର୍ଦ୍ଧ୍ୱ ତାପମାତ୍ରା ଯୋଗୁଁ ଲୋକମାନେ ଅସହ୍ୟ ତାତିରେ ସିଝୁଥିବା ବେଳେ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। କିନ୍ତୁ ଏତେ ତାପମାତ୍ରାରେ ମଧ୍ୟ ନିର୍ଭୟରେ ଇଟାମାଫିଆ ମାନେ ବେଆଇନ ଭାବେ ଇଟାଭାଟି ପୋଡୁଥିବା ଦେଖିବାକୁ ମିଳିଛି।

ଏଭଳି ଘଟଣା ଦେଖିବାକୁ କୁଆଁପାଳ -ଛତିଆ ପୂର୍ତ୍ତ ରାସ୍ତାର କୋଠପଦା ବଜାର ଶେଷ ମୁଣ୍ଡ ଓସ୍ତମୂଳ ମନ୍ଦିର ନିକଟ ଡାହାଣ ପାର୍ଶ୍ୱରେ। ସ୍ଥାନୀୟ ଅଞ୍ଚଳର ଜନୈକ ଇଟା ମାଫିଆ ବେଆଇନ ଭାବେ ଲକ୍ଷ ଲକ୍ଷ ଇଟା ପୋଡି ମାଲେ ମାଲ ହେଉଛନ୍ତି। ପ୍ରଶାସନ ସବୁ ଜାଣି ମଧ୍ୟ ଚୁପ ରହୁଛି କାରଣ ପ୍ରଶାସନ ଓ ଇଟାମାଫିଆଙ୍କ ଭିତିରି ବୁଝାବୁଣାରେ ଜଳୁଛି ବେଆଇନ ଇଟାଭାଟି। ପଇସା ଆଗରେ ହାର ମାନୁଛି ପ୍ରଶାସନ। ଲାଞ୍ଚ ଖାଇ ବେଆଇନ ଇଟାଭାଟିକୁ ପ୍ରୋତ୍ସାହନ ଯୋଗାଉଛି ପ୍ରଶାସନର କିଛି ଅସାଧୁ କର୍ମଚାରୀ। ଅସହ୍ୟ ତାତିରେ ଲୋକମାନେ ସିଝୁଥିବା ବେଳେ ଇଟାମାଫିଆଙ୍କୁ ଖୋରାଗ ଯୋଗାଉଛନ୍ତି ପ୍ରଶାସନର କିଛି ଅସାଧୁ କର୍ମଚାରୀ। ଯାହା ଫଳରେ ବଢ଼ି ଚାଲିଛି ନିଶିଦ୍ଧ ହୋଇଥିବା ବେଆଇନ ଇଟାଭାଟି ନିର୍ମାଣ।

ପ୍ରଶାସନର ଇଟାମାଫିଆଙ୍କ ପ୍ରତି କୋହଳ ମନୋଭାବ ଯୋଗୁଁ ଇଟାଭାଟି ଧୂଆଁରେ ସ୍ଥାନୀୟ ଅଞ୍ଚଳ ବାସୀ ଅଣନିଶ୍ୱାସୀ ହୋଇ ପଡୁଛନ୍ତି। ରାସ୍ତା ପାର୍ଶ୍ୱରେ ବେଆଇନ ଇଟାଭାଟି ପୋଡାଯାଉଥିବା ବେଳେ ସେହି ରାସ୍ତା ଦେଇ ଦୈନନ୍ଦିନ ଯାଆସ କରୁଥିବା ପ୍ରଶାସନର ଦୃଷ୍ଟି ନ ପଡ଼ିବା ଘଟଣା ପ୍ରଶାସନର ପାରିବାପଣିଆକୁ ନେଇ ଉଠିଛି ପ୍ରଶ୍ନ। ସରକାର ମାଟି ଇଟାକୁ ବେଆଇନ ଘୋଷଣା କରି ନିସିଦ୍ଧ କରିଥିବା ବେଳେ କେଉଁ ଆଦେଶ ବଳରେ ବେଆଇନ ଇଟା ଭାଟି ପୋଡାଯାଉଛି ତାହାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଦରଦାମ ବୃଦ୍ଧି ଓ ଜନବିରୋଧୀ ନୀତି ବିରୋଧରେ ବିଜେଡିର ଜନଆକ୍ରୋଶ ରାଲି



**ବାରିପଦା,୫।୬ (ସଂଚାର ବ୍ୟୁରୋ)ଃ** ଖାଉଟି ସାମଗ୍ରୀ, ପେଟ୍ରୋଲ, ଡିଜେଲ ସମେତ ନିତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ବିରୋଧରେ ଏବଂ ସାଧାରଣ ଜନତାଙ୍କ ଉପରେ ବଢୁଥିବା ଆର୍ଥିକ ବୋଝ ପ୍ରତିବାଦରେ ଆଜି ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ଜନ ଆକ୍ରୋଶ ରାଲି ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ବିଜେଡି ସଭାପତି ସୁଦାମ ମାର୍ଣ୍ଡି ଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ରାଲିରେ ସାମିଲ ହୋଇ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରି ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଅନୁଷ୍ଠିତ ଉକ୍ତ ରାଲିରେ ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାର୍ଣ୍ଡି , ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ବିଧାୟକ ଶ୍ରୀନାଥ ସରେନ, ଗଣେଶ୍ୱର ପାତ୍ର, ରାଜକିଶୋର ଦାସ, ମୟୂରଭଞ୍ଜ ସଦର ଜିଲ୍ଲା ସଭାପତି ଡ଼. ଦେବାଶିଷ ମାର୍ଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ରାଜ୍ୟ ସମ୍ପାଦକ ଜିତେନ୍ଦ୍ର ମହାନ୍ତି, ଦେବାଶିଷ ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି, ଯୁବ ସଭାପତି ଅରୁଣ ବରାଡ, ଛାତ୍ର ସଭାପତି ସୁନୀଲ ନାୟକ, ଜୋନାଲ ସଭାପତି ଅବଦୁଲ ହବିବ, ସହର ସଭାପତି ପ୍ରଭାତ ମହାନ୍ତି, ବରିଷ୍ଠ ନେତା ପ୍ରଭାତ ନାୟକ, କୃଷ୍ଣ ଦାସ , ଖୁଣ୍ଟା ବ୍ଲକ୍ ଅଧ୍ୟକ୍ଷ ସୁଧନ୍ୟ ନାୟକ, ବଡ଼ସାହି ବ୍ଲକ ଉପାଧ୍ୟାକ୍ଷ କାଞ୍ଚନ ପ୍ରଧାନ, ଦୟନ ପତି ଙ୍କ ସମେତ ଶତାଧିକ ନେତା ଓ କର୍ମୀ ଯୋଗଦେଇଥିଲେ। ସଭାକୁ ସମ୍ବୋଧିତ କରି ଜିଲ୍ଲା ବିଜେଡି ସଭାପତି ସୁଦାମ ମାର୍ଣ୍ଡି କହିଥିଲେ ଯେ, ଡବଲ ଇଞ୍ଜିନ ସରକାରଙ୍କ ଜନବିରୋଧୀ ନୀତି ଯୋଗୁଁ ଆଜି ସାଧାରଣ ଜନତା ଦରଦାମ ମାଡ଼ରେ ଅତିଷ୍ଠ ହୋଇପଡ଼ିଛନ୍ତି। ଖାଉଟି ସାମଗ୍ରୀ, ପନିପରିବା, ରନ୍ଧନ ତୈଳ, ପେଟ୍ରୋଲ ଓ ଡିଜେଲର ଅହେତୁକ ଦରବୃଦ୍ଧି ଯୋଗୁଁ ଗରିବ ଓ ମଧ୍ୟବିତ୍ତ ପରିବାରର ଘରୋଇ ବଜେଟ୍ ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟ ଓ କେନ୍ଦ୍ର ସରକାର ସାଧାରଣ ଜନତାଙ୍କ ସମସ୍ୟା ପ୍ରତି ଉଦାସୀନ ରହିଛନ୍ତି ବୋଲି ସେ କହିଥିଲେ।

# ସରକାରଙ୍କ ନୀତି ନିୟମକୁ ଫୁଁ: ନିର୍ଧୂମ ଖରାରେ କାମ କରୁଛନ୍ତି ଶ୍ରମିକ



**ନିଶ୍ଚିନ୍ତକୋଇଲି,୫।୬(ସଂଚାର ବ୍ୟୁରୋ)ଃ** ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଚାଲିଥିବା ବେଳେ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସରକାର ବିଭିନ୍ନ ନିୟମ ସହ ସତର୍କତା ଅବଲମ୍ବନ କରିଛନ୍ତି। ଦିନ ୧୦ଟା ପରେ ବାହାରକୁ ଯିବାପାଇଁ ବାରଣ କରାଯାଇଥିବା ବେଳେ ୧୧ ଟା ପରେ ଶ୍ରମିକ ମାନେ କାମ ନ କରିବା ପାଇଁ କଡା ତାଗିଦ କରାଯାଇଛି। କିନ୍ତୁ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଏହାର ବ୍ୟତିକ୍ରମ ହେଉଥିବା ବେଳେ ସରକାରୀ ନିୟମକୁ ସମ୍ପୂର୍ଣ୍ଣ ବେଖାତିର କରାଯାଇଛି। ଏହାର ଉଦାହରଣ ସ୍ୱରୂପ ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତରେ ଚକ୍ରଧର ମେମୋରିଆଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ଗୃହ ନିର୍ମାଣ କାର୍ଯ୍ୟରେ ଦେଖିବାକୁ ମିଳିଛି। ଚକ୍ରଧର ମେମୋରିଆଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାଳିକା ଶୌଚାଳୟ ନିର୍ମାଣ ପାଇଁ ସମଗ୍ରଶିକ୍ଷା ଯୋଜନା କଟକ ମାଧ୍ୟମରେ ୨୦୨୪-୨୦୨୫ ଆର୍ଥିକ ବର୍ଷରେ ୪,୮୯,୦୦୦ ଟଙ୍କା ଅନୁଦାନ ମିଳିଛି। କାର୍ଯ୍ୟ ନିର୍ବାହୀ ସଂସ୍ଥା ବିଭାଗୀୟ ମାଧ୍ୟମରେ ଚାଲିଛିବା ବେଳେ ଆଜି ଶୁକ୍ରବାର ଦିନ ଉକ୍ତ ଶୌଚାଳୟ ଗୃହର ଛାତ ଢ଼ଳେଇ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଥିଲା। ଉକ୍ତ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଥିବା ବେଳେ ମଧ୍ୟାହ୍ନ ୧୨ ଟା ଡହ ଡହ ଖରାରେ ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତରେ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଥିଲା। ଏହିରେ ୮/୧୦ ଜଣ ଶ୍ରମିକ ନିଧୂମ ଖରାରେ ଛଟପଟ ହୋଇ କାମ କରୁଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ଶ୍ରମିକଙ୍କର ଯଦି କିଛି କ୍ଷତି ହୋଇଥାନ୍ତା କିଏ ଦାୟି ରହିଥାନ୍ତେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷ ଏହିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ନ୍ୟାୟ ପାଇଁ ପରିବାର ପକ୍ଷରୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ

**ନୀଳଗିରି,୫।୬(ସଂଚାର ବ୍ୟୁରୋ)ଃ** ନାବାଳିକା ଅପହରଣ କୁ ବିତିଲାଣି ୯୦ ଦିନ ବିତି ଯାଇଥିଲେ ସୁଦ୍ଧା ନୀଳଗିରି ପୋଲିସ ପାଉନଥିବା ନେଇ ଚର୍ଚ୍ଚା ହେଉଛି।ଅପରପକ୍ଷରେ ପରିବାର ଲୋକେ ନ୍ୟାୟପାଇଁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଙ୍କୁ ଭେଟି ନିଜ ଦୁଃଖ ଜଣାଇଛନ୍ତି।ସୂଚନାଯୋଗ୍ୟ ନୀଳଗିରି ଥାନା ଶ୍ୟାମସୁନ୍ଦରପୁର ପଂଚାୟତ ଶ୍ରୀଦେଇପୁର ଗ୍ରାମରେ ଲକ୍ଷ୍ମୀଧର ପରିଡା ଙ୍କର ଝିଅ ମାନସୀ ପରିଡା (୧୫) ମାର୍ଚ୍ଚମାସ ୩ତାରିଖ ମେଟ୍ରିକ ପରୀକ୍ଷା ଶେଷ ଦିନରେ ପରୀକ୍ଷା ଦେଇ ସାରିଲା ପରେ ଆଉ ଘରକୁ ଫେରି ନଥିଲେ। ବାହାନଗା ବ୍ଲକ ପଥରପେଣ୍ଟ ପଂଚାୟତ ରାହିମହଲ ସାହି ଗ୍ରାମରେ ଟୁଁଙ୍ଗୁରା ମଲ୍ଲିକ ଙ୍କ ପୁଅ ମଧୁସୂଦନ ମଲ୍ଲିକ (୩୫) ଏକ ସ୍କୁଟି ଯୋଗେ ଅପହରଣ କରିଛି ବୋଲି ଅଭିଯୋଗ ହୋଇଛି।ଏହାରି ଭିତରେ ୯୦ଦିନ ବିତି ଯାଇଥିଲେ ସୁଦ୍ଧା ଏ ପ୍ରଯ୍ୟନ୍ତ ନୀଳଗିରି ପୋଲିସ ଅପହରଣକାରୀ ଙ୍କୁ ଧରି ପାରି ନାହାଁନ୍ତି ।ଶେଷରେ ଆଜି ବାପା ଲକ୍ଷ୍ମଧର ପରିଡା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ଶିଶୁ କଲ୍ୟାଣ କମିଟି ଙ୍କୁ ଝିଅ ଙ୍କୁ ଖୋଜି ଆଣିବା ପାଇଁ ଲିଖିତ ଅଭିଯୋଗ ଜଣାଇବା ସହ ନୀଳଗିରି ପୋଲିସକୁ ବାରମ୍ବାର ଝିଅ ବିଷୟରେ ପଚରା ଉଚରା କରିବା ରୁ ଅଶ୍ଳୀଳ ଭାଷାରେ ଝିଅ ମାନସୀ ପରିଡା ନାଁ ରେ ଦୁବ୍ୟବହାର କରିଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି।

# ଲୋପ ପାଉଛି ତାଳଗଛ

**ପ୍ରାକୃତିକ ବିପର୍ଯ୍ୟୟର ରକ୍ଷା କବଚ**

**ସରକାରଙ୍କ ତାଳ ମିଶନ ବିଫଳ**



**ପଟ୍ଟାମୁଣ୍ଡାଇ, ୫।୬ (ସଂଚାର ବ୍ୟୁରୋ)ଃ** କାହିଁ କେଉଁ ଅନାଦି କାଳରୁ ପ୍ରାକୃତିକ ବିପର୍ଯ୍ୟୟ ରୋକିବା ପାଇଁ ପ୍ରକୃତିର ବରଦାନ ତାଳ ଗଛ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବାତ୍ୟା ସମୟରେ ଭୟଙ୍କର ପବନ ଓ ବଜ୍ର ପାତକୁ ବହୁ ପରିମାଣରେ ରୋକି ଥାଏ । ଗାଁ ସହର ଠାରୁ ଆରମ୍ଭ କରି ନଈ, ସମୁଦ୍ର ନିକଟରେ ତାଳ ଗଛ ହିଁ ବାତ୍ୟା ସମୟରେ ପବନର ଗତିକୁ ରୋକିବା ସହିତ ବଜ୍ରପାତ ତାଳ ଗଛ ଉପରେ ହେବା ଫଳରେ ଜୀବଜଗତ ରକ୍ଷା ପାଇଥାଏ ।

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରକୃତିର ବରଦାନ ତାଳ ଗଛ ଦିନକୁ ଦିନ ଲୋପ ପାଉଥିବା ବେଳେ ଜୀବଜଗତ ପାଇଁ ଉପକାରୀ ବିଭିନ୍ନ ଗଛ କଟା ଚାଲିଛି । ଯାହାଫଳରେ ପ୍ରାକୃତିକ ବିପର୍ଯ୍ୟୟ ହାର ବଢ଼ି ଚାଲିଛି । ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ବହୁ ଧନ ଜୀବନ ହାନି ଘଟୁଛି । ପ୍ରକୃତିର କୋପରୁ ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ପ୍ରଚଣ୍ଡ ରୌଦ୍ର ତାପରେ ଜୀବଜଗତ କଲବଲ ହେଉଛି । ପ୍ରାକୃତିକ ବିପର୍ଯ୍ୟୟ ବଜ୍ରପାତ ଓ ପ୍ରଚଣ୍ଡ ରୌଦ୍ର ତାପକୁ ରୋକିବା ପାଇଁ ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ଅଂଚଳରେ ତାଳ ଗଛ ଲଗାଇବା ପାଇଁ ନିଷ୍ପତ୍ତି ନେଇ ତାଳ ମିଶନ ଆରମ୍ଭ କରିଥିଲେ । ତାଳ ମିଶନ କାର୍ଯ୍ୟକ୍ରମ ହାତକୁ ନେଇ ସରକାର ନିଜ ମିଶନରେ ପହଂଚିବା ପୂର୍ବରୁ ତାଳ ଗଛ ସବୁ ଲୋପ ପାଇବାକୁ ବସିଛି । ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ଲୋକମାନେ ଭୟ ଓ ଆଶଙ୍କା ମଧ୍ୟରେ ଜୀବନ ବିତାଉଛନ୍ତି ।

ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ସହିତ ପ୍ରକୃତିର ବରଦାନ ତାଳ ଗଛ ଓ ତାଳ ଓଡ଼ିଆ ସଂସ୍କୃତିର ପ୍ରତୀକ ଭାବେ ଠିଆ ହୋଇଛି । ବିଶେଷ କରି ରଜ ଓ ସାବିତ୍ରୀ ସମୟରେ ତାଳକୁ ଭୋଗ ଭାବେ ବ୍ୟବହାର କରାଯାଇଥାଏ । ତାଳ ଗଛ ପତ୍ରରେ ଚଟ, ବିଞ୍ଚଣା, ପକ୍ଷୀଆ ଛତା ଆଦି ପ୍ରସ୍ତୁତ କରାଯାଇଥାଏ । ତାଳ ରସରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ । ପ୍ରକୃତି ବିଭିନ୍ନ ବରଦାନକୁ ବିଭିନ୍ନ ଭାବରେ ଧ୍ୱଂସ କରି ଚାଲିଥିବାରୁ ବିପର୍ଯ୍ୟୟ ଆଶଙ୍କା ବଢ଼ି ଚାଲିଛି । ରଜ ସାବିତ୍ରୀର ମାହୋଲକୁ ରଙ୍ଗୀନ କରିବା ଓ ଗ୍ରୀଷ୍ମ ପ୍ରବାହରୁ ସାମୟିକ ତ୍ରାହି ଦେବା ପାଇଁ ପଟ୍ଟାମୁଣ୍ଡାଇ ଅଂଚଳର ଗାଁଠୁ ସହର ପର୍ଯ୍ୟନ୍ତ ରାସ୍ତାକଡରେ ତାଳ ସଜ ବେପାରୀମାନେ ପସରା ମେଲାଇଥାନ୍ତି । କିନ୍ତୁ ଦିନକୁ ଦିନ ଏହା ଲୋପ ପାଇବାକୁ ବସିଛି । ତାଳ ଗଛ ସଂଖ୍ୟା ହ୍ରାସ ପାଉଥିବାରୁ ତାଳସଜ ପସରା ଆଗ ଭଳି ଦେଖିବାକୁ ମିଳୁନାହିଁ । ପ୍ରକୃତିର ବରଦାନ ତାଳ ଗଛ ଓଡ଼ିଆ ସଂସ୍କୃତି ପରମ୍ପରା ରଜ ସାବିତ୍ରୀ ସହ ବିଭିନ୍ନ ପର୍ବପର୍ବାଣୀକୁ ରଙ୍ଗୀନ କରୁଥିବାବେଳେ ପ୍ରାକୃତିକ ବିପର୍ଯ୍ୟୟ ବାତ୍ୟା, ବଜ୍ରପାତ ଓ ବନ୍ୟା ଆତଙ୍କରୁ ରକ୍ଷା କରିଥାଏ। ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇଁ ବ୍ୟାପକ ତାଳ ଗଛ ରୋପଣ ଓ ରକ୍ଷଣାବେକ୍ଷଣ କରି ବହୁ ଚର୍ଚ୍ଚିତ ତାଳ ମିଶନକୁ ସଫଳ କରିବାକୁ ସାଧାରଣରେ ଦାବୀ ହେଉଛି ।

# ବିଶ୍ୱ ପରିବେଶ ଦିବସ ପାଳିତ, ଚାରାରୋପଣ କାର୍ଯ୍ୟକ୍ରମ

**ଢେଙ୍କାନାଳ,୫।୬(ସଂଚାର ବ୍ୟୁରୋ)ଃ** ବିଶ୍ୱ ପରିବେଶ ଦିବସ ଅବସରରେ ଢେଙ୍କାନାଳ ଓନ୍ ଷ୍ଟପ୍ ସେଣ୍ଟର (ଓଏସ୍‌ସି) ପରିସରରେ ଏକ ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ଏବଂ ସବୁଜ ପରିବେଶ ଗଠନର ବାର୍ତ୍ତା ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଡିଏମଓ (ଇନ୍‌ଚାର୍ଜ) ଡାକ୍ତର ନୀଳମଣି ଦିଲ୍ଲୀପ ଚାନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

ଏହି ଅବସରରେ ପରିବେଶ ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିବା ବେଳେ ପ୍ରତ୍ୟେକ ବ୍ୟକ୍ତି ସବୁଜ ଓ ସୁସ୍ଥ ପରିବେଶ ଗଠନ ଦିଗରେ ନିଜର ଅବଦାନ ରଖିବାକୁ ଆହ୍ୱାନ ଦିଆଯାଇଥିଲା।

ଓଏସ୍‌ସି କେନ୍ଦ୍ର ପ୍ରଶାସିକା ରଞ୍ଜିତା ମଞ୍ଜରୀ କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ ଓ ମାନସିକ ପରାମର୍ଶଦାତ୍ରୀ ଶ୍ୱେତା ପରିଡା, କେସ୍ ୱାର୍କର ଲିପ୍ସା ପାତ୍ର ଓ ମଧୁସ୍ମିତା ପଣ୍ଡା, ସ୍ୱାସ୍ଥ୍ୟ କର୍ମୀ ସ୍ୱାଗତିକା ସାହୁଙ୍କ ସମେତ କର୍ମଚାରୀ ମେନକା ଜେନା, ରୋଜାଲିନ ସାହୁ, ମାମାଲି ପ୍ରଧାନ, ସଞ୍ଜିତା ନାୟକ ଓ ଭାଗ୍ୟଶ୍ରୀ ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

କାର୍ଯ୍ୟକ୍ରମ ଶେଷରେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ପ୍ରତି ସମସ୍ତେ ନିଜକୁ ସମର୍ପିତ ରଖିବାକୁ ସଂକଳ୍ପ ଗ୍ରହଣ କରିଥିଲେ।

# ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଚାରାରୋପଣ




**ଯାଜପୁର ରୋଡ଼,୫।୬(ସଂଚାର ବ୍ୟୁରୋ)ଃ** ବ୍ୟାସନଗର ପୌରାଂଚଳ ସହରର ବସଷ୍ଟାଣ୍ଡ ଠାରେ ଆଜି ବିଶ୍ୱ ପର୍ଯ୍ୟାବରଣ ଦିବସ ଅବସରରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଯାଜପୁର ରୋଡ଼ ଶାଖା ପରିବାର ପକ୍ଷରୁ ବସଷ୍ଟାଣ୍ଡ ପରିସରରେ ସ୍ୱଚ୍ଛତା ଅଭିଯାନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଅତିଥି ଭାବେ ପୌରଅଧ୍ୟକ୍ଷ ଶ୍ରୀ ସୁବାସ ଚନ୍ଦ୍ର ବଳ ଏବଂ ୱାର୍ଡ ନଂ-୧୬ କାଉନସିଲର ଶିବାନନ୍ଦ ନାୟକ ଯୋଗଦେଇ ବ୍ରହ୍ମକୁମାରୀ ପରିବାରର ସମସ୍ତ ସଦସ୍ୟମାନଙ୍କ ସହ ମିଶି ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ହେବା ସହ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରିଥିଲେ। ବ୍ରହ୍ମକୁମାରୀ ପରିବାରର ବ୍ର.କୁ ସୁଚିତ୍ରା, ଜସ୍ମିନ୍, ଚିନ୍ନୁ, କମଳ, ଦେବେନ୍ଦ୍ର, ନମିତା, ଅଞ୍ଜଳି, ସଞ୍ଜୟ, ଲକ୍ଷ୍ମୀନାରାୟଣ, ବିପିନ୍, ସିଙ୍ଗା, ମଲ୍ଲିକା, ବନ୍ଦନା, କାଶ୍ମିନାଥ, ଅଭିରାମ ଆଦି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବୃକ୍ଷ ରୋପଣ କରିଥିଲେ। ବଢ଼ୁଥିବା ତାପମାତ୍ରାକୁ ଆୟତକୁ ଆଣିବାକୁ ହେଲେ ଜନସାଧାରଣ ମାନେ ବୃକ୍ଷ ରୋପଣ କରି ପରିବେଶ ସୁସ୍ଥ ରଖି ହେବ ବୋଲି ବାର୍ତ୍ତା ପ୍ରଦାନ କରିଥିଲେ।

# ବିପଦରେ ବାଇଚଢ଼େଇ ବସା

**ଛୋଟ ପକ୍ଷୀ ମଣିଷକୁ ପ୍ରେରଣା ଓ ଉତ୍ସାହ ଦେଇଥାଏ**

**ପରିବେଶକୁ ଅନେକ ବାର୍ତ୍ତା ପ୍ରଦାନ କରେ ବାଇଚଢ଼େଇ**

**ସୁରକ୍ଷା ପାଇଁ ଆହ୍ୱାନ**



**କାକଟପୁର/ଅସ୍ତରଙ୍ଗ, ୫।୬ (ସଂଚାର ବ୍ୟୁରୋ)ଃ** ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଂଚଳରେ ଥିବା କେନ୍ଦ୍ରାପଟି, ଦହିଖିଆ, ଶିଶୁଅ ଅଞ୍ଚଳ ସମେତ ବିଭିନ୍ନ ଗ୍ରାମାଞ୍ଚଳ ରେ ଧୀରେ ଧୀରେ ବିଲୁପ୍ତ ମୁହାଁ ହେବାକୁ ଯାଉଛି ତାଳଗଛରେ ଥିବା ବାଇଚଢେଇ ବସା। ତାଳଗଛ ବାଇଚଢେଇ ଙ୍କର ଶେଷ ଆଶ୍ରୟସ୍ଥଳୀ ପାଲଟିଥିବା ବେଳେ ଏହି ପକ୍ଷୀମାନେ ଏବେ ତାଳ, ନଡ଼ିଆ ଓ ଖଜୁରୀ ଗଛର ପତ୍ର ଗହଳରେ ବସା ବାନ୍ଧୁଛନ୍ତି। ତାଳଗଛର ପତ୍ର ଘନ ଓ ଲମ୍ବା ହୋଇଥିବାରୁ ବର୍ଷା, ଖରା ତଥା ବିଲେଇ ଓ କାଉ ଭଳି ଶିକାରୀଙ୍କ ଠାରୁ ସୁରକ୍ଷା ମିଳିଥାଏ। ବାଇଚଢେଇମାନେ ତାଳଗଛକୁ ପସନ୍ଦ କରିବାର ମୁଖ୍ୟ କାରଣ ହେଉଛି ୪୦ରୁ ୫୦ଫୁଟ ଉଚ୍ଚତାରେ ସେମାନେ ଶିକାରୀ ଜନ୍ତୁଙ୍କ ଠାରୁ ସୁରକ୍ଷିତ ରହି ପାରନ୍ତି। ତାଳପତ୍ର ଗୋଟିଏ ଉପରେ ଆଉ ଗୋଟିଏ ଛାତ ଭଳି ରହୁଥିବାରୁ ବର୍ଷାପାଣି ବସା ଭିତରକୁ ପ୍ରବେଶ କରିପାରେ ନାହିଁ। ଏହାଛଡ଼ା ତାଳ ଗଛର ଖଦଡ଼ା ହୋଇଥିବାରୁ ଚଢେଇ ମାନେ ସହଜରେ ବସିପାରନ୍ତି ଓ ନଖ ଲଗାଇ ରହିପାରନ୍ତି।

ପରିବେଶବିତି ମାନଙ୍କ ମତରେ ଘର ପାଖରେ ଥିବା ତାଳଗଛ ନ କାଟିବା, ନୂତନ ତାଳଗଛ ରୋପଣ କରିବା, ତାଳପତ୍ର ଗହଳରେ ଛୋଟ ମାଟିହାଣ୍ଡି ବାନ୍ଧିବା ସହ ତାଳଗଛ ମୂଳରେ ମାଟି ପାତ୍ରରେ ପାଣି ଓ ଖାଦ୍ୟ ଶସ୍ୟ ରଖିଲେ ବାଇଚଢେଇଙ୍କ ବଂଶ ବୃଦ୍ଧି ହୋଇପାରିବ। ସେମାନଙ୍କ କହିବା ଅନୁସାରେ, ତାଳଗଛ କେବଳ ତାଳସଜ ପାଇଁ ନୁହେଁ, ବରଂ ବାଇଚଢେଇଙ୍କ ପାଇଁ ଏହା ହିଁ ଶେଷ ଦୁର୍ଗ। ଗୋଟିଏ ତାଳଗଛ ବଞ୍ଚାଇ ପାରିଲେ ୧୦ରୁ ୧୨ଟି ଚଢେଇ ପରିବାର ସୁରକ୍ଷିତ ରହିପାରିବ।

ତେବେ ଯାହା ଦେଖିବାକୁ ମିଳିଛି ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଂଚଳରେ ଏହି ପକ୍ଷୀ ପୂର୍ବ ଅପେକ୍ଷା କ୍ରମଶଃ ହ୍ରାସ ପାଇଚାଲିଛି। ପରିବେଶବିତିମାନେ ମତ ଦେଇଛନ୍ତି, ଯଦି ସରକାରଙ୍କ ପକ୍ଷରୁ ଏହି ଛୋଟ ପକ୍ଷୀର ସୁରକ୍ଷା ଓ ସଂରକ୍ଷଣ ପାଇ ପଦକ୍ଷେପ ନିଆଯିବ ନାହିଁ ତେବେ ଆଗାମୀ ପିଢ଼ି ପାଇଁ ବାଇଚଢେଇ କେବଳ ସ୍ୱପ୍ନ ହୋଇ ରହିଯିବ। ଲୋକଗୀତ ଓ ଲୋକକଥାରେ ମଧ୍ୟ ବାଇଚଢେଇ ଗୁରୁତ୍ୱ ରହିଛି। ମା' ନିଜ ସନ୍ତାନକୁ ବାଇଚଢେଇର ଗୁରୁତ୍ୱ ଉଦାହରଣ ଦେଇ ଜୀବନର ମୂଲ୍ୟବୋଧ ଶିଖାଇଥାଏ। ଘର ନିର୍ମାଣ ହେଉ କି ଭବିଷ୍ୟତ ପାଇଁ ସଂଚୟ ଅନେକ କ୍ଷେତ୍ରରେ ଏହି ଛୋଟ ପକ୍ଷୀ ମଣିଷକୁ ପ୍ରେରଣା ଓ ଉତ୍ସାହ ଦେଇଥାଏ। ଅତି କ୍ଷୁଦ୍ର ହେଲେ ମଧ୍ୟ ବାଇଚଢେଇର ଜ୍ଞାନ କୌଶଳ ଓ ବସା ନିର୍ମାଣ କାରିଗରୀ ଅତ୍ୟନ୍ତ ଚମତ୍କାର। ସୁରକ୍ଷିତ ରହିବା ପାଇଁ ସେ ଜନବସତି ଠାରୁ ଦୂରରେ ଉଚ୍ଚ ଗଛ ଯେପରିକି ତାଳ, ନଡ଼ିଆ ଗଛ ଆଦିରେ ବସା ତିଆରି କରିଥାଏ। ତାର କୁନି ଥଣ୍ଟରେ କାଠି କୁଟା ସଂଗ୍ରହ କରି ସୁନ୍ଦର ଝୁଲନ୍ତା ବସା ତିଆରି କରିଥାଏ ଏବଂ ବସାର ମୁହଁକୁ ତଳ ମୁହାଁ ରଖିଥାଏ। ଫଳରେ ଖରା, ବର୍ଷା ଓ ଝଡ଼ ଭଳି ପ୍ରାକୃତିକ ବିପର୍ଯ୍ୟୟ ରୁ ସୁରକ୍ଷା ମିଳିଥାଏ।

ସବୁଠାରୁ ବଡ଼ କଥା ହେଉଛି ଆଜିର ଦୁନିଆରେ ମଣିଷ ଯୌଥ ପରିବାର ବ୍ୟବସ୍ଥା ଠାରୁ ଦୁରେଇ ଯାଉଥିବା ବେଳେ ବାଇଚଢେଇମାନେ ଗୋଷ୍ଠୀଗତ ଭାବେ ରହିବାକୁ ପସନ୍ଦ କରିଥାନ୍ତି। ଏହା ମଣିଷ ସମାଜକୁ ପରିବାରରେ ଏକାଠି ରହିବାର ମହତ୍ୱ ବୁଝାଇଥାଏ। କିନ୍ତୁ ଆଧୁନିକତା ଓ କଂକ୍ରିଟ ରାସ୍ତାର ବିସ୍ତାର ଯୋଗୁଁ ବାଇଚଢେଇ ଭଳି ଅନେକ ପ୍ରେରଣାଦାୟକ ଜୀବ ଧୀରେ ଧୀରେ ଲୋପ ପାଉଛନ୍ତି। ତେବେ ବାଇଚଢେଇ ସମେତ ଅନ୍ୟାନ୍ୟ ପକ୍ଷୀଙ୍କ ସୁରକ୍ଷା ପ୍ରତି ରାଜ୍ୟ ସରକାର ଅଧିକ ଯତ୍ନବାନ ହେବାକୁ ପରିବେଶବିତିମାନେ ଦାବୀ କରିଛନ୍ତି।




# ସାଇଲେଣ୍ଟ କିଲର



ସାଧାରଣତଃ ଶରୀରରେ କୌଣସି ସମସ୍ୟା ଥିଲେ ତାହା ଆପଣାଛାଏଁ ସଙ୍କେତ ଦେଇ ଦେଇଥାଏ। କିନ୍ତୁ ଆପଣମାନେ ଜାଣନ୍ତି କି ଏମିତି ଅନେକ ଗମ୍ଭୀର ରୋଗ ଅଛି ଯାହାକୁ ସାଇଲେଣ୍ଟ କିଲର କୁହାଯାଏ। ଏହି ରୋଗଗୁଡ଼ିକ କୌଣସି ସଙ୍କେତ ବିନା ଧୀରେଧୀରେ ଶରୀରରେ ପ୍ରଭାବ ବିସ୍ତାର କରିଚାଲିଥାଏ। ଯାହାଫଳରେ ଆଗାମୀ ଦିନରେ ଯକୃତ, ବୃକକ୍ ଏବଂ ପାନକ୍ରିୟାସ୍ ଭଳି ଅଙ୍ଗଗୁଡ଼ିକ ନଷ୍ଟ ହେବାକୁ ଲାଗିଥାଏ।ତେଣୁ, ଏହି ରୋଗଗୁଡ଼ିକ ପ୍ରତି ସଚେତନ ରହିବା ନିହାତି ଆବଶ୍ୟକ। ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ, ଏକ ସୁସ୍ଥ ଜୀବନଶୈଳୀ ଏବଂ ସମୟାନୁସାରେ ସ୍କ୍ରିନିଂ ଏହି ଲୁକ୍କାୟିତ ବିପଦରୁ ରକ୍ଷା କରିବାର ସବୁଠାରୁ ପ୍ରଭାବଶାଳୀ ଉପାୟ।

**ଫ୍ୟାଟି ଲିଭର:** ଯକୃତରେ ଅତ୍ୟଧିକ ଚର୍ବି ଜମା ହୋଇ ରହିଛି କି। ଡାକ୍ତର ଆପଣଙ୍କୁ ଫ୍ୟାଟି ଲିଭରର ସଙ୍କେତ ଦେଇଛନ୍ତି କି? ଶରୀରରେ ଯଦି ଏହି ସମସ୍ୟା ରହିଛି ତେବେ ଆଗାମୀ ଦିନରେ ଆପଣଙ୍କ ଜୀବନ ବିପଦରେ ପଡ଼ିପାରେ। ପ୍ରାରମ୍ଭିକ ସମୟରେ ଏହା କୌଣସି ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଦେଖାଦିଏ ନାହିଁ। ଏହି କାରଣରୁ ଅନେକ ଲୋକ ଏହାକୁ ଗମ୍ଭୀରତାର ସହ ନିଅନ୍ତି ନାହିଁ। ଯଦି ଏହାର ଶୀଘ୍ର ସମାଧାନ ନ କରାଯାଏ, ତେବେ ଏହା ଯକୃତକୁ ଧୀରେଧୀରେ ନଷ୍ଟ କରି ଦେଇଥାଏ।

**ହୃଦରୋଗ:** ହୃଦରୋଗ ମଣିଷ ମୃତ୍ୟୁର ପ୍ରମୁଖ କାରଣ ପାଲଟିଗଲାଣି। ପ୍ରାରମ୍ଭିକ ପର୍ଯ୍ୟାୟରେ ହୃଦରୋଗ ଥିଲେ ଏହା କୌଣସି ପ୍ରକାର ଲକ୍ଷଣ ଦେଖା ଦେଇ ନଥାଏ।। ଉଦାହରଣ ସ୍ୱରୂପ ଧମନୀଗୁଡ଼ିକ ଧୀରେ ଧୀରେ ସଂକୁଚିତ ହୁଏ, କୌଣସି ଯନ୍ତ୍ରଣା କିମ୍ବା ଅସ୍ୱସ୍ତିକର ଅନୁଭବ ହୁଏ ନାହିଁ କିନ୍ତୁ ହଠାତ୍ ହୃଦଘାତ ହେବାର ଆଶଙ୍କା ରହିଥାଏ। ସାଇଲେଣ୍ଟ ହାର୍ଟଆଟାକ ଅତ୍ୟନ୍ତ ବିପଜ୍ଜନକ। ଏହି ହାର୍ଟଆଟାକ ହେଲେ ଛାତିରେ ଯନ୍ତ୍ରଣା ହୋଇ ନଥାଏ କିନ୍ତୁ ଥକ୍କାପଣ, ହାଲୁକା ଯନ୍ତ୍ରଣା, ଶ୍ୱାସକ୍ରିୟାରେ ସାମାନ୍ୟ ସମସ୍ୟା ଦେଖା ଦେଇଥାଏ ଯାହାକୁ ଲୋକମାନେ ପ୍ରାୟତଃ ଅଣଦେଖା କରି ଦେଇଥାଆନ୍ତି।

**ଉଚ୍ଚ ରକ୍ତଚାପ:** ଉଚ୍ଚ ରକ୍ତଚାପ ବି ସାଇଲେଣ୍ଟ କିଲର ରୋଗ ତାଲିକାରେ ସାମିଲ ଅଛି। ଏହା ପ୍ରାୟତଃ କୌଣସି ସତର୍କ ସୂଚନା ବିନା ମାଡ଼ିମାଡ଼ି ଚାଲିଥାଏ। ଏହା ଧୀରେଧୀରେ ରକ୍ତବାହୀ ନଳୀକୁ କ୍ଷତି ପହଞ୍ଚାଇବା ସହିତ ହୃଦଘାତ, ଷ୍ଟ୍ରୋକ ଏବଂ ବୃକକ୍ ବିଫଳତାର କାରଣ ହୋଇପାରେ।

**ଏଚଆଇଭି ସଂକ୍ରମଣ:** ଏଚଆଇଭି ସଂକ୍ରମଣ ପ୍ରାରମ୍ଭରେ କୌଣସି ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଦେଖାଇ ନଥାଏ। ପ୍ରାୟତଃ, ହାଲୁକା ଜ୍ୱର କିମ୍ବା ଗଳା ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଯାଏ। ଯାହାକୁ ଲୋକମାନେ ପ୍ରାୟତଃ ଅଣଦେଖା କରିଥାଆନ୍ତି ଏବଂ ଭାବିଥାନ୍ତି ଯେ ଏହା ଏକ ସାଧାରଣ ଭାଇରସ୍ ସଂକ୍ରମଣ। ତଥାପି ଏହି ଭାଇରସ୍ ଧୀରେଧୀରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରି ଦେଇଥାଏ।

**ଟାଇପ୍ ୨ ମଧୁମେହ:** ଟାଇପ୍ ୨ ମଧୁମେହ: ଏହି ରୋଗରେ ଶରୀରର ଇନସୁଲିନ୍ ଠିକ୍ ଭାବରେ ପ୍ରତିକ୍ରିୟା କରେ ନାହିଁ କିମ୍ବା ପର୍ଯ୍ୟାପ୍ତ ଇନସୁଲିନ୍ ଉତ୍ପାଦନ କରେ ନାହିଁ। ପ୍ରାରମ୍ଭରେ ଏହା କୌଣସି ସ୍ପଷ୍ଟ ଲକ୍ଷଣ ଦେଖାଇ ନଥାଏ କିନ୍ତୁ ଧୀରେ ଧୀରେ ଏହା ହୃଦୟ, ବୃକକ୍, ଆଖି ଏବଂ ସ୍ନାୟୁକୁ କ୍ଷତି ପହଞ୍ଚାଇବା ଆରମ୍ଭ କରି ଦେଇଥାଏ।ସୁସ୍ଥ ଯକୃତ ପାଇଁ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ ନିୟମିତ ବ୍ୟାୟାମ କରନ୍ତୁ। ଓଜନକୁ ନିୟନ୍ତ୍ରଣ ରଖିବା ସହିତ ନିୟମିତ ଯକୃତ ପରୀକ୍ଷା କରନ୍ତୁ।

# ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଖାଆନ୍ତୁ ଏକ ଚାମଚ ମହୁ

ମହୁ କେବଳ ସ୍ୱାଦ ପାଇଁ ନୁହେଁ ବରଂ ଏକ ଔଷଧ ଭାବେ ବ୍ୟବହାର କରାଯାଇଥାଏ। ଏହାର ସେବନ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ପ୍ରାଚୀନ କାଳରୁ ଶୀତ ଋତୁରେ ମହୁ ଖାଇବା ପାଇଁ କୁହାଯାଏ। ଆପଣଙ୍କ ସୂଚନା ପାଇଁ କହିରଖୁଛୁ ଯେ ମହୁରେ ଭିଟାମିନ୍ ସି, ଭିଟାମିନ୍ ବି, ଭିଟାମିନ୍ ଇ, ପୋଟାସିୟମ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଫସଫରସ୍, ଜିଙ୍କ୍, ଆଇରନ୍, ମାଙ୍ଗାନିଜ୍, କପର୍, ସେଲେନିୟମ୍ ସମେତ ଅନେକ ପୋଷକ ତତ୍ତ୍ୱ ରହିଥାଏ। ତେବେ ଆସନ୍ତୁ ଜାଣିବା ଶୀତ ଋତୁରେ ଔଷଧୀୟ ଗୁଣରେ ଭରପୂର ମହୁ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ ପ୍ରମାଣିତ ହୋଇପାରେ।

**ଗଳା ପାଇଁ ଲାଭଦାୟକ:** ଯଦି ଆପଣ ପ୍ରତିଦିନ ରାତିରେ ଶୋଇବାର ୧-୨ ଘଣ୍ଟା ପୂର୍ବରୁ ମହୁ ଖାଆନ୍ତି, ତେବେ ଗଳା ସମସ୍ୟାର ଆଶଙ୍କା ବହୁ ପରିମାଣରେ କମ୍ ହୋଇପାରେ। ଏହା ବ୍ୟତୀତ ଗଳା ଯନ୍ତ୍ରଣା କିମ୍ବା କାଶ ହେଲେ ମଧ୍ୟ ଆପଣ ପୋଷକ ତତ୍ତ୍ୱରେ ଭରପୂର ମହୁ ରାତିରେ ଖାଇପାରିବେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଭଲ ଫଳାଫଳ ପାଇବା ପାଇଁ ମହୁକୁ ଉଷୁମ ପାଣିରେ ମଧ୍ୟ ପିଇପାରିବେ।



**ନିଦ୍ରାର ଗୁଣବତ୍ତାରେ ଉନ୍ନତି:** ଆପଣ ଜାଣିଛନ୍ତି କି ମହୁ ଆପଣଙ୍କ ମାନସିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ପ୍ରମାଣିତ ହୋଇପାରେ? ରାତିରେ ଏକ ଚାମଚ ମହୁ ଖାଇବା ଦ୍ୱାରା ଦିନସାରା ଚାପ ହ୍ରାସ ପାଇଥାଏ। କେବଳ ସେତିକି ନୁହେଁ, ରାତିରେ ମହୁ ଖାଇବା ଦ୍ୱାରା ଗଭୀର ନିଦ ଆସିଥାଏ, ଅର୍ଥାତ୍ ମହୁ ନିଦ୍ରାର ଗୁଣବତ୍ତାରେ ଉନ୍ନତି ଆଣିବାରେ ମଧ୍ୟ ଲାଭଦାୟକ ସାବ୍ୟସ୍ତ ହୋଇପାରେ। ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ମହୁ ଖାଇବା ପାଇଁ ପରାମର୍ଶ ଦିଆଯାଇଛି।

**ପେଟ ପାଇଁ ଲାଭଦାୟକ:** ମହୁରେ ଥିବା ସମସ୍ତ ପୋଷକ ତତ୍ତ୍ୱ ମଧ୍ୟ ଆପଣଙ୍କ ପେଟର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇପାରେ। ଯଦି ଆପଣ ପେଟ ସମସ୍ୟାକୁ ରୋକିବାକୁ ଚାହୁଁଛନ୍ତି, ତେବେ ଆପଣ ନିଜର ଦୈନନ୍ଦିନ ଡାଏଟ୍ ପ୍ଲାନରେ ମହୁକୁ ସାମିଲ କରିପାରିବେ। ଯଦି ଆପଣ ସଠିକ୍ ପରିମାଣରେ ଏବଂ ସଠିକ୍ ଉପାୟରେ ମହୁ ଖାଇବା ଆରମ୍ଭ କରନ୍ତି, ତେବେ ମାତ୍ର କିଛି ସପ୍ତାହ ମଧ୍ୟରେ ଆପଣ ଆପେ ଆପେ ସକରାତ୍ମକ ପ୍ରଭାବ ଅନୁଭବ କରିବା ଆରମ୍ଭ କରିବେ।

# ଓଜନ ବଢ଼ିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ

ଯଦି ଆପଣ ଶୀଘ୍ର ୱେଟ୍ ଲସ୍ କରିବା ସହ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାକୁ ଚାହୁଁଛନ୍ତି କି? ତେବେ ସକାଳେ ଖାଲି ପେଟରେ କିଛି ଦେଶୀ ଡ୍ରିଙ୍କସ୍ ପିଇବା ଆପଣଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇପାରେ। ଏହି ଡ୍ରିଙ୍କସ୍ କେବଳ ମେଟାବୋଲିଜିମ୍ କୁ ତ୍ୱରାନ୍ୱିତ କରେ ନାହିଁ ବରଂ ଦିନସାରା ଶରୀରକୁ ଶକ୍ତିଶାଳୀ ରଖେ। ତେବେ ଆସନ୍ତୁ ଜାଣିବା କେଉଁ ସବୁ ଡ୍ରିଙ୍କସ୍ ଆପଣଙ୍କ ୱେଟ୍ ଲସ୍ ଜର୍ଣ୍ଣିକୁ ସହଜ କରିପାରିବ।

**ପାନମଧୁରୀ ପାଣି:** ପାନମଧୁରୀ ଏସିଡ଼ିଟି ଏବଂ ବ୍ଲୋଟିଂ ପାଇଁ ଏକ ପ୍ରାକୃତିକ ଚିକିତ୍ସା ଭାବରେ ବ୍ୟବହୃତ ହୁଏ। ପ୍ରତିଦିନ ପାନମଧୁରୀ ପାଣି ପିଇବା ଦ୍ୱାରା ଧୀରେ ଧୀରେ ୱେଟ୍ ଲସ୍ ହୋଇଥାଏ ଏବଂ ହଜମ ପ୍ରକ୍ରିୟାରେ ମଧ୍ୟ ଉନ୍ନତି ଆସିଥାଏ। ପାନମଧୁରୀ ପାଣି ତିଆରି କରିବା ପାଇଁ ୧ ଚାମଚ ପାନମଧୁରୀକୁ ୧ କପ୍ ପାଣିରେ ୩ ରୁ ୫ ମିନିଟ୍ ପାଇଁ ଫୁଟାନ୍ତୁ। ତାପରେ ଏହାକୁ ପିଅନ୍ତୁ।

**ଜୁଆଣି ଏବଂ ଜିରା ପାଣି:** ଉଭୟ ଜୁଆଣି ଏବଂ ଜିରା ହେଉଛି ଏଭଳି ମସଲା ଯାହା ୱେଟ୍ ଲସ୍ କରିବାରେ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ଥାଇମୋଲରେ ଭରପୂର ଜୁଆଣି ଏବଂ ଜିରା ଗ୍ୟାସ୍ କମ୍ କରେ। ଏହା ମେଟାବୋଲିଜିମ୍ କୁ ମଧ୍ୟ ତ୍ୱରାନ୍ୱିତ କରନ୍ତି, ଯାହା ଶରୀରକୁ ଅଧିକ କ୍ୟାଲୋରୀ ବର୍ନ କରିଥାଏ। ଏକ ଗ୍ଲାସ୍ ପାଣିରେ ଅଧା ଚାମଚ ଜୁଆଣି ଏବଂ ଅଧା ଚାମଚ ଜିରା ପକାଇ ରାତିସାରା ଭିଜାଇ ରଖନ୍ତୁ। ସକାଳୁ ଏହି ପାଣିକୁ ୫-୭ ମିନିଟ୍ ଫୁଟାଇ ଛାଣି ଗରମ ଗରମ ପିଇ ଦିଅନ୍ତୁ।

**ଆପଲ୍ ସାଇଡର୍ ଭିନେଗାର:** ୱେଟ୍ ଲସ୍ କରିବା ପାଇଁ ଖାଦ୍ୟରେ ଆପଲ୍ ସାଇଡର୍ ଭିନେଗାରକୁ ମିଶାନ୍ତୁ। ଏହା ଆପଣଙ୍କ ଶରୀରରେ ଫ୍ୟାଟକୁ ଶୀଘ୍ର କମ୍ କରିବା ସହ ଟ୍ରାଇଗ୍ଲାଇସେରାଇଡକୁ ମଧ୍ୟ ନିୟନ୍ତ୍ରଣ କରିପାରେ। ଏକ ଗ୍ଲାସ ପାଣିରେ ୧ ଚାମଚ ଆପଲ୍ ସାଇଡର୍ ଭିନେଗାର ଏବଂ ଏକ ଚାମଚ ଡାଲଚିନି ମିଶାଇ ପିଅନ୍ତୁ। ଏହା ଫ୍ୟାଟ ବର୍ନ କରିବା ଏବଂ ଭୋକ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ।

**ହଳଦୀ ଓ ଗିଲୋୟ:** ହଳଦୀ ଓ ଗିଲୋୟ ଉଭୟ ଆୟୁର୍ବେଦ ଇମ୍ୟୁନିଟି ବୁଷ୍ଟର୍। ହଳଦୀରେ କର୍କୁମିନ୍ ଥାଏ, ଯାହା ଏକ କମ୍ପାଉଣ୍ଡ ଯେଉଁଥିରେ ଆଣ୍ଟି-ଇନଫ୍ଲାମେଟୋରୀ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଅଛି। କର୍କୁମିନ୍ ରୋଗ ପ୍ରତିରୋଧକ ପ୍ରତିକ୍ରିୟାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଏହି ପାଣି ପ୍ରସ୍ତୁତ କରିବା ପାଇଁ ଅଧା ଚାମଚ ହଳଦୀ ଏବଂ ଏକ ଚାମଚ ଗିଲୋୟ ମିଶାନ୍ତୁ। ୧ କପ୍ ପାଣିରେ ୫ରୁ ୭ ମିନିଟ୍ ଫୁଟାନ୍ତୁ ଏବଂ ସକାଳେ ଗରମ ପିଅନ୍ତୁ।



# ବିଜ୍ଞାନଭିତ୍ତିକ ଶିଶୁର ଯତ୍ନ ନେବେ କିପରି ?

ଶିଶୁଙ୍କର ଯତ୍ନ ନେବା ଏବଂ ସେମାନଙ୍କୁ ସୁସ୍ଥ ଓ ସୁଖୀ ଭାବେ ବଡ଼ କରିବା ଏକ ଆହ୍ୱାନପୂର୍ଣ୍ଣ କାମ। ତେବେ ଅନେକ ସମୟରେ ପିତାମାତା ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଶିଶୁଙ୍କ ସ୍ୱାସ୍ଥ୍ୟକୁ ଅଜାଣତରେ କ୍ଷତିଗ୍ରସ୍ତ କରିଦିଅନ୍ତି। ଆମ ଦେଶରେ ଏପରି ଅନେକ ପାରମ୍ପରିକ ରୀତି ଓ ଅଭ୍ୟାସ ପ୍ରଚଳିତ,ଯାହା ବୈଜ୍ଞାନିକ ଚିନ୍ତାଧାରାର ବିପରୀତ ଏବଂ ଶିଶୁର ସମଗ୍ର ବିକାଶକୁ ବାଧା ଦିଏ। ତେଣୁ ଆମକୁ ବିଜ୍ଞାନ-ଭିତ୍ତିକ ଶିଶୁ ଯତ୍ନ ଶିକ୍ଷା ଗ୍ରହଣ କରିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଆମ ଦେଶରେ ଶିଶୁଯତ୍ନକୁ ନେଇ ଅନେକ ପାରମ୍ପରିକ ରୀତିନୀତି ରହିଛି, ଯାହା ଦୃଢ଼ ସାମାଜିକ ଏବଂ ପାରିବାରିକ ସମ୍ପର୍କ ଗଠନ କରିବାରେ ସାହାଯ୍ୟ କରେ। ତେବେ ସେଥି ମଧ୍ୟରୁ କିଛି ଶିଶୁର ଶାରୀରିକ ଓ ମାନସିକ ବିକାଶ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ସେଭଳି କିଛି ଅଭ୍ୟାସ ବାବଦରେ ଜାଣିବା। ପାରମ୍ପରିକ ଅଭ୍ୟାସ ସ୍ୱରୂପ ପ୍ରସବ ପରେ ପ୍ରସୂତିଙ୍କ ଖାଦ୍ୟ ଉପରେ ଅନେକ କଟକଣା ଜାରି କରାଯାଇଥାଏ, ଯାହା କୁପୋଷଣ ଓ ଅପପୁଷ୍ଟିର ପ୍ରମୁଖ କାରଣ ଭାବରେ ଚିହ୍ନଟ କରାଯାଇଛି। ଅନେକ ପିତାମାତା ଶିଶୁର ଖେଳ-ଆଧାରିତ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ବାଦ ଦେଇ ପ୍ରାରମ୍ଭିକ ସ୍ତରରୁ ପରୀକ୍ଷାରେ ସଫଳତା ଏବଂ ଘୋଷିବା ମାଧ୍ୟମରେ ତଥ୍ୟ ମନେ ରଖିବା ଉପରେ ଧ୍ୟାନ ଦେଇଥାନ୍ତି। କିନ୍ତୁ ଗବେଷଣାରୁ ପ୍ରମାଣିତ ହୋଇଛି ଯେ ଖେଳ-ଆଧାରିତ ଓ ପୂର୍ଣ୍ଣାଙ୍ଗ ଶିକ୍ଷା ଉପରେ ଗୁରୁତ୍ୱ ସେମାନଙ୍କ ଠାରେ ତାର୍କିକ ଚିନ୍ତନ ଏବଂ ସମସ୍ୟା ସମାଧାନ ଦକ୍ଷତା ବିକାଶ କରିଥାଏ। ନବଜାତ ଶିଶୁଙ୍କ ଯତ୍ନ ନିମନ୍ତେ ନାକରେ ତେଲ ଲଗାଇବା, ରୋଗ ପ୍ରତିରୋଧକ ଶକ୍ତି ପାଇଁ ଶିଶୁକୁ ମହୁ ପିଆଇବା, ଦୃଷ୍ଟିଶକ୍ତି ଉନ୍ନତ କରିବା ପାଇଁ ଆଖିରେ କଜଳ ଲଗାଇବା, ମା' ଅସୁସ୍ଥ କିମ୍ବା ଜ୍ୱରାକ୍ରାନ୍ତ ଥିଲେ ସ୍ତନ୍ୟପାନ ବନ୍ଦ କରାଇବା, ଡିହାଇଡ୍ରେସନ ପାଇଁ ପାଣି ବଦଳରେ ଗ୍ଲୁକନ୍-ଡି, ଓଆର୍‌ଏସ୍ କିମ୍ବା ଏନର୍ଜି ଡ୍ରିଙ୍କ୍ ଦେବା, ହାକୁଟି ବନ୍ଦ ହେବା ପାଇଁ ପେଟରେ ମୁଦ୍ରା, ଗରମ ଚାମଚ କିମ୍ବା ଷ୍ଟିଲ୍ ପାତ୍ର ରଖିବା, କାଶ/ଥଣ୍ଡା ହୋଇଥିବା ପିଲାଙ୍କୁ ଅଣ୍ଡା, ମାଛ କିମ୍ବା ମାଂସ ନଦେବା, ପିଲାଙ୍କ ପାଇଁ ଘୁଟି, ଜନ୍ମ ଘୁଟି କିମ୍ବା ଘରୋଇ ଟନିକ୍‌କୁ ନିରାପଦ ବିଚାରିବା ପରି କିଛି ପୁରୁଣା ପଦ୍ଧତି ପିଢ଼ି ପରେ ପିଢ଼ି ଅନୁସୃତ ହେଉଛି। ମାତ୍ର ସେଗୁଡ଼ିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ବୋଲି ଶିଶୁ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଅପରପକ୍ଷେ, ବିଜ୍ଞାନ-ଭିତ୍ତିକ ଶିଶୁ ଯତ୍ନ ଶିଶୁ ବିକାଶର ଉପଯୁକ୍ତ ଅଭ୍ୟାସକୁ ଉତ୍ସାହିତ କରେ, ଯାହା ପିଲାର ଜ୍ଞାନାତ୍ମକ, ସାମାଜିକ ଓ ଆବେଗିକ ବିକାଶ ପାଇଁ ଜରୁରି। ସେଥି ମଧ୍ୟରେ ଖେଳ-ଭିତ୍ତିକ ଶିକ୍ଷା, କେବଳ ଶିକ୍ଷାଗତ ସଫଳତା ଉପରେ ଧ୍ୟାନ ଦେବା ପରିବର୍ତ୍ତେ ପିଲାର ଶାରୀରିକ, ଆବେଗିକ, ବୌଦ୍ଧିକ ଓ ସାମାଜିକ ଦିଗକୁ ବିକଶିତ କରିବା, ଅଭିଭାବକ ଏବଂ ଯତ୍ନ ନେଉଥିବା ବ୍ୟକ୍ତିଙ୍କୁ ଶିଶୁ ସ୍ୱାସ୍ଥ୍ୟ ଓ ପୁଷ୍ଟି ବାବଦରେ ସୂଚନା ଦେବା ସମେତ ବିକାଶରେ ବିଳମ୍ବ ଓ ଅଭାବକୁ ଚିହ୍ନଟ କରି ସେଗୁଡ଼ିକର ତ୍ୱରିତ ସମାଧାନ ଅନ୍ତର୍ଭୁକ୍ତ।



### ରତ୍ନଗିରିରେ ଫେଲ୍ ମାରିଛି ବସୁଧା ଯୋଜନା

# ଉଗ୍ର ରୂପ ନେଲାଣି ପାନୀୟ ଜଳ ସଂକଟ



ରତ୍ନଗିରି,୫।୬(ସଂଚାର ବ୍ୟୁରୋ)ଃ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଉଗ୍ର ରୂପ ନେଇଛି ପାନୀୟ ଜଳ ସଙ୍କଟ। ସରକାର 'ବସୁଧା' ଯୋଜନାରେ ଘରେ ଘରେ ପାଣି ପହଞ୍ଚାଇବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ, ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଓଲଟା। ସ୍ୱାଧୀନତାର ବର୍ଷ ବର୍ଷ ପରେ ବି ସର୍ବନିମ୍ନ ମୌଳିକ ସୁବିଧା ମୁନ୍ଦାଏ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି ଲୋକେ। ଲମ୍ବିଛି ଧାଡ଼ି। ସମସ୍ତଙ୍କ ହାତରେ ଗରା, ବାଲ୍‌ଟି। ଛୋଟ ପିଲା ଠୁ ଆରମ୍ଭ କରି ବୃଦ୍ଧା ସମସ୍ତେ ଲାଇନ୍‌ରେ ଅଛନ୍ତି। ବୁଢ଼ୀ ମାଉସୀ ବାଡ଼ିଟିଏ ଧରି ଖରାରେ ବସିଛନ୍ତି। କେତବେଳେ ପାଳି ପଡ଼ିବ, ପାଣି ନେବେ। ଯେଉଁଠିକି ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ସେହି ରତ୍ନଗିରି ପର୍ବତ ନିକଟରେ ଥିବା ଗାଁରେ ଜଳକଷ୍ଟରେ ଛଟପଟ ହେଉଛନ୍ତି ଲୋକେ। ଗାଁରେ ପାଇପ୍ ଅଛି, ଟ୍ୟାପ୍ ବି ରହିଛି। ହେଲେ ଘରକୁ ପାଣି ପହଞ୍ଚେନି। ଟୋପାଏ ପାଣି ପାଇଁ ପ୍ରତିଦିନ ଏକ କିଲୋମିଟର ଚାଲିବାକୁ ପଡ଼େ। ସେଠାରେ ବି ଏମିତି ଘଣ୍ଟାଘଣ୍ଟା ଧରି ଲାଇନ୍ ଲଗାଇଲେ ମିଳୁଛି ମୁନ୍ଦାଏ ପାଣି। ପାଣି ପାଇଁ ଅନେକ ସମୟରେ ମାଡ଼ଗୋଳ ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ବରୀ ବ୍ଲକ ରତ୍ନଗିରି ପଞ୍ଚାୟତ ଅଲିହାବାଦ୍ ଗାଁରେ ୩ଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ପିଇବା ପାଣି ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶିବିରରେ ଲିଖିତ ଅଭିଯୋଗ କରିବା ସହ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିଛନ୍ତି। ହେଲେ କେହି ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ରତ୍ନଗିରି ପଞ୍ଚାୟତରେ ଅନେକ ପ୍ରମୁଖ ନେତାଙ୍କ ଘର ଥିବା ସତ୍ତ୍ୱେ କୌଣସି ନେତାଙ୍କର ଏଥିପ୍ରତି ଦୃଷ୍ଟି ନପଡ଼ିବା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। 'ଆଗାମୀ ଦିନରେ କୌଣସି ନେତାଙ୍କୁ ଗାଁକୁ ପୂରାଇ ଦେବୁ ନାହିଁ' କହିଛନ୍ତି ମହିଳା ମାନେ। ବ୍ଲକ ଘେରାଉର ଚେତାବନୀ ଦେଇଛନ୍ତି।

● ସ୍ୱାସ୍ଥ୍ୟ ସେବା ସୁଦୃଢ଼ୀକରଣ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ

## ନିର୍ମାଣ, ଅଗ୍ନି ସୁରକ୍ଷା, ଆୟୁଷ୍ମାନ କାର୍ଡ ଓ ମାତୃ-ଶିଶୁ ମୃତ୍ୟୁ ହ୍ରାସ ନେଇ ସମୀକ୍ଷା ବୈଠକ



ସୁବର୍ଣ୍ଣପୁର,୫।୬(ସଂଚାର ବ୍ୟୁରୋ)ଃ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକର ନିର୍ମାଣ କାର୍ଯ୍ୟ, ଫାୟାର ଫାଇଟିଂ ଅଡିଟ୍, ଆୟୁଷ୍ମାନ କାର୍ଡ ସମ୍ପର୍କିତ ଅଭିଯୋଗ, ମାତୃ ଓ ଶିଶୁ ମୃତ୍ୟୁ ହ୍ରାସ ପାଇଁ ସ୍ୱତନ୍ତ୍ର ବୈଠକ ତଥା କୋଟପା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ନୃପରାଜ ସାହୁ ସମସ୍ତ ବୈଠକରେ ଅଧ୍ୟକ୍ଷତା କରି ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ପାଇଁ ବିଭାଗୀୟ କର୍ମଚାରୀ ଏବଂ ଜିଲ୍ଲାର ଅନ୍ୟାନ୍ୟ ବିଭାଗର ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅଶ୍ୱିନୀ କୁମାର ମେହେର, ଅଗ୍ନି ସୁରକ୍ଷା ଅଧିକାରୀ ଶ୍ରୀ ଭବେନ୍ଦ୍ରନାଥ ଦେ ଏବଂ ଉପଜିଲ୍ଲାପାଳ ଶ୍ରୀ ସୁରେନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ରଗୁଡ଼ିକର ପରିଦର୍ଶନ କରି ସେଗୁଡ଼ିକୁ ଆସନ୍ତା ୧୨ ତାରିଖ ସୁଦ୍ଧା କାର୍ଯ୍ୟକ୍ଷମ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଫାୟାର ଫାଇଟିଂ ପାଇଁ ଆବଶ୍ୟକ ସମସ୍ତ କାର୍ଯ୍ୟକୁ ଅନୁମୋଦନ ପ୍ରଦାନ କରିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। କୋଟପା ଅଧୀନରେ ତମାଖୁମୁକ୍ତ ଜିଲ୍ଲା ଗଠନ ପାଇଁ ସମସ୍ତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଯାଇଥିଲା। ମାତୃ ଓ ଶିଶୁ ମୃତ୍ୟୁ ରୋକିବା ପାଇଁ ଡାକ୍ତର, ସ୍ୱାସ୍ଥ୍ୟ କର୍ମକର୍ତ୍ତା ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର କର୍ମକର୍ତ୍ତାମାନେ ମିଳିତ ଭାବେ କାର୍ଯ୍ୟକ୍ରମ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସେହିପରି ଆୟୁଷ୍ମାନ କାର୍ଡ ବିତରଣ ପ୍ରକ୍ରିୟାକୁ ଅଧିକ କ୍ଷିପ୍ର କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକଗୁଡ଼ିକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାସ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ସମସ୍ତ ବ୍ଲକର ମହିଳା ଓ ଶିଶୁ ବିକାଶ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୩ଟି ବିଜେପି ମଣ୍ଡଳର ମାସିକ ସଂଗଠନ ବୈଠକ



ଭବାନୀପାଟଣା,୫।୬(ସଂଚାର ବ୍ୟୁରୋ)ଃ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଦଶପୁର, କେଗାଁ ଓ ଗୋଲାମୁଣ୍ଡା ମଣ୍ଡଳର ଏକ ବିଜେପି ର ମଣ୍ଡଳ ସ୍ତରୀୟ ମାସିକ ସଂଗଠନ ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବୈଠକ ରେ ବିଜେପି ଯୁବ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା କେଗାଁ ମଣ୍ଡଳ ବିଜେପି ପ୍ରଭାରୀ ବିନ୍ଦୁ ମହାନନ୍ଦ, ଗତ ବିଧାନସଭା ନିର୍ବାଚନର ବିଧାୟକ ପ୍ରାର୍ଥୀ ମନୋଜ ମେହେର, ଦଶପୁର ମଣ୍ଡଳ ପ୍ରଭାରୀ ଭବସିନ୍ଧୁ ମଙ୍ଗରାଜ ପ୍ରମୁଖ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଲାମୁଣ୍ଡା ମଣ୍ଡଳ ସଭାପତି ବୈଶାଖୁ କେତକୀ, କେଗାଁ ମଣ୍ଡଳ ସଭାପତି ଜୟକୃଷ୍ଣ ସାହୁ ଏବଂ ଦଶପୁର ମଣ୍ଡଳ ସଭାପତି ପ୍ରମୋଦ ପ୍ରଧାନ ଉପସ୍ଥିତ ରହି ଦଳୀୟ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ।ଏହାସହିତ ମଣ୍ଡଳ ସାଧାରଣ ସମ୍ପାଦକ ଭାଗ୍ୟବାନ ବାଗ, ଜୟନ୍ତ ସିଂ, ମନୋଜ ଅଗ୍ରୱାଲ, ହେମନ୍ତ ବାଗ ଓ ନକୁଳ ରାଉତ ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ଦଳର ବରିଷ୍ଠ ନେତା ଗଙ୍ଗା ବିଷ୍ଣୁ ମୁଣ୍ଡ, ଦୁରୁଦାକ୍ଷ୍ୟ ପୁଟେଲ, ପ୍ରଦୀପ ପଣ୍ଡା, ଗଣେଶ ରାଉତଙ୍କ ସମେତ ତିନୋଟି ମଣ୍ଡଳ କମିଟିର ସମସ୍ତ ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ଏହି ସଂଗଠନ ବୈଠକରେ ଉପସ୍ଥିତ ରହି ଆଗାମୀ ଦିନରେ ଦଳର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ସଂକଳ୍ପ ନେଇଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ



ସୁବର୍ଣ୍ଣପୁର,୫।୬(ସଂଚାର ବ୍ୟୁରୋ)ଃ ଜିଲ୍ଲା ସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ୨୦୨୬, ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି. ଡ଼ା ଉଷାରାଣୀ ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି

**ଯୁବ ପିଢ଼ିଙ୍କୁ ସଚେତନ କରିବାକୁ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ**

ସଭାରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଅଧିକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ରୋଗ ନିୟନ୍ତ୍ରଣ, ପରିବାର କଲ୍ୟାଣ, ଯକ୍ଷ୍ମା, କୁଷ୍ଠ ମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଡ. ନୃପରାଜ ସାହୁ ତାଙ୍କ ବକ୍ତବ୍ୟ ରେ କହିଥିଲେ କି ଜିଲ୍ଲା ର ସମସ୍ତ ଶିକ୍ଷାନୁଷ୍ଠାନ ତଥା ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ କୁ ତମାଖୁ ମୁକ୍ତ କରିବା ପାଇଁ ସମସ୍ତ ଙ୍କ ସହଯୋଗ ନିହାତି ଆବଶ୍ୟକ ଓ ଏଥି ପାଇଁ ଯୁବ ପିଢ଼ିଙ୍କୁ ସଚେତନ କରିବା ପାଇଁ ସମସ୍ତ ମିଡ଼ିଆ ବନ୍ଧୁ ମାନଙ୍କ ସହାୟତା ନିହାତି ଅବଶ୍ୟକ କହିଥିଲେ ଓ ଏଥିପାଇଁ ସମସ୍ତେ ପ୍ରୟାସ ଜାରି ରଖିବାକୁ ପତମର୍ଶ ଦେଇଥିଲେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାଶ ଏଥିରେ ସହମତ ରଖି ସମସ୍ତ ଅନୁଷ୍ଠାନ ଗୁଡିକୁ ପର୍ଯ୍ୟାୟ କ୍ରମେ ତମାଖୁ ମୁକ୍ତ କରିବାକୁ ସମସ୍ତେ ସଂକଳ୍ପ ନେଇ କାର୍ଯ୍ୟ କରିବାକୁ କହିଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ପରିଚାରକ ରୂପକ କୁମାର ମହାପାତ୍ର ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ବାବଦରେ ମନ୍ତବ୍ୟ ଦେଇଥିଲେ। ଜିଲ୍ଲା ଅଣସଂକ୍ରାମକ ପରାମର୍ଶଦାତା ଆଲୋକ କୁମାର ମିଶ୍ର ଶିକ୍ଷାନୁଷ୍ଠାନ ତଥା ଅନ୍ୟାନ୍ୟ କାର୍ଯ୍ୟାଳୟ କୁ ତମଖୁ ମୁକ୍ତ କରିବା ପାଇଁ ବ୍ୟବସ୍ଥା କରିବା ତଥା କି ପଦକ୍ଷେପ ନିଆଯିବ ସେ ବିଷୟ ରେ ଦର୍ଶାଇଥିଲେ। ଶେଷରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ଧନ୍ୟବାଦ ଅର୍ପଣ କରଥିଲେ।

## ୨୪ ଜଣ ଭୂମିହୀନ ପରିବାରଙ୍କୁ ୪ ଡ଼େସିମିଲ ପଟ୍ଟା ବଣ୍ଟନ

ଲାଞ୍ଜିଗଡ଼,୫।୬(ସଂଚାର ବ୍ୟୁରୋ)ଃ ଲାଞ୍ଜିଗଡ଼ ବ୍ଲକ ନଙ୍ଗଲବେଡ଼ା ରାଜସ୍ୱ ବିଭାଗ ତରଫରୁ ୨୪ ଟି ଭୂମିହୀନ ପରିବାରଙ୍କୁ ୪ ଡେସିମିଲ ଲେଖାଏଁ ସ୍ଥାୟୀ ଘରଡ଼ିହ ପଟ୍ଟା ଶୁକ୍ରବାର ଆବଣ୍ଟନ କରାଯାଇଛି ।ସାମାଜିକ ସୁରକ୍ଷା ଏବଂ ସମ୍ମାନଜନକ ଜୀବନଯାପନର ମୂଳଦୁଆ ଉପରେ ହିଁ ପ୍ରକୃତ ବିକାଶର ସୌଧ ଗଢ଼ିଉଠେ। କେବଳ ଭୌତିକ ପ୍ରଗତି ନୁହେଁ,ବରଂ ପ୍ରତ୍ୟେକ ନାଗରିକଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ଏବଂ ସ୍ଥାୟୀ ଠିକଣା ପ୍ରଦାନ କରିବା ହେଉଛି ପ୍ରଶାସନର ପ୍ରକୃତ ସଫଳତା। ଏକ ନିର୍ଦ୍ଦିଷ୍ଟ ଠିକଣା କେବଳ ମାଟିର ଖଣ୍ଡିଏ କାଗଜ ନୁହେଁ, ଏହା ବ୍ୟକ୍ତିର ଆତ୍ମବିଶ୍ୱାସର ପ୍ରତୀକ ଏବଂ ତା'ର ଭବିଷ୍ୟତ ଗଢ଼ିବାର ପ୍ରଥମ ପାହାଚ। ପ୍ରଶାସନିକ ବ୍ୟବସ୍ଥା ଯେତେବେଳେ ନିଜର ଚାରିକାନ୍ଥରୁ ବାହାରି ତୃଣମୂଳ ସ୍ତରର ଅଭାବକୁ ସମାଧାନ କରିବାକୁ ଆଗେଇ ଆସେ, ସେତେବେଳେ ଗଣତନ୍ତ୍ର ପ୍ରକୃତ ଅର୍ଥରେ ଲୋକଙ୍କ ପାଖରେ ପହଞ୍ଚିଥାଏ। ଏହି ଆଦର୍ଶକୁ ପାଥେୟ କରି ଲାଞ୍ଜିଗଡ଼ ତହସିଲଦାର ଶ୍ରୀ ବନମାଳୀ ମେହେର, ଅତିରିକ୍ତ ତହସିଲଦାର ସତ୍ୟବ୍ରତ ନାୟକ, ନଙ୍ଗଲବେଡା ରାଜସ୍ୱ ନିରୀକ୍ଷକ ଚନ୍ଦନ କୁମାର ନାଏକ ଚମ୍ପାଦେଇପୁର ଗ୍ରାମପଞ୍ଚାୟତର ଚମ୍ପାଦେଇପୁର, କାମନଖୁଣ୍ଟି, ଛତ୍ରପୁର ପଞ୍ଚାୟତର ଲେପଟାଗୁଡା, ନଙ୍ଗଲବେଡା, ମସ୍କାପଦର, ବାତେଲିମା ପଞ୍ଚାୟତର କୁଟେନଡେଲି ଆଦି ଗ୍ରାମଗୁଡ଼ିକ ଗସ୍ତ କରିଥିଲେ। ଦୀର୍ଘ ଦିନ ଧରି ଭୂମିହୀନ ହୋଇ ଅବହେଳିତ ଜୀବନ ବିତାଉଥିବା ୨୪ ଟି ପରିବାରଙ୍କୁ ୪ ଡେସିମିଲ ଲେଖାଏଁ ସ୍ଥାୟୀ ଘରଡ଼ିହ ପଟ୍ଟା ଆବଣ୍ଟନ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିଛନ୍ତି।

## ମେରା ଯୁବା ଭାରତ ଓ ବିଶ୍ୱପରିବେଶ ଦିବସ ପାଳିତ



ବୈଶିଙ୍ଗା,୫।୬(ସଂଚାର ବ୍ୟୁରୋ)ଃ ବୈଶିଙ୍ଗା ଥାନା ଅନ୍ତର୍ଗତ ନାଖରା ଗ୍ରାମରେ ମେରା ଯୁବା ଭାରତ ମୟୂରଭଞ୍ଜ ଓ ଫୋର୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଅଛି। ଫୋର୍ଡର ଲିୟନ୍ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ସୁବାସ ଚନ୍ଦ୍ର ମହାପାତ୍ର, ଅଧ୍ୟାପକ ବୈଶିଙ୍ଗା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ମୁଖ୍ୟବକ୍ତା ବିରଞ୍ଚି ନାରାୟଣ ଦାଶ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ସ୍ୱତନ୍ତ୍ର ଅତିଥି ଡ଼କ୍ଟର ରମାକାନ୍ତ ମହାନ୍ତ, ପରିବେଶ ବିତ୍, ସମ୍ମାନୀୟ ଅତିଥି ବିଜୟ ଭାସ୍କର ମହାଳିକ, ପ୍ରଧାନ ଶିକ୍ଷକ ବୁଢ଼ାବଳଙ୍ଗ ଉଚ୍ଚ ବିଦ୍ୟାଳୟ, ମୀନକେତନ ମହାନ୍ତି ସମାଜ ସେବୀ, ସନ୍ତୋଷ ଦୁର୍ଗା ଅବସର ପ୍ରାପ୍ତ ଜେଲ ଅଧୀକ୍ଷକ, ଯୋଗ ସହାୟିକା ସୁଜିତା ମହାନ୍ତି ଯୋଗ ଦେଇଥିଲେ। ସନ୍ତୋଷ କୁମାର ଖଣ୍ଡା ସଭାକୁ ପରିଚାଳନା କରିଥିଲେ। ଅତିଥି ବୃନ୍ଦଙ୍କୁ ଫୁଲ ଗଛ ଦେଇ ସ୍ୱାଗତ କରା ଯାଇଥିଲା। ରାସ୍ତା, ଶିଳ୍ପ ଓ ଗୃହ ନିର୍ମାଣ ଲାଗି ଯେଉଁ ଭଳି ଭାବରେ ଗଛ କଟା ଯାଉଅଛି ସେଥିରେ ପରିବେଶର ସନ୍ତୁଳନ ବିଗିଡ଼ି ଯିବା ସହିତ ସମଗ୍ର ଜୀବ ଜଗତ ପାଇଁ ବିପଦର କାରଣ ହେଉଅଛି। ଉକ୍ତ ଦିବସରେ ସମସ୍ତେ ପରିବାରର ଜନ୍ମଦିନ, ବିଭାଘର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ତଥା ବିଭିନ୍ନ ପର୍ବପର୍ବାଣୀକୁ ସ୍ମରଣୀୟ ରଖିବା ପାଇଁ ଗୋଟିଏ ଗୋଟିଏ ଗଛ ଲଗେଇବାପାଇଁ ପାଇଁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିଭିନ୍ନ ପ୍ଲାକାର୍ଡ ଧରି ଗାଁ ପରିକ୍ରମା କରାଯାଇ ଥିଲା।

**୨ କାଜୁ ମିଲ୍ ମାଲିକଙ୍କୁ ମାଡ**

## ଲୁଟ ମାମଲା: ୫ ଅଭିଯୁକ୍ତ ଗିରଫ

ଜୟପୁର,୫।୬(ସଂଚାର ବ୍ୟୁରୋ)ଃ ଲୁଟ ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ। ଗିରଫ ଅଭିଯୁକ୍ତ ଫୁଫୁଗାଁ ଗ୍ରାମର ରମେଶ ଆଲିଏସ ଆଲୋକ ହରିଜନ(୨୨), ସନ କେବିଡି ଗ୍ରାମର ଟୁକୁନା ହରିଜନ (୧୯), ଡ଼ଙ୍ଗରା ଗ୍ରାମର ଦୈତାରୀ ହରିଜନ (୨୨), ଦଣ୍ଡସେନାଗୁଡା ଗ୍ରାମର ଦମ୍ବୁରୁ ଧର ମାଝୀ (୩୦) ଓ ଡ଼ଙ୍ଗରା ଗ୍ରାମର ଫ୍ରଫୁଲ ନାୟକ (୨୨)। କୋରାପୁଟ ଜିଲ୍ଲା ଜୟପୁର ବ୍ଲକର କେବଡି ଗ୍ରାମପଞ୍ଚାୟତରେ ରହିଥିବା ଜଗତଜନନୀ କାଜୁ ମିଲର ଦୁଇ ମାଲିକ ଗତକାଲି ରାତି ୮ଟା ସମୟରେ କାଜୁ ମିଲକୁ ବନ୍ଦ କରିବା ପରେ ବାଇକ ଯୋଗେ ଜୟପୁର ଘରକୁ ଫେରୁଥିବା ବେଳେ କେବିଡି ଗ୍ରାମ ଏବଂ ବିଜେ-୨ ଗ୍ରାମ ରାସ୍ତାର ଦଣ୍ଡସେନା ଗୁଡା ଗ୍ରାମ ନିକଟରେ ରାସ୍ତା ଉପରେ ପ୍ରାୟ ୫ ଜଣ ମୁଖାଧାରୀ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ ମାଡ ମାରିବା ସହିତ ସୁନାଚେନ, ମୁଦି ଏବଂ ୪ ହଜାର ଟଙ୍କା ଲୁଟି ନେଇଥିବା ନେଇ ଥାନାରେ ଗତ ୩୦ ତାରିଖରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଦୁଇ କାଜୁ ମିଲ ମାଲିକ ଜୟପୁର ସହରର ଦାଶରୀ ସାହିର କେ. ଅମରନାଥ ଲିଖିତ ଅଭିଯୋଗ କରିଛନ୍ତି ଯେ, ସେ ଏବଂ ତାଙ୍କ ବ୍ୟବସାୟୀ ସହଯୋଗୀ ଜୟପୁର ସହର ଭୂପତି ସାହିର ଏସ. ବୈକୁଣ୍ଠ ନିଜ ନିଜ ବାଇକରେ ମିଶି ଘରକୁ ରାତିରେ ଫେରୁଥିବା ବେଳେ ରାସ୍ତାରେ ୫ ଜଣ ମୁଖାଧାରୀ ସେମାନଙ୍କୁ ଅଟକାଇ ମାଡ ମାରିଥିଲେ।

## ଗ୍ରୀନୋଭାଇବ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



ସୁବର୍ଣ୍ଣପୁର,୫।୬(ସଂଚାର ବ୍ୟୁରୋ)ଃ ତ୍ରିକୁଟ ପାହାଡ ପାଦ ଦେଶର ଥିବା ପାତାଳି ପୀଠରେ ସୁବର୍ଣ୍ଣପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରୀନୋଭାଇବ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଯାଲୋଇ ବନଖଣ୍ଡର ବନପାଳ ଶ୍ରୀ ପ୍ରଦିପ କୁମାର ଜେନା ମୂଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ପାତାଳି ପରିଚାଳନା କମିଟିର ମୂଖ୍ୟ ଶ୍ରୀ ପୂର୍ଣ୍ଣଚନ୍ଦ୍ର ପାଢ଼ି, କୋଟ୍‌ସମଲାଇ ସରପଞ୍ଚ ଶ୍ରୀମତି ବେଦମତି ମେଣ୍ଡ୍ରିଲି, ସମାଜସେବି ସତ୍ୟାନନ୍ଦ ମେଣ୍ଡ୍ରିଲି, ନବ ନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ପାଢ଼ି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ପାତାଳି ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ଜନସଭା ଆୟୋଜିତ ହୋଇଥିଲା। ଉକ୍ତ ସଭାରେ ଅଞ୍ଚଳର ୫୦ ରୁ ଊର୍ଦ୍ଧ୍ୱ ଯୁବକ ଯୋଗଦେଇ ଥିଲେ। ଅତିଥିମାନେ ବିଭିନ୍ନ ବିଷୟ ଯଥା - ବନଗ୍ରାମ ସୃଷ୍ଟି, ଫଳ ଜଙ୍ଗଲର ପରିକଳ୍ପନା, ବନ୍ୟାଜନ୍ତୁଙ୍କ ସଂରକ୍ଷଣ ଉପରେ ଚର୍ଚ୍ଚା କରିଥିବା ବେଳେ - ପ୍ଲାଷ୍ଟିକ୍ ମୁକ୍ତ ପାତାଳି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିବେଶବିଦ୍ ତଥା ଗ୍ରୀନୋଭାଇବ୍ ର ସମ୍ପାଦକ ଅବନୀ କୁମାର ଶତପଥୀ ଏ ବର୍ଷର ପରିବେଶ ଦିବସର ବିଷୟ " ପ୍ରକୃତି ଅନୁପ୍ରାଣିତ ଜଳବାୟୁ, ଆମ ଭବିଷ୍ୟତ ପାଇ" ଉପରେ ଆଲୋଚନା କରିଥିଲେ। ମୁକ୍ତ ସଭାର ଆଲୋଚନା ବେଳେ ଯୁବଗୋଷ୍ଠି ଏକ ବର୍ଷ ମଧ୍ୟରେ ପାତାଳିକୁ କିପରି ପ୍ଲାଷ୍ଟିକ୍ ମୁକ୍ତ କରିହେବ ସେ ବିଷୟରେ ଚର୍ଚ୍ଚା କରିଥିଲେ। ଉକ୍ତ ସଭାରେ ସଂଗଠନର ସହ-ପ୍ରତିଷ୍ଠାତା ଅଶ୍ୱିନୀ କୁମାର ଧନ୍ୟବାଦ ପ୍ରଦାନ କରିଥିଲେ। ପରିଶେଷରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ, ଯୁବଗୋଷ୍ଠିଙ୍କ ମିଳିତ ସହଯୋଗରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ କରି ତାକୁ ସଠିକ୍ ଭାବରେ ଅନ୍ୟତ୍ର କରାଯାଇଥିଲା।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଉପରେ ସଚେତନତା ଶିବିର




ସୁବର୍ଣ୍ଣପୁର,୫।୬(ସଂଚାର ବ୍ୟୁରୋ)ଃ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ଙ୍କ ନିର୍ଦ୍ଦେଶ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ଙ୍କ ଅନୁମତି କ୍ରମେ ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ ଉତ୍କଳ ବାଳାଶ୍ରମ ସୋନପୁର ଠାରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏକ ଜିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଏହି ଶିବିର ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁରର ସଚିବ ଦେବାଶିଷ ଦାଶ ମୁଖ୍ୟ ଅତିଥି ରୂପରେ ଯୋଗ ଦେଇ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ତଥା ପରିବେଶ ଆଇନ ଉପରେ ଆଲୋକପାତ କରିଥିଲେ ଓ ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଚନ୍ଦ୍ର ଶେଖର ଶବର ସଦର ଉପ ଆରକ୍ଷୀ ଅଧିକ୍ଷକ ଗିରିଧାରୀ ନାଗ ସହକାରୀ ବନ ଅଧିକାରୀ ସୋନପୁର ଉପଖଣ୍ଡ ଓ ସୁଶ୍ରୀ ମାଳତୀ ଜେନା ଅଧକ୍ଷ ଉତ୍କଳ ବାଳାଶ୍ରମ ଯୋଗଦାନ କରିଥିଲେ ଓ ପ୍ରଥମେ ଶ୍ରୀ ଶବର ସମସ୍ତ ଛାତ୍ର ଛାତ୍ରୀଙ୍କୁ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ ଶ୍ରୀ ନାଗ ସମସ୍ତଙ୍କୁ ପରିବେଶ ଏବଂ ବନ୍ୟା ପ୍ରାଣୀ ଆଇନ ସୁରକ୍ଷା ବିଷୟ ଉପରେ ଅବଗତ କରିଥିଲେ ଓ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବଜ୍ରାଘାତରେ ମହିଳାଙ୍କ ମୃତ୍ୟୁ

ବୈଶିଙ୍ଗା,୫।୬(ସଂଚାର ବ୍ୟୁରୋ)ଃ ବୈଶିଙ୍ଗା ଥାନା ଅନ୍ତର୍ଗତ ବିଦୁକୁଡିଆ ଗ୍ରାମର ଜନୈକା ମହିଳା ଶୁକ୍ରବାର ଅପରାହ୍ନ ୩ ଘଟିକା ସମୟରେ ବାହାରେ ଥିବା ବେଳେ ବଜ୍ରାଘାତ ହେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ରୁ ପ୍ରକାଶ ବିଦୁକୁଡିଆ ଗ୍ରାମର ବଂଶୀଧର ପାତ୍ର ଙ୍କ ର ଅବିବାହିତା କନ୍ୟା ଝୁନୁ ପାତ୍ର (୩୭) ବର୍ଷା ଆସିବାରୁ ନିଜ ଗାଈଟିକୁ ଆଣୁଥିବା ସମୟରେ ବଜ୍ରପାତ ହୋଇଥିଲା। ସଙ୍ଗେ ସଙ୍ଗେ ସେହିଠାରେ ହିଁ ଟଳି ପଡ଼ିଥିଲେ। ପରିବାର ବର୍ଗ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇ ଅସିଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ବୈଶିଙ୍ଗା ଥାନାରେ ୨୭/୨୬ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ପୂର୍ତ୍ତ ବିଭାଗ ପକ୍ଷରୁ ପରିବେଶ ଦିବସ ପାଳିତ

ବଲାଙ୍ଗିର,୫।୬(ସଂଚାର ବ୍ୟୁରୋ)ଃ ସ୍ଥାନୀୟ ପୂର୍ତ୍ତ ବିଭାଗ ପକ୍ଷରୁ ଆଜି ପରିବେଶ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟାଳୟ ପରିଷରରେ ପୂର୍ତ୍ତ ବିଭାଗର ସୁପରିଟେଣ୍ଡେଣ୍ଟ ଇଂଜିନିୟର ଆଶୁତୋଷ ଜେନାଙ୍କ ତତ୍ୱାବଧାନରେ ପରିବେଶ ଅନୁକୂଳ ଗଛ ଗୁଡିକ ଲଗାଯାଇଥିଲା। ନିମ୍, କରଞ୍ଜ, ଜାମୁ, ଅଁଳା ଗଛ ସହ ବିଭିନ୍ନ ପ୍ରକାର ଶହେଟି ଗଛ ଲଗାଯାଇଥିଲେ। ଇଂ. ଶ୍ରୀ ଜେନା ଚଳିତ ବର୍ଷ ପୂର୍ତ୍ତ ବିଭାଗ ପକ୍ଷରୁ ହୋଇଥିବା ରାସ୍ତା କଡ ମାନଙ୍କରେ ଲକ୍ଷାଧିକ ଗଛ ଲଗାଯିବାର କାର୍ଯ୍ୟକ୍ରମ ରଖାଯାଇଛି ବୋଲି ସୂଚନା ଦେବା ସହ ଖାଲି ଗଛ ଲଗାଇଦେଲେ ହେବ ନାହିଁ ତାର ଯତ୍ନ ନେବା ସହ ବର୍ଷା ନ ହେବା ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପଣି ଦିଆଯିବ ବୋଲି କହିଥିଲେ। ଏହି ଅବସରରେ ପୂର୍ତ୍ତ ବିଭାଗ ଏସଡିଓ ଦିଲିପ କୁମାର ମେହେର, ଜେଇ ଲିପନ ନାଏକ, ବିଘ୍ନରାଜ ସାଏ, ଦେବଦତ ମିଶ୍ର, ଅନୀଲ କୁମାରଙ୍କ ସମେତ ପୂର୍ତ୍ତ ବିଭାଗର ସମସ୍ତ କର୍ମଚାରୀ ଏବଂ ଠିକାଦାର ମାନେ ଉପସ୍ଥିତ ରହି ଗଛ ଲଗାଇଥିଲେ।

## ଶୀତଳ ଷଷ୍ଠୀ ମହୋତ୍ସବର ପ୍ରସ୍ତୁତି ବୈଠକ

ବଲାଙ୍ଗିର,୫।୬(ସଂଚାର ବ୍ୟୁରୋ)ଃ ଟିକ୍ରାପଡ଼ା ଠାରେ ଆସନ୍ତା ଶିତଳ ଷଷ୍ଠୀ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମହୋତ୍ସବ ପାଇଁ ପୂର୍ବତନ ନଗରପାଳ ପ୍ରଦୀପ ସାହୁଙ୍କୁ ସଭାପତି, ବିକାଶ ସା ଙ୍କୁ ସମ୍ପାଦକ ଓ ରାଜେଶ ସାହୁ ଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନିତ କରାଯାଇଛି। ମହୋତ୍ସବ ଉଦ୍ଦେଶ୍ୟରେ ପଡ଼ାର ସମସ୍ତ ଘରେ ଆଲୋକ ସାଜସଜ୍ଜା କରାଯିବା ସହ ମହାଦେବ ଙ୍କ କଳସ ଯାତ୍ରାରେ ସମସ୍ତେ ସାମିଲ ହେବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ତା ଛଡା ଅଷ୍ଟମ ବର୍ଷ ପାଇଁ ହେଉଥିବା ଏହି ଶିତଳ ଷଷ୍ଠୀ ମହୋତ୍ସବକୁ ମହା ଆଡମ୍ବରରେ ପାଳନ କରିବା ଦିଗରେ ସମସ୍ତେ ସହଯୋଗ କରିବେ ବୋଲି କମିଟି ଅନୁରୋଧ କରିଛି। ଏହି ସଭାରେ ବାବୁ ସା, ସଞ୍ଜୟ ଶତପଥି, ତୋଫାନ ସାହୁ, ଆଶୁତୋଷ ସାହୁ, ଅଭିଷେକ ପୁଝାରୀ, ସଞ୍ଜିବ ସାହୁ, ଜ୍ୟୋତିଷ କର, ସ୍ୱସ୍ତିକ ମିଶ୍ର, ରାଜେନ୍ଦ୍ର ପାଣି, ଶ୍ୟାମଲାଲ ଅଗ୍ରୱାଲ, ଜ୍ୟୋତି ରାଉତରାଏ, କଲୁ ମହାନ୍ତି, ପଞ୍ଚାନନ ପୁଝାରୀ, ସରୋଜ ନନ୍ଦ, ସୁବାଷ ଦାସ, ପ୍ରଦୀପ ଦାଶ, ଟୁଲୁ ସାହୁ, ଆକାଶ ନନ୍ଦ, ସୋନୁ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, ରିତେଶ କେଡିଆ, ରଞ୍ଜିତ ଦାସ, ଅଶୋକ ଦାସ, ଚିତ୍ତ ରଞ୍ଜନ ସାହୁ, ଅମିତ ଦାସ ଓ ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତାମତ ରଖିଥିଲେ।

### ଭତ୍ତା ଦେବାରେ ସରକାର ଅସମର୍ଥ

## ବୃଦ୍ଧ ବୃଦ୍ଧା ସରପଞ୍ଚଙ୍କୁ ପ୍ରଦାନ କଲେ ଦାବି ପତ୍ର



ଭବାନୀପାଟଣା,୫।୬(ସଂଚାର ବ୍ୟୁରୋ)ଃ ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ, ସନ୍ଥ କବି ଭୀମଭୋଇଙ୍କ ଅପାର ବିଶ୍ୱାସ ଓ ମାନବିକତା ଥିଲା ବେଳେ ଆଜି ନିରୀହ ଗରୀବ ଲୋକ ଭୀମ ଭୋଇ ଭଳି ବ୍ୟକ୍ତି ଦୁନିଆରେ ପାଇବା କଷ୍ଟ କର, ସରକାରି କର୍ମ ଚାରି, ବିଧାୟକ ମାନଙ୍କ ଦରମା ବନ୍ଦ ହୋଇ ପାରୁ ନାହିଁ, ହେଲେ ତିନି ମାସ ହେଉଛି ନିରୀହ ଗରୀବ ଖଟିଖିଆ ବିକଳାଙ୍ଗ, ବୃଦ୍ଧ ବୃଦ୍ଧା, ବିଧବା ମାନେ ଭତ୍ତା ନ ପାଇବାରୁ ସାରା ରାଜ୍ୟରେ ବୃଦ୍ଧ ବୃଦ୍ଧା ମାନେ ବ୍ୟାଙ୍କ ଅଫିସ, ପଞ୍ଚାୟତ ସରପଞ୍ଚ ଙ୍କ ନିକଟରେ ଦୁଃଖ ଦୁର୍ଦ୍ଦଶା ଜଣାଉଛନ୍ତି ବୋଲି ବୁଦ୍ଧି ଯିବି ମହଲରେ ଅସନ୍ତୋଷ ଦେଖା ଦେଇଛି, ଏଭଳି ଏକ ଅଭାବନୀୟ ପରିସ୍ଥିତି ଦୃଶ୍ୟ ଦେଖିବାକୁ ମିଳିଥିଲା ଦଶ ପୁର ପଞ୍ଚାୟତ ଆଫିସ୍ ନିକଟରେ ଆସି ବୃଦ୍ଧ ବୃଦ୍ଧା ମାନେ ସରପଞ୍ଚ କୁ ଦାବି ପତ୍ର ପ୍ରଦାନ କରିଥିଲେ, ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଦଶ ପୁର ଗ୍ରାମର ବୃଦ୍ଧ ବୃଦ୍ଧା, ବିଧବା ମାନେ ଫରଙ୍ଗ ବ୍ୟାଙ୍କ ରେ ଏକାଉଣ୍ଟରେ ମାସିକ ଭତ୍ତା ପାଉ ଥିଲେ, ହେଲେ ଆଜକୁ ତିନି ମାସ ହେଉଛି ଭତ୍ତା ନ ପାଇବାରୁ ଚଳିବାରେ, ଔଷଧ ପତ୍ର ଇତ୍ୟାଦି ଉପରେ ନାହି ନ ଥିବା ଅସୁବିଧା ଦେଖା ଦେଇଛି ବୋଲି ବୃଦ୍ଧ ବୃଦ୍ଧା ମାନେ ଦଶ ପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ରଞ୍ଜନ ସାହୁ ଙ୍କ ନିକଟରେ ନିଜ ନିଜର ଦୁଃଖ ପ୍ରକାଶ କରିବା ସହିତ, ମୋହନ ମାଝୀ ଙ୍କୁ କଟାକ୍ଷ କରିଛନ୍ତି, ଯେ ତିନି ହଜାର ଟଙ୍କା ଭତ୍ତା ପ୍ରଦାନ କରିବୁ ବୋଲି ଗରୀବ ବୃଦ୍ଧ ବୃଦ୍ଧା ବିକଳାଙ୍ଗ ମାନଙ୍କ ଠାରୁ ଭୋଟ ଠକି ନେଇ ଗଲେ ହେଲେ ଏକ ହଜାର ଟଙ୍କା ଭତ୍ତା ଦେବାରେ ମଧ ଡବଲ ଇଞ୍ଜିନ ସରକାର ଅସମର୍ଥ ବୋଲି ଗଣ ମାଧ୍ୟମ ନିକଟରେ କ୍ଷୋଭ ପ୍ରକାଶ କରିଛନ୍ତି, ନବୀନ ପଟ୍ଟନାୟକ ସରକାର ଥିବା ବେଳେ ପ୍ରତି ମାସରେ ଭତ୍ତା ଟଙ୍କା ଦେବା ସହ ଖରା ମାସରେ ଛତା ଚପଲ ପ୍ରଦାନ କରି ପାରୁ ଥିଲେ ହେଲେ ମୋହନ ମାଝୀ ସରକାର ବୃଦ୍ଧ ବୃଦ୍ଧା ବିକଳାଙ୍ଗ ମାନଙ୍କୁ ଭତ୍ତା ଦେବାରେ ବିଫଳ ହୋଇଛି।

## ଯୋଗ ଦିବସ ପାଳନ ପାଇଁ ଯୋଗ ପ୍ରୋଟୋକଲ ପ୍ରଶିକ୍ଷଣ ଶିବିର



ସୁବର୍ଣ୍ଣପୁର,୫।୬(ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁର ଜିଲ୍ଲାର ପତଞ୍ଜଳି ପରିବାର ଓ ଜିଲ୍ଲା ଯୋଗ ଆୟୋଗ ପକ୍ଷରୁ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଯୋଗ ଅନୁଷ୍ଠାନ କୁ ନେଇ ଜିଲ୍ଲା ସଂସ୍କୃତି ଭବନ ଠାରେ ଏକ ଯୋଗ ପ୍ରୋଟୋକଲ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଭାରତ ସ୍ୱାଭିମାନ ପ୍ରଭାରୀ ମନୋଜ ପଣ୍ଡା ଙ୍କ ତତ୍ୱାବଧାନ ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତ ଯୋଗ ସାଧକ ସାଧିକା ଙ୍କ ମହତ ପ୍ରୟାସ କୁ ପ୍ରଶଂସା କରି 'ଯୋଗ ହେଉଛି ସକାରାତ୍ମକ ଅନୁଭବ ତାକୁ ନିଜ ସହିତ ଯୋଡିବାକୁ ପରାମର୍ଶ କରିଥିଲେ। ଆତ୍ମା ସହିତ ପରମାତ୍ମା ଯୋଡିବା ମୁଁ ଦେଖିନି କିନ୍ତୁ ଆତ୍ମା, ମନ, ଓ ହୃଦୟ କୁ ଯୋଡିବା ହିଁ ଯୋଗ ବୋଲି କହିଥିଲେ। ଆତ୍ମା ର ଆଶ୍ରୟ ସ୍ଥଳୀ ହେଉଛି ଦେହ, ସେଥିପାଇଁ ଦେହକୁ ଛାଡି କୌଣସି କାର୍ଯ୍ୟରେ ଆମେ ସଫଳ ହୋଇ ପାରିବା ନାହିଁ। ଆଉ ସବୁ ରୋଗ ର ମୂଳ ହେଉଛି ଆମ ମସ୍ତିଷ୍କ ଯଦି ମାନସିକ ସ୍ତରରେ ଆମେ ଷ୍ଟ୍ରଙ୍ଗ ଅଛୁ ତାହେଲେ ଆମେ ସବୁ ରୋଗ ରୁ ମୁକ୍ତି ପାଇବା ବୋଲି ଜିଲ୍ଲାପାଳ ଡ଼. ସାହୁ ଯୋଗୀ ଓ ପ୍ରଶିକ୍ଷକ ମାନଙ୍କୁ ଆଜି ପରାମର୍ଶ କରିଥିଲେ। ଚଳିତ ବର୍ଷ ଦ୍ୱାଦଶ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଯାହା ୨୧ ଜୁନ୍ ୨୦୨୬ ରେ' ଯୋଗ, ସୁସ୍ଥତା, ଜ୍ଞାନ ଏବଂ ବିଶ୍ୱ ଶାନ୍ତି 'ବିଷୟବସ୍ତୁ ଅଧୀନରେ ପାଳନ କରାଯାଇଥଏ।

## ବିଶ୍ୱ ପରିବେଶ ଦିବସରେ ବୃକ୍ଷ ରୋପଣ

ଭୁବନ,୫।୬(ସଂଚାର ବ୍ୟୁରୋ)ଃ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ଚଡେଇରଗଡା ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ବିଶ୍ୱ ପରିବେଶ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଫୁଲ ଓ ଫଳ ବୃକ୍ଷ ରୋପଣ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସହକାରୀ ଶିକ୍ଷକ ଅଶୋକ କୁମାର ପଣ୍ଡା, ପରିଚାଳନା କମିଟି ସଦସ୍ୟା ଭାରତୀ ଦେହୁରୀ, ଚନ୍ଦନୀ ଦେହୁରୀ, ନିରୂପମା ଦେହୁରୀ, ନେହା ଟୁଡୁ, କୁନ୍ତଳା ଦେହୁରୀ ପ୍ରମୁଖ ବୃକ୍ଷ ରୋପଣ କରିଥିଲେ।